୫୮ତମ ବର୍ଷ    ୨୪ ଏପ୍ରିଲ ୨୦୧୫    ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ    ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୧୫]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଆମ ଯୋଗର ମାର୍ଗ | ... | ଶ୍ରୀଅରବିନ୍ଦ | ... | ୫ |
| ଆମ ଯୋଗର ସାଧନା | ... | ଶ୍ରୀଅରବିନ୍ଦ | ... | ୬ |
| ଦିବ୍ୟସତ୍ୟ ଓ ଚୈତ୍ୟଚେତନା | ... | ଶ୍ରୀମା | ... | ୭ |
| ଚୈତ୍ୟ ଚେତନାର ଉପଲବ୍ଧି | ... | ... | ... | ୮ |
| ଯୋଗର ପ୍ରାଥମିକ ଉପାଦାନ | ... | ଶ୍ରୀଅରବିନ୍ଦ | ... | ୧୧ |
| ଶ୍ରୀମା'ଙ୍କର ଏକ ଅନୁଭୂତି | ... | ... | ... | ୧୪ |
| ଅନ୍ତରସ୍ଥ ଦିବ୍ୟ ଉପସ୍ଥିତି | ... | ଶ୍ରୀମା | ... | ୧୬ |
| ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ | ... | ଏ. ବି. ପୁରାଣୀ | ... | ୧୭ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୦ |
| କବି ଓ ଯୋଗୀ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୩ |
| ଜ୍ୟୋତିର୍ଦାତା ଇନ୍ଦ୍ର (ଋଗ୍‌ବେଦ : ୧।୪) | ... | ଶ୍ରୀଅରବିନ୍ଦ | ... | ୨୭ |
| ରହସ୍ୟମୟ ତନ୍ଦ୍ରାଲୋକ : କିଞ୍ଚିତ୍ ଝଲକ (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର) | ... | ... | ... | ୩୧ |
| ବିରୋଧିଶକ୍ତି ଚତୁଷ୍ଟୟ | ... | ମମତା ଦାଶ | ... | ୩୫ |
| ମାନବସମାଜର ବିଭିନ୍ନ ଧର୍ମ (୧) | ... | ଶ୍ରୀପତି ଦାସ | ... | ୩୮ |
| ଏପ୍ରିଲ ଚବିଶ | ... | ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ | ... | ୪୧ |
| ଗତକାଲି, ଆଜି ଏବଂ ଆସନ୍ତା କାଲି | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୪ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ (୧୨) | ... | ... | ... | ୪୬ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଭବିଷ୍ୟତ୍ ବିପଦର ପୂର୍ବ ସୂଚନା | ... | ଶ୍ରୀମା | ... | ୫୦ |

| | | | | |
|---|---|---|---|---|
| **ସମ୍ପାଦକୀୟ** | ... | ... | ... | ୫୩ |


❖

A psychic fire within must be lit into which all is thrown with the Divine name upon it. In that fire all the emotions are compelled to cast off their grosser elements and those that are undivine perversions are burned away and the others discard their insufficiencies, till a spirit of largest love and a stainless divine delight arises out of the flame and smoke and frankincense.

– Sri Aurobindo

ଅନ୍ତରରେ ଏକ ଚୈତ୍ୟ ଅଗ୍ନି ପ୍ରଜ୍ଵଳିତ କରିବାକୁ ହେବ ଯାହା ଭିତରକୁ ସବୁକିଛି ନିକ୍ଷେପ କରିବାକୁ ହେବ ତା’ ଉପରେ ଭଗବାନଙ୍କର ନାମାଙ୍କନ କରି । ସେହି ଅଗ୍ନିରେ ସମସ୍ତ ଭାବାବେଗ ସେମାନଙ୍କ ଖାଦର ଉପାଦାନଗୁଡ଼ିକୁ ପରିତ୍ୟାଗ କରିବାକୁ ବାଧ୍ୟ, ଏବଂ ଯେଉଁସବୁ ଅଦିବ୍ୟ ବିକାର ଥିବ ତାହା ପୋଡ଼ି ପାଉଁଶ ହୋଇଯିବ ଏବଂ ଅନ୍ୟଗୁଡ଼ିକ ନିଜର ନ୍ୟୂନତାକୁ ତ୍ୟାଗ କରିବ, ଯେତେବେଳେ କି ଶେଷରେ ସେହି ଶିଖା, ଧୂଆଁ ଓ ଧୂପ ଭିତରୁ ଉଠି ଆସିବ ବିପୁଳତମ ପ୍ରେମର ଦିବ୍ୟଭାବ ଏବଂ ଏକ ନିଷ୍କଳଙ୍କ ଦିବ୍ୟ-ଆନନ୍ଦ ।

— ଶ୍ରୀଅରବିନ୍ଦ



In the whole creation the earth has a place of distinction, because unlike any other planet it is evolutionary with a psychic entity at its centre. In it, India, in particular, is a divinely chosen country.

(CWM Vol. 13, p. 368) – The Mother

ସମଗ୍ର ସୃଷ୍ଟିରେ ପୃଥିବୀର ଏକ ବିଶେଷ ସ୍ଥାନ ରହିଛି, କାରଣ ଏହା ଅନ୍ୟାନ୍ୟ ଗ୍ରହ ସଦୃଶ ନୁହେଁ, ଏହା ନିଜର କେନ୍ଦ୍ରରେ ଏକ ଚୈତ୍ୟସତ୍ତା ଧାରଣ କରି କ୍ରମ-ବିବର୍ତ୍ତନଶୀଳ । ଏଥିରେ, ବିଶେଷ କରି, ଭାରତ ହେଉଛି ଏକ ଭଗବତ୍-ନିର୍ବାଚିତ ଦେଶ ।

– ଶ୍ରୀମା

*

Become conscious of your psychic being. Let your psychic being become intensely interested in India's Soul and aspire towards it, with an attitude of service; and if you are sincere you will succeed.

(CWM Vol. 13, p. 370) – The Mother

ତୁମ ନିଜ ଚୈତ୍ୟସତ୍ତା ସମ୍ପର୍କରେ ସଚେତ ହୁଅ । ଭାରତର ଆତ୍ମା ସମ୍ପର୍କରେ ତୁମର ଚୈତ୍ୟସତ୍ତା ଗଭୀରଭାବେ ଆଗ୍ରହୀ ହେଉ ଏବଂ ସେବାର ମନୋଭାବ ନେଇ ସେହି ଦିଗରେ ଅଭୀପ୍ସା ରଖୁ; ଏବଂ ତୁମେ ଯଦି ଐକାନ୍ତିକ ହୋଇଥାଅ ତେବେ ନିଶ୍ଚୟ କୃତକାର୍ଯ୍ୟ ହେବ ।

– ଶ୍ରୀମା



# ଆମ ଯୋଗର ମାର୍ଗ

## ଶ୍ରୀଅରବିନ୍ଦ

ଯୋଗର ଅର୍ଥ ହେଉଛି ଯୁକ୍ତ ହେବା, ଏବଂ ଯୋଗର ସମଗ୍ର ଉଦ୍ଦେଶ୍ୟ ହେଉଛି ପରମ ଦିବ୍ୟସତ୍ତାଙ୍କ ସହ ମାନବାତ୍ମାର ଏବଂ ଚିରନ୍ତନ, ପରମ ବା ଦିବ୍ୟପ୍ରକୃତି ସହ ମାନବୀୟ ବର୍ତ୍ତମାନ ପ୍ରକୃତିର ଐକ୍ୟ ଓ ମିଳନ ।

ଏହି ମିଳନଟି ଯେତିକି ବ୍ୟାପକ ଓ ମହତ୍ତର ହେବ, ସେହି ଯୋଗ ମଧ୍ୟ ସେତିକି ମହତ୍ତର ହେବ, ଏହି ମିଳନଟି ଯେତିକି ପୂର୍ଣ୍ଣତର ହେବ ସେହି ଯୋଗ ମଧ୍ୟ ସେତିକି ପୂର୍ଣ୍ଣତର ହେବ ।

ପରମ ଦିବ୍ୟ ସତ୍ତାଙ୍କ ସଂପର୍କରେ ଭିନ୍ନ ଭିନ୍ନ ଭାବନା ରହିଛି ଓ ପ୍ରତ୍ୟେକଟି ଭାବନା ଅନୁରୂପ, ନିଜର ସ୍ୱତନ୍ତ୍ର ଧାରଣା ଓ ସାଧନା ପଦ୍ଧତି ସହ ଗୋଟିଏ ଗୋଟିଏ ଯୋଗମାର୍ଗ ରହିଛି । କିନ୍ତୁ ଏଗୁଡ଼ିକ ଆଂଶିକ; ସଂପୂର୍ଣ୍ଣ ନୁହନ୍ତି, ବରଂ କୁହାଯାଇପାରେ ନିଜ ଭିତରେହିଁ ସଂପୂର୍ଣ୍ଣ, ସମଗ୍ର ମାନବସତ୍ତା ଓ ପ୍ରକୃତିକୁ ନିଜ ଭିତରେ ଅନ୍ତର୍ଭୁକ୍ତ କରି ନାହାନ୍ତି । ସେମାନଙ୍କ ଭିତରୁ ଅଧିକାଂଶ ଜୀବନଠାରୁ ଦୂରେଇ ଯାଆନ୍ତି ଓ ଏହା କେବଳ ସେହି ଅଳ୍ପ କେଇଜଣଙ୍କ ପାଇଁ ଉପଯୋଗୀ ଯେଉଁମାନେ ମାନବ-ଜୀବନଠାରୁ ମୁହଁ ଫେରାଇ ସତ୍ତାର ଅନ୍ୟ ଏକ ସ୍ଥିତିରୁ ନିଜ ଆନନ୍ଦର ଅନ୍ୱେଷଣ କରନ୍ତି । ବ୍ୟାପକତର ମାନବସମାଜ ପାଇଁ ଏହି ପ୍ରକାର ଯୋଗର ପ୍ରକୃତରେ ବିଶେଷ କିଛି ବାର୍ତ୍ତା ନାହିଁ । ତାହାହିଁ ସଂପୂର୍ଣ୍ଣ ଯୋଗ ଯାହା ସଂସାର ଭିତରେହିଁ ପାଇବାକୁ ଚାହେଁ ଭଗବାନଙ୍କୁ ଓ ସକଳ ସତ୍ତାଙ୍କ ସହ ନିଜର ଏକତ୍ୱ ଓ ମାନବସତ୍ତା ସହ ନିଜର ସଂହତିର ସତ୍ୟକୁ ଗ୍ରହଣ କରେ ଏବଂ ଜୀବନ ଓ ଅସ୍ତିତ୍ୱକୁ ଭଗବତ୍ ଚେତନାରେ ପରିପୂର୍ଣ୍ଣ କରେ ଏବଂ କେବଳ ବ୍ୟକ୍ତି-ମଣିଷକୁ ଉପରକୁ ଉଠାଇ ଦେବାରେ ସନ୍ତୁଷ୍ଟ ନ ରହି ସମଗ୍ର ମାନବଜାତିକୁ ଏକ ସାମଗ୍ରିକ ପୂର୍ଣ୍ଣତାଲାଭ ଦିଗରେ ନେତୃତ୍ୱ ଦିଏ ।

*

ଏଠାରେ ଯେଉଁ ଯୋଗମାର୍ଗ ଅନୁସରଣ କରାଯାଉଛି, ଅନ୍ୟାନ୍ୟ ମାର୍ଗଠାରୁ ତାହାର ଏକ ଭିନ୍ନ ଲକ୍ଷ୍ୟ ରହିଛି – କାରଣ ଏହାର ଲକ୍ଷ୍ୟ କେବଳ ସାଧାରଣ ଅଜ୍ଞ ପାର୍ଥିବ ଚେତନା ଭିତରୁ ଦିବ୍ୟ ଚେତନା ଭିତରକୁ ଉଠିଯିବା ନୁହେଁ, ଏହାର ଲକ୍ଷ୍ୟ ହେଉଛି ସେହି ଦିବ୍ୟଚେତନାର ଅତିମାନସ ଶକ୍ତିକୁ ମନ, ପ୍ରାଣ ଓ ଶରୀର ଚେତନାର ଅଜ୍ଞାନ ଭିତରକୁ ଅବତରଣ କରାଇ ଆଣିବା ଓ ସେଗୁଡ଼ିକୁ ରୂପାନ୍ତର କରିବା ଏବଂ ଏହିଠାରେହିଁ ଭଗବାନଙ୍କୁ ଅଭିବ୍ୟକ୍ତ କରିବା ଓ ଜଡ଼ ଭିତରେହିଁ ଦିବ୍ୟଜୀବନକୁ ରୂପାୟିତ କରିବା । ଏହା ଏକ ଅତ୍ୟନ୍ତ ଦୁରୂହ ଲକ୍ଷ୍ୟ ଓ ଦୁରୂହ ଯୋଗ, ଅନେକଙ୍କୁ ବା ଅଧିକାଂଶଙ୍କୁ ଏହା ଅସମ୍ଭବ ବୋଲି ମନେ ହେବ । ସାଧାରଣ ଅଜ୍ଞାନମୟ ପାର୍ଥିବ ଚେତନାର ସମସ୍ତ ପ୍ରତିଷ୍ଠିତ ଶକ୍ତି ଏହାର ବିରୋଧ କରନ୍ତି, ଏହାକୁ ଅସ୍ୱୀକାର କରନ୍ତି ଏବଂ ବାଧାବିଘ୍ନ ସୃଷ୍ଟିକରି ଏହାକୁ ପ୍ରତିହତ କରିବାକୁ ଚେଷ୍ଟା କରନ୍ତି । ଏବଂ ସାଧକ ସ୍ୱୟଂ ଦେଖି ପାରିବ ଯେ ତାହାର ନିଜ ମନ, ପ୍ରାଣ ଓ ଦେହ ଏପରିସବୁ ଜିଦ୍‌ଖୋର ବାଧା ପ୍ରତିବନ୍ଧକରେ ଭରା ଯାହା ଏହି ଲକ୍ଷ୍ୟର ପଥରେ ନାନା ବିଡ଼ମ୍ବନା ସୃଷ୍ଟି କରିଥାଏ ।

ତୁମେ ଯଦି ପୂର୍ଣ୍ଣ ପ୍ରାଣରେ ଏହି ଯୋଗର ଲକ୍ଷ୍ୟ ଓ ଆଦର୍ଶକୁ ଗ୍ରହଣ କରିପାର, ସମସ୍ତ ବାଧାବିଘ୍ନଗୁଡ଼ିକର ସମ୍ମୁଖୀନ ହୋଇପାର, ଅତୀତ ଓ ତାହାର ସମସ୍ତ ବନ୍ଧନକୁ ପଛରେ ଛାଡ଼ି ଆସିପାର, ଏବଂ ଏହି ଦିବ୍ୟସମ୍ଭାବନାର ସିଦ୍ଧି ନିମନ୍ତେ, ସବୁକିଛିକୁ ତ୍ୟାଗ କରିବା ପାଇଁ, ସବୁକିଛିକୁ ପଣ ଲଗାଇବା ପାଇଁ ପ୍ରସ୍ତୁତ ହୋଇପାର, ତା'ହେଲେ କେବଳ ନିଜ ଅନୁଭୂତି ଭିତରଦେଇ ଏହା ପଛରେ ରହିଥିବା ଦିବ୍ୟସତ୍ୟକୁ ଆବିଷ୍କାର କରିବା ପାଇଁ ତୁମେ ଆଶା କରିପାର ।

ଏହି ଯୋଗର ସାଧନା କୌଣସି ଧରାବନ୍ଧା ମାନସିକ ଶିକ୍ଷା ବା ଧ୍ୟାନର କୌଣସି ବିଧିବଦ୍ଧ ପ୍ରଣାଳୀ, ମନ୍ତ୍ର ବା ଅନ୍ୟକିଛି ପଦ୍ଧତିର ଅନୁସରଣ କରି ଆଗେଇ ଚାଲେ ନାହିଁ, ଏହା ଅଗ୍ରଗତି କରିଥାଏ ଅଭୀପ୍ସା ଦ୍ୱାରା, ଅନ୍ତର୍ମୁଖୀ ବା ଊର୍ଦ୍ଧ୍ୱାଭିମୁଖୀ ଏକାଗ୍ରତା ଓ ଆତ୍ମକେନ୍ଦ୍ରୀକରଣ ଦ୍ୱାରା, ଆମର ଊର୍ଦ୍ଧ୍ୱରେ ରହିଥିବା ଏକ ଦିବ୍ୟପ୍ରଭାବ ଓ ଦିବ୍ୟଶକ୍ତି ଓ ତା'ର କ୍ରିୟା ପ୍ରତି ଏବଂ ଆମ ହୃଦୟରେ ରହିଥିବା ଦିବ୍ୟ-ଉପସ୍ଥିତି ପ୍ରତି ଏକ ଆତ୍ମ-ଉନ୍ମୀଳନ ଦ୍ୱାରା ଏବଂ ଏସବୁର ଯାହା ବିରୋଧୀ ଓ ପ୍ରତିକୂଳ ସେସମସ୍ତକୁ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା । କେବଳ ବିଶ୍ୱାସ, ଅଭୀପ୍ସା ଓ ସମର୍ପଣ ଦ୍ୱାରାହିଁ ଏହି ଆତ୍ମ-ଉନ୍ମୀଳନ ଆସିପାରେ ।

(Letters on Yoga, p. 505)

# ଆମ ଯୋଗର ସାଧନା

## ଶ୍ରୀଅରବିନ୍ଦ

ଯୋଗ କେବଳ ଆମ ଗୋପନ ଆଧ୍ୟାତ୍ମିକ ସ୍ୱରୂପର ଆବିଷ୍କାର ନୁହେଁ, ଏହା ଏକ ସକ୍ରିୟ ଗତିଶୀଳ ଆଧ୍ୟାତ୍ମିକ ଆତ୍ମସୃଜନ; ତ୍ରିବିଧରୂପାନ୍ତର ହେଉଛି ଏହାର ପ୍ରକ୍ରିୟା ଏବଂ ଏହାର ସମଗ୍ର ତାତ୍ପର୍ଯ୍ୟର ପ୍ରକାଶ ।

ଏହାର ପ୍ରଥମ ପଦକ୍ଷେପ ହେଉଛି ଅନ୍ତରାତ୍ମାର ଅନାବରଣ, ତା' ଉପରେ ରହିଥିବା ଆବରଣଗୁଡ଼ିକୁ ଅପସାରିତ କରିବା, କାରଣ ଏକ ଗୋପନ ଚୈତ୍ୟସତ୍ତା, ଆମ ସତ୍ତାର ଗଭୀରରେ ଏକ ଦିବ୍ୟ-ଭାଗବତ ଉପାଦାନ ରହିଛି । ଏହା ମନ, ଦେହ ଓ ପ୍ରାଣର ଏକ ପୋଷାକ ପିନ୍ଧିଥିଲେ ମଧ୍ୟ, ତା'ଠାରୁ ଆହୁରି ଅଧିକ ଭାବରେ ଗୋପନ ହୋଇ ରହିଛି । ଚୈତ୍ୟସତ୍ତାର ଏହି ଏକାନ୍ତ ବାସ ଯେଉଁଠି ଏହା ଏକ ଆଧ୍ୟାତ୍ମିକ ସତ୍ତା ରୂପେ ରହିଛି, କିନ୍ତୁ ଆପାତ ଭାବରେ ଏହାର ନିଜ ହାତରେ କୌଣସି ଶକ୍ତି ନାହିଁ, ଏହାର ମନ୍ତ୍ରିଗଣହିଁ ତା ସ୍ଥାନରେ ସମସ୍ତ ସେବା ଓ ରାଜୁତିର କାର୍ଯ୍ୟ ଚଳାଇଥାଆନ୍ତି । ସେହି ଏକାନ୍ତ ବାସରୁ ତାହାକୁ ବାହାର କରି ଆଣିବାହିଁ ଆମର ପ୍ରଥମ କାମ । ତାହା ଫଳରେହିଁ ଏହି ଚୈତ୍ୟସତ୍ତା ପ୍ରକୃତିର ସମଗ୍ର ଶାସନକୁ ନିଜ ହାତରେ ନେଇ ପାରିବ; ଏହାହିଁ ହେଉଛି ପ୍ରଥମ ପ୍ରସ୍ଫୁଟନ, ଏହି ଯୋଗର ପ୍ରଥମ ଶକ୍ତିଶାଳୀ ଆତ୍ମ-ଆବିଷ୍କାର । ଆମ ଭିତରେ ଚିନ୍ତାଶକ୍ତିର ଅଧିକାରୀ ମନହିଁ ହେଉଛି ପ୍ରଧାନ ମନ୍ତ୍ରୀ, ଯେକି ରାଜାଙ୍କୁ ପରଦାବୃତ ଓ ଆଢୁଆଳ କରି ରଖିଛି, କିନ୍ତୁ ସେହି ମନ ଉପରେ ମଧ୍ୟ ପ୍ରାଣଶକ୍ତିଗୁଡ଼ିକ ଆଧିପତ୍ୟ ବିସ୍ତାର କରି ତାହାକୁ ଚାଳିତ କରିଥାଆନ୍ତି । ଏହି ପ୍ରାଣହିଁ ହେଉଛି ରାଜ୍ୟର ସବୁଠୁ କ୍ଷମତାଶାଳୀ ଓ ଉଗ୍ରଶକ୍ତି, ଯେକି ତା'ର ନିଜର ଉଦ୍ଦେଶ୍ୟ ସାଧନ ଲାଗି ମନକୁ କାମ କରିବା ପାଇଁ ବାଧ୍ୟ କରେ, କିନ୍ତୁ ଏମାନେ କେବଳ ସେହିସବୁ ଅବଲମ୍ବନକୁ ଧରି କ୍ରିୟା କରିପାରନ୍ତି, ଯେଉଁଗୁଡ଼ିକୁ ଶରୀର ଓ ଦୈହିକ ପ୍ରକୃତି ଏମାନଙ୍କୁ ନେଇଥାଏ । ଏହି ଶରୀର ଓ ଦୈହିକ ପ୍ରକୃତି ଜଡ଼ ଓ ଅତ୍ୟନ୍ତ କମ୍ ସଚେତନ ହେଲେ ମଧ୍ୟ, ତା'ର ଶାସକ ଏହି ମନ ଓ ପ୍ରାଣର କ୍ରିୟା ପାଇଁ ତା'ର ନିଷ୍କ୍ରିୟ ସମ୍ମତି ଓ ସେମାନଙ୍କ ବାଧ୍ୟ ଯନ୍ତ୍ର ରୂପେ କାର୍ଯ୍ୟ କରିବା ପାଇଁ ରାଜିହେବା ଏକାନ୍ତ ଅପରିହାର୍ଯ୍ୟ । ଏହାହିଁ ହେଉଛି ବର୍ତ୍ତମାନ ଆମ ଅବସ୍ଥାର ସାଂବିଧାନିକ ଗଠନ ଏବଂ ଏକ ଧରଣର ସଂଗଠିତ ବିଶୃଙ୍ଖଳା ଓ ବିଭ୍ରାନ୍ତି ଛଡ଼ା ଏହାର ଆଉ ଅଧିକ କିଛି ଅର୍ଥ ନାହିଁ । ଏହା ଏକ ଏପରି ସାମନ୍ତବାଦୀ ବ୍ୟବସ୍ଥା ଯାହାକୁ ଏକ ଅଜ୍ଞାନମୟ ଅର୍ଦ୍ଧ-ଅରାଜକତା ବୋଲି କୁହାଯାଇପାରେ । ଆମ ଆଗରେ ଆମ ଆଧ୍ୟାତ୍ମିକ ସାମ୍ରାଜ୍ୟର ସଂପଦସବୁକୁ ପ୍ରକାଶ କରି ସେଗୁଡ଼ିକର ଯଥାର୍ଥ ଉପଯୋଗର ବାଟ ଖୋଲିଦେବା ତ ଦୂରର କଥା, ଏପରିକି ପ୍ରକୃତିର ଯେଉଁ ସୀମିତ କ୍ଷେତ୍ରରେ ଆମେ ବାସ କରୁଛୁ, ତହିଁରେ ରହିଥିବା ସଂପଦ ଓ ସମ୍ଭାବନାସବୁର ଯଥାର୍ଥ ଉପଯୋଗ କରିବାକୁ ମଧ୍ୟ ଏହା ଅସମର୍ଥ ।

ତେଣୁ ଆଜି ଯେଉଁ ବିପ୍ଳବ ଆବଶ୍ୟକ, ତା'ର ପ୍ରଥମ ପଦକ୍ଷେପ ହେଉଛି ରାଜା-ଅନ୍ତରାତ୍ମାଙ୍କୁ ପୁଣି ତାଙ୍କ ସିଂହାସନରେ ବସାଇ ରାଜ୍ୟ ଚାଳନାର ସମସ୍ତ ଭାର ତାଙ୍କ ହାତରେ ଅର୍ପଣ କରିବା । ତା'ହେଲେ ଅନ୍ତରାତ୍ମା ମନକୁ ନିର୍ଦ୍ଦେଶ ଦେଇ ଚାଳିତ କରିବ ଓ ସେହି ମନର ଜରିଆରେ ପ୍ରାଣଶକ୍ତିଗୁଡ଼ିକ ଉପରେ ନିଜର ସାର୍ବଭୌମ ଶକ୍ତିକୁ ପ୍ରୟୋଗ ଓ କାର୍ଯ୍ୟକାରୀ କରାଇବ ଏବଂ ସେତେବେଳେ ଅନ୍ତରାତ୍ମାର ସେହି ନିର୍ଦ୍ଦେଶସବୁକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରାଣଶକ୍ତିଗୁଡ଼ିକ ସଂଗେ ସହଯୋଗ ଓ ସମ୍ମତିର ସହ ଆଗେଇ ଆସିବ ଏକ ଜ୍ଞାନପ୍ରାପ୍ତ ଚୈତ୍ୟସଚେତ ଶରୀର । କିନ୍ତୁ କେବଳ ଏତିକି ହୋଇଗଲେ ତାହା ଯଥେଷ୍ଟ ହେବ ନାହିଁ; କାରଣ ଅନ୍ତରାତ୍ମାର ଆବିଷ୍କାର ସେପର୍ଯ୍ୟନ୍ତ ପୂର୍ଣ୍ଣ ହୋଇ ନାହିଁ ଯେପର୍ଯ୍ୟନ୍ତ ପ୍ରକୃତିର ମାନସିକ, ପ୍ରାଣିକ ଓ ଦୈହିକ ଯନ୍ତ୍ରଗୁଡ଼ିକର ଚୈତ୍ୟ ନବୀକରଣ ସଂପନ୍ନ ନ ହୋଇଛି । ସେତେବେଳେ ମନକୁ ଅନ୍ତରାତ୍ମାର ସଂବୋଧି ସଂପନ୍ନ ଦିବ୍ୟସତ୍ୟରେ ଢାଳି ନୂଆକରି ଗଢ଼ିବାକୁ ହେବ, ପ୍ରାଣସତ୍ତାର ପୁନର୍ଗଠନ ହେବ ଅନ୍ତରାତ୍ମାର ଶକ୍ତି ଓ ଶୁଭର ପ୍ରତ୍ୟକ୍ଷ ଦ୍ୱାରା ଏବଂ ଶରୀର ଓ ସମଗ୍ର ପ୍ରକୃତିକୁ ନୂଆକରି ଗଢ଼ିବାକୁ ହେବ ଆଲୋକ, ସୁସମଞ୍ଜସତା ଓ ସୌନ୍ଦର୍ଯ୍ୟ ପାଇଁ ସେହି ଅନ୍ତରାତ୍ମାର ନିର୍ଦ୍ଦେଶରେ । ଆମର ପ୍ରକୃତି ବର୍ତ୍ତମାନ ଯେପରି ଏକ ବିପତ୍‌ସଂକୁଳ ଜୀବନଧାରା ଭିତରେ କୌଣସିମତେ ଏକତ୍ରୀଭୂତ ହୋଇ ଓ ବୁଦ୍ଧିର ଅସ୍ୱଚ୍ଛ ମହମବତି ଆଲୋକ ପାଇ ଏକ ପଶୁସୁଲଭ ଗଠନ ହୋଇ ରହିଛି, ତାହା ଆଉ ସେପରି ନ ରହି, ସେହି ପ୍ରକୃତି ପରିଣତ ହେବ ଏକ ଯଥାର୍ଥ ଚୈତ୍ୟସତ୍ତାର ପ୍ରକୃତିରେ ।

(Bulletin, Feb. 2002, p.6-8)

# ଦିବ୍ୟସତ୍ୟ ଓ ଚୈତ୍ୟଚେତନା

## ଶ୍ରୀମା

*ପ୍ରଶ୍ନ : ଚୈତ୍ୟସତ୍ତା କ'ଣ ଆନ୍ତର ଦିବ୍ୟସତ୍ୟ ସଙ୍ଗେ ଏକତ୍ୱ ଉପଲବ୍ଧି କରେ ?*

ଶ୍ରୀମା : ଏହା ଦିବ୍ୟସତ୍ୟର ଚାରିପଟେ ନିଜକୁ ସଂଗଠନ କରେ ଏବଂ ତାହା ସହିତ ସଂଯୋଗ ସ୍ଥାପନ କରି ତହିଁରେ ପ୍ରବେଶ କରେ । ଚୈତ୍ୟସତ୍ତା ଚାଳିତ ହୁଏ ଦିବ୍ୟସତ୍ୟ ଦ୍ୱାରା । ଦିବ୍ୟସତ୍ୟ ଚିରନ୍ତନ ଭାବରେ ସ୍ୱୟଂପ୍ରତିଷ୍ଠ ଏବଂ କାଳ ଓ ସ୍ଥାନର କୌଣସି କିଛି ଉପରେ ଏହା ନିର୍ଭରଶୀଳ ନୁହେଁ । କିନ୍ତୁ ଚୈତ୍ୟସତ୍ତା ବୃଦ୍ଧିପାଏ, ଆକାର ଗ୍ରହଣ କରେ, ବିକାଶ ଲାଭ କରେ, ଅଧିକରୁ ଅଧିକ ନିଜକୁ ବ୍ୟକ୍ତିଭାବାପନ୍ନ କରି ଗଢ଼ିତୋଳେ । ଏହି ଭାବରେ ତାହା ସେହି ଦିବ୍ୟସତ୍ୟକୁ ପ୍ରକାଶ ତଥା ଅଭିବ୍ୟକ୍ତ କରିବା ପାଇଁ ଅଧିକରୁ ଅଧିକ ସକ୍ଷମ ହୁଏ, ସେହି ଶାଶ୍ୱତ ଦିବ୍ୟସତ୍ୟକୁ ଯାହା ଏକ, ଅଦ୍ୱୟ ଓ ଚିରସ୍ଥାୟୀ । ଚୈତ୍ୟସତ୍ତା ହେଉଛି ଏକ କ୍ରମବିକାଶଶୀଳ ସତ୍ତା, ଯାହାର ଅର୍ଥ ହେଲା ଚୈତ୍ୟସତ୍ତା ଓ ଦିବ୍ୟସତ୍ୟ ଭିତରେ ସମ୍ବନ୍ଧ ମଧ୍ୟ ଏକ କ୍ରମବିକାଶଶୀଳ ସମ୍ବନ୍ଧ । ସେହି ଏକ ସମୟରେ ଆନ୍ତର ଦିବ୍ୟସତ୍ୟ ସଂପର୍କରେ ସଚେତ ନ ହୋଇ କେହି ନିଜ ଚୈତ୍ୟସତ୍ତା ସଂପର୍କରେ ସଚେତ ହୋଇପାରିବ ନାହିଁ । ଯେଉଁମାନଙ୍କର ଏହି ଅନୁଭୂତି ହୋଇଛି – ତାହା ଏକ ମାନସିକ ଅନୁଭୂତି ନୁହେଁ, ଚୈତ୍ୟସତ୍ତା ସହ ସଂଯୋଗ ସ୍ଥାପନର ଏକ ପୂର୍ଣ୍ଣାଙ୍ଗ ଅନୁଭୂତି ହୋଇଛି, ତାହା ସଂପର୍କରେ ନିଜେ ଗଠନ କରିଥିବା ଏକ ଧାରଣା ସହ ସଂଯୋଗ ସ୍ଥାପନ ନୁହେଁ, କିନ୍ତୁ ଏକ ଯଥାର୍ଥ ସୁନିର୍ଦ୍ଦିଷ୍ଟ ସଂଯୋଗ ହୋଇଛି, ସେମାନେ ସମସ୍ତେ ସେହି ଗୋଟିଏ କଥା କହିଛନ୍ତି ଯେ ଯେଉଁ ମୁହୂର୍ତ୍ତରେ ଏହି ସଂଯୋଗ ସ୍ଥାପନ ହୁଏ, ସେହି ମୁହୂର୍ତ୍ତରୁ ଜଣେ ନିଜର ଅନ୍ତରସ୍ଥ ଶାଶ୍ୱତ ଦିବ୍ୟସତ୍ୟ ସଂପର୍କରେ ପୂର୍ଣ୍ଣ ଭାବରେ ସଚେତ ହୁଏ ଏବଂ ଦେଖିପାରେ ଯେ ଏହାହିଁ ହେଉଛି ଜୀବନର ଉଦ୍ଦେଶ୍ୟ ଓ ସଂସାରର ଦିଙ୍‌ନିର୍ଦ୍ଦେଶକ । ଗୋଟିକ ବ୍ୟତୀତ ଅନ୍ୟଟିର ଉପଲବ୍ଧି ହୋଇପାରିବ ନାହିଁ, ପ୍ରକୃତରେ ଏହାହିଁ ତୁମ ଭିତରେ ସେହି ଉପଲବ୍ଧିଟି ଆଣିଦିଏ ଯେ ତୁମେ ତୁମ ଚୈତ୍ୟସତ୍ତା ସହ ସଂଯୋଗ ସ୍ଥାପନ କରିଛ । ଏହା ଏକ ସଚେତ ସଂଯୋଗ ନ ହୋଇପାରେ, କିନ୍ତୁ ଏହାହିଁ ତୁମ ଜୀବନକୁ ପରିଚାଳନା କରେ ।

କେତେକ ଲୋକ କୁହନ୍ତି ଯେ ତାଙ୍କ ନିଜ ଇଚ୍ଛାର ବାହାରେ ଏପରି କିଛି ରହିଛି ଯାହା ସେମାନଙ୍କ ସମଗ୍ର ଜୀବନକୁ ସଂଗଠିତ କରୁଛି, ତାହାହିଁ ସେମାନଙ୍କୁ ଆବଶ୍ୟକ ଯଥୋପଯୋଗୀ ଅବସ୍ଥା ଭିତରେ ରଖିଦିଏ, ତାହାହିଁ ସେମାନଙ୍କ ପାଇଁ ଅନୁକୂଳ ପରିସ୍ଥିତି ଓ ବ୍ୟକ୍ତିମାନଙ୍କୁ ଆକର୍ଷିତ କରିଆଣେ, କହିବାକୁ ଗଲେ, ସେମାନଙ୍କ ବାହାରେ ସମସ୍ତକିଛିକୁ ଏହା ସୁବ୍ୟବସ୍ଥିତ କରି ରଖିଦିଏ । ସେମାନଙ୍କ ବାହ୍ୟ ଚେତନାରେ ସମ୍ଭବତଃ ସେମାନେ ଅନ୍ୟକିଛି ଚାହିଁଥିଲେ ଓ ସେଥିପାଇଁ କାମ କରିଥିଲେ କିନ୍ତୁ ସଂପୂର୍ଣ୍ଣ ଭିନ୍ନ କିଛିହିଁ ଘଟିଲା । ବାସ୍, କେତେକ ବର୍ଷ ପରେ ସେମାନେ ଅନୁଭବ କରନ୍ତି ଯେ ପ୍ରକୃତରେ ଏହାହିଁ ଘଟିବାର ଥିଲା । ତୁମ ଭିତରେ ଯେ ଚୈତ୍ୟସତ୍ତା ବୋଲି କିଛି ଅଛି, ଏ ସଂପର୍କରେ କିଛି ମଧ୍ୟ ନ ଜାଣି ତୁମେ ତାହାଦ୍ୱାରା ପରିଚାଳିତ ହୋଇପାର । କାରଣ, କୌଣସି ବିଷୟରେ ସଚେତ ହେବାକୁ ହେଲେ ପ୍ରଥମେ ତୁମକୁ ଗ୍ରହଣ କରିବାକୁ ହେବ ଯେ ସେପରି କିଛି ଜିନିଷ ରହିଛି । ଅନେକେ ତାହା କରନ୍ତି ନାହିଁ, ମୁଁ ଏପରି ଲୋକଙ୍କୁ ଜାଣିଛି, ଯେଉଁମାନଙ୍କର ଆପଣା ଚୈତ୍ୟସତ୍ତା ସହ ପ୍ରକୃତ ସମ୍ବନ୍ଧ-ସ୍ଥାପନ ହୋଇଛି ଅଥଚ ସେମାନେ ଆଦୌ ଜାଣନ୍ତି ନାହିଁ ଏହା କ'ଣ ବୋଲି, କାରଣ ସେମାନଙ୍କ ଭିତରେ ଚୈତ୍ୟସତ୍ତା ସହ ସେମାନଙ୍କର ଏହି ସମ୍ବନ୍ଧରେ ଜ୍ଞାନକୁ ଧରିପାରିବା ଭଳି ଅନୁରୂପ କିଛି ନ ଥିଲା ।

*ପ୍ରଶ୍ନ : ନିଜର ଚୈତ୍ୟସତ୍ତା ସହିତ କୌଣସି ସଂଯୋଗ ନ ଥାଇ ଜଣେ ଶାଶ୍ୱତ ଦିବ୍ୟସତ୍ୟ ସହ ସମ୍ବନ୍ଧ ରଖିପାରେ କି ?*

ଶ୍ରୀମା : ବିଶ୍ୱ ମଧ୍ୟରେ କେତେକ ସତ୍ତାଙ୍କର ଚୈତ୍ୟସତ୍ତା ସହ କୌଣସି ସଂଯୋଗ ନ ଥାଇ ସେମାନେ ଶାଶ୍ୱତ ଦିବ୍ୟସତ୍ୟ ସଙ୍ଗେ ପ୍ରତ୍ୟକ୍ଷ, ସିଧାସଳଖ ସଂପର୍କ ରଖିପାରନ୍ତି, କାରଣ ସେମାନଙ୍କର କୌଣସି ଚୈତ୍ୟସତ୍ତା ନାହିଁ ।

*(ଅବଶିଷ୍ଟାଂଶ ୧୦ ପୃଷ୍ଠାରେ ଦେଖନ୍ତୁ)*

# ଚୈତ୍ୟ ଚେତନାର ଉପଲବ୍ଧି

## (ଶ୍ରୀମା'ଙ୍କ ସଙ୍ଗେ ପ୍ରଶ୍ନୋତ୍ତର)

*ଶିଷ୍ୟ : ଚୈତ୍ୟ ପ୍ରୟୋଜନୀୟତାର ଉପଲବ୍ଧି କିପରି ହୁଏ ?*

(ନୀରବତା)

ଶ୍ରୀମା : ମୁଁ ତୁମକୁ ସ୍ପଷ୍ଟ ଭାବରେ ଶୁଣି ପାରିଛି । କିନ୍ତୁ ତୁମ ପ୍ରଶ୍ନଟିର ଅର୍ଥ ବୁଝି ହେଉ ନାହିଁ ।

*ଶିଷ୍ୟ : ଯେତେବେଳେ ଜଣେ ମନରେ ଉପଲବ୍ଧି କରେ ?*

ଶ୍ରୀମା : ନା, ନା, ଆଦୌ ନୁହେଁ ''ଚୈତ୍ୟ ପ୍ରୟୋଜନୀୟତାର ଉପଲବ୍ଧି'', ତୁମେ ଏଇ ଅର୍ଥରେ କହୁଛ ଯେ ''ଏହା କିପରି ଉପଲବ୍ଧ ହୁଏ ? ବାହ୍ୟ ଜୀବନରେ ଏହା କିପରି ଅଭିବ୍ୟକ୍ତ ହୁଏ ?'' ''ଉପଲବ୍ଧି'' ତୁମେ କେଉଁ ଅର୍ଥରେ କହୁଛ ? ସ୍ପଷ୍ଟ ନୁହେଁ ? ତୁମ ଚିନ୍ତାରେ ଏହା ଖୁବ୍ ପରିଷ୍କାର ନୁହେଁ ? ''ଚୈତ୍ୟ ପ୍ରୟୋଜନ'' ତୁମେ କେଉଁ ଅର୍ଥରେ କହୁଛ ? ନିଜ ଚୈତ୍ୟସତ୍ତାକୁ ଜାଣିବାର ପ୍ରୟୋଜନୀୟତା ନା ନିଜକୁ ଅଭିବ୍ୟକ୍ତ କରିବା ପାଇଁ ଚୈତ୍ୟ ସତ୍ତାର ପ୍ରୟୋଜନୀୟତା ?

*ଶିଷ୍ୟ : ନିଜକୁ ଅଭିବ୍ୟକ୍ତ କରିବା ପାଇଁ ଚୈତ୍ୟସତ୍ତାର ପ୍ରୟୋଜନୀୟତା ।*

ଶ୍ରୀମା : ଏହା ନିଜକୁ ଉପଲବ୍ଧି କରି, ନିଜକୁ ପ୍ରକାଶିତ କରି ନିଜକୁ ଅଭିବ୍ୟକ୍ତ କରେ ।

*ଶିଷ୍ୟ : କିପରି ଭାବରେ ?*

ଶ୍ରୀମା : ତୁମେ ପଚାରୁଛ ମନ ଜରିଆରେ ଯିବା ପାଇଁ ଏହାର ପ୍ରୟୋଜନୀୟତା ଅଛି କି ? ଈଶ୍ୱରଙ୍କୁ ଧନ୍ୟବାଦ; ନା, ଏହା ଏକ ଅତି କଷ୍ଟକର କାର୍ଯ୍ୟ ହେବ । ଚୈତ୍ୟ ପ୍ରୟୋଜନୀୟତା ହେଉଛି ଭଗବତ୍ କୃପାର ଏକ ପ୍ରକାଶ ଏବଂ ଭଗବତ୍ କୃପା ଦ୍ୱାରାହିଁ ଏହା ଅଭିବ୍ୟକ୍ତ ହୋଇଥାଏ ।

ବିଶ୍ୱ-ଜଗତ୍‌ରେ ଚୈତ୍ୟ ଜୀବନ ହେଉଛି ଭଗବତ୍ କୃପାର ଏକ କାମ । ଚୈତ୍ୟ ଅଭିବୃଦ୍ଧି ହେଉଛି ଭଗବତ୍ କୃପାର ଏକ କାମ ଏବଂ ସ୍ଥୂଳ ସତ୍ତା ଉପରେ ଚୈତ୍ୟସତ୍ତାର ସର୍ବୋଚ୍ଚ ପ୍ରଭାବ ଓ ଶକ୍ତି ମଧ୍ୟ ଭଗବତ୍ କୃପାର ଫଳ ସ୍ୱରୂପହିଁ ଆସିବ । ଏବଂ ମନ, ଯଦି ମନ ଆଦୌ କିଛି ଉପଯୋଗୀ ହେବାକୁ ଚାହେଁ, ତା'ହେଲେ ଏହାକୁ କେବଳ ପୂରାପୂରି ଧୀର ସ୍ଥିର ଓ ଶାନ୍ତ ରହିବାକୁ ହେବ, ଯେତେ ଅଧିକ ଚୁପଚାପ୍ ରହିପାରେ, କାରଣ ଏହା ଯଦି ଏହିସବୁ ଭିତରେ ହସ୍ତକ୍ଷେପ କରେ ତେବେ ସବୁକିଛିକୁ ଏହା ନଷ୍ଟଭ୍ରଷ୍ଟ କରିଦେବ ।

*ଶିଷ୍ୟ : ତା'ହେଲେ ମନର ଆଦୌ କୌଣସି ପ୍ରୟୋଜନୀୟତା ନାହିଁ ?*

ଶ୍ରୀମା : ମୁଁ କହି ନ ଥିଲି ଯେ ମନର କିଛି ପ୍ରୟୋଜନୀୟତା ନାହିଁ । ଅନ୍ୟ କିଛି ଜିନିଷ ପାଇଁ ମନ ପ୍ରୟୋଜନୀୟ ଓ ଉପଯୋଗୀ । ମନ ହେଉଛି ଗଠନ ଓ ସଂଗଠନ ନିମନ୍ତେ ଏକ ଯନ୍ତ୍ର ସ୍ୱରୂପ ଏବଂ ମନ ଯଦି ଚୈତ୍ୟସତ୍ତାକୁ ଏହାକୁ ବ୍ୟବହାର କରିବାକୁ ଛାଡ଼ିଦିଏ, ତାହା ହେବ ଅତି ଉତ୍ତମ । କିନ୍ତୁ ମନ ଚୈତ୍ୟସତ୍ତାକୁ ଅଭିବ୍ୟକ୍ତ ହେବା ପାଇଁ ସାହାଯ୍ୟ କରେ ନାହିଁ । ଏଠି ଭୂମିକାଟି ଓଲଟି ଯାଏ । ଚୈତ୍ୟସତ୍ତାର ଅଭିବ୍ୟକ୍ତି ପାଇଁ ପରେ ମନ ଏକ ଯନ୍ତ୍ର ହୋଇପାରେ, ଯେତେବେଳେ ଏହା ବାହ୍ୟ ଚେତନାକୁ ଅଧିକାର କରିସାରିଥାଏ । କିନ୍ତୁ ଏହା ତା' ପୂର୍ବରୁ କ୍ୱଚିତ୍ ଏହିପରି ଘଟିଥାଏ । ସାଧାରଣତଃ ଏହା ଏକ ପରଦା ବା ବାଧା ସ୍ୱରୂପ ଥାଏ । ଏହି ଅବସ୍ଥାରେ ଏହା ଅଭିବ୍ୟକ୍ତିକୁ ସାହାଯ୍ୟ କରିପାରେ ନାହିଁ । ଏହା ନିଜର ଯଥାର୍ଥ ସ୍ଥାନ ଓ ଯଥାର୍ଥ ଗତିବୃତ୍ତିକୁ ଗ୍ରହଣ କଲେ ଉକ୍ତ କ୍ରିୟାରେ ଏହା ସାହାଯ୍ୟ କରିପାରେ । ଏହା ଯଦି ଚୈତ୍ୟ ପ୍ରେରଣାର ପୂର୍ଣ୍ଣ ବଶତା ସ୍ୱୀକାର କରେ ତେବେ ଏହା ଜୀବନକୁ ସଙ୍ଗଠିତ କରିବାରେ ସାହାଯ୍ୟ କରିପାରେ, କାରଣ ଏହାହିଁ ହେଉଛି ଏହାର ଯଥାର୍ଥ କ୍ରିୟା, ଏହାର ଅସ୍ତିତ୍ୱର କାରଣ । କିନ୍ତୁ ସର୍ବ ପ୍ରଥମେ ଚୈତ୍ୟସତ୍ତା କ୍ଷେତ୍ରଟିକୁ ଅଧିକାର କରି ଗୃହର ପ୍ରଭୁ ହେବା ଆବଶ୍ୟକ । ପରେ ଜିନିଷଗୁଡ଼ିକୁ ଯଥାର୍ଥ ଭାବରେ ବ୍ୟବସ୍ଥିତ କରାଯାଇପାରେ ।

ବାହ୍ୟସତ୍ତା ପାଇଁ କେବଳ ଗୋଟିଏ ମାତ୍ର ବାଟ ରହିଛି । ଦୈହିକ ସତ୍ତା କଥା ଧରାଯାଉ — ଦେହସତ୍ତା, ବିଚାରା କ୍ଷୁଦ୍ର ଦେହସତ୍ତା, ବାହ୍ୟସତ୍ତା, କିଛି ବି ଜାଣେ ନାହିଁ, ନିଜେ କିଛି ବି କରିପାରେ ନାହିଁ । ଚୈତ୍ୟସତ୍ତାକୁ ଅଭିବ୍ୟକ୍ତ ହେବା ପାଇଁ ଛାଡ଼ିଦେବାକୁ ହେଲେ କେବଳ ଗୋଟିଏ ମାତ୍ର ବାଟ ରହିଛି — ଏକ ଶିଶୁର ସରଳ ଭାବ ନେଇ (ମା' ଖୁବ୍ କୋମଳ ଭାବରେ

କହିଲେ), କୌଣସି ଯୁକ୍ତିବୁଦ୍ଧି ବା ବୁଝିବାର ଭାବ ନ ରଖି ଏହାକୁ ସମସ୍ତ ଶକ୍ତି ଦେଇ ଅଭୀପ୍ସା କରିବାକୁ ହେବ, ପ୍ରାର୍ଥନା କରିବାକୁ ହେବ, ପଚାରିବାକୁ ହେବ । ଯୁକ୍ତିବୁଦ୍ଧି ଓ ଏହି ବୁଝିବାର ପ୍ରଚେଷ୍ଟା ଯଥାର୍ଥ ଅନୁଭୂତି ପାଇଁ କେତେ ବିରାଟ ବାଧା ସ୍ୱରୂପ ହୋଇପାରେ, ତାହା କଳ୍ପନା କରିହେବ ନାହିଁ । ଯେତେବେଳେ କିଛି ଘଟିବାକୁ ଯାଉଥିବାର ଏକ ମୁହୂର୍ତ୍ତରେ କିଛି ଘଟିବ, ସତ୍ତାର ଚେତନାରେ କେତେକ ସ୍ପନ୍ଦନର ପରିବର୍ତ୍ତନ ହେବ... ତୁମେ ଅଭୀପ୍ସାର ଏକ ନିବିଡ଼ ଅବସ୍ଥାରେ ରହିଥିବ, ଏବଂ ତୁମର ଅଭୀପ୍ସାକୁ ଏକତ୍ରୀଭୂତ କରି ସେଠାରେ ଅପେକ୍ଷା କରିଥିବ ଏକ ଉତ୍ତର ପାଇଁ, ସେତେବେଳେ ଯଦି ଏହି ବିକଳ ମନ ଅସ୍ଥିର ହେବାକୁ ଆରମ୍ଭ କରେ ଏବଂ ଭାବେ, ''କଣ ଘଟିବ, କ'ଣ ଘଟିବାକୁ ଯାଉଛି, କେତେବେଳେ ଘଟିବ, କିପରି ଘଟିବ, ଏବଂ କାହିଁକି ଏପରି ଘଟିବ ଏବଂ କେଉଁ କ୍ରମରେ ଏହା ପ୍ରକାଶିତ ହେବ ?'' ତା'ହେଲେ ସମସ୍ତ ଅନୁଭୂତିଟି ସେଇଠାରେହିଁ ଶେଷ ହୋଇଯିବ, ଆଉ କିଛି ଘଟିବ ନାହିଁ, ତେଣିକି ତୁମେ କେବଳ ଘରଟିକୁ ଓଲାଇବା ଛଡ଼ା ଆଉ କୌଣସି କିଛି ପାଇଁ ସମର୍ଥ ହେବ ନାହିଁ ।

*ଶିଷ୍ୟ : ମା', ମନ, ପ୍ରାଣ ଓ ଦେହ ବ୍ୟତୀତ କ'ଣ ଚୈତ୍ୟସତ୍ତା ନିଜକୁ ଅଭିବ୍ୟକ୍ତ କରିପାରେ ?*

ଶ୍ରୀମା : ଏଗୁଡ଼ିକ ବ୍ୟତୀତ ଏହା ନିରନ୍ତର ଭାବରେ ନିଜକୁ ପ୍ରକାଶ କରୁଛି । କେବଳ ସାଧାରଣ ମଣିଷ ଏହାକୁ ଯେପରି ପ୍ରତ୍ୟକ୍ଷ କରିପାରେ, ସେଥିପାଇଁ ଏଗୁଡ଼ିକ ଭିତରଦେଇହିଁ ତାହାକୁ ଅଭିବ୍ୟକ୍ତ ହେବାକୁ ହେବ, କାରଣ ସାଧାରଣ ମଣିଷ ଚୈତ୍ୟସତ୍ତା ସହ ପ୍ରତ୍ୟକ୍ଷ ସମ୍ପର୍କ ରଖି ରହି ନାହିଁ । ଯଦି ଚୈତ୍ୟସତ୍ତା ସହ ଏହାର ପ୍ରତ୍ୟକ୍ଷ ସମ୍ପର୍କ ଥାଆନ୍ତା, ତା'ହେଲେ ଏହା ହୋଇଥା'ନ୍ତା ଚୈତ୍ୟସତ୍ତାର ପ୍ରକାଶ ଓ ଅଭିବ୍ୟକ୍ତି, ଏବଂ ସବୁକିଛି ଉତ୍ତମ ରୂପେ ଚାଲୁଥାଆନ୍ତା । କିନ୍ତୁ ଯେହେତୁ ଏହା ଚୈତ୍ୟସତ୍ତା ସହ ପ୍ରତ୍ୟକ୍ଷ ସମ୍ପର୍କ ରଖି ରହି ନାହିଁ, ତେଣୁ ଏହା ଏପରିକି ଜାଣେ ବି ନାହିଁ ଏହି ଜିନିଷଟି କ'ଣ, ଏହି ଜିନିଷଟି କ'ଣ ହୋଇପାରେ, ତାହା ନେଇ ଏହା ବିସ୍ମିତ ଓ ହତଚକିତ ହୋଇଥାଏ, ତେଣୁ ଏହି ସାଧାରଣ ମାନୁଷୀ ଚେତନାରେ ପହଞ୍ଚିବାକୁ ଏହା ସାଧାରଣ ଅବଲମ୍ବନକୁହିଁ ଗ୍ରହଣ କରିଥାଏ, ଅର୍ଥାତ୍ ମନ, ପ୍ରାଣ ଓ ଦେହର ଚେତନା ଭିତର ଦେଇ ଯାଇଥାଏ ।

ଏହା ଭିତରୁ କୌଣସିଟିକୁ ବାଦ୍ ଦିଆଯାଇପାରେ କିନ୍ତୁ ଶେଷଟିକୁ ଅର୍ଥାତ୍ ଦେହଟିକୁ ନୁହେଁ । କାରଣ ତା'ହେଲେ ଆଉ କୌଣସି କିଛି ବିଷୟରେ ସଚେତ ହୋଇ ହେବ ନାହିଁ । ସାଧାରଣ ମଣିଷ କେବଳ ନିଜର ଦୈହିକ ସତ୍ତାରେହିଁ ସଚେତ ଏବଂ ଆପେକ୍ଷିକ ଭାବରେ କ୍ୱଚିତ୍ ସେ ନିଜର ମନ ସମ୍ପର୍କରେ ଓ ଆଉ ଟିକେ ଅଧିକ ଭାବରେ ସେ ନିଜର ପ୍ରାଣ ସମ୍ପର୍କରେ ସଚେତ ହୋଇଥାଏ । କିନ୍ତୁ ତା' ଚେତନାରେ ଏ ସବୁଗୁଡ଼ିକ ଏପରି ଗୋଳିଆମିଶା ହୋଇ ଯାଇଥାଆନ୍ତି ଯେ, ସେ କହିବାକୁ ଅକ୍ଷମ ହେବ, ''ଏହି ଗତିବୃତ୍ତିଟି ମନରୁ ଆସିଛି, ଏଇଟି ପ୍ରାଣରୁ ଆସିଛି ଓ ଏଇଟି ଦେହରୁ ଆସିଛି ।'' ଏପରି କହିବା ପାଇଁ କିଛିଟା ବିକାଶ ଦରକାର ଯେତେବେଳେ କି ନିଜ ଭିତରେ ବିଭିନ୍ନ ଗତିବୃତ୍ତିର ମୂଳଉତ୍ସଟିକୁ ଆମେ ଚିହ୍ନିପାରିବୁ ଓ ସେଗୁଡ଼ିକ ଭିତରେ ଥିବା ପାର୍ଥକ୍ୟ ନିର୍ଣ୍ଣୟ କରିପାରିବୁ । ଏବଂ ଏହା ଏପରି ମିଶ୍ରିତ ହୋଇଯାଏ ଯେ ଜଣେ ଚେଷ୍ଟା କଲେ ମଧ୍ୟ ପ୍ରଥମ ଅବସ୍ଥାରେ ଏଗୁଡ଼ିକୁ ଗୋଟିକଠାରୁ ଅନ୍ୟଟିକୁ ଅଲଗା କରି ଶ୍ରେଣୀବଦ୍ଧ କରି ଦେଖିବା ଖୁବ୍ କଷ୍ଟସାଧ୍ୟ ହୁଏ ।

ଏହା ହୋଇଥାଏ ଯେପରିକି ଗୁଡ଼ିଏ ରଙ୍ଗକୁ ଏକାଠି ମିଶାଇ ଦେବାପରି, ତିନି, ଚାରିଟି ବା ପାଞ୍ଚଟି ଭିନ୍ନ ଭିନ୍ନ ରଙ୍ଗକୁ ନେଇ ଏକାଠି ମିଶାଇ ଦିଅ, ସେଇ ଏକା ପାଣିରେ । ଏହା ଅସ୍ପଷ୍ଟ ଧୂସର କିଛି ମିଶ୍ରଣ ପରି ହେବ । ତୁମେ କହି ପାରିବ ନାହିଁ, ଏଥି ଭିତରୁ କେଉଁଟି ନାଲି, କେଉଁଟି ନୀଳ, କେଉଁଟି ସବୁଜ, କେଉଁଟି ହଳଦିଆ; ଏହା ରଙ୍ଗର ଏକ କୁତ୍ସିତ ମିଶ୍ରଣ ହେବ । ତେଣୁ ପ୍ରଥମେ ତୁମକୁ ଏଗୁଡ଼ିକର ପାର୍ଥକ୍ୟ ବୁଝି ନାଲି, ନୀଳ, ହଳଦିଆ ଓ ସବୁଜକୁ ସେମାନଙ୍କ ନିଜ ନିଜ ସ୍ଥାନରେ ରଖିବାକୁ ହେବ । ଏହା ଆଦୌ ସହଜ ନୁହେଁ ।

ମୁଁ ଏପରି ସବୁ ଲୋକଙ୍କୁ ଭେଟିଛି ଯେଉଁମାନେ ନିଜକୁ ଅତି ବୁଦ୍ଧିମାନ୍ ବୋଲି ଭାବନ୍ତି । ଅନ୍ତତଃ ବହୁତ କିଛି ଜିନିଷ ଜାଣନ୍ତି ବୋଲି ମନେ କରନ୍ତି । କିନ୍ତୁ ମୁଁ ଯେତେବେଳେ ସତ୍ତାର ବିଭିନ୍ନ ଅଂଶ ବିଷୟରେ କହିଲି ସେମାନେ ମୋ ଆଡ଼କୁ କାବା ହୋଇ ଅନାଇ ପଚାରିଲେ, ''ତୁମେ କେଉଁ ବିଷୟରେ କହୁଛ ?'' ସେମାନେ ଆଦୌ କିଛି ବୁଝି ପାରିଲେ ନାହିଁ । ମୁଁ ଏପରି ଲୋକମାନଙ୍କ ବିଷୟରେ କହୁଛି ଯେଉଁମାନେ ଖ୍ୟାତନାମା ବୁଦ୍ଧିଜୀବୀ । କିନ୍ତୁ ସେମାନେ କିଛି ବୁଝି ପାରିଲେ ନାହିଁ । ସେମାନଙ୍କ ପାଇଁ ଏହା କେବଳ ଚେତନା,— ''ଏହା ହେଉଛି ମୋର ଚେତନା'' ଏବଂ ''ଏହା ମୋର ପଡ଼ୋଶୀର ଚେତନା'' ଏବଂ ପୁଣି ଏପରି ଜିନିଷସବୁ ଅଛି ଯାହାର କି ଚେତନା ନାହିଁ । ତା'ପରେ ମୁଁ ସେମାନଙ୍କୁ ପଚାରିଲି ଜୀବଜନ୍ତୁମାନଙ୍କର ଚେତନା

ଅଛି କି ନାହିଁ, ସେମାନେ ମୁଣ୍ଡ କୁଣ୍ଡାଇ କୁଣ୍ଡାଇ କହିଲେ, ''ବୋଧହୁଏ ଆମେ ଯେତେବେଳେ ଜୀବଜନ୍ତୁମାନଙ୍କୁ ଦେଖୁ, ଆମ ନିଜ ଚେତନାକୁହିଁ ସେମାନଙ୍କଠାରେ ଆରୋପ କରୁ''... ଏହିପରି ସବୁ ।

*ଶିଷ୍ୟ : ମା' ଯେତେବେଳେ ଚୈତ୍ୟସତ୍ତା ନିଜକୁ ପୂର୍ଣ୍ଣଭାବରେ ପ୍ରକାଶିତ ଓ ଅଭିବ୍ୟକ୍ତ କରିବାକୁ ସକ୍ଷମ ହେବ, ସେତେବେଳେ ଏହା ପାଇଁ ମନର ଆଉ କୌଣସି ଆବଶ୍ୟକତା ରହିବ କି ?*

ଶ୍ରୀମା : ଏହା ପୂର୍ଣ୍ଣଭାବରେ ନିଜକୁ ଅଭିବ୍ୟକ୍ତ କରିପାରିବ ନାହିଁ ଯେପର୍ଯ୍ୟନ୍ତ ସତ୍ତାର ସମସ୍ତ ଅଂଶ ସହଯୋଗ ନ କରିଛନ୍ତି । କିନ୍ତୁ ମୁଁ ଭାବୁ ନାହିଁ ମନକୁ ଏପରି ଭାବେ ଗଠିତ କରାଯାଇ ନାହିଁ, ଯେପରି କି ଶେଷରେ ଏହା ଲୋପ ପାଇଯିବ । ଏହା ସାଧାରଣ ନିର୍ମାଣର ଏକ ଅଙ୍ଗ ବିଶେଷ ।

ଦେଖ, ତୁମର ଶରୀର ଯଦି ମନ ବ୍ୟତିରେକେ ହୋଇଥାଆନ୍ତା ତା'ହେଲେ ଏହାର ବହୁତ କ୍ଷତି ହୋଇଥାଆନ୍ତା । ଶରୀର ଅପେକ୍ଷା ଅଧିକ ଭାବରେ ଏହା ଏକ ଉଦ୍ଭିଦ ପରି ହୋଇଥାଆନ୍ତା । ମନର କ୍ରିୟା ନ ଥିଲେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ତୁମ ପାଇଁ କରିବାର ଆଉ କିଛି ନ ଥା'ନ୍ତା ।

(MCW, Vol. VII, 40 - 43) ✜

---

(*ପୃଷ୍ଠା ୭ ର ଅବଶିଷ୍ଟାଂଶ*)

କିନ୍ତୁ ମନୁଷ୍ୟ ଭିତରେ ବରାବର ଏକ ଚୈତ୍ୟସତ୍ତା ରହିଥାଏ, ଏବଂ ସବୁ ସମୟରେ ଏହାରି ମାଧ୍ୟମରେହିଁ ସେ ଶାଶ୍ୱତ ଦିବ୍ୟସତ୍ୟ ସହ ସଂଯୋଗ ସ୍ଥାପନ କରିଥାଏ । ଏବଂ ଚୈତ୍ୟସତ୍ତା ସହିତ ତାହାର ଏହି ସଂଯୋଗଟିକୁ ତା' ଆଗରେ ସାଧାରଣତଃ ସେହି ସମାନ ଭାବରେ ସ୍ପଷ୍ଟ କରି ଦିଆଯାଇଥାଏ, କାରଣ ଏହା ନିଜ ସଙ୍ଗରେ ନିଜର ପ୍ରସନ୍ନତା, ନିଜର ଐଶ୍ୱର୍ଯ୍ୟ ଓ ସୌନ୍ଦର୍ଯ୍ୟକୁ ବହନ କରୁଥାଏ । ଚୈତ୍ୟସତ୍ତା ହେଉଛି ମନୁଷ୍ୟର ସ୍ୱଭାବସିଦ୍ଧ ବୈଶିଷ୍ଟ୍ୟ ଏବଂ ଆମେ ଯଦି ଏହି ସତ୍ୟଟିର ଗଭୀରକୁ ଯିବା ତା'ହେଲେ ଦେଖିବା ବୋଧହୁଏ ଏହାହିଁ ମନୁଷ୍ୟକୁ ତା'ର ଉତ୍କର୍ଷତା ଦେଇଛି ।

ପୁରାତନ ଦର୍ଶନଗୁଡ଼ିକରୁ ଅନେକଙ୍କ ସତ୍ତାର ଶ୍ରେଣୀ-ବିନ୍ୟାସ ସଂପର୍କରେ ସଂପୂର୍ଣ୍ଣ ଜ୍ଞାନ ନ ଥିଲା, ଅନ୍ତରସ୍ଥ ଦିବ୍ୟସତ୍ୟ ଚୈତ୍ୟସତ୍ତା ସଂପର୍କରେ ସେମାନଙ୍କୁ ଜଣା ନ ଥିଲା । ଏହି ପରମ୍ପରାଗୁଡ଼ିକର ଖୁବ୍ ସହଜିଆ ଧାରଣାମାନ ରହିଥିଲା, ଯେପରି ବାହ୍ୟ ଚେତନା ଓ ଆନ୍ତର ଚେତନା, ଜାଗ୍ରତ୍ ଚେତନା ଓ ସୁପ୍ତ ଚେତନା । ମନୁଷ୍ୟର ମନସ୍ତତ୍ତ୍ୱ ସଂପର୍କରେ ସେମାନଙ୍କର ଟିକିନିଖି ଧାରଣା ବା ଜ୍ଞାନ ନ ଥିଲା, କିଂବା ଯଦି ବି ଥାଏ ତାହା ସେମାନେ ସମସ୍ତଙ୍କୁ ପ୍ରଦାନ କରିବାକୁ ବାଞ୍ଛନୀୟ ମନେ କରୁ ନ ଥିଲେ । ଆଗ କାଳରେ ଯାହାକୁ ଇଚ୍ଛା ତାହାକୁ ଜ୍ଞାନ ପ୍ରଦାନ କରାଯାଉ ନ ଥିଲା । ପ୍ରଥମେ ଜଣକୁ ଏଥିପାଇଁ ନିଜର ସଦିଚ୍ଛା ଓ ସଂକଳ୍ପକୁ ଅତି ସ୍ପଷ୍ଟ ଭାବରେ ପ୍ରଦର୍ଶନ କରିବାକୁ ପଡୁଥିଲା । କେତେକ ଧରଣର ଜ୍ଞାନ-ପ୍ରଦାନ କରିବା ପୂର୍ବରୁ ସେଥିପାଇଁ ପ୍ରାର୍ଥୀର ଯଥେଷ୍ଟ ଶକ୍ତି ଅଛି ବୋଲି ଓ ସେ ଦିଗରେ ତାହାର ବିକାଶର ମାତ୍ରା ଓ ସାମର୍ଥ୍ୟ ଆଦିର ପରିଚୟ ଦେବାକୁ ପଡୁଥିଲା । କିନ୍ତୁ ଆଜିର ଆଧୁନିକ ଜୀବନରେ ଏହି ଜ୍ଞାନ-ସବୁକୁ ଛାପି ପ୍ରକାଶ କରାଯାଉଛି ଓ ଯେକୌଣସି ଲୋକ ଏ-ସଂପର୍କରେ ବିଭିନ୍ନ ବହି କିଣି ପଢ଼ିପାରେ । ଅବଶ୍ୟ ତୁମେ ଏପରି ଶହ ଶହ ଲୋକଙ୍କୁ ଭେଟିପାର ଯେଉଁମାନେ ଅନେକଗୁଡ଼ିଏ ଶବ୍ଦ ଶିଖି ତାହାର ବ୍ୟବହାର କରନ୍ତି କିନ୍ତୁ ସେମାନେ ନିଜେ ଆଦୌ କିଛି ଜାଣନ୍ତି ନାହିଁ ସେଗୁଡ଼ିକର ପ୍ରକୃତ ଅର୍ଥ କ'ଣ । ଗୋଟିଏ ସମୟରେ ଏଠାରେ ମଧ୍ୟ ଏପରି କେତେକ ଲୋକ ଥିଲେ ଯେଉଁମାନେ ଅତିମାନସ ଉପଲବ୍ଧି କରିଛନ୍ତି ବୋଲି ଦାବି କରୁଥିଲେ ଅଥଚ ସେମାନେ ଆଦୌ ଜାଣନ୍ତି ନାହିଁ ପ୍ରକୃତରେ ତାହା କ'ଣ ବୋଲି ।

ଆଜିର ଗଣତାନ୍ତ୍ରିକ ସଂଗଠନର ବ୍ୟବସ୍ଥା ଭିତରେ ଜ୍ଞାନର ଏହି ସର୍ବସାଧାରଣ ପ୍ରସାର ଅନିବାର୍ଯ୍ୟ । କିନ୍ତୁ ବୋଧହୁଏ ଏଥିପାଇଁ ଯୋଗ୍ୟ ଲୋକଙ୍କୁ ବାଛିବାର ଭିନ୍ନ ପଦ୍ଧତିମାନ ରହିଛି, ଯେଉଁଗୁଡ଼ିକ କି ଅଧିକ ପ୍ରଚ୍ଛନ୍ନ, କମ୍ ସ୍ପଷ୍ଟ ଓ ପ୍ରକାଶ୍ୟ କିନ୍ତୁ ଅଧିକ ଫଳପ୍ରଦ ।

(Bulletin, Nov. 2004, p. 57-59) ✜

# ଯୋଗର ପ୍ରାଥମିକ ଉପାଦାନ

## ଶ୍ରୀଅରବିନ୍ଦ

### (ଚୈତ୍ୟ ଉନ୍ମୀଳନ)

*'ମାତୃବାଣୀ'ରେ ମା' କହିଛନ୍ତି ହୃଦୟର ଗଭୀର ନୀରବ ପ୍ରଶାନ୍ତିରେ ଏକ ଅଗ୍ନି ପ୍ରଜ୍ୱଳିତ । ଏହି ଅଗ୍ନି କ'ଣ ଚୈତ୍ୟସତ୍ତା ?*

ଅଗ୍ନି ଏକ ସତ୍ତା ନୁହେଁ – ଏହା ହେଉଛି ଚୈତ୍ୟ ଅଗ୍ନି, ଅଭୀପ୍ସାର ଏକ ତୀବ୍ର ଅବସ୍ଥା ।

*

*ଚୈତ୍ୟସତ୍ତା କେଉଁ ସ୍ଥାନରେ ରହିଛି ?*

ଏହା ହୃତ୍‌କେନ୍ଦ୍ରର ପଶ୍ଚାତରେ ଗଭୀର ଭିତରେ ରହିଛି ।

*

*ମା' କେବେ କେବେ କୁହନ୍ତି ଯେ ଅମୁକ ବ୍ୟକ୍ତିର ଚୈତ୍ୟସତ୍ତା ଉତ୍ତମ । କିନ୍ତୁ ଏହା କ'ଣ ସତ୍ୟ ନୁହେଁ କି ଯେ ସମସ୍ତଙ୍କ ଭିତରର ଚୈତ୍ୟସତ୍ତା ହେଉଛି ଭଗବାନଙ୍କର ଏକ ଅଂଶ, ତେଣୁ ସବୁସମୟରେ ତାହା ଉତ୍ତମ । ତା'ହେଲେ ମା' କାହିଁକି ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ କ୍ଷେତ୍ରରେ, ଏପରି ତାରତମ୍ୟ କଥା କୁହନ୍ତି ?*

ଚୈତ୍ୟସତ୍ତା ବିକଶିତ ହେଉଥାଏ – କେତେକଙ୍କ କ୍ଷେତ୍ରରେ ଏହା ମନ ଓ ପ୍ରାଣର ପ୍ରତିରୋଧକୁ ଅତିକ୍ରମ କରିବା ପାଇଁ ବେଶ୍ ସମର୍ଥ ହୋଇଥାଏ – ଆଉ କେତେକଙ୍କ କ୍ଷେତ୍ରରେ ଏହା କମ୍ ବିକଶିତ ହୋଇଥାଏ ଏବଂ ସେମାନଙ୍କୁ ଅଧିକ ଅସୁବିଧା ଭୋଗ କରିବାକୁ ପଡ଼େ ।

*

*ଯୋଗଶକ୍ତି କ'ଣ ପ୍ରଥମେ ଚୈତ୍ୟସତ୍ତା ମଧ୍ୟଦେଇ ଆସି ପରେ ତାହା ମନରେ ଦ୍ରୁତ ପରିବର୍ତ୍ତନ ଆଣି ଦିଏ ନାହିଁ କି ?*

ସବୁକ୍ଷେତ୍ରରେ ଏପରି ହୁଏ ନାହିଁ । ଅଧିକାଂଶ ଲୋକେ ମନରେ କ୍ରିୟା କରୁଥିବା ଶକ୍ତିରୁ ସାଧନା ଆରମ୍ଭ କରିଥା'ନ୍ତି, କେବଳ ଯେତେବେଳେ ମନ ଓ ପ୍ରାଣ କିଛି ପରିମାଣରେ ପରିବର୍ତ୍ତିତ ହୁଅନ୍ତି ସେତେବେଳେ ଚୈତ୍ୟସତ୍ତା ସମ୍ମୁଖଭାଗକୁ ଆସିବା ପାଇଁ ପ୍ରସ୍ତୁତ ହୁଏ ।

*

*ମନ, ପ୍ରାଣ ଓ ଶରୀର ସତ୍ତାର ସାହାଯ୍ୟ ବିନା କ'ଣ ଚୈତ୍ୟସତ୍ତା ନିଜକୁ ସିଧାସଳଖ ଅଭିବ୍ୟକ୍ତ କରିପାରିବ ?*

ମନ, ପ୍ରାଣ ଓ ଶରୀର ହେଉଛନ୍ତି ଅଭିବ୍ୟକ୍ତିର ଯନ୍ତ୍ର । ଅବଶ୍ୟ, ଚୈତ୍ୟସତ୍ତା କେବଳ ନିଜ ଦ୍ୱାରା ଆନ୍ତର କ୍ଷେତ୍ରରେ ବା ନିଜ ସ୍ତରରେ ବିଭିନ୍ନ ବିଷୟକୁ ଅଭିବ୍ୟକ୍ତ କରିପାରେ କିନ୍ତୁ ସ୍ଥୂଳ ଦୈହିକ କ୍ଷେତ୍ରରେ ତାହାର ଅଭିବ୍ୟକ୍ତି ପାଇଁ ଯନ୍ତ୍ର ରୂପେ ଅନ୍ୟାନ୍ୟ ଅଂଶର ଆବଶ୍ୟକତା ରହିଛି ।

*

*ମନ ଓ ପ୍ରାଣରେ କୌଣସି ପରିବର୍ତ୍ତନ ନ ଆଣି ଚୈତ୍ୟସତ୍ତାକୁ ସମ୍ମୁଖଭାଗକୁ ଆଣିବା ସମ୍ଭବ ନୁହେଁ କି ?*

ନା । ଯଦି ଏଗୁଡ଼ିକ ଅପରିବର୍ତ୍ତିତ ରୁହନ୍ତି ତେବେ ସେମାନେ ଚୈତ୍ୟସତ୍ତାକୁ ସମ୍ମୁଖଭାଗକୁ ଆସିବା ପାଇଁ ବାଧା ଦେବେ ।

*

*ଆଧ୍ୟାତ୍ମିକ ଚେତନା ଓ ଚୈତ୍ୟ ଚେତନା ଭିତରେ ପାର୍ଥକ୍ୟ କେଉଁଠି ?*

ଅଧ୍ୟାତ୍ମ ହେଉଛି ମନର ଊର୍ଦ୍ଧ୍ୱରେ ରହିଥିବା ଚେତନା – ଆତ୍ମା । ଏହା ସର୍ବଦା ଭଗବାନଙ୍କ ସଙ୍ଗେ ଏକ ହୋଇ ରହିଥାଏ । ଅଧ୍ୟାତ୍ମ ଚେତନା ହେଉଛି ସେହି ଚେତନା ଯାହା ସଦା ସର୍ବଦା ଭଗବାନଙ୍କ ସଙ୍ଗେ ଏକତ୍ୱ ରକ୍ଷା କରି ବା ଅତି କମ୍‌ରେ ସଂଯୋଗ ରକ୍ଷା କରି ରହିଥାଏ ।

ଚୈତ୍ୟସତ୍ତା ହେଉଛି ଭଗବାନଙ୍କଠାରୁ ଆସିଥିବା ଏକ ସ୍ଫୁଲିଙ୍ଗ ଯାହାକି ସବୁ ବସ୍ତୁ ଭିତରେ ବିଦ୍ୟମାନ ରହିଛି ଏବଂ ବ୍ୟକ୍ତିର ବିବର୍ତ୍ତନ ହେଉଥିବା ସଙ୍ଗେ ସଙ୍ଗେ ତାହା ଭିତରେ ଏହା ବୃଦ୍ଧି ପାଏ, ବିକଶିତ ହୁଏ ଓ ଚୈତ୍ୟସତ୍ତା ରୂପେ ଅଭିବ୍ୟକ୍ତ ହୁଏ । ଏହାହିଁ ହେଉଛି ଅନ୍ତରାତ୍ମା ଯେକି ସଦାସର୍ବଦା ଭଗବାନଙ୍କର ଓ ସତ୍ୟର ଅନ୍ୱେଷଣ କରୁଥାଏ ଏବଂ ଯେତେବେଳେ ଓ ଯେଉଁଠି ଏହା ଭଗବାନଙ୍କର ଓ ସତ୍ୟର ସନ୍ଧାନ ପାଏ ସେତେବେଳେ ଏହା ତାହାଙ୍କର ଉତ୍ତର ଦିଏ ।

*

*ଭଗବାନ୍ ଓ ଅଧ୍ୟାତ୍ମ ଭିତରେ ପାର୍ଥକ୍ୟ କ'ଣ ?*

ଭଗବାନ୍ ସର୍ବତ୍ର ବିରାଜମାନ, ଏପରିକି ଅଜ୍ଞାନ ଭିତରେ ମଧ୍ୟ ସେ ରହିଛନ୍ତି । ଭଗବତ୍ ସତ୍ୟ କେବଳ ଯେ ଅଧ୍ୟାତ୍ମରେ ରହିଛନ୍ତି ତାହା ନୁହେଁ, ସେହି ସତ୍ୟ ମନ, ପ୍ରାଣ ଓ ଶରୀରରେ ମଧ୍ୟ ବିଦ୍ୟମାନ । ମନ, ପ୍ରାଣ ଓ ଦେହର ପଶ୍ଚାତରେ ଯାହା ବିରାଜିତ ହୋଇ ରହିଛି ତାହାହିଁ ଅଧ୍ୟାତ୍ମ ।

*

*ଅନେକ ଗୁଡ଼ିଏ ଚୈତ୍ୟଭୂମି ରହିଛି କି ?*

ନା କେବଳ ଗୋଟିଏ ମାତ୍ର ଚୈତ୍ୟଭୂମି ରହିଛି ।

*

*ଜଣେ ବ୍ୟକ୍ତି ଯାହାର କି ଚୈତ୍ୟସତ୍ତା ଆଶାନୁରୂପ ବିକଶିତ ହୋଇ ନାହିଁ, ସେ କ'ଣ ତା'ର ପ୍ରକୃତିର ମୌଳିକ ବାଧାବିଘ୍ନଗୁଡ଼ିକ ଅତିକ୍ରମ କରି ପାରିବ ?*

ନା, ତା'ର ନିଜ ଶକ୍ତି ବଳରେ ନୁହେଁ, କିନ୍ତୁ ଭଗବତ୍ କୃପାର ସହାୟତା ଲାଭ କରିଲେ ସେ ତାହା କରିପାରେ ।

*

*ଏହା କ'ଣ ସତ୍ୟ ଯେ ଯଦି ଚୈତ୍ୟସତ୍ତା ସମ୍ମୁଖଭାଗକୁ ଆସେ ତେବେ ସମସ୍ତ ସନ୍ଦେହ ଓ ଅସୁବିଧାଗୁଡ଼ିକ ଦ୍ରୁତଗତିରେ ଦୂରୀଭୂତ ହୋଇଯିବ ?*

ହଁ ।

*

*ଚୈତ୍ୟସତ୍ତାକୁ ସମ୍ମୁଖଭାଗକୁ ଆଣିବାର ଉପାୟ କ'ଣ ? ଭୁଲ୍ ଗତିବୃତ୍ତିଗୁଡ଼ିକୁ ପ୍ରଶ୍ରୟ ନଦେବା ଦ୍ୱାରା ଏହା କରିହେବ କି ?*

ଏହା ଏକ ନେତିବାଚକ ବାଟ; ଇତିବାଚକ ପଥ ହେଉଛି ଭଗବାନଙ୍କ ପ୍ରତି ଆନୁଗତ୍ୟ, ଭକ୍ତି ଓ ସମର୍ପଣ ।

*

*ଶାରୀର ଚେତନାକୁ ନମନୀୟ କରିବା ଦ୍ୱାରା କ'ଣ ଚୈତ୍ୟସତ୍ତାକୁ ସମ୍ମୁଖଭାଗକୁ ଆଣି ବରାବର ତାହାକୁ ସେହିଠାରେ ରଖି ହେବ ?*

ନା, ବରଂ ଯେତେବେଳେ ଆଧ୍ୟାତ୍ମିକ ଓ ଚୈତ୍ୟବିକାଶ ଶରୀର-ଚେତନା ଉପରେ କ୍ରିୟା କରିଥାଏ, ସେତେବେଳେ ତାହାର ଫଳସ୍ୱରୂପ ଏହା ହୋଇଥାଏ ।

*

*ଆଜିକାଲି ମୁଁ ଗଭୀର ଭାବରେ ଏକ ଦୁଃଖ ଅନୁଭବ କରୁଛି ଯାହାକି ମୋ ଚକ୍ଷୁରେ ଲୋତକ ଆଣିଦିଏ । ଏଥିରେ କୌଣସି ପ୍ରକାର ଅସ୍ଥିରତା ବା କ୍ଷୋଭ ଆଦିର ଭାବ ନାହିଁ, ବରଂ ରହିଛି ଏକ ପ୍ରଶାନ୍ତି, ଶୁଦ୍ଧତା ଓ ଗଭୀର ଗାମ୍ଭୀର୍ଯ୍ୟର ଭାବ । ଏହାକୁହିଁ କ'ଣ ଚୈତ୍ୟ-ବେଦନା କୁହାଯାଏ ?*

ହଁ, ସେହି ଧରଣର ଏକ ଚୈତ୍ୟ-ବେଦନା ଅଛି – କିନ୍ତୁ ଚୈତ୍ୟ-ଅଶ୍ରୁ ଯେ ଖାଲି ଦୁଃଖାପ୍ଲୁତ ହେବ ତାହା ନୁହେଁ, ଏହା ମଧ୍ୟ ଭାବାବେଗ ଓ ଆନନ୍ଦର ଅଶ୍ରୁ ହୋଇପାରେ ।

ଭାଗବତ୍ ଦିବ୍ୟ-ଉପସ୍ଥିତି ତୁମ ନିଜ ଭିତରେହିଁ ରହିଛି । ଏହା ତୁମ ଭିତରେ ରହିଛି । ତୁମେ ଏହାକୁ ଖୋଜୁଛ ବାହାରେ; ନିଜ ଭିତରକୁ ଚାହଁ । ଏହା ତୁମ ଭିତରେହିଁ ରହିଛି । ସେହିଠାରେହିଁ ରହିଛି ଦିବ୍ୟ-ଉପସ୍ଥିତି । ଶକ୍ତି ପାଇବାର ଆଶା ନେଇ ତୁମେ ଅନ୍ୟମାନଙ୍କଠାରୁ ପ୍ରଶଂସା ଚାହୁଁଛ – ତୁମେ ତାହା କେବେହେଲେ ପାଇବ ନାହିଁ । ଶକ୍ତି ରହିଛି ତୁମ ନିଜ ଭିତରେ । ଯଦି ଚାହଁ, ତେବେ ଯାହା ସର୍ବୋତ୍ତମ ଲକ୍ଷ୍ୟ, ସର୍ବୋତ୍ତମ ଆଲୋକ, ସର୍ବୋତ୍ତମ ଜ୍ଞାନ, ପରମ ସର୍ବୋତ୍ତମ ପ୍ରେମ ବୋଲି ତୁମର ମନେହୁଏ, ତାହା ପାଇଁ ଅଭୀପ୍ସା କରିପାର । କିନ୍ତୁ ତାହା ରହିଛି ତୁମ ନିଜ ଭିତରେ – ତା' ନ ହୋଇଥିଲେ ତୁମେ କେବେହେଲେ ତାହା ସହିତ ସଂଯୋଗ ସ୍ଥାପନ କରିବା ପାଇଁ ସକ୍ଷମ ହୋଇ ପାରନ୍ତ ନାହିଁ । ତୁମେ ଯଦି ନିଜ ଭିତରେ ଆହୁରି ଆହୁରି ଗଭୀରକୁ ପ୍ରବେଶ କର, ତେବେ ଦେଖିବ ସେଠାରେ ତାହା ବିଦ୍ୟମାନ ହୋଇ ରହିଛି ଏକ ଅଗ୍ନିଶିଖା ରୂପେ, ଯାହାକି ନିତ୍ୟ ନିରନ୍ତର ସିଧା ଊର୍ଦ୍ଧ୍ୱକୁ ନିଜର ଶିଖା ବିସ୍ତାର କରି ପ୍ରଜ୍ୱଳିତ ହୋଇ ଚାଲିଛି ।

(CWM. Vol. 15, p. 399 - 400) – ଶ୍ରୀମା

# ଶ୍ରୀମା'ଙ୍କର ଏକ ଅନୁଭୂତି
## (ଜୁଲାଇ ୧, ୧୯୭୦)

ମୋର ଏକ ଅନୁଭୂତି ହୋଇଥିଲା; ଯାହାକି ମୋ ଭିତରେ ଖୁବ୍ ଆଗ୍ରହ ସୃଷ୍ଟି କରିଥିଲା, କାରଣ ଏଇ ଧରଣର ଅନୁଭୂତି ମୁଁ ପ୍ରଥମଥର ପାଇଁ ପାଇଥିଲି । ଗତକାଲି ବା ବୋଧହୁଏ ତା' ପୂର୍ବଦିନ, ମୋର ଠିକ୍ ମନେ ନାହିଁ 'କ'* ମୋର ଠିକ୍ ଆଗରେ ରହିଥିଲେ ଏବଂ ମୁଁ ତାଙ୍କ ଚୈତ୍ୟସତ୍ତାକୁ ଦେଖିଥିଲି ଓ ତାହା ତାଙ୍କ ଶରୀରକୁ ଧରି ତା' ଅପେକ୍ଷା ଏତିକି (ପ୍ରାୟ ୨୦ ସେଣ୍ଟିମିଟରକୁ ସୂଚିତ କରି) ଅଧିକ ଉଚ୍ଚ ହୋଇ ରହିଥିଲା । ପ୍ରଥମ ଥର ପାଇଁ ମୁଁ ଏପରି ଦେଖିଥିଲି । ତାଙ୍କ ଶରୀର ସତ୍ତା ଟିକେ ଛୋଟ କାଟର କିନ୍ତୁ ତାଙ୍କ ଚୈତ୍ୟସତ୍ତା ଏତେ ବଡ଼ ଦିଶୁଥିଲା । ଏବଂ ଏହା ଥିଲା ଏକ ଲିଙ୍ଗହୀନ ସତ୍ତା, ପୁରୁଷ ନୁହେଁ କି ସ୍ତ୍ରୀ ନୁହେଁ । ସେତେବେଳେ ମୁଁ ନିଜକୁ କହିଲି (ସମ୍ଭବତଃ ଏହା ବରାବର ଏହିପରି, ମୁଁ ଜାଣେନା, କିନ୍ତୁ ଏଥରକ ମୁଁ ଏହା ଅତି ସ୍ପଷ୍ଟ ଭାବରେ ଲକ୍ଷ୍ୟ କରିଥିଲି); ମୁଁ ନିଜକୁ କହିଲି ''ଏହାହିଁ ତ ଚୈତ୍ୟସତ୍ତା, ନିଜକୁ ବାସ୍ତବ ଆକାର ଦେଇ ଏହାହିଁ ବସ୍ତୁଜଗତରେ ପ୍ରକାଶିତ ହେବ ଏବଂ ଅତିମାନସ ସତ୍ତାରେ ପରିଣତ ହେବ ।''

ମୁଁ ଏହାକୁ ଦେଖିଥିଲି ଏବଂ ଏହା ଏହିପରି ଥିଲା । ଏହାର ନାନା ବୈଶିଷ୍ଟ୍ୟ ଥିଲା କିନ୍ତୁ ସେଗୁଡ଼ିକ ସୁନିର୍ଦ୍ଦିଷ୍ଟ ରୂପରେ ଚିହ୍ନିତ ହୋଇ ନଥିଲା; ତେବେ ସ୍ପଷ୍ଟଭାବରେ ଏହା ଏପରି ଏକ ସତ୍ତା ଥିଲା ଯାହା ପୁରୁଷ ନୁହେଁ କି ନାରୀ ନୁହେଁ, ଉଭୟର ମିଳିତ ଲକ୍ଷଣ ବା ଗୁଣଧର୍ମ ସବୁ ଏଥିରେ ରହିଥିଲା । ଏବଂ ଏହା ବ୍ୟକ୍ତିଙ୍କର ଆକୃତିଠାରୁ ବୃହତ୍ତର ଥିଲା ଏବଂ ସବୁଆଡୁ ଏହା ସେହି ବ୍ୟକ୍ତିଙ୍କ ଆକୃତିକୁ ଟପି ଉପରକୁ ରହିଥିଲା ପ୍ରାୟ ଏତିକି ପରିମାଣରେ (ଏହା ଶରୀର ଆକୃତିଠାରୁ ପ୍ରାୟ ୨୦ ସେଣ୍ଟିମିଟର ଅଧିକ ରହିଥିବାର ମା' ସୂଚିତ କଲେ ଏକ ଅଙ୍ଗଭଙ୍ଗୀ ଦ୍ୱାରା); ସେ ସେଠାରେ ରହିଥିଲେ ଏବଂ ଏହା ଏହିପରି ଥିଲା (ସେଇ ପୂର୍ବର ଅଙ୍ଗଭଙ୍ଗୀ) । ଏବଂ ତାହାର ବର୍ଣ୍ଣ... ଏହି ବର୍ଣ୍ଣ ଥିଲା... ଯଦି ତାହା ପୂରା ବାସ୍ତବ, ବସ୍ତୁଗତ ରୂପ ନିଏ ତେବେ ସେହି ରଙ୍ଗଟି ହେବ ଅରୋଭିଲ୍‌ର ରଙ୍ଗ (ନାରଙ୍ଗୀ) । ଏହା ଥିଲା ଟିକେ ଝାପ୍‌ସା, ଯେପରିକି କୌଣସି ସୂକ୍ଷ୍ମ ପରଦା ପଛରେ ରହିଛି, ଏହା ପୂରା ସୁନିର୍ଦ୍ଦିଷ୍ଟ ହୋଇ ଦିଶୁ ନଥିଲା, କିନ୍ତୁ ରଙ୍ଗଟି ଥିଲା ସେଇ ରଙ୍ଗ ।... ମୁଣ୍ଡ ଉପରେ କେଶ ରହିଥିଲା କିନ୍ତୁ... ଏହା ଥିଲା ଟିକେ ଅନ୍ୟଧରଣର । ଅନ୍ୟଥର ମୁଁ ବୋଧହୁଏ ଅଧିକ ଭଲ ଭାବରେ ଦେଖି ପାରିବି । କିନ୍ତୁ ଏହା ମୋ ଭିତରେ ଖୁବ୍ ଆଗ୍ରହ ସୃଷ୍ଟି କରିଥିଲା, କାରଣ ସତେ ଯେପରି ସେହି ସତ୍ତା ମୋତେ କହୁଥିଲା, ''ଅତିମାନସ କେଉଁ ଧରଣର ସତ୍ତା ହେବ – ସେ ନେଇ ତ ତୁମେ ବ୍ୟସ୍ତ ଥିଲ, ବର୍ତ୍ତମାନ ଏହା ଦେଖୁଛ ତ, ଏହାହିଁ ସେହି ସତ୍ତା ।'' ଏବଂ ଏହା ସେଠାରେ ରହିଥିଲା । ଏହାହିଁ ଥିଲା ସେହି ବ୍ୟକ୍ତିଙ୍କର ଚୈତ୍ୟସତ୍ତା ।

ସୁତରାଂ ଏହିପରି ଭାବରେ ଆମେ ଜିନିଷଟି ବୁଝୁ । ଏହିପରି ଭାବରେ ଆମେ ବୁଝୁ; ଚୈତ୍ୟସତ୍ତା ନିଜକୁ ବାସ୍ତବ ରୂପ ଦେଇ ବସ୍ତୁଜଗତରେ ପ୍ରକାଶିତ ହେବ ଏବଂ ତାହାହିଁ ହେବ ବିବର୍ତ୍ତନ ବା କ୍ରମ-ପରିମାଣର ଏକ ଧାରାବାହିକତା । ଏହି ସୃଷ୍ଟି ପୂରାପୂରି ଏହି ଅନୁଭବ ଆଣିଦିଏ ଯେ ଏଠାରେ ବାଧ୍ୟତାମୂଳକ ଯଥେଚ୍ଛାଚାର କିଛି ନାହିଁ, ସବୁକିଛି ପଛରେ ଏକ ଦିବ୍ୟଯୁକ୍ତି ରହିଛି ଏବଂ ଏହା ଆମ ମଣିଷମାନଙ୍କ ଯୁକ୍ତି ପରି ନୁହେଁ, ଏହା ଆମର ଯୁକ୍ତିଠାରୁ ଅନେକ ଶ୍ରେଷ୍ଠ, ଅନେକ ମହତ୍ତର – କିନ୍ତୁ ଏକ ଯୁକ୍ତି ରହିଛି ଏବଂ ମୁଁ ଯେତେବେଳେ ତାହା ଦେଖିଲି ତହିଁରେ ମୋର ପୂର୍ଣ୍ଣ ସନ୍ତୋଷ ଆସିଲା ।

ଏହା ପ୍ରକୃତରେ ଖୁବ୍ ଆଗ୍ରହଜନକ ଏବଂ ମୁଁ ଏ ସମ୍ପର୍କରେ ଖୁବ୍ ଆଗ୍ରହାନ୍ୱିତ ହୋଇ ପଡ଼ିଥିଲି । ଏହା ସେଠାରେ ରହିଥିଲା, ସ୍ଥିର ପ୍ରଶାନ୍ତ ଓ ନୀରବ, ଏବଂ ଏହା ମୋତେ କହିଲା, ''ତୁମେ ଖୋଜୁଥିଲ, ଜାଣିବାକୁ ଚାହିଁଥିଲ, ବର୍ତ୍ତମାନ ଏହାକୁ ଦେଖ, ହଁ, ଏହାହିଁ ସେହି ବସ୍ତୁ ।''

ଏବଂ ସେତେବେଳେ ମୁଁ ବୁଝିଲି କାହିଁକି ମନ ଓ ପ୍ରାଣକୁ ମୋର ଏହି ଶରୀରରୁ ବାହାର କରି ନିଆଯାଇଛି, କେବଳ ଚୈତ୍ୟସତ୍ତାକୁ ରଖି ଦିଆଯାଇଛି – ଅବଶ୍ୟ ସ୍ୱାଭାବିକ ଭାବରେ ଏହି ଚୈତ୍ୟସତ୍ତାହିଁ ସବୁ ସମୟରେ ସମସ୍ତ ଗତିବୃତ୍ତିକୁ ଶାସିତ ଓ ପରିଚାଳିତ କରୁଥିଲା, ତେଣୁ ଏଥିରେ ନୂଆ କିଛି ନାହିଁ,

* 'କ' ଜଣେ ମହିଳା ।

କିନ୍ତୁ ଏଣିକି ଆଉ କୌଣସି ଅସୁବିଧା ନାହିଁ : ମନ ଓ ପ୍ରାଣରୁ ଯେଉଁସବୁ ଜଟିଳତା ଆସୁଥିଲା, ପୁଣି ତା' ସଙ୍ଗରେ ସେମାନଙ୍କ ଯେଉଁସବୁ ଛାପ ଓ ପ୍ରବୃତ୍ତିଗୁଡ଼ିକ ମିଶିଯାଉଥିଲା, ବର୍ତ୍ତମାନ ସେସବୁ ଚାଲିଯାଇଛି । ଏବଂ ମୁଁ ବୁଝି ପାରିଲି ଯେ ''ଆଃ, ଏହାହିଁ ସେହି ଜିନିଷ, ଏହି ଚୈତ୍ୟସତ୍ତାକୁହିଁ ଅତିମାନସ ସତ୍ତାରେ ପରିଣତ ହେବାକୁ ହେବ ।''

କିନ୍ତୁ ମୁଁ କେବେ ଜାଣିବାକୁ ଚାହିଁ ନଥିଲି ଏହାର ଚେହେରା ବା ରୂପ କିପରି ହେବ । ମୁଁ ଯେତେବେଳେ 'କ'ଙ୍କୁ ଦେଖିଲି, ମୁଁ ସେତେବେଳେ ବୁଝିପାରିଲି । ମୁଁ ତାହା ଦେଖିଲି, ମୁଁ ବର୍ତ୍ତମାନ ମଧ୍ୟ ତାହା ଦେଖି ପାରୁଛି, ସେଇ ସ୍ମୃତିଟିକୁ ବଜାୟ ରଖିଛି । ମନେ ହେଉଛି ସେହି ମସ୍ତକ ଉପରର କେଶଗୁଡ଼ିକର ରଙ୍ଗ ଥିଲା ଲାଲ (କିନ୍ତୁ ଠିକ୍ ପୂରାପୂରି ସେପରି ନଥିଲା) । ଏବଂ ଏହାର ମୁଖଭାବର ପ୍ରକାଶ, ସେହି ପ୍ରକାଶର ଭାବଭଙ୍ଗୀ ଥିଲା ଏତେ ସୁନ୍ଦର, ମଧୁର ଶ୍ଳେଷମିଶ୍ରିତ ଏତେ ଚମତ୍କାର, ଆଃ, ଅପୂର୍ବ ! ଅସାଧାରଣ ।

ଏବଂ ତୁମେ ବୁଝୁଛ ତ; ମୋର ଆଖି ଖୋଲାଥିଲା, ଏହା ପାଖାପାଖି ଏକ ସ୍ଥୂଳବସ୍ତୁର ଦୃଶ୍ୟପରି ଥିଲା ।

ଏହିପରି ଭାବରେ ଆମେ ବୁଝିଥାଉ । ହଠାତ୍ ମୁହୂର୍ତ୍ତକରେ ସମସ୍ତ ପ୍ରଶ୍ନ କେଉଁଆଡ଼େ ଉଭେଇଗଲା, ସବୁର ମୀମାଂସା ମିଳିଗଲା, ଅତିସ୍ପଷ୍ଟ, ଅତି ସରଳ ।

(*ନୀରବତା*)

ଏବଂ ନିର୍ଦ୍ଦିଷ୍ଟ ଭାବରେ କେବଳ ଚୈତ୍ୟସତ୍ତାହିଁ ତିଷ୍ଠିରହେ । ସୁତରାଂ ଏହା ଯଦି ବସ୍ତୁଗତ ରୂପରେ ସ୍ଥୂଳ ବାସ୍ତବରେ ନିଜକୁ ରୂପାୟିତ କରେ, ତା' ହେଲେ ତା'ର ଅର୍ଥ ହେବ ମୃତ୍ୟୁର ଉଚ୍ଛେଦ । କିନ୍ତୁ 'ଉଚ୍ଛେଦ'... କୌଣସି କିଛିର ଉଚ୍ଛେଦ ହୁଏ ନାହିଁ, କେବଳ ଯାହାକିଛି ଦିବ୍ୟସତ୍ୟ ସଙ୍ଗେ ସଙ୍ଗତି ରଖିପାରେ ନାହିଁ ତାହାକୁହିଁ ବିଦାୟ ନେବାକୁ ପଡ଼େ, ତାହାରହିଁ ଉଚ୍ଛେଦ ହୁଏ... ଯାହାକିଛି ଚୈତ୍ୟସତ୍ତାର ରୂପାଦର୍ଶରେ ନିଜକୁ ରୂପାନ୍ତରିତ କରିବା ପାଇଁ ଅସମର୍ଥ, ଏବଂ ଚୈତ୍ୟସତ୍ତାର ଏକ ପୂର୍ଣ୍ଣାଙ୍ଗ ଅଂଶରେ ପରିଣତ ହେବା ପାଇଁ ଅସମର୍ଥ, ତାହାକୁହିଁ ବିଦାୟ ନେବାକୁ ପଡ଼େ ।

ବାସ୍ତବରେ ଏହା ଖୁବ୍ ଆଗ୍ରହର ବିଷୟ ।

(CWM, Vol. 11, *Notes on the Way*, p. 238 - 239)

*[୧୯୨୦ ମସିହା ଏପ୍ରିଲ ୨୪ ତାରିଖ ଦିନ ଶ୍ରୀମା ଦ୍ୱିତୀୟ ତଥା ଶେଷ ଥର ପାଇଁ ପଣ୍ଡିଚେରୀ ଆସି ସ୍ଥାୟୀ ଅବସ୍ଥାନ କରିଥିଲେ । ପଣ୍ଡିଚେରୀର ନିକଟତର ହେଲାବେଳେ ଜାହାଜ ଉପରେ ତାଙ୍କର ଯେଉଁ ଅନୁଭୂତି ହୋଇଥିଲା ତାହା ସେ ଏପରି ପ୍ରକାଶ କରିଛନ୍ତି : ]*

ଯେତେବେଳେ ଜାପାନରୁ ଆସୁଥିଲି : ମୁଁ ସମୁଦ୍ରରେ ବୋଟ୍ ଉପରେ ଥିଲି । ମୋ ମଧ୍ୟରେ କିଛି ପ୍ରତ୍ୟାଶା ନଥିଲା... ସାମୁଦ୍ରିକ ଦୂରତ୍ୱ ହିସାବରେ ପଣ୍ଡିଚେରୀ ଆଉ ଦୁଇ ମାଇଲ ଅଛି ହଠାତ୍ ଆକସ୍ମିକ ଭାବେ ବାତାବରଣ ଓ ବାୟୁମଣ୍ଡଳର ଗୁଣଧର୍ମ, ଏପରିକି ମୋ ଅନୁଭବରେ ଭୌତିକ ଗୁଣଧର୍ମ ବଦଳିଗଲା । ଏତେ ପରିମାଣରେ ବଦଳିଗଲା ଯେ ଆମେ ଶ୍ରୀଅରବିନ୍ଦଙ୍କ ଜ୍ୟୋତିଃବଳୟ ମଧ୍ୟକୁ ପ୍ରବେଶ କରୁଥିବାର ମୁଁ ଜାଣିପାରିଲି । ଏହା ଏକ ସ୍ଥୂଳ, ବାସ୍ତବ ଅନୁଭୂତି ଥିଲା ଏବଂ ମୁଁ ଏକଥା ଜୋରଦେଇ କହିପାରେ ଯେ ଯେକୌଣସି ବ୍ୟକ୍ତିର ଯଥେଷ୍ଟ ପରିମାଣରେ ଏକ ଜାଗ୍ରତ୍ ଚେତନା ରହିଛି ସେ ସେହି ଏକା କଥା ଅନୁଭବ କରିପାରିବ ।

— ଶ୍ରୀମା

# ଅନ୍ତରସ୍ଥ ଦିବ୍ୟ-ଉପସ୍ଥିତି

## ଶ୍ରୀମା

ଆମ ଭିତରେ ଯାହାକିଛି ଅନ୍ତରସ୍ଥ ଭଗବାନଙ୍କୁ ପୂର୍ଣ୍ଣଭାବରେ ଉତ୍ସର୍ଗୀକୃତ ନ ହୋଇ ରହିଛି ତାହା ଉପରେ ସବୁଆଡ଼େ ଭିଡ଼ ଜମାଇ ରହିଥିବା ନାନା ବସ୍ତୁମାନଙ୍କର ଅଧିକାର ରହିଥାଏ । ଏହି ବସ୍ତୁଗୁଡ଼ିକ ଆମକୁ ଚତୁର୍ଦ୍ଦିଗରେ ଘେରି ରହିଛନ୍ତି ଓ ଭୁଲ୍‌ରେ ଆମେ ଯାହାକୁ 'ଆମେ ନିଜେ' ବୋଲି କହୁ ତାହା ଉପରେ ଏଗୁଡ଼ିକ କ୍ରିୟା କରିଥାଆନ୍ତି ହୁଏତ ଆମର ଇନ୍ଦ୍ରିୟାନୁଭୂତିଗୁଡ଼ିକ ମାଧ୍ୟମରେ କିଂବା ସିଧାସଳଖ ମନକୁ ନାନା ପ୍ରରୋଚନା ଯୋଗାଇ ।

ଏକ ସଚେତ ସତ୍ତା ହେବାର ଏକମାତ୍ର ବାଟ ହେଉଛି ଯଥାର୍ଥରେ ଆମେ ଯାହା, ତାହା ହୋଇଉଠିବା; ସମସ୍ତଙ୍କ ଭିତରେ ଯେଉଁ ଭଗବତ୍ ଆତ୍ମସତ୍ତା ରହିଛି ତାହା ସହିତ ମିଳିତ ହୋଇଯିବା ଓ ଏକ ହୋଇଯିବା । ଏହା କରିବାକୁ ହେଲେ ଏକାଗ୍ରତା ଓ ଅଭିନିବେଶ ସାହାଯ୍ୟରେ ସମସ୍ତ ବାହ୍ୟ ପ୍ରଭାବରୁ ଆମ ନିଜକୁ ପୃଥକ୍ ରଖିବାକୁ ହେବ ।

ତୁମେ ଯେତେବେଳେ ନିଜ ଅନ୍ତରସ୍ଥ ଦିବ୍ୟ-ଉପସ୍ଥିତି ସହ ଏକ ହୋଇଯାଅ, ସେତେବେଳେ ତୁମେ ଅନ୍ୟ ସମସ୍ତ ବସ୍ତୁ ସହ ସେମାନଙ୍କ ସତ୍ତାର ଗଭୀରରେ ଏକ ହୋଇଯାଅ । କେବଳ ଏହାରି ଦ୍ୱାରା ଏବଂ ଏହାରି ମାଧ୍ୟମରେହିଁ ତୁମେ ସେମାନଙ୍କ ସହ ଯଥାର୍ଥ ସମ୍ପର୍କ ସ୍ଥାପନ କର । ସେତେବେଳେ କୌଣସି ଆକର୍ଷଣ ବା ବିକର୍ଷଣର ଭାବ ନ ରଖି ଯାହାସବୁ ସେହି ଦିବ୍ୟ-ଉପସ୍ଥିତିର ନିକଟତର, ତୁମେ ଆପେ ଆପେ ସେଗୁଡ଼ିକର ନିକଟତର ହୁଅ ଏବଂ ଯାହା ସେହି ଦିବ୍ୟ-ଉପସ୍ଥିତିର ଦୂରରେ ତୁମେ ମଧ୍ୟ ସେଗୁଡ଼ିକଠାରୁ ଦୂରେଇ ଯାଅ ।

ଅନ୍ୟମାନଙ୍କ ସଙ୍ଗେ ବାସ କରିବା ବେଳେ ତୁମେ ଯେପରି ବରାବର ଏକ ଦୃଷ୍ଟାନ୍ତ ହୋଇ ରୁହ ଓ ସେମାନେ ଦିବ୍ୟଜୀବନକୁ ବୁଝିବା ପାଇଁ ଓ ସେହି ପଥରେ ପ୍ରବେଶ କରିବା ପାଇଁ ତୁମେହିଁ ଯେପରି ସେମାନଙ୍କ ଆଗରେ ହୋଇଉଠ ସେମାନଙ୍କୁ ମିଳିଥିବା ଏକ ଉପଲକ୍ଷ୍ୟ, ଏକ ସୁଯୋଗ । ଆଉ ଅଧିକ କିଛି ନୁହେଁ; ଏପରିକି ସେମାନଙ୍କୁ ସେହି ପଥରେ ଆଗେଇ ନେବା ପାଇଁ ମଧ୍ୟ ତୁମ ଭିତରେ କୌଣସି ଇଚ୍ଛା ବା ବାସନା ରହିବା ଉଚିତ ନୁହେଁ । କାରଣ ତାହା ହେବ ଏକ ପ୍ରକାର ସ୍ୱେଚ୍ଛାଚାର, ନିଜର ଇଚ୍ଛାକୁ ସେମାନଙ୍କ ଉପରେ ଜାହିର କରିବା ।

ଯେପର୍ଯ୍ୟନ୍ତ ତୁମେ ନିଷ୍ପତ୍ତିମୂଳକଭାବେ ଭିତରର ଦିବ୍ୟସତ୍ୟ ସଙ୍ଗେ ମିଳିତ ନ ହୋଇଛ, ସେପର୍ଯ୍ୟନ୍ତ ବାହାର ସଙ୍ଗେ ତୁମ ସମ୍ପର୍କ ରଖିବାର ସର୍ବୋତ୍ତମ ପନ୍ଥା ହେଉଛି ସେହିମାନଙ୍କର ସର୍ବସମ୍ମତ ଉପଦେଶକୁ ମାନିଚାଲିବା, ଯେଉଁମାନେ ନିଜେ ଅନ୍ତରସ୍ଥ ସେହି ଦିବ୍ୟସତ୍ୟ ସହ ଏକ ଓ ମିଳିତ ହୋଇଯିବାର ଉପଲବ୍ଧି ପାଇ ସାରିଛନ୍ତି ।

ନିରନ୍ତର ଏକ ଉଦାର ସଦିଚ୍ଛାର ଭାବ ପୋଷଣ କରିବାକୁ ହେବ ନିଜ ପାଇଁ ସର୍ବଦା ଏହି ଆଚରଣବିଧି ସ୍ଥିର କରି । ଯେକୌଣସି ବିଷୟରେ ନିଜେ ଯେପରି କଷ୍ଟ ନ ପାଅ, ବିବ୍ରତ ବା ବିକ୍ଷୁବ୍ଧ ନ ହୁଅ ଏବଂ ଅନ୍ୟମାନଙ୍କର ବିବ୍ରତ ବିକ୍ଷୁବ୍ଧ ହେବାର କାରଣ ନ ହୁଅ । ଯେତେଦୂର ସମ୍ଭବ ଯେପରି ତୁମଠାରୁ ଅନ୍ୟମାନଙ୍କର କୌଣସି ଦୁଃଖ ଓ କ୍ଲେଶଭୋଗ ନ ଆସେ । ❖

# ଶ୍ରୀଅରବିନ୍ଦଙ୍କ ସହ ସାନ୍ଧ୍ୟ-ବୈଠକ

## ଏ. ବି. ପୁରାଣୀ

**ସାନ୍ଧ୍ୟ ବୈଠକ :**
**୧୪.୮.୧୯୨୬**

ଶିଷ୍ୟ : ସୌନ୍ଦର୍ଯ୍ୟ କଳା-କୃଷ୍ଟି ସମର୍ଥକ ବ୍ୟକ୍ତି ଓ ଚୈତ୍ୟ-ବ୍ୟକ୍ତି ମଧ୍ୟରେ କିଛି ସମ୍ବନ୍ଧ ଥାଇପାରେ କି ?

ଶ୍ରୀଅରବିନ୍ଦ : ସୌନ୍ଦର୍ଯ୍ୟଭାବ ଥିବା ବ୍ୟକ୍ତିର ନିଶ୍ଚୟ କିଛି ପରିମାଣରେ ସୌନ୍ଦର୍ଯ୍ୟ-ବୋଧ ରହିଥାଏ । ଚୈତ୍ୟଭାବ ରହିଥିବା ବ୍ୟକ୍ତିର ବି କିଛି ପରିମାଣରେ ସୌନ୍ଦର୍ଯ୍ୟ-ବୋଧ ରହିଥାଏ । ଏଇ ଭାବଗତ ସାମ୍ୟତାର ଉର୍ଦ୍ଧ୍ୱରେ ଆଉ କିଛି ଅଧିକ ସମ୍ବନ୍ଧ ରହିବା ଦରକାର ଏ ଦୁଇ ବ୍ୟକ୍ତିତ୍ୱ ଭିତରେ କି !

ସୌନ୍ଦର୍ଯ୍ୟବାଦୀ ବ୍ୟକ୍ତି ପ୍ରାଣିକ ଜଗତରୁ ପ୍ରଭାବିତ ହୁଏ । ଯଦି କୌଣସି ବ୍ୟକ୍ତି ରୂପ, ଆକାର, ରେଖା ଆଦିକୁ ନେଇ କେବଳ ସେଗୁଡ଼ିକର ପ୍ରଭୁ ମାତ୍ର ହୋଇ ରହୁ ନଥାଏ, ସେହି ସୌନ୍ଦର୍ଯ୍ୟବାଦୀ ଦେଖିପାରିବ ଆକୃତିର ସୌନ୍ଦର୍ଯ୍ୟ ଆଉକିଛି ଅଭିବ୍ୟକ୍ତ କରୁଛି । ସେଇ ବ୍ୟକ୍ତି ଆକୃତିର ଓ ରେଖାଚିତ୍ରର ଶୋଭା ଦେଖେ ଏବଂ ତହିଁରୁ ନିଃସୃତ ଆଉ କିଛି ବିଶେଷ ଜିନିଷର ସୌନ୍ଦର୍ଯ୍ୟ ମଧ୍ୟ ଦେଖେ । ସେ ଜାଗାରେ ଚୈତ୍ୟ-ବ୍ୟକ୍ତିତ୍ୱ ଦେଖେ ଅନ୍ତରାତ୍ମାର ଶୋଭା । ସାଧାରଣତଃ ଲୋକେ ଭାବନ୍ତି ଚୈତ୍ୟଭୂମିରେ ବାସକରୁଥିବା ବ୍ୟକ୍ତିର ସୌନ୍ଦର୍ଯ୍ୟ ବୋଧ ନଥାଏ । ବରଂ ଏହାର 'ଆକର୍ଷଣକାରିତା' ରହିଥାଏ — ଏକ ଅନ୍ତର ମୋହକାରିତା — ଯାହା ଅନ୍ତରାତ୍ମାର ସୌନ୍ଦର୍ଯ୍ୟ । ମାତ୍ର ତା'ସହିତ ରୂପଗତ ଶୋଭା ରହିଥିବା ଯେ ଦରକାର ସେପରି କିଛି କଥା ନାହିଁ — ଯଦିଓ କେଉଁ କେଉଁ କ୍ଷେତ୍ରରେ ତାହା ରହିପାରେ । ଜଣେ ବ୍ୟକ୍ତି ଯାହାର ଏକ ଚମତ୍କାର ଅନ୍ତରାତ୍ମା ଅଛି, ସେ ସୁନ୍ଦର ନ ହୋଇଥାଇପାରେ ।

ଶିଷ୍ୟ : ଯେଉଁ ବ୍ୟକ୍ତିର ଆତ୍ମାର ଆଭିଜାତ୍ୟ ରହିଛି, ତା'ର ନିଜସ୍ୱ ଭୌତିକ ସୁନ୍ଦରତା ପ୍ରକଟିତ ହୋଇଉଠେ ନାହିଁ କି ?

ଶ୍ରୀଅରବିନ୍ଦ : ଏପରି ହେବା ଉଚିତ; ମାତ୍ର ଜୀବନର ସବୁ କ୍ଷେତ୍ରରେ ଏପରି ଘଟି ନଥାଏ । ଜଣେ ବ୍ୟକ୍ତିର ଆତ୍ମିକ-ଆଭିଜାତ୍ୟ ସକ୍ରେଟିସ୍‌ଙ୍କ ଭଳି ଉଦାର ହୋଇଥାଇପାରେ, ମାତ୍ର ସେତିକି ପରିମାଣରେ ତା'ର ଚେହେରା ଅସୁନ୍ଦର ବି ହୋଇପାରେ ।

ଶିଷ୍ୟ : ପିଲାମାନେ ପ୍ରାୟଶଃ ସମସ୍ତେ ସର୍ବଦା ସୁନ୍ଦର ଦେଖାଯା'ନ୍ତି ।

ଶ୍ରୀଅରବିନ୍ଦ : ସେମାନଙ୍କଠାରେ ଯାହା ଥାଏ, ତାହା ସେମାନଙ୍କର ପ୍ରାଣଗତ ଔଜ୍ଜ୍ୱଲ୍ୟ ।

ଶିଷ୍ୟ : ଚୈତ୍ୟଗତ ସୌନ୍ଦର୍ଯ୍ୟର କ'ଣ କୌଣସି ବିଶେଷ ବର୍ଣ୍ଣ ବା ରେଖା ଅବା ଏ ଧରଣର ଅନ୍ୟ କିଛି ବୈଶିଷ୍ଟ୍ୟ ରହିଛି ?

ଶ୍ରୀଅରବିନ୍ଦ : ଚୈତ୍ୟଗତ ସୌନ୍ଦର୍ଯ୍ୟ ନିଜକୁ କଳାକୃଷ୍ଟିର (asthetic) ସୌନ୍ଦର୍ଯ୍ୟ ଭଳି ପ୍ରକଟ କରେନି ଯେଉଁଥିରେ ବର୍ଣ୍ଣ ଓ ରେଖା ମାଧ୍ୟମରେ ନିଜକୁ ତାହା ପରିପ୍ରକାଶ କରେ । ଏଇ ଚୈତ୍ୟଭାବସମ୍ପନ୍ନ ସୌନ୍ଦର୍ଯ୍ୟ ସେଗୁଡ଼ିକଠାରୁ ସଂପୂର୍ଣ୍ଣ ପୃଥକ୍ । ଏହାର କମନୀୟତା ଓ ଆକର୍ଷଣକାରିତା କିଛି ପରିମାଣରେ କଳ୍ପନାତୀତ, ଯଦିବା ଏହା ସେସବୁ ମାଧ୍ୟମରେ ନିଜକୁ ପ୍ରକଟ କରେ ।

ଶିଷ୍ୟ : ତା' ଅର୍ଥ ଚୈତ୍ୟଗତ ସୌନ୍ଦର୍ଯ୍ୟରେ ସୌକୁମାର୍ଯ୍ୟ ରହିଥାଏ ।

ଶ୍ରୀଅରବିନ୍ଦ : ମୋ ମୁଖର ପ୍ରତିଟି ଶବ୍ଦକୁ ତୁମେ ଯଦି ଏମିତି ଧରିବ, ତା'ହେଲେ ତୁମେ ମୋର କହୁଥିବା କଥାରୁ ଭୁଲ୍ ଅର୍ଥ ବାହାର କରିବ । ପ୍ରାଣିକ ସୌନ୍ଦର୍ଯ୍ୟର ମଧ୍ୟ ସୌକୁମାର୍ଯ୍ୟ ଅଛି, ତେବେ ଏହା ଠିକ୍ ସେପରି ନୁହେଁ । କେତେବେଳେ କେମିତି ଏକ ଚାହାଣି ଅବା ଏକ ସ୍ମିତହାସ୍ୟ ଯାହା ଫୁଟାଇ ଦିଏ ତାହା ଚୈତ୍ୟ-ଭାବଗତ ସୁନ୍ଦରତା, ପ୍ରାଣଗତ ନୁହେଁ ।

ହଁ, କେତୋଟି ପୁଷ୍ପ ରହିଛି ଯେଉଁଥିରେ ଚୈତ୍ୟଗତ ଶୋଭା ରହିଥାଏ; ଦୃଷ୍ଟାନ୍ତ ସ୍ୱରୂପ : (ଯୂଇ ଫୁଲ) ବା ମଲ୍ଲୀ ଫୁଲର ଚୈତ୍ୟିକ ସୁନ୍ଦରତା ରହିଛି ।

ଶିଷ୍ୟ : ପୁଷ୍ପର ସୌନ୍ଦର୍ଯ୍ୟ ରହିଛି ଜଣାଥିଲା, କିନ୍ତୁ ସେଗୁଡ଼ିକ ଭିତରୁ କେତୋଟି ଫୁଲ ଚୈତ୍ୟିକ ସୌନ୍ଦର୍ଯ୍ୟର ଅଧିକାରୀ ସେକଥା ନୂଆ କରି ଜାଣିଲି ।

ଶ୍ରୀଅରବିନ୍ଦ : ହଁ, ସେଇ ସୌନ୍ଦର୍ଯ୍ୟ ପୁଷ୍ପର ଆତ୍ମାରେ ନିହିତ ଅଛି ।

ଶିଷ୍ୟ : ଫୁଲର ଆତ୍ମା !

ଶ୍ରୀଅରବିନ୍ଦ : ମୁଁ ଜାଣେ ତୁମକୁ ଏହା ଆଶ୍ଚର୍ଯ୍ୟ

ଲାଗୁଥିବ । ତୁମେ ଭାବୁଛ ଫୁଲସବୁ ଆତ୍ମାବିହୀନ ? ଏଥିରୁ ପୁଣିଥିରେ ବୁଝା ପଡୁଛି ମଣିଷର ଅଜ୍ଞତା, ଯାହା ତାକୁ ଏ ସୃଷ୍ଟିର ଶ୍ରେଷ୍ଠ ସର୍ଜନା ବୋଲି ଅହଂକାର ଯୋଗାଉଛି । ଅନେକ କୁକୁରଙ୍କର ଯଥେଷ୍ଟ ମାର୍ଜିତ ଚୈତ୍ୟସତ୍ତା ରହିଛି ଯାହା ଅନେକ ମନୁଷ୍ୟଙ୍କ ଚୈତ୍ୟସତ୍ତା ଅପେକ୍ଷା ଉନ୍ନତ !

ପଶୁମାନଙ୍କର ଭଲ ପାଇବାରେ ଏକ ଚୈତ୍ୟଭାବ ରହିଛି ବୋଲି ମୁଁ କହିଲେ କ'ଣ ତୁମେ ବିଶ୍ୱାସ କରିବ ? ଆମ ବିରାଡ଼ି Big boyର କଥା ନିଆଯାଉ, ଯେତେବେଳେ ସେ Bite-Biteକୁ ନିଜ ଭଲପାଇବା ଦେଖାଏ ସେ ଭଲ ପାଇବା ଶାରୀର ସ୍ତରର; ଯେତେବେଳେ ସେ Babyକୁ ତା'ର ଭଲ ପାଇବା ଜଣାଏ ସେତେବେଳେ ସେ ପ୍ରାଣଗତ ହୋଇଯାଏ; ଯେବେ ସେ Mimiକୁ ଭଲପାଏ, ସେତେବେଳେ ତା'ର ଭଲ ପାଇବା ହୋଇଯାଏ ଭାବପ୍ରବଣ ଓ କୋମଳତାପୂର୍ଣ୍ଣ; ପୁଣି ଯେବେ ସିଏ Girlyକୁ ଭଲ ପାଇବା ଦେଖାଏ ସେ ପୂରା ଚୈତ୍ୟସ୍ତରରେ ରହି ଭଲପାଏ !

ଶିଷ୍ୟ : ତା'ହେଲେ ମଣିଷକୁ କାହିଁକି ସୃଷ୍ଟି ରଚନାରେ ଉଚ୍ଚତମ ପର୍ଯ୍ୟାୟର ବୋଲି କୁହାଯାଏ ?

ଶ୍ରୀଅରବିନ୍ଦ : ମନୁଷ୍ୟର ଅହଂଗତ ଅଜ୍ଞାନହିଁ ତାକୁ ଏପରି ଭାବିବାକୁ ପ୍ରବର୍ତ୍ତାଉଛି । ସେ ଉଚ୍ଚତର ଜୀବ ବୋଲି ଏଇ କାରଣରୁ କୁହାଯାଏ ଯେ ତା' ଭିତରେ ଦିବ୍ୟଜୀବନ ପ୍ରକାଶ କରିବାର ସମ୍ଭାବନା ଅଛି । ତୁମେ ଏପରି କଥା ବି କହିପାର ଯେ ନିଜ ଭିତରେ ସେ ମନର ବିକାଶ କରିଛି ଏବଂ ଏଇ ମନ ଉଚ୍ଚତର ଯେହେତୁ ବିବର୍ତ୍ତନ ଲାଗି ମଣିଷକୁ ଅଧିକ ବିକଶିତ ହେବା ପାଇଁ ସୁଯୋଗ ଦିଏ । କିନ୍ତୁ ଏହା ଯେ ସର୍ବଦା ସେଇ ପଥଦେଇ ନେଇଥାଏ ଏମିତି କିଛି କଥା ନାହିଁ । ସେ ଯେହେତୁ ମାନସିକତା-ସମ୍ପନ୍ନ ବ୍ୟକ୍ତି ତେଣୁ ସେ ନିଜର ବିବର୍ତ୍ତନ ନିମନ୍ତେ ମନକୁ ଉପଯୋଗ କରିଆସିଛି । ଠିକ୍ ସେଇପରି ଭାବରେ ଯେହେତୁ ମଣିଷର ମନ ରହିଛି, ସଇତାନ ହୋଇ ଉଠିବାର ଅସୀମ ସାମର୍ଥ୍ୟ ବି ତା'ର ରହିଛି । ତା' ଭିତରର ସଇତାନ ନିମନ୍ତେ ସେ ତା' ମନକୁ ସହାୟକ ଭାବରେ କାମରେ ଲଗାଏ ଏବଂ ତା'ର 'ମନ' ବୋଲି ଜିନିଷଟିକୁ ଯେତେବେଳେ ତା'ର ପ୍ରାଣସତ୍ତାର ସର୍ବପ୍ରକାର ସେବାରେ ନିଯୁକ୍ତ କରେ, ସେତେବେଳେ ସଇତାନ ବି ଏତେ ଭୟାନକ ହୋଇଉଠି ପାରିବନି, ଯେତେ ଭୟାନକ ମଣିଷ ହୋଇପାରେ ।

ଶିଷ୍ୟ : ତା' ଅର୍ଥ ଅସୀମ ସମ୍ଭାବନା ତା'ର ରହିଛି ! ଉଭୟ ଦିଗରେ – ଦିବ୍ୟତାର ପଥରେ, ପୁଣି ସଇତାନୀ କାରବାରରେ !

ଶ୍ରୀଅରବିନ୍ଦ : ଏହା ମଣିଷର ଅହଂସର୍ବସ୍ୱ ଅଜ୍ଞାନ ଯାହା ତାକୁ ଭାବିବାକୁ ପ୍ରବର୍ତ୍ତାଉଛି ଯେ ସୃଷ୍ଟିରେ ସେ ମହତ୍ତମ ପ୍ରାଣୀ ।

ଶିଷ୍ୟ : କିନ୍ତୁ, ଏସବୁ ସତ୍ତ୍ୱେ ବି ମନୁଷ୍ୟ-ଶରୀର ଓ ପଶୁ-ଶରୀର ଭିତରେ ଅନେକ ପାର୍ଥକ୍ୟ ରହିଛି ।

ଶ୍ରୀଅରବିନ୍ଦ : ସେତିକି ମାତ୍ର; ମାତ୍ର ତାହା ଏପରି କିଛି ନୁହେଁ ଯାହାକୁ ନେଇ ତୁମେ ବିଶେଷ କିଛି ବାହାର କରିପାରିବ ।

ଶେଷରେ, ମଣିଷର ଦେହ ଓ ପଶୁର ଦେହ – ଏ ଦୁଇଟି ମଧ୍ୟରେ ଏପରି ବେଶୀ କ'ଣ ପାର୍ଥକ୍ୟ ରହିଛି ? ତୁମେ ଯଦି ଯତ୍ନର ସହ ଲକ୍ଷ୍ୟ କରିବ, ତୁମେ ଦେଖିବାକୁ ପାଇବ ଯେ ତୁମେ କେବଳ ଲାଙ୍ଗୁଡ ଛାଡ଼ି ଆସିଛ ଓ ଚାରିଗୋଡ଼ରେ ଚାଲିବା ବଦଳରେ ତୁମେ ଦୁଇଟିହିଁ ବ୍ୟବହାର କର ଏବଂ ଅନ୍ୟ ଦୁଇଟିକୁ ହାତରେ ବଦଳାଇ ଦେଇଛ । ମସ୍ତିଷ୍କରେ ଅଳ୍ପ କିଛି ଅଥଚ ଅତି ପ୍ରମୁଖ ପରିବର୍ତ୍ତନ ଘଟିଛି ଏବଂ ଏଠି-ସେଠି କିଛିଟା ବଦଳିଛି । ତୁମେ ଖାଲି ପଶୁର ଚମଡ଼ା ଉପରର ଲୋମ ଓ ଶିଙ୍ଗ ଏତିକିମାତ୍ର ଛାଡ଼ି ଆସିଛ ପଛରେ ।

ଶିଷ୍ୟ : ସବୁଲୋକ ଛାଡ଼ି ନାହାନ୍ତି ! 'କ'ଙ୍କର ଏବେ ବି ଦେହରେ ଅନେକ ଲୋମ ରହିଛି । (ହାସ୍ୟ)

ଶ୍ରୀଅରବିନ୍ଦ : ସ୍ଥୂଳ ଶରୀର ଦୃଷ୍ଟିରୁ ଦେଖିଲେ ବିଶେଷ ବା ବଡ଼ ଧରଣର କିଛି ପରିବର୍ତ୍ତନ ଘଟି ନାହିଁ ଯାହା ପଶୁଠାରୁ ମନୁଷ୍ୟକୁ ତଫାତ୍ କରିବ !

ନା, ସେସବୁ ବିଷୟ ମାନୁଷୀ ମୂର୍ଖତା ମାତ୍ର ! ମନୁଷ୍ୟର ଚେତନା ମହତ୍ତର ଏଇ କାରଣରୁ ଯେ ସେ ଅନ୍ୟ ଊର୍ଦ୍ଧ୍ୱତର ବସ୍ତୁ ପ୍ରତି ନିଜକୁ ଖୋଲିପାରେ ଏବଂ ସଚେତନଭାବେ ମାନସ ଚେତନାର ଉପରକୁ ଉଠିପାରେ ଓ ଏଇଠାରେ, ଏଇ ଧରାପୃଷ୍ଠରେ ଦିବ୍ୟଜୀବନ ବଞ୍ଚିପାରେ ।

ଶିଷ୍ୟ : ଆପଣ ଏଇକ୍ଷଣି ଟିକିଏ ଆଗରୁ କହିଲେ ମଲ୍ଲି ଫୁଲଟି ଚୈତ୍ୟଭାବାପନ୍ନ – ସେଇ ଭାବ କ'ଣ ତା'ର ଆକାରରେ ନା ବର୍ଣ୍ଣରେ ନା ଗନ୍ଧରେ ନିବସିତ, କେଉଁଥିରେ ଅଛି ସେ ଭାବ ?

ଶ୍ରୀଅରବିନ୍ଦ : ନା, ମୁଁ ଫୁଲର ଏଇସବୁ ବାହ୍ୟ ଜିନିଷରେ ପୁଷ୍ପର ଚୈତ୍ୟଗତ ସୌନ୍ଦର୍ଯ୍ୟର ବିଷୟ ଉତ୍ଥାପନ କରି ନଥିଲି । ମନ ପକ୍ଷରେ ସେଇ ସୌନ୍ଦର୍ଯ୍ୟର ଧାରଣା କରିବା ଅତି କଷ୍ଟକର ।

ଶିଷ୍ୟ : ଗୋଲାପ ଫୁଲ ଭିତରେ ଆପଣ କ'ଣ ଦେଖନ୍ତି ?

ଶ୍ରୀଅରବିନ୍ଦ : ଗୋଲାପ ଫୁଲ ? ତାହା ବେଶ୍

ଭଲଭାବେ ପ୍ରାଣିକ; ତା'ର ଅନ୍ତରାତ୍ମା ଫୁଲର ରୂପ ଓ ଆକାର ଭିତରେ ଯେମିତି କେଉଁଠି ହଜି ଯାଇଛି ।

ଶିଷ୍ୟ : ଆଉ ପଦ୍ମ ଫୁଲ ?

ଶ୍ରୀଅରବିନ୍ଦ : ପଦ୍ମ, ନିଶ୍ଚିତ ଭାବେ ଫୁଲ ହିସାବରେ ଏକ ରୂପକ । ଆମ ଆନ୍ତରସତ୍ତା ଉଚ୍ଚତର ସତ୍ୟ ଦିଗରେ ଉନ୍ମୀଳିତ ହେବା, ଏଇ ବିଷୟଟିର ପ୍ରତିନିଧିତ୍ୱ କରେ ପଦ୍ମଫୁଲ । ଏକଥା ବି ତୁମେ ଦେଖିଥିବ ଯେ କମଳ ପୁଷ୍ପ ଗୋଟିଏ ରହସ୍ୟବାଦୀ-ପୁଷ୍ପ । (mystic flower)

ଶିଷ୍ୟ : ଭାରତର କଳାକୃତିରେ ଆପଣଙ୍କ ନଜରରେ ଏମିତି କିଛି ଚିତ୍ରକଳା କେଉଁଠି ପଡ଼ିଛି ଯାହାର ଉତ୍ସ ଚୈତ୍ୟ-ପ୍ରେରଣା, ଏପରି ଆପଣଙ୍କର ବୋଧ ହୋଇଛି କି ?

ଶ୍ରୀଅରବିନ୍ଦ : ମୋର ଏଇକ୍ଷଣି ମନେପଡୁ ନାହିଁ, ତେବେ ମୁଁ କେଉଁଠି କେଉଁଠି ଲକ୍ଷ୍ୟ କରିଛି । ତୁମେ ନନ୍ଦଲାଲ ବୋଷଙ୍କର 'ପଥହରା' ଦେଖିଛ କି ?— ଗୋଟିଏ ଗାଈ ଉପରେ ଅଙ୍କିତ ସେ ଛବି ।

ଶିଷ୍ୟ : ହଁ ।

ଶ୍ରୀଅରବିନ୍ଦ : ସେଇ ଚିତ୍ରରେ ସେଭଳି କିଛି ରହିଛି ଏବଂ ଅବନୀନ୍ଦ୍ରନାଥଙ୍କର ଆଉ ଗୋଟିଏ ଚିତ୍ର ବି ସେଇ ଧରଣର – ମୋର ଏବେ ମନେପଡୁ ନାହିଁ । କିନ୍ତୁ ସାଧାରଣ ଭାବରେ ଦେଖିଲେ ଅବନୀନ୍ଦ୍ରନାଥ ପ୍ରାଣସ୍ତରରୁହିଁ ତାଙ୍କର ଅନୁପ୍ରେରଣା ପାଇଥା'ନ୍ତି ।

ଶିଷ୍ୟ : ଚିତ୍ରାଙ୍କନର କ୍ଷେତ୍ରରେ ମାନସିକ ସୌନ୍ଦର୍ଯ୍ୟ ବୋଲି କିଛି ଅଛି କି ?

ଶ୍ରୀଅରବିନ୍ଦ : ନା, ସେଇ କାରଣରୁ ଏହା ଜାଣିବା କଠିନ ଯେ ଚୈତ୍ୟଗତ ସୌନ୍ଦର୍ଯ୍ୟ କି ପ୍ରକାର । ଯେତେବେଳଯାଏଁ ତୁମେ ତୁମ ଆତ୍ମା ଦେଇ ତାହାକୁ ଅନୁଭବ ନ କରିଛ ବୁଝିପାରିବନି । ଉଦାହରଣ ସ୍ୱରୂପ, ତୁମେ ବହି ପଢୁ ପଢୁ ଗୋଟିଏ ଅନୁଚ୍ଛେଦ ପାଖରେ ପହଞ୍ଚିଲ ଏବଂ ତତ୍‌କ୍ଷଣାତ୍ ଚମକୃତ ହୋଇ କହିବସିଲ : 'କେଡ଼େ ସୁନ୍ଦର !' ହଁ, ତାହାହିଁ ମାନସିକ ସୌନ୍ଦର୍ଯ୍ୟ, ମାତ୍ର ତାହାକୁ ଚୈତ୍ୟ-ସୌନ୍ଦର୍ଯ୍ୟ କୁହାଯିବ ନାହିଁ ! ପୁଣି, ଜଣେ ଲୋକର ମୁଖମଣ୍ଡଳ ବୌଦ୍ଧିକ ଉତ୍କର୍ଷତାର ଆଭା ପ୍ରକଟ କରୁଛି ମାତ୍ର ସେଠାରେ ଆଉ ଚୈତ୍ୟିକ ସୁନ୍ଦରତା ପ୍ରକଟ ହେଉନି : ଯାହା ଜଣା ପଡୁଛି ସେଇଟି ବୌଦ୍ଧିକ ଉଜ୍ଜ୍ୱଳତାର କାରଣରୁ ।

ଶିଷ୍ୟ : ଜଣେ ବ୍ୟକ୍ତି କ'ଣ ତା' ଭିତରେ ଚୈତ୍ୟ-ସତ୍ତାର ବିକାଶ ନ ହୋଇଥିଲେ ବି ଚୈତ୍ୟିକ ସୌନ୍ଦର୍ଯ୍ୟକୁ ବୁଝିନେଇ ପ୍ରଶଂସା କରିପାରିବ ?

ଶ୍ରୀଅରବିନ୍ଦ : ତୁମେ କ'ଣ କହିବାକୁ ଚାହଁ ? ପ୍ରତିଟି ବ୍ୟକ୍ତି ଚୈତ୍ୟ-ସତ୍ତାସମ୍ପନ୍ନ ।

ଶିଷ୍ୟ : କିନ୍ତୁ କ୍ଷେତ୍ରବିଶେଷରେ ଯଦି ଚୈତ୍ୟ-ସତ୍ତା ସେପରି ଶକ୍ତିମାନ୍ ହୋଇ ନଥାଏ, ତେବେ ?

ଶ୍ରୀଅରବିନ୍ଦ : ହୁଏତ ମନୋମୟ କିଂବା ପ୍ରାଣମୟ ସତ୍ତାକୁ ତାହା ପ୍ରଭାବିତ କରିପାରିବ ନାହିଁ, ତେବେ ତା' ସହିତ ଚୈତ୍ୟ ଅନୁଭବ ରହିଥାଇପାରେ ଏବଂ ଏମିତି ବ୍ୟକ୍ତି ମଧ ରହିଛନ୍ତି ଯାହାଙ୍କ ଜୀବନରେ ଏଇ ଚୈତ୍ୟସତ୍ତା ହେତୁ ବିଶେଷ ଅନୁଭୂତି ଆସିଥାଏ । ତା' ଜୀବନ ଚୈତ୍ୟଭାବ ଦ୍ୱାରା ପ୍ରଭାବିତ ।

ଶିଷ୍ୟ : ସୌନ୍ଦର୍ଯ୍ୟପୂର୍ଣ୍ଣ ବସ୍ତୁ ମଣିଷଠାରେ ଆଧାତ୍ମିକ ବିକାଶ ନେଇ ଆସିବାରେ କି ପ୍ରକାର ସାହାଯ୍ୟ କରେ ?

ଶ୍ରୀଅରବିନ୍ଦ : ଆଧାତ୍ମିକ ବିକାଶ କହିଲେ ତୁମେ କ'ଣ ବୁଝୁଛ, ତା' ଉପରେ ଏହା ନିର୍ଭର କରୁଛି । ଅନ୍ୟାନ୍ୟ ଜିନିଷ ମଣିଷର ସମୃଦ୍ଧିରେ ଯେମିତି ସାହାଯ୍ୟ କରେ ଏହା ବି ସେଇଭଳି କରେ । ସୌନ୍ଦର୍ଯ୍ୟ-ବୋଧର କୃଷ୍ଟି ମନୋବୃତ୍ତିକୁ ମାର୍ଜିତ କରେ । ମାର୍ଜିତ ମନୋଭାବ ଥିଲେ ବ୍ୟକ୍ତିତ୍ୱରେ ପରିଶୁଦ୍ଧ ଆଣିବା ଅପେକ୍ଷାକୃତ ସହଜ ହୁଏ ଯାହା ଅମାର୍ଜିତ ମନୋଭାବ ପକ୍ଷରେ କଷ୍ଟକର । ଏଇ ବିଷୟଟି ମହାତ୍ମାଗାନ୍ଧି ଉପଲବ୍ଧି କରିନଥିଲେ ଯଥା : ଚରିତ୍ରରେ ସୌନ୍ଦର୍ଯ୍ୟବୋଧର ବିକାଶ ଚାରିତ୍ରିକ ପରିପୂର୍ଣ୍ଣତାର ଏକ ବିଶେଷ ଅଙ୍ଗ ଅନ୍ୟାନ୍ୟ ଜିନିଷ ପରି । କେବଳ ସେତିକି ମାତ୍ର ନୁହେଁ; ମନୁଷ୍ୟ ଯଦି ତା'ର ପ୍ରଗତିରେ ସୌନ୍ଦର୍ଯ୍ୟବୋଧର ବିକାଶକୁ ସାଙ୍ଗରେ ନ ନିଏ, ତା'ହେଲେ ସୌନ୍ଦର୍ଯ୍ୟକୁ ମାଧ୍ୟମ କରି ଯେଉଁ ପଥ ଭଗବାନଙ୍କ ଆଡ଼କୁ ରହିଛି ସେଇଟି ବାଦ୍‌ଦେବା ଫଳରେ ଅପୂର୍ଣ୍ଣ ରହିଯାଏ ।

ଶିଷ୍ୟ : କିଛିଦିନ ଆଗରୁ ଆପଣ କହିଥିଲେ ଯେ ଅତିମାନବ ସର୍ବଦା ତରୁଣ ଦେଖାଯିବ, ଯେମିତି ସେ ୧୮ ବର୍ଷ ବୟସରେ ଅଛି ।

ଶ୍ରୀଅରବିନ୍ଦ : ମୁଁ ଏକଥା କହିଥିଲି ? ମୁଁ କହିବାକୁ ଚାହିଁଥିଲି ତା' ଉପରେ ବୟସର ଛାପ ରହିବ ନାହିଁ – ତା' ଅର୍ଥ, ତା'ର ଦେହ କୌଣସି ବି ବୟସର ଛାପ ବହନ କରିବ ନାହିଁ ।

(୨ୟ ଭାଗ ପୃଷ୍ଠା ୨୩୬, 'Psychology'ରୁ ଗୃହୀତ)

ଅନୁବାଦ : କୃଷ୍ଣା ଦେବୀ ✤

সংস্কৃতি-কলা-সাহিত্য-বিজ্ঞান

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ତଥାପି ଏଥିରେ ଏକ ପନ୍ଥା ରହିଛି

ଭାରତୀୟ ''ନରମପନ୍ଥୀ'' ରାଜନୀତିଜ୍ଞ ଅଭିଳାଷ ପୋଷଣ କରେ ଜଣେ ରାଜକୀୟ ନାଗରିକ ହୋଇ ରହିବା ପାଇଁ । ତା'ର ଉଚ୍ଚାଭିଳାଷ ପରିଶେଷରେ ତା'ର ''ଔପନିବେଶିକ ଭ୍ରାତା'' ସହ ସମାନସ୍ତର ପ୍ରାପ୍ତି ପର୍ଯ୍ୟନ୍ତ ଅନ୍ୱେଷା ହୋଇଥିବା ପରି ଦର୍ଶାଇ ଦିଆଯାଇଛି । ତା'ର ଆନୁଗତ୍ୟ ତାକୁ ଟାଣି ଆଣେ ସାମ୍ରାଜ୍ୟ ନିକଟକୁ ଏବଂ ତା' ରାଜନୀତି ତାକୁ ଆକର୍ଷିତ କରେ ସ୍ୱାୟତ୍ତଶାସନ ଆଡ଼କୁ ଓ ପରିଣାମତଃ ସାମ୍ରାଜ୍ୟର ପରିସର ଭିତରେହିଁ ସ୍ୱାୟତ୍ତ-ଶାସନର ପ୍ରତିଷ୍ଠାକୁ । ସାମ୍ରାଜ୍ୟ ମଧ୍ୟରେ ସ୍ୱାୟତ୍ତ-ଶାସନର ପ୍ରତିଷ୍ଠା ସକାଶେ ଉପନିବେଶମାନଙ୍କୁ ଅନୁମତି ମିଳିଛି ଓ ତା' ପଛକୁ ଆସୁଛି ଏଇ କଥାଟି ବେଶ୍ ନ୍ୟାୟସଙ୍ଗତ ଭାବେ, ଯଦି ଭାରତୀୟମାନେ ଖାଲି ବାରଂବାର ଚେଷ୍ଟାପରେ ଚେଷ୍ଟା କରିଚାଲନ୍ତି ସେମାନେ ମଧ୍ୟ ସେମାନଙ୍କ ଲକ୍ଷ୍ୟ ପୂରଣ କରିନେବେ ଯେପରି ଏକା ମାଡ଼କେ ଦୁଇଟି ଚଢ଼େଇ ଶିକାର ହୋଇପାରିବେ, କାରଣ ଅଧ୍ୟବସାୟ ପାଖରେ ଅସାଧ୍ୟ ବୋଲି କିଛି ନାହିଁ । ଶାସନ ଗାଦିରେ ଉପବିଷ୍ଟ ବ୍ୟକ୍ତି-ବିଶେଷଗଣ ଯଦି ଉତ୍କ୍ଷିପ୍ତ ହୋଇଉଠନ୍ତି, ଯେକୌଣସି ମୁହୂର୍ତ୍ତରେ ବି ସେମାନଙ୍କ ପ୍ରଭୂତ କ୍ଷମତାର ଦୁରୁପଯୋଗ ଆମ ବିରୋଧରେ ହୋଇପାରେ । ସେମାନେ ପସନ୍ଦ କରିବେ ଆମ ଇଚ୍ଛାକୁ ଯେତେବେଳେ ସେମାନେ ହୃଦୟଙ୍ଗମ କରିବେ ଯେ ଆମେ ଚାହୁଁନୁ ସାମ୍ରାଜ୍ୟରୁ ବିଚ୍ଛିନ୍ନ ହେବାକୁ ଏବଂ ଠିକ୍ ସେହି ସମୟରେ ସ୍ୱାୟତ୍ତଶାସନର ଦାବିକୁ କ୍ରମେ ବୃହତ୍‌ରୁ ବୃହତ୍ତର ରୂପ ଦେବାକୁ ନିରନ୍ତର ଆମମାନଙ୍କୁ ଉଦ୍‌ବୁଦ୍ଧ କରୁଥିବା ସ୍ୱାଧୀନଚେତା ଚିନ୍ତାଧାରା ଅବାଧରେ ତା' କାର୍ଯ୍ୟ କରିଚାଲିବ । ଏଭଳି ଏକ ସାଲିସ, ଏପ୍ରକାର ବ୍ୟାପକ ବୁଝାମଣାର ସହଜ, ସୁନ୍ଦର ଯୋଜନାକୁ ଚତୁର୍ଦ୍ଦିଗରେ ଅଭିନନ୍ଦିତ କରାଯାଉଛି ଯାହା ହଠାତ୍ ଦୃଷ୍ଟିପଥାରୂଢ଼ ହୋଇଛି ଜଣେ ରାଜନୀତିଜ୍ଞ ମହାମନୀଷୀଙ୍କର, ଯିଏ ସାରା ଦେଶ ପରିଭ୍ରମଣ କରି ଚିତ୍ତାକର୍ଷକ ବାଣୀରେ ଉଦ୍‌ବୋଧନ ଦେଇ ଚାଲିଛନ୍ତି : ''ଚାଲିଆସ ମୋ ପାଖକୁ, ତୁମେସବୁ ଯିଏ ପ୍ରଚଣ୍ଡ ଭାରାକ୍ରାନ୍ତ ହୋଇପଡ଼ିଛ ଏବଂ ତୁମମାନଙ୍କୁ ମୁଁ ବିଶ୍ରାମସ୍ଥଳଟିଏ ଦେବି ।''

ଗୋଟିଏ ସାମ୍ରାଜ୍ୟ ଭିତରେ ଏହି ଔପନିବେଶିକ ସ୍ୱାୟତ୍ତଶାସନ କିଂବା ସ୍ୱରାଜ ସମ୍ପର୍କିତ ଆଲୋଚନା ଚାଲିଛି ସେହି ସମୟରେ ଯେତେବେଳେ ସେମାନେ ମହାସମାରୋହରେ ଔପନିବେଶିକ ପ୍ରଧାନମନ୍ତ୍ରୀମାନଙ୍କର ଏକ ରାଜକୀୟ ସମ୍ମିଳନୀର ଆୟୋଜନ କରୁଛନ୍ତି ଓ ସେଇ ସମ୍ମିଳନୀକୁ ସେମାନେ ଭାରତରୁ ଜଣେ ମାତ୍ର ପ୍ରତିନିଧିଙ୍କୁ ନେବା ପାଇଁ କୃପାବଶତଃ ରାଜି ହୋଇଛନ୍ତି ଯାହା ଅସାବଧାନ ବ୍ୟକ୍ତିକୁ ଭଲଭାବେ ଫାନ୍ଦରେ ପକେଇପାରେ, ବିଶେଷତଃ ଯେତେବେଳେ ଜଣେ ପ୍ରଖ୍ୟାତ ବ୍ୟକ୍ତିଙ୍କ ମୁହଁରୁ ତାହା ପ୍ରକାଶ ପାଇଛି ଆଉ ଏକଥା ମଧ୍ୟ କୁହାଯାଉଛି ଯେ ସେ କୁଆଡ଼େ ରାଜ୍ୟସଚିବଙ୍କ ସହିତ ତାଙ୍କର ମାତ୍ର ପାଞ୍ଚମିନିଟର ସାକ୍ଷାତ୍‌କାର ଭିତରେ ଭାରତର ଯାହାଯାହା ଦରକାର ସବୁକିଛି ବୁଝେଇ ଦେଇଛନ୍ତି । କିନ୍ତୁ ହସ୍ତୀ ଜାତୀୟ ଚତୁଷ୍ପଦ ପ୍ରାଣୀ ସହିତ ସମକକ୍ଷ ବୋଲି ନିଜକୁ ଛଳନା କରି ଏକ ମଣ୍ଡୁକର ଖାଲି ଏଇ ପୁଣ୍ୟ ଇଚ୍ଛା-ପ୍ରକାଶଟି ନିଶ୍ଚୟ ମନରେ ଦାରୁଣ ଆଘାତ ଦେବ ଯେତେବେଳେ ରୟଟର (Reuter)ଙ୍କ ନିକଟରୁ ଜାଣିବାକୁ ମିଳିବ ଯେ ମିଷ୍ଟର ମୋର୍‌ଲେ କିଂବା ତାଙ୍କର ମନୋନୀତ ଜଣେ ବ୍ୟକ୍ତି ଆସନ୍ତା ଔପନିବେଶିକ ସମ୍ମିଳନୀରେ ଭାରତକୁ ପ୍ରତିନିଧିତ୍ୱ କରିବେ । ଏଇଭଳି ପ୍ରତିନିଧିତ୍ୱର ପ୍ରଥା ଭାରତରେ ଚଳି ଆସୁଛି ଯାହା ଏ ସମ୍ମିଳନୀକୁ ବେଶ୍ ସୁହାଇବ । ଏହା ହେଉଛି ପ୍ରତାରଣାର ଆହୁରି ଗୋଟିଏ ଅଧିକ ସଂପ୍ରସାରଣ ଯାହା ଏହି ବିଧାନ ପରିଷଦଗୁଡ଼ିକରେ ଆମେ ଦେଖିବାକୁ ପାଉ । ଏହା ହେଉଛି କେବଳ ପ୍ରହସନଟିକୁ ବଜାୟ ରଖିବା ଯାହା ସ୍ଥାନୀୟ ପରିଷଦ କିଂବା ନଗରପାଳିକା ସମିତିର ପ୍ରତିନିଧିତ୍ୱ ଭାବେ ସର୍ବବିଦିତ ।

କିଛି ପ୍ରମୁଖ ନରମପନ୍ଥୀ ରାଜନୀତିଜ୍ଞମାନେ ଯେତେବେଳେ ଆମର ଜନସାଧାରଣଙ୍କ ଉପରକୁ ଆତ୍ମସଚେତନତାର ସାମାନ୍ୟ ଆଭାସରୂପକ ଅପରାଧ ସକାଶେ ବଡ଼ବଡ଼ ତାଜା ଅଫିମ ଢେଲାମାନ ଫିଙ୍ଗିବା ପାଇଁ ପ୍ରୟାସ କରୁଛନ୍ତି, ସେତେବେଳେ ନିଜସ୍ୱ ଅଧିକାରର ପୁନଃପ୍ରାପ୍ତି

ସକାଶେ ଏଇସବୁ ତୀବ୍ର ଯନ୍ତ୍ରଣାଦାୟକ ଝଟ୍‌କାରେ ସେମାନେ ଯେ ପ୍ରକୃତିସ୍ଥ ହୋଇ ଉଠୁଛନ୍ତି – ଏଇଟାହିଁ ଶୁଭ ଲକ୍ଷଣ । କେବଳ ଲୋକମାନଙ୍କୁ ଭୁଆଁ ବୁଲେଇ ଏତେ ଦୀର୍ଘକାଳ ଧରି ତିଷ୍ଠି ରହିଥିବା ପ୍ରତାରଣାପୂର୍ଣ୍ଣ ଏ ରାଜନୀତି, ଖୁବ୍ ସମ୍ପ୍ରତି ଯେ ପ୍ରାୟ ଧରାପଡ଼ି ଗଲାଣି ଆଉ ଏମିତି ପୁଣି ବ୍ୟାପକ ପ୍ରସ୍ତୁତି ଚାଲିଛି ତା' ସ୍ଥିତିକୁ ସତେଜ କରି ବଜାୟ ରଖିବାକୁ । କିନ୍ତୁ ଦେବତାମାନେ ଯେତେବେଳେ ଜଣକୁ ଧ୍ୱଂସ କରିବାପାଇଁ ମନ ବଳେଇଲେଣି, କୌଣସି ମାନବୀୟ ପ୍ରୟାସ ସେତେବେଳେ ସଫଳ ହୋଇପାରିବନି । ଭାରତୀୟମାନେ ସେମାନଙ୍କର ସ୍ଥିତିକୁ ମଜଭୁତ କରି ସାରିଲେଣି, ଭିକ୍ଷାବୃତ୍ତି ଏଣିକି ତା'ସାଥିରେ ଆଉ ସୁସଙ୍ଗତ ହେବ ନାହିଁ । ଭିକାରି କେବଳ ହାତପତାଇବା ଏବଂ ନାଲିଆଖି ଦେଖାଇବା ଜାଣେ ଆଉ ତା'ର ଦିବାସ୍ୱପ୍ନଗୁଡ଼ିକ ଏମିତିକି ଆଲାନ୍‌ସ୍କାର (Alanschar)ର ସେଇସବୁ ସ୍ୱପ୍ନକୁ ମଧ୍ୟ ଅତିକ୍ରମ କରିଯାଏ । ସାମ୍ରାଜ୍ୟ ଭିତରେ ସ୍ୱରାଜ୍ୟର ଯେଉଁ ପ୍ରଭାବଶାଳୀ ଆଦର୍ଶକୁ ଧରି ଭିକ୍ଷାବୃତ୍ତିସମ୍ପନ୍ନ ରାଜନୀତି ଜନତାର ଖିଆଲୀ କଳ୍ପନାକୁ ଆକର୍ଷଣ କରିବା ପାଇଁ ତା'ର ଶେଷ ଉଦ୍ୟମ ଚଳାଇଛି, ତାହା କେବେ ବି ତିଷ୍ଠି ପାରିବ ନାହିଁ କାରଣ ରାଜ୍ୟର ସଚିବ ନିଜେ କିଂବା ତାଙ୍କର ମନୋନୀତ କେହି ବ୍ୟକ୍ତି ଔପନିବେଶିକ ସମ୍ମିଳନୀରେ ପ୍ରତିନିଧିତ୍ୱ କରୁଥିବାରୁ ଉପୁଜିଥିବା ଆଘାତରେ ଜନତା ଯେଭଳି ବୀତସ୍ପୃହ ହୋଇ ପଡ଼ିଛନ୍ତି, ସେଥିରୁ ସେମାନେ ବର୍ତ୍ତିବା କ୍ୱଚିତ୍ ସମ୍ଭବ ।

ଭାରତକୁ ଯଦି ଭାରତ ପରି ତିଷ୍ଠିରହିବାକୁ ହୁଏ ଆଉ ତା' ସଭ୍ୟତାକୁ ଯଦି ତା'ର ବିଶିଷ୍ଟ ରୂପ ଧାରଣ କରିବାକୁ ପଡ଼େ ଏବଂ ବିଶେଷ କରି ବିଶ୍ୱର ମଙ୍ଗଳ ବିଧାନ ପାଇଁ ତା'ର ଆଧାତ୍ମିକ ଜୟଯାତ୍ରାକୁ ସଂପ୍ରସାରିତ କରିବାକୁ ହୁଏ, ତା'ହେଲେ ତା'ର ଜନଶକ୍ତିହିଁ ନିଶ୍ଚୟ ହୋଇଉଠିବ ଏହାର ନିର୍ଭରଯୋଗ୍ୟ ଅବଲମ୍ବନ ।

ଉପନିବେଶରାଜି ଓ ମାତୃଭୂମିର ସମ୍ମିଶ୍ରଣରେ ଗଠିତ ଏକ ସଂଘରେ ଭାରତକୁ ଅନ୍ତର୍ଭୁକ୍ତ କରାଇବା ହେଉଛି ଏକ ପନ୍ଥାବିହୀନ ପାଗଳାମି । ଯେଉଁ ସ୍ୱଦେଶପ୍ରେମ ଇଚ୍ଛା କରେ ଯେ ଦେଶ ନିଜର ସ୍ଥିତିକୁ ଏକ ସାମ୍ରାଜ୍ୟ ମଧ୍ୟରେ ହରାଇ ବସୁ ଯାହା ସ୍ୱୀୟନାମ (ସାମ୍ରାଜ୍ୟ)ର ଯଥାର୍ଥତାକୁ ପ୍ରତିପାଦିତ କରେ ତା'ର ବିଜୟ ଦ୍ୱାରା – ତାହା ମଧ୍ୟ ପନ୍ଥାବିହୀନ ଏକ ପାଗଳାମି କାରଣ ଯଥାର୍ଥରେ ଦେଖିଲେ ଉପନିବେଶଗୁଡ଼ିକ ସାମ୍ରାଜ୍ୟର ଅଂଶବିଶେଷ ନୁହନ୍ତି । କିନ୍ତୁ ଅଖଣ୍ଡ ସ୍ୱାଧୀନତା ଓ ସ୍ୱୟଂକ୍ରିୟ ଶାସନର କଥା ଆଲୋଚନା କରିବାଟା ଯଦିଓ ପାଗଳାମି ହୋଇଥାଏ, ତଥାପି ତା' ମଧ୍ୟରେ ପନ୍ଥା ବୋଲି କିଛି ରହିଛି ।

(ବନ୍ଦେ ମାତରଂ, ଫେବ୍ରୁଆରୀ ୨୫, ୧୯୦୭)

## ମିଃ ଗୋଖଲେଙ୍କର ବିଶ୍ୱାସଘାତକତା

ପ୍ରିୟ ବନ୍ଦେ ମାତରଂ,

ମୁଁ ଏତେ ଦୀର୍ଘକାଳ ଧରି କେଉଁଠି ଥିଲି ସେକଥା ଆପଣମାନେ ମୋତେ ଯୁକ୍ତିସଙ୍ଗତରୂପେ ପଚାରି ପାରନ୍ତି । ଉତ୍ତରରେ ମୁଁ କହିବି, ଗତ କଂଗ୍ରେସ ଅଧିବେଶନରେ ଚରମପନ୍ଥୀମାନଙ୍କୁ ବେଶ୍ ଭଲଭାବେ ଅଗ୍ରସର କରୁଥିବା ଦେଖି ମୁଁ ଶେଷରେ ଭାବିଲି ଭଲଭାବେ ବିଶ୍ରାମ ନେବା ପାଇଁ ମୋର କିଛି ଦାବି ରହିଛି । ଯେତେବେଳେ ସମଗ୍ର ଭାରତବର୍ଷ ଦୟାପୂର୍ବକ ମୋର ଦୃଷ୍ଟିଭଙ୍ଗୀକୁ ଗ୍ରହଣ କରିଥିଲା ଏବଂ ଜାତୀୟସ୍ତରର ସମାବେଶରେ ସେଥିପାଇଁ ମଧ୍ୟ ଲଢ଼େଇ କରିଥିଲା ତେଣୁ ମୁଁ ଭାବିଲି କିଛି ସମୟ ପାଇଁ ମୋର କାର୍ଯ୍ୟକଳାପକୁ ସ୍ଥଗିତ ରଖିବାକୁ ।

କିନ୍ତୁ ହରାଇଥିବା ନିଜ ପୃଷ୍ଠଭୂମିଟିର ପୁନରୁଦ୍ଧାର କରିବା ପାଇଁ ମିଃ. ଗୋଖଲେ ଦେଶକୁ ହତବୁଦ୍ଧି କରିବା ସହ ଅପଦସ୍ଥ କରୁଥିବାରୁ ଏବଂ ସର୍ବଶକ୍ତିମାନ୍ କର୍ମକର୍ତ୍ତାଙ୍କ ସଂକ୍ଷିପ୍ତ ବକ୍ତବ୍ୟକୁ 'ବେଙ୍ଗଲୀ' ଗ୍ରହଣ କରିନେବାରୁ, ଏଣେ ବିକ୍ଷୋଭକାରୀ ଜନସାଧାରଣଙ୍କ ଉତ୍ତେଜନା-ହୀନ ପଦଚ୍ୟୁତିକୁ ଦେଖି ମୁଁ ଆଉ ନୀରବ ଦର୍ଶକ ହୋଇ ରହିପାରୁନି ।

ଆଗା ଖାଁଙ୍କର ନାମ ମଧ୍ୟ ତାଲିକାଭୁକ୍ତ ହୋଇ ରହିଛି । ବ୍ରିଟିଶ କବଳରୁ ମୁକ୍ତି ସମ୍ପର୍କରେ ଚରମପନ୍ଥୀମାନଙ୍କର ବିଚାର ବିମର୍ଶରେ ଆତଙ୍କିତ ଦେଶର ବୁଦ୍ଧିଜୀବୀ ଆଉ ବିଜ୍ଞ ମହାତ୍ମାଗଣ ଏକଜୁଟ ହୋଇ ଏହି ଉଦ୍‌ଭ୍ରାନ୍ତ ଗୋଷ୍ଠୀଟିର ଯେଉଁ ଦୃଢ଼ ମୁକାବିଲା କରୁଛନ୍ତି ତାହାଫଳରେ ବିବେକ ଓ ଉତ୍ତମ ବିଚାରବୋଧ ଏ ଭୂଖଣ୍ଡରେ ଆହୁରି ଥରେ ପ୍ରଭାବଶାଳୀ ହୋଇ କାର୍ଯ୍ୟ କରିପାରେ । ସ୍ୱାଭାବିକ ସ୍ଥିରତା ଓ ବହୁ ଇପ୍ସିତ ଶାନ୍ତି ଏ ଦେଶରେ କିୟତ୍ ପରିମାଣରେ ପୁନର୍ସ୍ଥାପିତ ହୋଇଛି ଏବଂ ଯାହା ଟିକିଏ ବିକ୍ଷୋଭ ତଥାପି ରହିଯାଇଛି, ତାହା ଯେ ଶୀଘ୍ର ଅନ୍ତର୍ଦ୍ଧାନ ହୋଇଯିବ ଯେତେବେଳେ ମିଃ ଗୋଖଲେ 'ତଥାସ୍ତୁ' ବୋଲି କହିଦେବେ ।

(Ophelia) ଓଫେଲିଆର ସମାଧି ଖନନକାରୀମାନଙ୍କ ପରି ନହୋଇ, ମିଃ. ଗୋଖଲେ ଚାହୁଁଛନ୍ତି ନିହାତି ଅଣଖ୍ରୀଷ୍ଟିଆନ ପଦ୍ଧତିରେ ବ୍ରିଟିଶର ଏକଚ୍ଛତ୍ର ଶାସନକୁ ପରିସମାପ୍ତ କରିବାକୁ । ଏହିଠାରେହିଁ ସାମ୍ରାଜ୍ୟ ରହିଛି, ବାସ୍, ଏଇଠାରେହିଁ ଭାରତ ଦଣ୍ଡାୟମାନ ହୋଇଛି, ବାସ୍; ଯଦି ଭାରତ ଏଇ ସାମ୍ରାଜ୍ୟ ପାଖକୁ ଯାଏ ଆଉ ସାମ୍ରାଜ୍ୟର ବିଲୟ ପାଇଁ ତାକୁ ପ୍ରାର୍ଥନା ଜଣାଏ, ତାହେଲେ ସେ ଇଚ୍ଛାବଶତଃ ହେଉ ବା ଅନିଚ୍ଛାକୃତଭାବେ ହେଉ କିଛି ଗୋଟିଏ ମନ୍ଦ କଥା ପାଇଁ ପ୍ରାର୍ଥନା କରୁଛି; କିନ୍ତୁ ସାମ୍ରାଜ୍ୟ ଯଦି ତା' ପାଖକୁ ଆସି ନିଜକୁ ଧ୍ୱଂସ କରିପକାଏ, ତାହେଲେ ବୁଝାପଡ଼ିବ ଯେ ସାମ୍ରାଜ୍ୟକୁ ସେ ଧ୍ୱଂସ କରିନି : ଅତଏବ ବିଶ୍ୱାସଘାତକତାର ଅପରାଧରେ ସେ ଦୋଷୀ ନୁହେଁ ।

ଚରମପନ୍ଥୀମାନେ ଚାହାନ୍ତି ସାମ୍ରାଜ୍ୟକୁ ସେମାନଙ୍କ ନିଜ ପାଖକୁ ଆଣିବା ପାଇଁ କିନ୍ତୁ ସେମାନେ ନିଜେ ସାମ୍ରାଜ୍ୟ ପାଖକୁ ଯିବାକୁ ଚାହିଁବେନି । ତା'ହେଲେ ଏହାଠାରୁ ବଳି ଅଧିକ ଖ୍ରୀଷ୍ଟିଆନ କିଂବା ବିଶ୍ୱସ୍ତ ଆଉ କ'ଣ ଥାଇପାରେ ? ବନ୍ଧୁଭାବରେ ସାମ୍ରାଜ୍ୟକୁ ଆମଠାରୁ ବିଦାୟ ଦେବା ନା ସାମ୍ରାଜ୍ୟ ଭିତରେ ଔପନିବେଶିକ ସ୍ୱୟଂକ୍ରିୟ ଶାସନ ବା ସ୍ୱରାଜ୍ୟ ପାଇଁ ପିଲାଳିଆ ଅଝଟ କରିବାକୁ ଉତ୍କ୍ଷିପ୍ତ କରିବା ?

ଏତଦ୍‌ବ୍ୟତୀତ, ମିଃ.ଗୋଖଲେ କ'ଣ ଏଇ ନୀତିକଥା ଜାଣନ୍ତିନି ଯେ ବୃଷଭର କାନ ପାଖରେ ଡାଆଁଶ ଭଁ ଭଁ ହେଲେ କିଂବା ତା' ମଥାରେ ବସି ରହିଲେ ତାକୁ କୌଣସି ପ୍ରକାର ଅଡୁଆରେ ପକାଇପାରିବ ନାହିଁ କିନ୍ତୁ ସାମାନ୍ୟ ଦଂଶନଟିଏରେ ଏହା ବୃଷଭର ଧ୍ୟାନ ଆକର୍ଷଣ କରିପାରିବ ।

ବୃଥାଟାରେ ମିଃ. ଗୋଖଲେ ଜନସାଧାରଣଙ୍କ ସହିତ ମିଶି ସମାଧାନ ନିମନ୍ତେ ଚେଷ୍ଟା କରୁଛନ୍ତି ଯେଉଁମାନେ ସେମାନଙ୍କର ପ୍ରତିକାର ନିମନ୍ତେ କେତେଥର ଯେ ଚେଷ୍ଟା କଲେଣି ତା'ର ହିସାବ ନାହିଁ ଆଉ ସେ ପ୍ରତିକାର କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କର ଉପଲବ୍ଧ ହୋଇନି ।

ମିଃ. ଗୋଖଲେଙ୍କ ସ୍ୱଦେଶ ପ୍ରେମ ସତ୍ୟ ଉପରେ ଆଧାରିତ – ଆମେ ଯାହା, ଠିକ୍ ସେହିଭଳି ଆମମାନଙ୍କୁ ସେ ଚିତ୍ରିତ କରିଛନ୍ତି ଆଉ ଆମକୁ ସତର୍କ ବି କରିଛନ୍ତି ଅତି ପ୍ରଚଣ୍ଡ ଏଇ ଉଦ୍ଦୀପନାଜନିତ ସଂକଟ ବିରୋଧରେ, ଆମର ଏଇ ଅସ୍ୱାଭାବିକ ଦୁର୍ବଳ ଅବସ୍ଥାରେ ।

ଏଇଠି ସେତ ଏକ ବିଜ୍ଞ ଚିକିତ୍ସକ ପରି କାର୍ଯ୍ୟ କରିଛନ୍ତି ଯିଏ ତାଙ୍କ ରୋଗୀକୁ ଚିହ୍ନି ସାରିଛନ୍ତି ।

କିନ୍ତୁ ମିଃ. ଗୋଖଲେ ଜଣେ ଶିକ୍ଷିତ ଜ୍ଞାନଦୀପ୍ତ ସଂସ୍କାରକ ହୋଇଥିବାରୁ, ଭାରତୀୟ ପୂର୍ବକଳ୍ପିତ ଧାରଣା ପ୍ରତି, କୁସଂସ୍କାର ଓ ପ୍ରତିମା ପୂଜା ପ୍ରତି ଚରମ ଘୃଣା ରଖିଥିବାରୁ ସେହିଁ ତାଙ୍କ ରୋଗୀର ନିରାମୟତା ଲାଗି ଖାଲି ପ୍ରାର୍ଥନା ଓ ଆବେଦନ ଉପରେ ଆସ୍ଥା ରଖିବା ନିମନ୍ତେ ସର୍ବଶେଷ ବ୍ୟକ୍ତି ହେବା ଉଚିତ ।

ଅଳ୍ପ କିଛି ବର୍ଷ ପୂର୍ବରୁ ଯେତେବେଳେ ବିସୂଚିକା (Cholera) ରୋଗର ପ୍ରକୋପ ଭୟଙ୍କର ଆକାର ଧାରଣ କରିଥିଲା, ତା'ର ଅପନୋଦନ ନିମିତ୍ତ ପ୍ରାର୍ଥନା ଓ ଉପବାସ ବ୍ରତ ପାଇଁ ଏକ ଦିନ ଧାର୍ଯ୍ୟ କରିବାକୁ ସ୍କଟଲ୍ୟାଣ୍ଡବାସୀ ଯେତେବେଳେ ଇଂଲଣ୍ଡର ରାଜାଙ୍କୁ ନିବେଦନ କଲେ, ଇଂଲଣ୍ଡର କର୍ତ୍ତୃପକ୍ଷଗଣ ସେତେବେଳେ ଏ ପ୍ରକାର ଚିନ୍ତାଧାରା ପ୍ରତି ପରିହାସ କରି ପରିମଳ ବିଜ୍ଞାନ (Sanitary Science)ର ପରାମର୍ଶ ପ୍ରତି ଧ୍ୟାନ ଦେବା ପାଇଁ ସେମାନଙ୍କୁ କହିଲେ ।

ସେହିପରି ମିଃ. ଗୋଖଲେ ନିଜ ପ୍ରତି ସଚ୍ଚୋଟ ରହିବା ଆଉ ଜନସାଧାରଣଙ୍କୁ ସେମାନଙ୍କ କାର୍ଯ୍ୟକ୍ରମରୁ ଆବେଦନର କୁସଂସ୍କାରକୁ ମୋଟାମୋଟି ବାଦ୍ ଦେଇ ରାଜନୀତି ବିଜ୍ଞାନର ଉପଦେଶ ପ୍ରତି ଧ୍ୟାନ ଦେବା ପାଇଁ କହିବା ଉଚିତ ହେବ ନାହିଁ କି ? ମୋର ପରବର୍ତ୍ତୀ ଲେଖାରେ ଆହୁରି ଅଧିକ କଥା ଅଛି । ଆନ୍ତରିକଭାବେ ଆପଣଙ୍କର,

**ପ୍ରସଙ୍ଗ କ୍ରମେ**

[ବନ୍ଦେ ମାତରଂ, ୨୮ ଫେବ୍ରୁଆରୀ, ୧୯୦୭]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# କବି ଓ ଯୋଗୀ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

କେବେ କେବେ କୁହାଯାଏ ସମାଲୋଚକ, ଅନ୍ତତଃପକ୍ଷେ ସଫଳ ସମାଲୋଚକ ହେଉଛନ୍ତି ବିଫଳ କବି ଏବଂ କବି ହେଉଛନ୍ତି ବିଫଳ ଯୋଗୀ ଅର୍ଥାତ୍ ଭଲ ଓ ଯଥାର୍ଥ କବି ହେବାକୁ ବସିଲେ ଯୋଗୀ ହେବା ଦରକାର, କିନ୍ତୁ ସେ ଯୋଗୀ – ଏକପ୍ରକାର ଅର୍ଦ୍ଧ ସିଦ୍ଧ ବା ଅସିଦ୍ଧ – କଥାଟା କେତେଦୂର ଠିକ୍, କେତେଦୂର କୁହାଯାଇପାରେ, ମୁଁ ସେକଥା ଭାବୁଥିଲି । ଏ ବିଷୟଟି ମନରେ ଥିଲା, ଏପରି ସମୟରେ ଦେଖିଲି ଜଣେ ଫରାସୀ ପାଦ୍ରି-ପଣ୍ଡିତ ସତରେହିଁ ଏକଥା ଉଲ୍ଲେଖ କରିଛନ୍ତି ଏବଂ ଏହା ପ୍ରମାଣ କରିବା ପାଇଁ ଖଣ୍ଡେ ବହି ବି ଲେଖିଛନ୍ତି ।* ଅବଶ୍ୟ ମଁସିୟ ବ୍ରେମୋ 'ଯୋଗୀ' ଶବ୍ଦ ବ୍ୟବହାର କରି ନାହାନ୍ତି, ସେ କହିଛନ୍ତି 'ମିଷ୍ଟିକ୍' ଏବଂ ସାଧାରଣ ଦୃଷ୍ଟିରେ ମିଷ୍ଟିକ୍‌ର ଅର୍ଥ ପ୍ରାର୍ଥନା, ଭଗବତ୍ ଆରାଧନା । ଆମେ କହୁ ସିଏ ଯୋଗୀ ଯିଏ ଅଧ୍ୟାତ୍ମ-ସାଧକ ବା ମୋଟରେ ସାଧନାରତ ବ୍ୟକ୍ତି ।

ବ୍ରେମୋ କହିଛନ୍ତି : କବି ହେଉଛନ୍ତି ପତିତ-ସାଧକ, ପଥଭ୍ରଷ୍ଟ ଅଧ୍ୟାତ୍ମ-ଯାତ୍ରୀ, ତା'ର କାରଣ : କବିଙ୍କର ଯେଉଁ ଆଦି ପ୍ରେରଣା, ଯେଉଁ ନିଭୃତ ଦୃଷ୍ଟି ଓ ଅନୁଭବ ତାଙ୍କ ସୃଷ୍ଟିର ପଶ୍ଚାଦ୍‌ଭାଗରେ ରହିଛି ତାହା ଅଧ୍ୟାତ୍ମ ଅନୁଭୂତିରୁ କିଂବା ଅନ୍ତତଃ ଅଧ୍ୟାତ୍ମ-ଅଭିମୁଖୀ; କିନ୍ତୁ ଆରମ୍ଭରୁ ଏଇ ଲକ୍ଷ୍ୟ ଦିଗରେ ସିଏ ସିଧା ଚାଲିଯାଇ ନାହାନ୍ତି, ତାକୁ ପୂର୍ଣ୍ଣ ମୂର୍ତ୍ତ ଅଧିଗତ କରିବାକୁ ଚେଷ୍ଟା କରି ନାହାନ୍ତି, ମଝି ବାଟରେ ଅଟକି ଯାଇ ବାଟଭାଙ୍ଗି ଅନ୍ୟ ଶାଖା ପଥରେ ଚାଲି ଯାଇଛନ୍ତି; ଯେଉଁ ନିଭୃତ ଅନୁଭୂତି ଅନ୍ତରାତ୍ମାରେ ପାଇଛନ୍ତି, ତାକୁ ଭାଷାର ପୋଷାକରେ, ଅଳଙ୍କାରରେ ସୁନ୍ଦର କରି ସଜାଇ – ଅର୍ଥାତ୍ କିଛି ଘୋଡ଼ାଇ ଓ କିଛି ବଙ୍କେଇ – ରଚନାରେ ଜାହିର କରାଯାଇଛି । ସେଥିରେହିଁ ସେ ତୃପ୍ତିଲାଭ କରିଛନ୍ତି । ଅନୁଭୂତିକୁ ପୂରା ଉପଲବ୍ଧି ନକରି, ସତ୍ତାରେ-ଚେତନାରେ-ଜୀବନରେ ତାକୁ ଜାଗ୍ରତ୍ ନ କରି ଖାଲି କଳ୍ପନାଗତ ଓ ସ୍ୱପ୍ନଗତ କରି, କେବଳ ମସ୍ତିଷ୍କଗତ ବିଳାସର ବସ୍ତୁ ଭାବେ ପ୍ରକଟ କରିଛନ୍ତି । ଶେଷରେ ସ୍ଥିତି ଏପରି ହୋଇଛି ଯେ ଯେଉଁ ଅନୁପାତରେ କବି ସାଧକର ଧାରାଠାରୁ ଘୁଞ୍ଚି ଠିଆ ହୋଇଛନ୍ତି, ସେଇ ଅନୁପାତରେ ସେ ଉତ୍ତମ କବି ହୋଇ ପାରିଛନ୍ତି । କାରଣ ସାଧନାର ସିଧା-ସଳଖ ପଥଟିକୁ ଅନୁସରଣ କରି ଚାଲିବାର ଅର୍ଥହିଁ କବିତ୍ୱର ଚୋରା ଗଳିକୁ ଏଡ଼ାଇ ଯିବା; ଏହାର ଅର୍ଥ କାବ୍ୟ ପ୍ରେରଣାକୁ ଦୂରେଇ ରଖିବା – ଯାହାକୁ କବିତ୍ୱର ଅବଶ୍ୟମ୍ଭାବୀ ବିଲୋପ କୁହାଯାଇପାରେ । ସୁତରାଂ ଯୋଗସାଧନା ଓ କାବ୍ୟପ୍ରେରଣା କିଛି ବାଟ ଏକତ୍ର ଆସି ଗୋଟାଏ ସ୍ଥିତିରେ ପୃଥକ୍ ହୋଇଯିବାର ବିଷୟଟି – ଏଇକଥାହିଁ ବୁଝାଇବାକୁ ଚେଷ୍ଟା କରିଛନ୍ତି ସମାଲୋଚକ ।

ପ୍ରଥମ ବିଷୟଟିକୁ ତେବେ ଆଗେ ଦେଖାଯାଉ : – କବି କ'ଣ ସତରେହିଁ ଯୋଗୀ ବା ସାଧକ ଏବଂ ଯଦି ସ୍ୱଭାବତଃ ତାହା ହୋଇଥାଏ, ତେବେ କିପରି ଭାବେ ? ସ୍ୱପକ୍ଷର ଯୁକ୍ତି ଏହିପରି ଯେ କବିର ମୁଖରୁ ଯାହା ବାହାରେ, ତାହା କମ୍ ପରିମାଣରେ ହେଉ ଅବା ବେଶୀ ପରିମାଣରେ ହେଉ – ତହିଁରେ ଆମେ ଶୁଣୁ : ଅଦୃଶ୍ୟ, ଅନନ୍ତ, ଦିବ୍ୟ, ଅତୀନ୍ଦ୍ରିୟ, ଏଭଳି ବସ୍ତୁ ସକଳର ଉଲ୍ଲେଖ । ସବୁ କବିଙ୍କର ଆକୁତି ଗୋଟିଏ ଲୋକୋତ୍ତର ଜଗତ୍ ଦିଗରେ, ତାହା ଗତିକରେ ଏକ ପୂର୍ଣ୍ଣାଙ୍ଗ, ନିର୍ଦ୍ଦୋଷ ସତ୍ୟ, ସୌନ୍ଦର୍ଯ୍ୟ ତଥା ମାଙ୍ଗଲ୍ୟ ଦିଗରେ । ମିଲଟନ୍ ବା ୱାର୍ଡସ୍-ୱାର୍ଥ ବା ଦାନ୍ତେଙ୍କ କଥା ଛାଡ଼ି ଦିଆଯାଉ, ସେମାନେ ତ ସତରେହିଁ ଅଧ୍ୟାତ୍ମବାଦୀ । ସେକ୍ସପିୟର୍, ଯିଏ ମାନବ-ପ୍ରକୃତିର ଏକାନ୍ତ ଐହିକ, ନିତାନ୍ତ ପାର୍ଥିବ ଜୀବନଯାତ୍ରାର ଘାତ-ପ୍ରତିଘାତର ଚିତ୍ର ଦେଇଛନ୍ତି, ସେ ଯେବେ କହୁଛନ୍ତି : –

So shines a good deed in a naughty world

There's a divinity that shapes our ends,

ଅଥବା,

Rough-hew them how we will –

ସେତେବେଳେ କ'ଣ ଅନୁଭବ ହୁଏ ନାହିଁ ସେକ୍ସପିୟର୍‌ଙ୍କ ଅନ୍ତରାତ୍ମା ନିଭୃତରେ ସଂଯୁକ୍ତ ରହିଛି ଅନ୍ୟ ଏକ ଲୋକାତୀତ ଚେତନା ସହିତ ଓ ତାଙ୍କର ଦୃଷ୍ଟି ଗୋଟିଏ ପ୍ରଚ୍ଛନ୍ନ ଜ୍ୟୋତିଃ ଦ୍ୱାରା ଉଦ୍ଭାସିତ ? ଏପରିକି ଯେଉଁସବୁ କବିଙ୍କୁ କୁହାଯାଏ ଘୋର ବସ୍ତୁତାନ୍ତ୍ରିକ, ଯେଉଁମାନେ ଆଦର୍ଶବିମୁଖ,

* Abbé H. Boemondଙ୍କ ଦ୍ୱାରା ଲିଖିତ ପୁସ୍ତକ Prière et poésie (de l' Académie Francaise.)

ଭଗବତ୍‌ଦ୍ରୋହୀ, ସେମାନଙ୍କର ବାହ୍ୟ ବକ୍ତବ୍ୟ, 'ମୁହଁର କଥା' ଯାହା ହୋଇଥାଉ ନା କାହିଁକି ସେମାନେ କ'ଣ ଲୁସିଫର୍ ବା ପ୍ରମେଥିଉସଙ୍କର ସଗୋତ୍ର ନୁହନ୍ତି ? ଯେଉଁମାନଙ୍କର 'ଅନ୍ତରର କଥାକୁ ଲକ୍ଷ୍ୟ କରି ବୋଦେଲେଆର୍ ଯାହା କହିଛନ୍ତି ତାହା ଏଇପରି :

ଗୋଟିଏ ଭାବ, ଗୋଟିଏ ରୂପ, ଗୋଟିଏ ସତ୍ତା ନୀଳିମାରୁ ଛୁଟି ଆସିଛି, ପଡ଼ିଛି ଯାଇ ନରକର ପଙ୍କିଳ ଧୂସର ଏକ ଜଳଧାରା ଭିତରେ, ସେଠାରେ ସ୍ୱର୍ଗର କୌଣସି ଦୃଷ୍ଟିହିଁ ଭିତରକୁ ପଶିବା ପାଇଁ ପ୍ରବେଶପଥ କେଉଁଠି ଖୋଜିପାଏ ନାହିଁ ।

ଆମ ଦେଶରେ ରବୀନ୍ଦ୍ରନାଥଙ୍କୁ ଉଲ୍ଲେଖ କରିବା ବାହୁଲ୍ୟ । ତାଙ୍କ କାବ୍ୟପ୍ରେରଣା ଭିତରେ ଓତପ୍ରୋତଭାବେ ଅଧ୍ୟାତ୍ମ ଆସ୍ପୃହା ରହିଛି, ଏକଥା ବି କୁହାଯାଇପାରେ ଯେ ତାଙ୍କର ସେଇ ପ୍ରେରଣାର ମୂଳ ଭିତ୍ତି ହେଉଛି ଅଧ୍ୟାତ୍ମବାଦ । ମଧୁସୂଦନ ଦତ୍ତଙ୍କ ଭଳି କବି ମଧ୍ୟ ତାଙ୍କର 'ମେଘନାଦବଧ' କାବ୍ୟ ଗ୍ରନ୍ଥର ପ୍ରାରମ୍ଭରେ ଶ୍ୱେତଭୁଜା ଭାରତୀଙ୍କୁ ଆବାହନ କରିଛନ୍ତି ।* ମଧୁସୂଦନଙ୍କର ମଧ୍ୟ ଏଇ ଅନୁଭବ ବା ସିଦ୍ଧାନ୍ତ ହେଉଛି ବୀଣାପାଣି ମୋକ୍ଷଦାତ୍ରୀ ଏବଂ ମୁକ୍ତିର ସହାୟ ବା ଉପାୟ ହେଉଛି କାବ୍ୟ-କବିତା – ତାଙ୍କର ଏକଥାଟା ବିଶେଷ ପ୍ରଣିଧାନଯୋଗ୍ୟ । କାହିଁକି ନା, ସେ ସରସ୍ୱତୀଙ୍କୁ ମୋକ୍ଷଦାତ୍ରୀ ରୂପେ ଓ କାବ୍ୟ କବିତାକୁ ମୋକ୍ଷର ସାଧନ ରୂପେ ମାନ୍ୟତା ଦେଇଛନ୍ତି ଯାହା ଏ ଲୋକର ନୁହେଁ ।

ଯେଉଁ କବି ଆଦୌ ଅଧ୍ୟାତ୍ମ ଅବା ଅଧ୍ୟାତ୍ମ-ଜାତୀୟ କିଛି ଉଲ୍ଲେଖ କରି ନାହାନ୍ତି – ଏକଥା କୁହାଯାଇପାରିବ ନାହିଁ ଯେ ତାଙ୍କର ଅସଦ୍‌ଭାବ ରହିଛି – (ଯେମିତି ଲାଟିନ୍ କବି କାତଲୁସ୍; ଶ୍ରୀଅରବିନ୍ଦ ତାଙ୍କ ସମ୍ବନ୍ଧରେ କହିଛନ୍ତି : "He has as much philosophy in him as a red ant.") ବ୍ରେମୋଙ୍କର ସିଦ୍ଧାନ୍ତ ବିପକ୍ଷରେ ଏହାଙ୍କୁ ଠିଆ କରାଯାଇପାରେ, ସେମାନଙ୍କ ସଂଖ୍ୟା ମୁଷ୍ଟିମେୟ ହେଲେ ବି, ତା' ଦ୍ୱାରା ସେମାନଙ୍କ ସିଦ୍ଧାନ୍ତ ଅପ୍ରମାଣିତ ରହିଯିବ । ମାତ୍ର ସେତିକିରେ କଥା ସରୁ ନାହିଁ । କବିର ଲକ୍ଷ୍ୟ ଓ ପ୍ରୟାସ ହେଉଛି ବାକ୍ୟର ସାହାଯ୍ୟ ନେଇ ଏକ ଜୀବନ୍ତ ଓ ସାର୍ଥକ ଜିନିଷ ଗଢ଼ି ତୋଳିବା, ଗୋଟିଏ ସୌନ୍ଦର୍ଯ୍ୟ ମଣ୍ଡିତ ଓ ଆନନ୍ଦସାର ଜିନିଷ ସୃଷ୍ଟି କରିବା, ତାହା କ'ଣ ଅତିଲୌକିକ ଅବା କିଛି ଲୋକୋତ୍ତରମୁଖୀ ବସ୍ତୁ ନୁହେଁ ? ବିଷୟବସ୍ତୁ ମଧ୍ୟରେ, ବ୍ୟକ୍ତ ହୋଇଥିବା ଅର୍ଥ ଭିତରେ ସେ ଜିନିଷର କୌଣସି ଉଲ୍ଲେଖ ବା ଆଭାସ ନଥିଲେ ମଧ୍ୟ ଯେଉଁ ଆନନ୍ଦ, ସୁଷମା ତଥା ଚମତ୍କାରିତା ତାହାକୁ ଘେରି ରହିଥାଏ, ତା'ର ସାଦୃଶ୍ୟ କ'ଣ ଯୋଗୀର, ସାଧକର ଯାହା ସାଧ୍ୟବସ୍ତୁ, ତା' ସଙ୍ଗେ ଯୁକ୍ତ ନୁହେଁ କି ?

ବିଶ୍ୱନାଥ କବିରାଜ ଠିକ୍ ଏଇ କଥାହିଁ କହିଛନ୍ତି । କାବ୍ୟର ସ୍ୱରୂପ ବା ଆତ୍ମା ହେଉଛି ରସ ଏବଂ ସେ ରସ 'ବ୍ରହ୍ମାସ୍ୱାଦ ସହୋଦର' – ଅର୍ଥାତ୍ ବ୍ରହ୍ମ-ଉପଲବ୍ଧିରେ ଯେଉଁ ଆନନ୍ଦ, ବ୍ରହ୍ମ ଯେଉଁ ଆନନ୍ଦ ଦେଇ ଗଠିତ, ତାହାର ସ୍ୱଜାତୀୟ ବସ୍ତୁ କାବ୍ୟ ସୃଷ୍ଟିର ବା କାବ୍ୟାସ୍ୱାଦନର ଆନନ୍ଦ – ଏ ଦୁଇଟିର ଉତ୍ସ ଗୋଟିଏ । ଉଭୟହିଁ ଅଖଣ୍ଡ – ସ୍ୱପ୍ରକାଶାନନ୍ଦ-ଚିନ୍ମୟ ଏବଂ – ଏହା ବିଶେଷ ଲକ୍ଷ୍ୟ କରିବାର ଜିନିଷ – 'ବେଦାନ୍ତରସ ସମ୍ପର୍କ ଶୂନ୍ୟ' ଅର୍ଥାତ୍ ବାହ୍ୟ ବିଷୟ ସହିତ ଉଭୟଙ୍କର କୌଣସି ସମ୍ପର୍କ ନାହିଁ, ଏସବୁ ଉପକରଣ ଉପରେ ସେମାନଙ୍କର ଚିନ୍ମୟ, ଅଖଣ୍ଡ ସ୍ୱପ୍ରକାଶାନନ୍ଦ ନିର୍ଭର କରେ ନାହିଁ । ଏକଥା ପୂର୍ବରୁ ଆଲୋଚନା କରାଯାଇଛି ଯେ କବିର ବାଚ୍ୟ ଓ ବକ୍ତବ୍ୟ ଅଧ୍ୟାତ୍ମବିଷୟକ ନହେଲେ ବି କିଛି ଯାଏ ଆସେ ନାହିଁ; ଯାହାକିଛି କବି କହିବାକୁ ଇଚ୍ଛା କରନ୍ତି, ସେ ଜିନିଷ ତାଙ୍କ ନିଗୂଢ଼ ଚେତନାରୁ ଉଠି ଆସିଥାଏ ଯାହାକୁ 'ଲୋକୋତ୍ତର ଚମତ୍କାର ପ୍ରାଣୀ' ବୋଲି ଗ୍ରହଣ କରାଯିବ ।

ସାହିତ୍ୟ-ଦର୍ପଣକାର ଆଉ ଗୋଟିଏ ଗଭୀର ଅର୍ଥଗର୍ଭ କଥା କହିଛନ୍ତି କାବ୍ୟର ଆଧ୍ୟାତ୍ମିକ ପ୍ରକୃତି ବା ସ୍ୱରୂପ ବିଷୟରେ । କାବ୍ୟରସ ଗ୍ରହଣ କରିବା କେବେହେଁ ମଳିନ ତମୋଗୁଣ ଦ୍ୱାରା କିଂବା ବିକ୍ଷୁବ୍ଧ ରଜୋଗୁଣ ଦ୍ୱାରା ସମ୍ଭବ ନୁହେଁ – ଏକମାତ୍ର ତାହା ସତ୍ତ୍ୱଗୁଣର ଆଶ୍ରୟରେହିଁ ପ୍ରତିଫଳିତ ହୋଇଥାଏ । ସୁତରାଂ କବି ଯେଉଁ ସୃଷ୍ଟି କରନ୍ତି, ତାହା ସେ ସତ୍ତ୍ୱଗୁଣର ପ୍ରଭାବରେହିଁ ସୃଷ୍ଟି କରିପାରନ୍ତି । କାବ୍ୟପାଠର ଫଳଶ୍ରୁତି ମଧ୍ୟ ହେଉଛି ଏପରି ଏକ ସ୍ଥିତି ଯେଉଁଥିରୁ ସତ୍ତ୍ୱର ଉଦ୍ରେକ ଏବଂ ରଜ ଓ ତମ –

* ମାଇକେଲ ମଧୁସୂଦନ ଦତ୍ତଙ୍କ କବିତାରେ ଲୋକୋତ୍ତର ଚେତନାପ୍ରତି ଯେଉଁ ପ୍ରତୀକ୍ଷା ରହିଛି, ତାହାର ଏକ ନମୁନା :
କୋଥା ବ୍ରହ୍ମଲୋକ ? କୋଥା ଆମି ମନ୍ଦମତି ଅକିଞ୍ଚନ ?
ଯେ ଦୁର୍ଲଭ ଲୋକ ଲଭିବାରେ ଯୁଗେ ଯୁଗେ ଯୋଗୀନ୍ଦ୍ର କରେନ୍ ମହାଯୋଗ ।
କେମନେ ମାନବ ଆମି, ଭବମାୟାଜାଲେ ଆବୃତ, ପିଞ୍ଜରାବୃତ ବିହଙ୍ଗ ଯେମତି ଯାଇବ ସେ ''ମୋକ୍ଷ ଧାମେ ?''

ଏଇ ଦୁଇ ନିକୃଷ୍ଟ ଗୁଣ ସଂସ୍ପର୍ଶରୁ ପ୍ରକୃତିର ଶୁଦ୍ଧି ଓ ମୁକ୍ତି । ଗ୍ରୀକ୍ ମନୀଷୀ ମଧ୍ୟ ଅନୁରୂପ ସିଦ୍ଧାନ୍ତଟିଏ ଦେଇଛନ୍ତି ଯାହାକୁ ଆମେ ଏ ପ୍ରସଙ୍ଗରେ ସ୍ମରଣ କରିପାରୁ; ସେ କହିଛନ୍ତି : ଟ୍ରାଜେଡିର ରହିଛି ଚିତ୍ତଶୋଧନକାରୀ କ୍ଷମତା (Katharsis) । ତେବେ, କାବ୍ୟ-ଆଲୋଚନାର କ୍ଷେତ୍ରରେ ବିଶ୍ୱନାଥ କବିରାଜ କାବ୍ୟର ମହତ୍ତ୍ୱକୁ ଯେଉଁ ସ୍ତରକୁ ଉଠାଇ ନେଇଛନ୍ତି, ପୃଥିବୀର କୌଣସି ବି କବି ବା ଲେଖକ ସେ ସ୍ତରକୁ ଉଠାଇ ନେଇପାରିଛନ୍ତି କି ନାହିଁ, ତାହା ସନ୍ଦେହ ପୂର୍ଣ୍ଣ ।

ବିଶ୍ୱନାଥ କବିରାଜଙ୍କ ସହିତ ବ୍ରେମୋଙ୍କର ମୂଳତଃ ବିଶେଷ ପାର୍ଥକ୍ୟ ନାହିଁ, ପାର୍ଥକ୍ୟ କବିତ୍ୱର ପ୍ରେରଣା ବା ଉତ୍ସକୁ ନେଇ ନୁହେଁ, ତାହା କାବ୍ୟର ପରିଣତିକୁ ନେଇ । ଦୁହେଁଯାକ କହୁଛନ୍ତି କାବ୍ୟର ଉଦ୍ଭବ ଆଧ୍ୟାତ୍ମିକ ଅନୁଭୂତି, ତେବେ ବ୍ରେମୋଙ୍କ ଦୃଷ୍ଟିକୋଣ ଯୋଗ କରିଛି ଯେ ଯେଉଁ ମୁହୂର୍ତ୍ତରେ ସେଇ ଅନୁଭୂତିକୁ କବି ଭାଷାରେ ଢାଳୁଛନ୍ତି, ଛନ୍ଦୋବଦ୍ଧ ଭାବେ ଫୁଟାଇ ତୋଳୁଛନ୍ତି, ସେ ମୁହୂର୍ତ୍ତରେ କବି ତାଙ୍କ ନୈସର୍ଗିକ ଯୋଗୀ ପ୍ରକୃତିର ଧାରାରେ ସିଧା ନଯାଇ, ପାର୍ଶ୍ୱପଥ ଦେଇ ତଳକୁ ଖସି ଆସନ୍ତି । ଅନ୍ତରର ଇଷ୍ଟଙ୍କୁ ନୀରବରେ ଆପଣାର ସମଗ୍ର ସତ୍ତାରେ ଅଙ୍ଗୀଭୂତ ନ କରି କେବଳ ମୁଖର ମୁଖରତାରେ ବାହାରକୁ ବୁହାଇ ଦେଇଛନ୍ତି, ଏଭଳି ଖେଳେଇ ଦେବା ଫଳରେ ସେଇ ତୀବ୍ରତାକୁ ହରାଇ ଦେଇଛନ୍ତି । ସୁତରାଂ ବ୍ରେମୋଙ୍କ ମତରେ ସେ ହୋଇ ପଡ଼ିଛନ୍ତି : ମିଥ୍ୟାଚାରୀ, ଅସତ୍ୟ-ପରାୟଣ, ବିଶ୍ୱାସଘାତକ । ତାଙ୍କ ମତରେ ଯେଉଁ ବସ୍ତୁକୁ ଜୀବନ ଦେଇ ମୂର୍ତ୍ତ କରାଯାଇଥା'ନ୍ତା – ତାହାକୁ ସହଜରେ, ଶସ୍ତାରେ କଥାର ମାଧ୍ୟମରେ ନିଃଶେଷ କରି ଦେଉଛନ୍ତି କବି, କେବଳ କଥା-କଥାରେ ସେଇ ମହନୀୟ ବସ୍ତୁଟି ପର୍ଯ୍ୟବସିତ ହୋଇଯାଉଛି । କବି ଜୀବନର ଶିଳ୍ପୀ ନହୋଇ ଅଳୀକ କଥାର ଶିଳ୍ପୀ ହୋଇ ଯାଉଛନ୍ତି । ଯଥାର୍ଥ ପୂର୍ଣ୍ଣ ଉପଲବ୍ଧି ପରିବର୍ତ୍ତେ ମଧ୍ୟବର୍ତ୍ତୀ ଏକ ଆପାତ-ରମଣୀୟଲୋକରେ – ହୁଏତ ସ୍ୱର୍ଗଲୋକରେ – ମୂଳବସ୍ତୁକୁ ପ୍ରତ୍ୟାଖ୍ୟାନ କରି କଳ୍ପନାର ବାଙ୍ମୟ ମାୟିକ ସୃଷ୍ଟି ମଧ୍ୟରେ ସେ ମୁଗ୍ଧ ମୁହ୍ୟମାନ ହୋଇ ରହିଛନ୍ତି – ଯେମିତି ଅପ୍ସରାମାନଙ୍କ ନୃତ୍ୟ ସାଧକକୁ ଭୁଲାଇ ପଥଭ୍ରଷ୍ଟ କରି ଦେଇଛି । କବିର ବାକ୍‌ସର୍ବସ୍ୱତାର ଅସାରତା କବି ନିଜେ ବେଳେବେଳେ ଅନୁଭବ କରନ୍ତି ନାହିଁ – ଏକଥା କହି ହେବ ନାହିଁ । ଅସାର ବାକ୍ୟର ସହାୟତାରେ ବାକ୍ୟର ଅସାରତା କେହି କେହି କବି ପ୍ରତିପନ୍ନ କରିଛନ୍ତି ।... ...

ଆରିଷ୍ଟୋଟ୍‌ଲଙ୍କ ଗୁରୁ ପ୍ଲେଟୋଙ୍କ ଆଖିରେ କାବ୍ୟର ଏଇ ଦିଗଟାହିଁ ଅଧିକ ପଡ଼ିଛି – ଯାହାକୁ ସିଏ 'କବିତ୍ୱର ମାୟିକ ଶକ୍ତିର କଥା' ବୋଲି ଉଲ୍ଲେଖ କରିଛନ୍ତି । ତାଙ୍କ ମତରେ କବିର ଜଗତ୍ ମନୋହର, କିନ୍ତୁ ମିଥ୍ୟାର ଜଗତ୍; ତହିଁରେ ଆଧ୍ୟାତ୍ମିକ ସତ୍ୟ କିଛି ନାହିଁ । ପ୍ଲେଟୋ ଥିଲେ ନୀତିର ଓ ଧର୍ମର ଗୋପ୍ତା (ରକ୍ଷକ) ତଥା ଶାସ୍ତା (ଶାସନ କର୍ତ୍ତା) । କବି ଉପରେ ସେ ଏଇ କାରଣରୁ ଅସନ୍ତୁଷ୍ଟ ଯେ କବିଙ୍କ (କବି ଅର୍ଥାତ୍ ହୋମରଙ୍କ ହାତରେ) ଦେବତାମାନେ ଯେ ମନୁଷ୍ୟଠାରୁ ବଳି ଅଧମ ସ୍ୱଭାବ ଓ ପ୍ରକୃତି ଲାଭ କରିଛନ୍ତି ଯାହା ଅସତ୍ୟ ଓ ମନ୍ଦ ଆଦର୍ଶକୁ ସ୍ଥାପିତ କରୁଛି । ଅସତ୍ୟକୁ, କୁ ଆଦର୍ଶକୁ ସୁନ୍ଦର ଚିତ୍ତାକର୍ଷକ କରି କବି ମଣିଷ ଆଗରେ ରଖି ତାକୁ ମାଙ୍ଗଲ୍ୟ, ସତ୍ୟ ଓ ଯଥାର୍ଥ ସୁନ୍ଦରର (ସତ୍ୟ-ଶିବ-ସୁନ୍ଦର) ସାଧନା ଓ ସେବାଠାରୁ ଅପସାରଣ କରି ଦୂରରେ ରଖି ଦେଇଥା'ନ୍ତି ।

କାବ୍ୟର ଯେ ଏ ଧରଣର ଅବିଦ୍ୟାତ୍ମିକା ମାୟିକ ଶକ୍ତି ଆଦୌ ନାହିଁ ବା ଥିବା କଥା ନୁହେଁ – ସବୁକ୍ଷେତ୍ରରେ ଏକଥା କୁହାଯାଇ ପାରିବ ନାହିଁ । କେଉଁ କେଉଁ କବି କାବ୍ୟର ପଥଧରି ଅନ୍ତରାତ୍ମାର ସାଧନାକୁ ଖର୍ବ କରନ୍ତି, କେଉଁଠି କେଉଁଠି ଘୋଡ଼େଇ ଦିଅନ୍ତି । ପାଠକର ଚିତ୍ତରେ ଏ ଧରଣର ମୋହ ଉଦ୍ରେକ ହୋଇପାରେ । କିନ୍ତୁ ଏସବୁ କ୍ଷେତ୍ରରେ କହିବା ଉଚିତ ଯେ ଦୋଷ କାବ୍ୟର ନୁହେଁ, କାବ୍ୟର ନିଜସ୍ୱ ପ୍ରକୃତିର ନୁହେଁ – ଦୋଷଟା ହେଉଛି କବିର ଓ ପାଠକର ଅର୍ଥାତ୍ ମଣିଷ ହିସାବରେ ସେମାନଙ୍କର । ଏହା ସମ୍ପୂର୍ଣ୍ଣ ବ୍ୟକ୍ତିଗତ କଥା । ଅନ୍ୟଭାବରେ ଦେଖିଲେ, ସଂସାରରେ ଏମିତି ଜିନିଷ ନାହିଁ ଯାହା ସାଧନା କ୍ଷେତ୍ରରେ ଅନ୍ତରାୟ ନ ହେବ ।

ସୁତରାଂ ପୂର୍ବେ ଆମେ ଯାହା ଆଲୋଚନା କଲେ, ସେଥିରୁ ପ୍ରମାଣିତ ହେଉ ନାହିଁ ବା ଆମେ ସିଦ୍ଧାନ୍ତରେ ପହଞ୍ଚୁ ନାହୁଁ ଯେ କବି ମାତ୍ରକେ ଭ୍ରଷ୍ଟଯୋଗୀ ବା ସେ ଅଧ୍ୟାତ୍ମ ପଥରୁ ପତିତ । ଗୋଟିଏ ଉଦାହରଣ ଦେଲେ ଏବିଷୟରେ ଯେତେ ସନ୍ଦେହ, ସେ ସମସ୍ତ ଦୂର ହୋଇଯିବ – ଆଖି ଆଗରେ ଉପନିଷଦର କବିଙ୍କୁ ରଖିଲେ । ଉପନିଷଦର କବି ପୂର୍ଣ୍ଣମାତ୍ରାରେ ଯୋଗୀ ଓ ଋଷି । ଉପନିଷଦର କବିତ୍ୱ – କାବ୍ୟ ହିସାବରେ ଯେତିକି ଉତ୍କୃଷ୍ଟ, ସାଧନାର ମନ୍ତ୍ର ହିସାବରେ ସେତିକି ମହନୀୟ । ଏଠାରେ କବି ଓ ଯୋଗୀ ଏକ ହୋଇଛନ୍ତି, ଉଭୟେ ଉଭୟଙ୍କର ଅଭିବ୍ୟକ୍ତି ହୋଇ ପ୍ରମୂର୍ତ୍ତ – ପରସ୍ପରଂ ଭାବୟନ୍ତଃ । ସେ କ୍ଷେତ୍ରରେ ବାକ୍ ସତ୍ୟର କେବଳ ସାମୟିକ ପ୍ରକାଶ ନୁହେଁ,

ତା' ଅର୍ଥ ବାକ୍ କେବଳ ବାହ୍ୟ ଆବରଣ ବା ଭାବପ୍ରକାଶର ବାହନ ହେବ, ସେପରି କିଛି କଥା ନାହିଁ; ତାହା ହୋଇଉଠିବ ଶବ୍ଦବ୍ରହ୍ମର ବିଗ୍ରହ, ସେତିକି ମଧ୍ୟ ନୁହେଁ; ତାହା ସତରେ ହେବ ସତ୍ୟର ଚାରୁତମ, ଶିବତମ, ସ୍ୱରୂପଗତ ପ୍ରଭା – ଯେପରି ସୂର୍ଯ୍ୟର କିରଣ, ଅଗ୍ନିର ଶିଖା – ପରସ୍ପରର ପରିପୂରକ ।

କିନ୍ତୁ ତା' ବୋଲି ପୁନରାୟ ଅନ୍ୟ ଦିଗରୁ ଏକଥା ବି ଅତିରଞ୍ଜନ କରିବା ଠିକ୍ ନୁହେଁ ଯେ କବି ଓ ଯୋଗୀ ଏକ ଓ ଅଭିନ୍ନ ଅବା କାବ୍ୟରଚନା ଓ ଯୋଗସାଧନାରେ ପାର୍ଥକ୍ୟ ନାହିଁ । କବିର, ତା' ସତ୍ତ୍ୱେ ମଧ୍ୟ ନିବାସ ବାଙ୍ମୟ ଜଗତ୍ ଏବଂ ତାହା ମାନସଲୋକର ଅନ୍ତର୍ଭୁକ୍ତ । କବିର ଅନ୍ତରାତ୍ମାର ଯେଉଁ ଜ୍ୟୋତିଃ ତାହା ଏଇ ବାଙ୍ମୟ ମାନସ-ଲୋକକୁ ଭାସ୍ୱର କରେ, ଅଧ୍ୟାତ୍ମ-ପ୍ରବଣ କରିପକାଏ । କିନ୍ତୁ ଯୋଗୀର କ୍ଷେତ୍ର ଆହୁରି ବିସ୍ତୃତ ଓ ବସ୍ତୁଗତ, କାହିଁକି ନା, ଯୋଗୀର ପ୍ରୟାସ ପ୍ରାଣରେ ଓ ଦେହରେ ଅଧ୍ୟାତ୍ମର ଆଲୋକକୁ ପ୍ରଜ୍ୱଳିତ କରି ତୋଳିବା । କବି ସେ ପ୍ରୟାସର ଆରମ୍ଭ ହୋଇପାରନ୍ତି, ସହାୟକ ହୋଇପାରନ୍ତି, କିଂବା ଶେଷରେ ଜୟର ପ୍ରକାଶ ଅବା ଘୋଷଣା ବି ହୋଇପାରନ୍ତି, କିନ୍ତୁ କବି ଯୋଗୀଙ୍କୁ ଘୁଞ୍ଚାଇ ଦେଇ ତାଙ୍କ ସ୍ଥାନ ଗ୍ରହଣ କରିପାରିବେ ନାହିଁ – ଏବଂ ଯୋଗୀ ହେବାକୁ ହେଲେ ଯେ ନିହାତି କବି ହେବାକୁ ପଡ଼ିବ, ତା' ମଧ୍ୟ ନୁହେଁ । କାବ୍ୟପୁରୁଷ ବ୍ରହ୍ମସତ୍ତାର ଯଦିବା ସହୋଦର, ତଥାପି ସେ ସ୍ୱୟଂ ବ୍ରହ୍ମସତ୍ତା ନୁହନ୍ତି ।*

(ଶିଳ୍ପ କଥା, ରଚନାବଳୀ ଦ୍ୱିତୀୟ ଖଣ୍ଡ ପୁସ୍ତିକାରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ✤

---

* ଏ ପ୍ରବନ୍ଧରେ ଥିବା ଅନେକଗୁଡ଼ିଏ ଉଦ୍ଧୃତି, ବିଶେଷ କରି ଅନ୍ୟଦେଶୀୟ ଉଦ୍ଧୃତି ଅନୁବାଦରେ ଦିଆହୋଇ ନାହିଁ, କେଉଁଠି କେଉଁଠି ଉଲ୍ଲେଖ ମାତ୍ର କରିଛୁ । ପ୍ରବନ୍ଧର ପ୍ରାରମ୍ଭରେ ଫରାସୀ ପାଦ୍ରି ସାହେବ ବ୍ରେମୋଙ୍କର ସମାଲୋଚନାକୁ କେନ୍ଦ୍ର କରିହିଁ ନଳିନୀକାନ୍ତ 'କବି ଓ ଯୋଗୀ' ରଚନା କରିଛନ୍ତି – ତାହାହିଁ ମୁଖ୍ୟ ଆଲୋଚ୍ୟ ଏଠାରେ । କେବଳ ମାତ୍ର ସେକ୍ସପିୟରଙ୍କର ଓ ବୋଦେଲେର୍‌ଙ୍କ ଉକ୍ତିକୁ ରକ୍ଷା କରିଛୁ, କାରଣ ସେଥିରେ ଉତ୍ତରଲୋକର ଆଭାସ ରହିଛି, ସ୍ୱୀକୃତି ରହିଛି ।

His Grace is always with those who want to progress
and realise the Truth of tomorrow.

– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ORISSA)**

## ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୨

# ଜ୍ୟୋତିର୍ଦାତା ଇନ୍ଦ୍ର

## (ଋଗ୍‌ବେଦ : ୧।୪)

**ଶ୍ରୀଅରବିନ୍ଦ**

**ସୁରୂପକୃତ୍ନୁମୂତୟେ ସୁଦୁଘାମିବ ଗୋଦୁହେ ।**
**ଜୁହୂମସି ଦ୍ୟବିଦ୍ୟବି ।।୧।।**

ଅର୍ଥ (ଅନ୍ୱୟ ସହ) : ସୁରୂପଗୁଡ଼ିକର ରୂପକାର [ସୁରୂପକୃତ୍ନୁମ୍], 'ଗୋ'-ଦୋହକମାନଙ୍କ ନିମନ୍ତେ [ଗୋଦୁହେ] ସେ ଜଣେ ଉତ୍ତମ ଦୋହକ ଭଳି [ସୁଦୁଘାମ୍ ଇବ] । ଦିନ ପରେ ଦିନ [ଦ୍ୟବିଦ୍ୟବି] ଆମର ଯେପରି ବିକାଶ ଘଟେ ସେଥିପାଇଁ [ଉତୟେ] ଆମେ ତାଙ୍କୁ ଆବାହନ କରୁଛୁ [ଜୁହୂମସି] ।

**ଉପ ନଃ ସବନା ଗହି ସୋମସ୍ୟ ସୋମପାଃ ପିବ ।**
**ଗୋଦା ଇଦ୍ ରେବତୋ ମଦଃ ।।୨।।**

ଅର୍ଥ (ଅନ୍ୱୟ ସହ) : ଆମର [ନଃ] ସୋମ-ହବନ ନିକଟକୁ [ସୋମସ୍ୟ ସବନା ଉପ] ତୁମେ ଆସ [ଆ ଗହି] । ହେ ସୋମପା, [ସୋମପାଃ] ସୋମ-ମଦ୍ୟକୁ ପାନକର [ମଦଃ ପିବ]; ତୁମ ଆନନ୍ଦର ମାଦକତା [ରେବତଃ] ପ୍ରକୃତରେ [ଇଦ୍] ଜ୍ୟୋତିଃ ପ୍ରଦାନ କରିଥାଏ [ଗୋଦା] ।

**ଅଥା ତେ ଅନ୍ତମାନାଂ ବିଦ୍ୟାମ ସୁମତୀନାମ୍ ।**
**ମା ନୋ ଅତି ଖ୍ୟ ଆ ଗହି ।।୩।।**

ଅର୍ଥ (ଅନ୍ୱୟ ସହ) : ଏହାପରେ [ଅଥ] ତୁମର ଅନ୍ତକୁ ସ୍ପର୍ଶ କରୁଥିବା ସୁଚିନ୍ତାଗୁଡ଼ିକୁ [ତେ ଅନ୍ତ୍ୟମାନାଂ ସୁମତୀନାମ୍] କୌଣସି ପ୍ରକାରେ ଆମେ ଜାଣିବାକୁ ପାଉଁ [ବିଦ୍ୟାମ] । ଆମକୁ ଅତିକ୍ରମ କରିଯାଉଥିବା ବସ୍ତୁ ଆମକୁ ଦର୍ଶାଅ ନାହିଁ [ମା ନଃ ଅତି ଖ୍ୟ], ଅସ [ଆ ଗହି] ।

**(ସାୟଣଭାଷ୍ୟ)**

୧. ''(କର୍ମର) କର୍ତ୍ତା, ଯାହାଙ୍କର (ଅଛି) ଏକ ଶୋଭନ ରୂପ, ଇନ୍ଦ୍ର, ତାଙ୍କୁ ଆମେ ଆମର ସୁରକ୍ଷା ଲାଗି ଆବାହନ କରୁଛୁ ଯେପରି ଜଣେ ଗୋଦୋହକ ତା'ର ଉତ୍ତମ ଦୁଧିଆଳୀ ଗାଈକୁ (ଡାକୁଥାଏ) ।

୨. ''ହେ ସୋମପାୟି ଇନ୍ଦ୍ର ! ତୁମେ ଆମର (ତ୍ରି) ସୋମପାନୀୟ ଅର୍ପଣ ଅନୁଷ୍ଠାନକୁ ଆସ; ତୁମ ଧନବାନ୍ ମାଦକତା ନିଶ୍ଚୟ ଗୋଦାନ କରିଥାଏ ।

୩. ''ତା'ପରେ ତୁମର ନିକଟବର୍ତ୍ତୀ ଲୋକମାନଙ୍କ ମଧ୍ୟରେ (ଦଣ୍ଡାୟମାନ) ହୋଇଥିବା ତୁମକୁ ଆମେ ଯେପରି ଜାଣି ପାରିବୁ । ଆମଠାରୁ ତୁମେ ଦୂରେଇ (ଯାଅ) ନାହିଁ (ଏବଂ) ତୁମେ (ନିଜକୁ ଅନ୍ୟମାନଙ୍କ ଆଗରେ) ପ୍ରକାଶିତ କର ନାହିଁ, କିନ୍ତୁ ଆମ ନିକଟକୁ ଆସ ।

**ଭାଷ୍ୟ :** ବିଶ୍ୱାମିତ୍ରଙ୍କ ପୁତ୍ର ମଧୁଚ୍ଛନ୍ଦା ସୋମଯଜ୍ଞରେ ସ୍ୱହସ୍ତରେ ସୋମହବି ନେଇ ଇନ୍ଦ୍ରଙ୍କୁ, ଯିଏ ଜ୍ୟୋତିଃଭାସ୍ୱର **ମନର** ଅଧିପତି, ତାଙ୍କୁ ଆବାହନ କରୁଛନ୍ତି ଏଇ କାରଣରୁ ଯେ ସେଇ ଜ୍ୟୋତିଃ ତାଙ୍କ ମନକୁ ଆଲୋକରେ ଭରିଦେବ । ଏଇ ସୂକ୍ତରେ ଯେତେଗୁଡ଼ିଏ ପ୍ରତୀକ ରହିଛି, ସେଗୁଡ଼ିକ ସାମୂହିକ ଯଜ୍ଞର ପ୍ରତୀକ । ଏ ସୂକ୍ତର ପ୍ରତିପାଦ୍ୟ ବିଷୟ ହେଉଛି : ଇନ୍ଦ୍ରଙ୍କଠାରେ ବଳ ଓ ଆନନ୍ଦର ସମୃଦ୍ଧି ଘଟୁ, ଆଉ ସେସବୁର ବୃଦ୍ଧି ସୋମ-ମଦ୍ୟ ପାନ କରିବା ହେତୁ; ଇନ୍ଦ୍ର (ଯଜ୍ଞ ସ୍ଥଳକୁ) ଆସନ୍ତୁ ଓ ଅମୃତତ୍ୱର ରସ ସ୍ୱରୂପ ସୋମ ପାନ କରନ୍ତୁ ଏବଂ ତା'ର ଫଳସ୍ୱରୂପ ମାନବ-ସତ୍ତା ଜ୍ଞାନଭାସ୍ୱରତା ପ୍ରାପ୍ତ ହେଉ, ଯଦ୍ୱାରା ତା'ର ଅନ୍ତର୍ଜ୍ଞାନ ଆଗରେ ଯେଉଁ ବାଧାସବୁ ରହିଛି, ସେଗୁଡ଼ିକ ଦୂର ହୋଇଯିବ ଏବଂ ବିମୁକ୍ତ ମନର ସର୍ବୋତ୍ତମ ବିଭବମାନ ସେ ଲାଭକରିବ ।

ମାତ୍ର ଏଇ ସୋମ ନାମକ ବସ୍ତୁଟି କ'ଣ, ଯାହା କେବେ କେବେ ଅମୃତ ନାମରେ ଅଭିହିତ ହୋଇଛି, ଗ୍ରୀକ୍ ଭାଷାରେ ଅମୃତର ବାଚ୍ୟ Ambrosia, ତାହା ସତରେହିଁ ଅମରତ୍ୱର ସାରବସ୍ତୁ ସଦୃଶ ନୁହେଁ କି ? ସୋମ ହେଉଛି ସେଇ ଦିବ୍ୟାନନ୍ଦ, କିଂବା ଆନନ୍ଦତତ୍ତ୍ୱର ପ୍ରତୀକ, ଯେଉଁ ଉତ୍ସରୁ ବୈଦିକ ବିଚାର ଦୃଷ୍ଟିରୁ ମାନବ-ସତ୍ତା ଉଦ୍ଭୂତ ହୋଇଛି ତଥା ମାନସିକ-

ବ୍ୟକ୍ତିସତ୍ତାଟିର ସୂତ୍ରପାତ ଘଟିଛି । ଏକ ଗୂଢ଼-**ଆନନ୍ଦହିଁ** ସକଳ ଅସ୍ତିତ୍ୱର ମୂଳ ଆଧାର, ତାହାର ପରିପୋଷଣକାରୀ ପରିବେଶ ଏବଂ ଅଧିକନ୍ତୁ ପରିପୋଷଣର ସାରବସ୍ତୁ କହିଲେ ଚଳେ । ତୈତ୍ତିରୀୟ ଉପନିଷଦରେ କୁହାଯାଇଛି(୧) : ଏହି ଆନନ୍ଦହିଁ ଦିବ୍ୟସୁଖର ନୈସର୍ଗିକ ଆକାଶତତ୍ତ୍ୱ, ଯାହା ନଥିଲେ କାହାର ବି ଆଉ ଅସ୍ତିତ୍ୱ ନଥା'ନ୍ତା । ଐତରେୟ ଉପନିଷଦ୍ କହୁଛନ୍ତି(୨) ସୋମ ଚନ୍ଦ୍ର ଦେବତା ରୂପେ ବିରାଟ ପୁରୁଷଙ୍କର (Universal Purusha) ଇନ୍ଦ୍ରିୟ-ଅଧିଷ୍ଠିତ ମନରୁ ଜାତ ହୋଇଥା'ନ୍ତି ଏବଂ ଯେବେ ମନୁଷ୍ୟରୂପୀ ଜୀବର ସୃଷ୍ଟି ହେଲା, ସେତେବେଳେ ଏଇ ସୋମଦେବତା ଚନ୍ଦ୍ରମା ରୂପେ ପୁନରାୟ ମାନବ-ଅନ୍ତରରେ ଇନ୍ଦ୍ରିୟ-ଅଧିଷ୍ଠିତ ମନ ରୂପେ ଅଭିବ୍ୟକ୍ତ ହେଲେ । କାରଣ ଇନ୍ଦ୍ରିୟ ସଂବେଦନ ରହିଥିବାର ମୂଳ ହେତୁ ହେଉଛି ଆନନ୍ଦ ଅଥବା ଏକଥା ବି ଆମେ କହିପାରୁ ଯେ ସତ୍ତାର (ବା ଅସ୍ତିତ୍ୱର) ଯେଉଁ ଗୂଢ଼ ଆନନ୍ଦ, ତାକୁ ଭୌତିକ ଚେତନାର ସ୍ତରରେ ରୂପାନ୍ତରିତ କରିବାର ପ୍ରଯତ୍ନଶୀଳତାହିଁ ଇନ୍ଦ୍ରିୟ ସଂବେଦନ । ତେବେ ଉକ୍ତ ଚେତନାରେ ଯାହା 'ଅଦ୍ରି' ତାହା ନିଦା, ପାହାଡ଼, ପ୍ରସ୍ତର ଅବା ଘନୀଭୂତ ପଦାର୍ଥ ନାମରେ ପରିଚିତ ହୋଇଥାଏ ପ୍ରତୀକ ରୂପେ । ତାହାରି ଭିତରେ ଦିବ୍ୟଜ୍ୟୋତିଃ ଓ ଦିବ୍ୟ-ଆନନ୍ଦ, ଦୁଇଟି ଯାକହିଁ ଲୁଚି ଯାଆନ୍ତି, ସେତିକି କେବଳ ନୁହେଁ — ଉଭୟେ ବନ୍ଦୀ ଭଳି ଅଦୃଶ୍ୟବତ୍ ହୋଇଯା'ନ୍ତି, ଏଇ ଦୁଇଟିକୁ ସେଠାରୁ ମୁକ୍ତ କରିବାକୁ ବା ବାହାରକୁ ନେଇ ଆସିବାକୁ ହେବ । ଆନନ୍ଦ-'ରସ' ରୂପେ ବିଦ୍ୟମାନ, ଯାହାକୁ କୁହାଯାଏ ନିଷ୍କାସିତ ରସ ବା ସାର ରସ । ଇନ୍ଦ୍ରିୟ ଅଧିଷ୍ଠିତ ବିଷୟରେ ତଥା ଇନ୍ଦ୍ରିୟାନୁଭୂତିରେ, ପୃଥିବୀ-ବକ୍ଷର ପ୍ରକୃତିରୁ ଉପଜାତ ବନସ୍ପତି ଓ ଉଭିଦରେ ଏଇ ରହସ୍ୟପୂର୍ଣ୍ଣ ସୋମଲତା ମଧ୍ୟରେ ଥିବା ଉକ୍ତ ରସତତ୍ତ୍ୱ ପ୍ରତୀକ ଭାବରେ ରହିଛି; ଯାବତୀୟ ଇନ୍ଦ୍ରିୟ କ୍ରିୟାର ଏବଂ ସେଗୁଡ଼ିକର ସୁଖାନୁଭୂତିର ପଶ୍ଚାତରେ ଥିବା ତତ୍ତ୍ୱରେ ତାହା ଆମକୁ ରସ ପ୍ରଦାନ କରେ; ଏବଂ ଏହା ସେଇସବୁ ଇନ୍ଦ୍ରିୟାନୁଭୂତିରୁ ଦିବ୍ୟରସ ରୂପେ ନିଷ୍କାସିତ ହୋଇଥାଏ । ଏଇ ରସକୁ ସେଥିରୁ କ୍ଷରଣ କରିବାକୁ ପଡ଼େ, ଥରେ କ୍ଷରିତ ହୋଇଗଲେ, ପୁଣି ତାହାକୁ ବିଶୁଦ୍ଧ ତଥା ତୀବ୍ର-ଘନ କରିବାକୁ ହୁଏ ଯେତେବେଳଯାଏ ତାହା ଉଜ୍ଜ୍ୱଳ କିରଣରେ ଭାସ୍ୱର, ପୂର୍ଣ୍ଣ ଗତିଶୀଳତାରେ ଯୁକ୍ତ, ପୂର୍ଣ୍ଣ ବଳଶାଳୀ, 'ଗୋମତ୍', 'ଆଶୁ', 'ଯୁବାକୁ' ହୋଇ ନ ଯାଇଛି । ଫଳରେ ତାହା ଯେପରି ସୋମ-ଯଜ୍ଞରେ ଆହୂତ ଦେବତାଙ୍କ ପ୍ରମୁଖ ଖାଦ୍ୟ ହୋଇଯାଏ । ଦେବତାବୃନ୍ଦ ଯଜ୍ଞରେ ଉପସ୍ଥିତ ହୋଇ ସେ ଆନନ୍ଦର ଆପଣା ଭୋଗର ଅଂଶ ସ୍ୱୀକାର କରନ୍ତି ଏବଂ ସେଇ ଉଲ୍ଲାସକର ଭୋଗରେ ବଳଯୁକ୍ତ ହୋଇ ସେମାନେ ମନୁଷ୍ୟ ଅନ୍ତରରେ ବର୍ଦ୍ଧିତ ହୁଅନ୍ତି, ମନୁଷ୍ୟକୁ ତା'ର ଉଚ୍ଚତମ ସାମର୍ଥ୍ୟର ସମ୍ଭାବନାର ଶିଖରଯାଏଁ ଉଠାଇ ନିଅନ୍ତି ଏବଂ ତାକୁ ସର୍ବୋଚ୍ଚ ଉପଲବ୍ଧି ଲାଭ କରିବା ନିମନ୍ତେ ଯୋଗ୍ୟତାସମ୍ପନ୍ନ କରି ଦିଅନ୍ତି । ଯେଉଁ ମାନବଗଣ-ସ୍ୱୀୟ ଅନ୍ତରର ଆନନ୍ଦକୁ ହବିଃ ରୂପେ ଦିବ୍ୟଶକ୍ତିଗଣଙ୍କୁ ଉତ୍ସର୍ଗ ନ କରି, ନିଜର ଇନ୍ଦ୍ରିୟ ତଥା ନିମ୍ନତର ଜୀବନ ଲାଗି ସଂଚୟ କରି ରଖିବାକୁ ଅଧିକ ପସନ୍ଦ କରନ୍ତି, ସେମାନେ ପ୍ରକୃତରେ ଦେବ-ଆରାଧକ ନୁହନ୍ତି, ବରଂ ପଣିମାନଙ୍କର ପ୍ରଶଂସକ ଯିଏ ଇନ୍ଦ୍ରିୟ-ଚେତନାର ଅଧିପତି, ଯିଏ ଉକ୍ତ ଚେତନାକୁ ନେଇ କାରବାର କରିବା ଭଳି କେବଳ ସୀମିତ କ୍ରିୟାବଳି ଭିତରେ ବଣିଜ କରନ୍ତି (traffickers); ସେଇମାନେ ରହସ୍ୟମୟ ସୋମ-ସୁରାକୁ ପେଷଣ ଓ ନିଷ୍କାସନ କରନ୍ତି ନାହିଁ, ଦେବତାଙ୍କୁ ପରିଶୁଦ୍ଧ ସୋମହବିଃ ଅର୍ପଣ କରନ୍ତି ନାହିଁ, ପବିତ୍ର ମନ୍ତ୍ରୋଚ୍ଚାରଣ କରନ୍ତି ନାହିଁ । ଉକ୍ତ ପଣିଗଣ ଭାସ୍ୱର ଚେତନାରୁ ଦିବ୍ୟକିରଣରାଜିକୁ, ସୂର୍ଯ୍ୟଙ୍କର ସେଇ ଜ୍ୟୋତିର୍ମୟ ଗୋଯୂଥଙ୍କୁ ଚୋରି କରି ନିଅନ୍ତି, ଆଉ ସେମାନଙ୍କୁ ନେଇ ଅବଚେତନର ଗୁମ୍ଫାରେ ନିଦା ପଥରର ଜଡ଼ ଚେତନାରେ ବନ୍ଦ କରି ରଖିଦିଅନ୍ତି । ତତ୍ପରେ ଦେବଶୂନୀ ସରମା, ଯିଏକି ଜ୍ୟୋତିର୍ମୟୀ ଅନ୍ତର୍ଜ୍ଞାନ-ସ୍ୱରୂପିଣୀ, ସିଏ ଯେବେ ଗୋ-ଯୂଥଙ୍କର ପଦକ୍ଷୁରାର ଚିହ୍ନ ବାରି ତାଙ୍କୁ ଅନୁସରଣ କରି ପଣିଙ୍କର ଗୁହା ନିକଟରେ ପହଞ୍ଚନ୍ତି, ସେତେବେଳେ ତାଙ୍କୁ ମଧ୍ୟ ସେଇ ପଣିଗଣ ଲାଞ୍ଚ ଦେଇ କଳୁଷିତ କରିବାର ପ୍ରୟାସ ଛାଡ଼ନ୍ତି ନାହିଁ !

ପରନ୍ତୁ, ଏଇ ସୂକ୍ତରେ ଯେଉଁ ବିଷୟର ଅବତାରଣା କରାଯାଇଛି ସେଇଟି ଆମର ଆନ୍ତର ଯାତ୍ରାର କ୍ଷେତ୍ରରେ

[୧] ତୈତ୍ତିରୀୟ ଉପନିଷଦ୍ କହୁଛନ୍ତି : ''କୋ ହ୍ୟେବାନ୍ୟାତ୍ କଃ ପ୍ରାଣ୍ୟାତ୍ ୟଦେଷ ଆକାଶ ଆନନ୍ଦୋ ନ ସ୍ୟାତ୍ । ଏଷ ହ୍ୟେବାନନ୍ଦୟାତି ।'' ୨।୭

[୨] ଐତରେୟ ଉପନିଷଦ୍ କହୁଛନ୍ତି : ''ମନସଶ୍ଚନ୍ଦ୍ରମାଃ'' । ୧।୪। ... ଚନ୍ଦ୍ରମା ମନୋଭୂତ୍ୱା ହୃଦୟଂ ପ୍ରାବିଶତ୍ । ୨।୪

ପ୍ରଗତିର ଏକ ବିଶେଷ ଅବସ୍ଥାରେ ଉପନୀତ ହେବାର ପରବର୍ତ୍ତୀ ପର୍ଯ୍ୟାୟର ଅବସ୍ଥାକୁ ଦର୍ଶାଉଛି – ଯେଉଁଠାରେ ଆମେ (ମାନବ ଆତ୍ମା) 'ପଣି'ଗଣକୁ ଅତିକ୍ରମଣ କରି ସାରିଛୁ ଏବଂ 'ବୃତ୍ର' ଓ ଆଚ୍ଛାଦକ, ଯିଏ ଆମର ସମସ୍ତ ଶକ୍ତିକୁ ଓ କ୍ରିୟାକଳାପକୁ ଜୋର କରି ଆମଠାରୁ ଛଡ଼ାଇ ନେବା ପାଇଁ ଲାଗି ପଡ଼ିଥା'ନ୍ତି, ଅଥଚ ଆମେ ଇତି ମଧ୍ୟରେ ସେମାନଙ୍କୁ ପରାଭୂତ କରିସାରିଛୁ; ଏବଂ 'ବଳ', ଯିଏ ଆମଠାରୁ ଜ୍ୟୋତିଃକୁ ପୃଥକ୍ କରି ଅବରୁଦ୍ଧ କରି ରଖିଥିଲା, ତାକୁ ବି ଆମେ ସଂଗ୍ରାମ ଦ୍ୱାରା ହଟାଇ ଦେଇଛୁ ଓ ତାକୁ ଡେଇଁ ଆସିଛୁ । କିନ୍ତୁ, ଏସବୁ ପରେ ମଧ୍ୟ ଏପରି କିଛି ବିରୋଧିଶକ୍ତି ରହିଛନ୍ତି, ଯେଉଁମାନେ ଆମର ପୂର୍ଣ୍ଣତାପ୍ରାପ୍ତି ପଥରେ ବାଧକ ହୋଇ ଠିଆ ହୁଅନ୍ତି । ଏମାନେ ହେଲେ ସୀମାରେ ଆବଦ୍ଧ କରି ଦେଉଥିବା ଶକ୍ତିଗଣ, ସୀମାବଦ୍ଧକାରିଗଣ, ନିନ୍ଦୁକଗଣ, ଯଦ୍ୟପି ଆମଠାରୁ କିରଣରାଜିକୁ ପୂରାପୂରି ଘୋଡ଼ାଇ ରଖନ୍ତି ନାହିଁ କିଂବା ଉର୍ଜାକୁ କ୍ଷୀଣ କରିଦିଅନ୍ତି ନାହିଁ, ତଥାପି ଆମର ଆତ୍ମ-ଅଭିବ୍ୟକ୍ତିର କ୍ଷେତ୍ରରେ ଅନୁକ୍ଷଣ ପ୍ରୟାସ ଚାଲୁ ରଖିଥା'ନ୍ତି ଯେମିତି ଆମେ ଆଉ ଆଗକୁ ନ ଯାଉ । ଏହା ଫଳରେ – ଏବେଯାଏଁ ଆମେ ଆଗରୁ ଲାଭ କରିଥିବା ବିକାଶ ବା ଉନ୍ନତିରେ ଥିବା ତ୍ରୁଟି ଓ ଅଭାବକୁ ନେଇ ଆମର ଆସିବାକୁ ଥିବା ବିକାଶ ଆଗରେ ସ୍ଥାପନ କରନ୍ତି ସୀମାବଦ୍ଧତାର ପ୍ରତିବନ୍ଧକ ରୂପେ । ସୁତରାଂ ଏଇ ପର୍ଯ୍ୟାୟରେ ଋଷି ମଧୁଚ୍ଛନ୍ଦା ଇନ୍ଦ୍ରଦେବଙ୍କୁ ଆହ୍ୱାନ କରୁଛନ୍ତି ଏଠାରେ ପହଞ୍ଚି ଏ ତ୍ରୁଟିକୁ ଦୂର କରିଦେବା ପାଇଁ ଏବଂ ସେ ସ୍ଥାନରେ ଏକ କ୍ରମବର୍ଦ୍ଧନଶୀଳ ଜ୍ୟୋତିଃକୁ ସ୍ଥିରପ୍ରତିଷ୍ଠ କରିଦେବା ସକାଶେ ।

**ମନ୍ତ୍ରଭାଗର ଭାଷ୍ୟ :**

ଇନ୍ଦ୍ର ପ୍ରତିନିଧିତ୍ୱ କରୁଥିବା ତତ୍ତ୍ୱଟି ହେଉଛି **ମାନସ-ଶକ୍ତି**, ଯାହା ପ୍ରାଣମୟ ଚେତନାର ସୀମାରୁ ତଥା ତାହାର ଧୂଆଁଳିଆ ଅସ୍ୱଚ୍ଛତାରୁ ମୁକ୍ତ । ଏହା ସେଇ ଜ୍ୟୋତିର୍ମୟୀ ପ୍ରଜ୍ଞା ଅଟେ, ଯାହା ଧିଷଣାର ଓ କ୍ରିୟାର ରୂପାବଳୀକୁ ଗଢ଼େ ଯଥାର୍ଥଭାବେ ଓ ପରିପୂର୍ଣ୍ଣ କରି ଏବଂ ଯାହା ପ୍ରାଣର ସ୍ନାୟୁଗତ ଆବେଗରେ ବିକୃତ ହୋଇ ନଥାଏ କି ଇନ୍ଦ୍ରିୟଗତ ମିଥ୍ୟାଭାସ ଦ୍ୱାରା ବ୍ୟାହତ ହୋଇ ନଥାଏ । ସେଇ କାରଣରୁ ସେଠାରେ ଏପରି ଏକ ଗାଭୀର ଉପମା ଦିଆଯାଇଛି, ଯେଉଁ ଗାଭୀ ପ୍ରଚୁର ପରିମାଣରେ ଦୁଗ୍ଧ ଦିଏ ତା'ର ଗୋଷ୍ଠର ଦୋହନକାରୀକୁ; ସେଥିପାଇଁ ତାହା 'ଦୋଗ୍ଧ୍ରୀ' ନାମରେ ପରିଚିତ । ସଂସ୍କୃତରେ ଗୋ ଶବ୍ଦର ଅର୍ଥ ଯେପରି ଗାଈ, ସେପରି ଅନ୍ୟ ଏକ ଅର୍ଥ : ଆଲୋକର ରଶ୍ମି । ବୈଦିକ ପ୍ରତୀକବାଦିଗଣ ଦ୍ୱି-ଅର୍ଥ-ବୋଧକ ଶବ୍ଦକୁ ଏକସଙ୍ଗେ ଦୁଇଟି ପ୍ରରୂପରେ ପ୍ରୟୋଗ କରିଛନ୍ତି । ସେମାନଙ୍କ ଲାଗି ତାହା କେବଳ ପ୍ରରୂପ ନୁହେଁ – ବରଂ ଅଧିକ ମୂଲ୍ୟବାନ୍; କାହିଁକି ନା 'ଆଲୋକ' ସେମାନଙ୍କ ଦୃଷ୍ଟିରେ ଉକ୍ତ ପ୍ରତୀକ ଯାହା ଧିଷଣାର ଉପଯୁକ୍ତ କାବ୍ୟିକ ଚିତ୍ରକଳ୍ପ (Poetic image) ମାତ୍ର ନୁହେଁ, ଯଥାର୍ଥରେ ତାହାର ଏକ ଭୌତିକ ରୂପ ମଧ୍ୟ । ସେଇପରି ଗୋଧନ, ଯେଉଁମାନେ ଦୁହାଁ ଯାଉଛନ୍ତି ସେଗୁଡ଼ିକ ସୂର୍ଯ୍ୟଦେବଙ୍କର ଗୋଯୂଥ, କାରଣ ସ୍ୱୟଂ ସୂର୍ଯ୍ୟ ସ୍ୱପ୍ରକାଶ ଓ ଅନ୍ତର୍ବୋଧିଯୁକ୍ତ ମନ କିଂବା ଉଷା ହେଉଛନ୍ତି ସେହି ଦେବୀ, ଯିଏ ସୌର-ମହିମାକୁ ପରିପ୍ରକାଶ କରନ୍ତି । ଋଷି (ମଧୁଚ୍ଛନ୍ଦା) ଏହି ସତ୍ୟ-ଜ୍ୟୋତିଃର **ପୂର୍ଣ୍ଣତର** କ୍ରିୟାଶୀଳତାର ସହାୟତାରେ ଇନ୍ଦ୍ରଦେବ ଯେପରି ତାଙ୍କର ଗ୍ରହଣଶୀଳ ମନ ଉପରେ ଆପଣାର ଅତ୍ୟଧିକ କିରଣ ଢାଳି ଦେଇ ତାଙ୍କର ନିତ୍ୟ-ପ୍ରତିଦିନର ସତ୍ୟପ୍ରକାଶକୁ କ୍ରମବର୍ଦ୍ଧମାନ କରନ୍ତି – ଏଥିପାଇଁ ସେ ଇନ୍ଦ୍ରଙ୍କୁ ଆବେଦନ କରୁଛନ୍ତି । [ମନ୍ତ୍ର - ୧]

ଦିବ୍ୟସତ୍ତା ଓ ଦିବ୍ୟକ୍ରିୟା ମଧ୍ୟରେ ଯେଉଁ ଆନନ୍ଦ ଥାଏ ତାହାକୁ ସୋମରସ (Soma-wine) ନାମରେ ପ୍ରତୀକାତ୍ମକ ଆଳଙ୍କାରିକ ଚିତ୍ର ପ୍ରଦାନ କରାଯାଇଛି, ତାହାର ସଚେତନ ଅଭିବ୍ୟକ୍ତି ଦ୍ୱାରା ଶୁଦ୍ଧ ଜ୍ଞାନଭାସ୍ୱର ବୁଦ୍ଧିର କ୍ରିୟା ଶକ୍ତିମନ୍ତ ତଥା ପରିବର୍ଦ୍ଧିତ ହୋଇଥାଏ । ଏହି ପ୍ରଜ୍ଞା ଏହାଦ୍ୱାରା ବଳାନ୍ୱିତ ହେବା ସଙ୍ଗେ ସଙ୍ଗେ ଏହାର କ୍ରିୟାସ୍ୱରୂପ ଅନ୍ତଃପ୍ରେରଣା ମାଦକତାରେ ଭରା ଆନନ୍ଦରେ ପରିଣତ ହୋଇଥାଏ, ଏହାରି ଦ୍ୱାରା ରଶ୍ମିଗଣ ପ୍ରାଚୁର୍ଯ୍ୟଭରେ ଓ ଆନନ୍ଦପୂର୍ଣ୍ଣଭାବେ ଅନ୍ତଃ ପ୍ରଦେଶକୁ ଆସିଥା'ନ୍ତି । – ''ତୁମ ଆନନ୍ଦର ମାଦକତା ପ୍ରକୃତରେ ଜ୍ୟୋତିଃ ପ୍ରଦାନ କରିଥାଏ ।'' [ମନ୍ତ୍ର - ୨]

କାରଣ ଏବେ ମଧ୍ୟ ଉକ୍ତ ଜୋରକରି ସୀମିତତାରେ ବାନ୍ଧି ରଖୁଥିବା ଶକ୍ତିଗଣଙ୍କ ଦ୍ୱାରା ସୀମିତତାର ଏହି ବାଧାବିପତ୍ତିମାନ ମଝିବାଟରେ ଆସି ପଥରୋଧ କରନ୍ତି; ସେମାନଙ୍କୁ ଜୋର-ଜବରଦସ୍ତି ପଥରୁ ଅପସାରିତ କରି ଆମେ ଜ୍ଞାନ-ବୁଦ୍ଧିର ଶେଷ ତତ୍ତ୍ୱରୁ ଜ୍ୟୋତିଃ ଭାସ୍ୱର ପ୍ରଜ୍ଞାର କିଛି ଦୂରଯାଏ ପହଞ୍ଚିପାରୁ – ଯାହା ଏଇ ଜ୍ଞାନଗମ୍ୟତାର ସମ୍ଭାବ୍ୟ ପ୍ରାପ୍ତି । ସତ୍ୟ ଧିଷଣା, ସତ୍ୟ ସଂବେଦନର ପୂର୍ଣ୍ଣ ପ୍ରତିଷ୍ଠାହିଁ **ସୁମତି** ଶବ୍ଦର ପୂର୍ଣ୍ଣ ଅଭିପ୍ରାୟ । ବୈଦିକ **ମତି** ଅର୍ଥରେ ଖାଲି

ଭାବନା ନୁହେଁ ବରଂ ମନୋବୃତ୍ତିର ଭାବଗତ ଅଂଶ ମଧ୍ୟ ମିଶି ରହିଛି । ସୁମତି ହେଉଛି ବିଚାର-ଭାବନାର ମଧ୍ୟରେ ପ୍ରକାଶର ଜ୍ୟୋତିଃ; ଅନ୍ତଃସତ୍ତାର ଭାସ୍ୱର ପ୍ରସନ୍ନତା ଓ ଆତ୍ମାର କୋମଳ ଦୟାଳୁତା ବି, ଏସକଳ ଏଇଥିରେ ବିଦ୍ୟମାନ । କିନ୍ତୁ ଏଇ ସୂକ୍ତାଂଶରେ ସତ୍ୟ ଚିନ୍ତନ ଉପରେ ଜୋର୍ ଦିଆଯାଇଛି, ମନୋଗତ ଭାବାଳୁତା ଉପରେ ନୁହେଁ । ଯାହା ବି ହେଉ ଏହା ମଧ୍ୟ ପ୍ରୟୋଜନ ଯେ ଅଧିକୃତ ଚେତନାର କ୍ଷେତ୍ରଗୁଡ଼ିକରେ ସୁମତିର ଅଭିବୃଦ୍ଧି ଆରମ୍ଭ ହେବା ଉଚିତ; ହେଲେ ଜ୍ୟୋତିଃର ଝଲକ ଓ ଦୀପ୍ତିର ଆଭା ସେଠାରେ ପ୍ରକାଶିତ ନ ହେଉ, କାରଣ, ସେପରି ହେଲେ ଆମ ଶକ୍ତିଗୁଡ଼ିକ ଊର୍ଦ୍ଧ୍ୱକୁ ଅତିକ୍ରମ କରିବା ବେଳେ ତାହାକୁ ସୁରୂପରେ ବ୍ୟକ୍ତ କରିବା ପାଇଁ ଅଶକ୍ତ ହେବେ ତଥା ଗ୍ରହଣଶୀଳ ମନକୁ ଦ୍ୱିଧାଗ୍ରସ୍ତ କରିବେ । ଇନ୍ଦ୍ର କେବଳ ପ୍ରଦୀପକ ହୁଅନ୍ତୁ ନାହିଁ, ସୁମତିର ରଚୟିତା ମଧ୍ୟ ହୁଅନ୍ତୁ । – **ସୁରୂପକୃତ୍ନୁ** । [ମନ୍ତ୍ର - ୩]

(*ଏହି ଅଧ୍ୟାୟର ଅବଶିଷ୍ଟାଂଶ ଆଗାମୀ ସଂଖ୍ୟାରେ ଦ୍ରଷ୍ଟବ୍ୟ*)
[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଦ୍ୱିତୀୟ ଭାଗ ''*Indra, Giver of Light*'' (*Rig-Veda I.4*)ର ଓଡ଼ିଆ ଅନୁବାଦ ।
ଅନୁବାଦ : କୃଷ୍ଣାଦେବୀ ଓ ମଧୁସୂଦନ ମହାପାତ୍ର] ❖

---

(୧) ଅଥବା, ନିନ୍ଦକ, **ନିଦଃ** । ମୋ ବିଚାରରେ 'ନିଦ୍' ଧାତୁ ''ବନ୍ଧନ'', ''ସମାବଦ୍ଧୀକରଣ'', ''ସୀମିତୀକରଣ'' ଆଦି ଅର୍ଥ ବହନ କରେ, ଭାଷାବିଜ୍ଞାନର ବ୍ୟୁତ୍ପତ୍ତି ଅନୁସାରେ ଏହିସବୁ ଅର୍ଥକୁ ପୂର୍ଣ୍ଣ ନିଶ୍ଚୟତା ସହ ଏଠାରେ ଦିଆଯାଇପାରେ । ନିଦିତ = ଆବଦ୍ଧ, ନିଦାନ = ବନ୍ଧନରଜ୍ଜୁ – ଏହି ଉଭୟ ଶବ୍ଦର ମୂଳରେ ଏହି ଧାତୁ ରହିଛି । କିନ୍ତୁ ଉକ୍ତ ଧାତୁଟିର ଅର୍ଥ ମଧ୍ୟ ନିନ୍ଦାକରିବା । ଗୁହ୍ୟାର୍ଥବ୍ୟଞ୍ଜକ ଏହି ବିଶିଷ୍ଟ ପଦ୍ଧତି ଅନୁସାରେ ବିଭିନ୍ନ ସୂକ୍ତରେ ଅର୍ଥଦୃଷ୍ଟିରୁ ଗୋଟିଏ ବା ଅନ୍ୟଟି ପ୍ରାଧାନ୍ୟ ଲାଭ କରୁଥିଲେ ବି ଏକ ଅନ୍ୟଟିକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରେ ନାହିଁ ।

(୨) ''ଅରିଃ କୃଷ୍ଟୟଃ''କୁ ଅର୍ଥ କରାଯାଇପାରେ ''ଆର୍ଯ୍ୟଜନଗଣ'' କିଂବା ''ଯୁଦ୍ଧପ୍ରିୟ ଜାତିଗଣ'' । 'କୃଷ୍ଟି' ଓ 'ଚର୍ଷଣୀ' ଶବ୍ଦଦ୍ୱୟର ଅର୍ଥ ସାୟଣ କରିଛନ୍ତି 'ମାନବ' । ଏଦୁଇଟିର ଧାତୁ ଯଥାକ୍ରମେ 'କୃଷ୍', 'ଚର୍ଷ୍', ଯାହାର ମୌଳିକ ଅର୍ଥ ଶ୍ରମ, ଉଦ୍ୟମ ଅଥବା ଶ୍ରମସାପେକ୍ଷ କର୍ମ । ଏହାର ଅର୍ଥ ମଧ୍ୟ କେବେ ହୁଏ ବୈଦିକ କର୍ମର କର୍ତ୍ତା ତ କେବେ କେବଳ କର୍ମ,– କର୍ମୀ କିଂବା କୃତି ।

(୩) ୮ମ ଋକ୍‌ରେ ସାୟଣ ''ବାଜିନାମ୍''କୁ 'ରଣକ୍ଷେତ୍ରରେ ଯୋଦ୍ଧା' ଅର୍ଥ ଦେଇ ବୁଝାଇଛନ୍ତି ଏବଂ ଠିକ୍ ତା' ପର ଋକ୍‌ରେ ସେହି ସମାନ ପଦର ଅର୍ଥ ହୋଇଛି 'ଯୁଦ୍ଧରେ ଯିଏ ବଳବାନ୍' ଏବଂ ''ବାଜେଷୁ ବାଜିନାଂ ବାଜୟାମଃ''ରେ ସେହି ସମାନ ପଦକୁ ଭିନ୍ନ ଭିନ୍ନ ତିନିଟି ଅର୍ଥ ଦେଇଛନ୍ତି : ''ଯୁଦ୍ଧ'', ''ବଳ'' ଓ ''ଅନ୍ନ'' । ସାୟଣଙ୍କ ଟୀକାପଦ୍ଧତିରେ ଥିବା ଅସଂଗତିର ଏହା ଏକ ବିଶେଷ ଉଦାହରଣ ।

ମୁଁ ଏଠାରେ ଦୁଇଟି ଅର୍ଥ ଏକସଙ୍ଗେ ଉପସ୍ଥାପନ କରିଛି ଏଇଥିପାଇଁ ଯେ ପାଠକ ଉଭୟ ଟୀକାପଦ୍ଧତି ଓ ତାହାର ଅର୍ଥନିର୍ଣ୍ଣୟର ଏକ ସହଜ ତୁଳନା କରି ଦେଖିପାରିବେ । ଟୀକାକାରଙ୍କ ବ୍ୟାଖ୍ୟାର ମଝିରେ ମଝିରେ ଆବଶ୍ୟକ ସ୍ଥଳେ ବନ୍ଧନୀ ମଧ୍ୟରେ କିଛି କିଛି ଲେଖିବାର ଉଦ୍ଦେଶ୍ୟ ହେଲା ଅର୍ଥକୁ ପୂର୍ଣ୍ଣ ଓ ବୋଧକ୍ଷମ କରିବା । ଏପରିକି ଯେଉଁ ପାଠକ ସଂସ୍କୃତ ଭାଷା ସହିତ ଅପରିଚିତ, ମୁଁ ଭାବୁଛି ଯେ ସେ ଏହି ଗୋଟିଏ ଉଦାହରଣରୁ ସେହି ଯୁକ୍ତିକୁ ସମର୍ଥନ କରିପାରିବେ – ଆଧୁନିକ ଯୁକ୍ତିଧର୍ମୀ ମନ କାହିଁକି ସାୟଣଙ୍କ ଟୀକାକୁ ବୈଦିକ ସଂହିତାର ବିଶ୍ୱସନୀୟ ପ୍ରାମାଣିକ କୃତିରୂପେ ଗ୍ରହଣ କରିବାକୁ ଅସ୍ୱୀକାର କରେ ।

# ରହସ୍ୟମୟ ତନ୍ଦ୍ରାଲୋକ : କିଞ୍ଚିତ୍ ଝଲକ

## (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର)

- ଅତୀନ୍ଦ୍ରିୟ ଜଗତ୍ ଏବଂ ଆଧ୍ୟାତ୍ମିକ ଜଗତ୍ ଏକା କଥା ନୁହେଁ ।
- ବାତାବରଣରେ ବିଦ୍ୟମାନ ଅସୁମାରି କ୍ଷୁଦ୍ରଶକ୍ତି– ହେତୁବୋଧ ଦ୍ୱାରା ସମ୍ଭବପର ନୁହେଁ ଯେଉଁମାନଙ୍କ ଆଚରଣର ବ୍ୟାଖ୍ୟା ।

ପ୍ରଥମ ଜିଜ୍ଞାସୁ : ଏମିତି କେତେକ କ୍ଲାସିକ୍ ଉପନ୍ୟାସ ପଢ଼ିବାର ସୁଯୋଗ ମୁଁ ପାଇଛି, ଯାହା ଜୀବନର ବ୍ୟାପକତା ଏବଂ ବୈଚିତ୍ର୍ୟ ସମ୍ପର୍କରେ ମୋତେ ନୂଆ ନୂଆ ଧାରଣା ଦେଇଛି । 'ତନ୍ଦ୍ରାଲୋକର ପ୍ରହରୀ' ସେହିଭଳି ଏକ ଉପନ୍ୟାସ । ସେଥିରେ ଦିଆଯାଇଥିବା ଅତୀନ୍ଦ୍ରିୟ ଜଗତର ଆଭାସ ମୋତେ ଚମତ୍କୃତ କରିଛି । ଯଦି ତାହାର ଦ୍ୱିତୀୟ ଭାଗ ଥାଆନ୍ତା, ସେଥିରେ ଆହୁରି ଅଧିକ ତଥ୍ୟ ଆପଣ ପରିବେଷଣ କରିଥା'ନ୍ତେ, ବହିଟି ପଢ଼ିବାର ପ୍ରାୟ ଦଶବର୍ଷ ପରେ ମଧ୍ୟ ମୋର ଏ ଆଗ୍ରହ ପ୍ରଶମିତ ହେଉ ନାହିଁ । ସେମିତି କିଛି ଲେଖିବାର ସମ୍ଭାବନା ଅଛି କି ?

**ଉତ୍ତର** : ମନେ ହୁଏନା । ବହିଟିରେ ଆପଣ ଅତୀନ୍ଦ୍ରିୟ ଜଗତର ''ଆଭାସ'' ପାଇଲେ ବୋଲି କହୁଛନ୍ତି । ଆପଣଙ୍କ ଅଭିବ୍ୟକ୍ତି ଯଥାର୍ଥ । ଆଭାସଠାରୁ ଅଧିକ କିଛି ପାଇନଥିବେ । ସେହି ଆଭାସ ମାତ୍ର ଦେବାର ଅଧିକାର ମୋର ଥିଲା । ପୋଥି-ବିଦ୍ୟା ଅନୁସରଣ କରି ତ ଅତୀନ୍ଦ୍ରିୟ ଜଗତ୍ ସମ୍ପର୍କରେ ବହୁତ କଥା ଲେଖିଦେଇ ହେବ, କିନ୍ତୁ ଯାହା ଯେତିକି ସତ୍ୟ ବୋଲି ମୁଁ ଜାଣେ, ତାହାଠୁଁ ଅଧିକ ଲେଖିବା ଭଳି ଉତ୍ସାହ ମୋର ନାହିଁ ।

ଦ୍ୱିତୀୟ ଜିଜ୍ଞାସୁ : ଅତୀନ୍ଦ୍ରିୟ ଜଗତ୍ ତାହାହେଲେ ବାସ୍ତବ ?

**ଉତ୍ତର** : ମୁଁ ଏତିକି କହିପାରେ, ଆପଣ ଯେଉଁ ଜଗତକୁ ବାସ୍ତବ ବୋଲି ଜାଣନ୍ତି ତାହା ତୁଳନାରେ ବହୁ ବହୁ ଗୁଣ ଅଧିକ ବାସ୍ତବ ହେଲା ଅତୀନ୍ଦ୍ରିୟ ଜଗତ୍ । ଖାଲି ବାସ୍ତବ ନୁହେଁ, ବହୁ ଅଧିକ ବ୍ୟାପକ ଏବଂ ଜଟିଳ ମଧ୍ୟ ।

ତୃତୀୟ ଜିଜ୍ଞାସୁ : ଯୋଗୀ ଓ ସାଧକମାନେ ସେହି ଜଗତର ଜ୍ଞାନ ଅର୍ଜନ କରନ୍ତି ସିନା, ଆମେ କ'ଣ ଜାଣିବୁ !

**ଉତ୍ତର** : ଗୋଟାଏ କଥା ସ୍ପଷ୍ଟ ହୋଇଯିବା ଉଚିତ୍ । ଅତୀନ୍ଦ୍ରିୟ ଜଗତ୍, ଯାହାକୁ ଇଂରାଜୀରେ Occult World ବୋଲି କୁହାଯାଏ, ତା' ସହିତ ଆଧ୍ୟାତ୍ମିକ ଜଗତକୁ ଏକକରି ଦେଖିବେ ନାହିଁ । ଅବଶ୍ୟ ଶବ୍ଦସବୁର ଉଦାର ଅର୍ଥରେ ଆଧ୍ୟାତ୍ମିକତାର ଅନ୍ତର୍ଭୁକ୍ତ ଅତୀନ୍ଦ୍ରିୟ ଅନୁଭୂତି; ଠିକ୍ ଯେମିତି ଅତୀନ୍ଦ୍ରିୟ ଅନୁଭୂତିର ଅନ୍ତର୍ଭୁକ୍ତ ଆଧ୍ୟାତ୍ମିକତା । କଥା ହେଲା ଆଧ୍ୟାତ୍ମିକ ପଥରେ ଅଗ୍ରସର ହୋଇଥିବା ବ୍ୟକ୍ତିବର୍ଗଙ୍କର, ଅର୍ଥାତ୍ ସାଧକ ଏବଂ ଯୋଗୀମାନଙ୍କର ଅତୀନ୍ଦ୍ରିୟ ଜଗତ୍ ବୋଲି ଆମେ ଆପାତତଃ ଯାହାକୁ ବୁଝାଉଛୁ, ସେ ଜଗତ୍ ସମ୍ପର୍କରେ ଯଥେଷ୍ଟ ଅଭିଜ୍ଞତା ବିନା ଉଦ୍ୟମରେ, ବଳେ ବଳେ ଅର୍ଜିତ ହୋଇଯାଏ । କିନ୍ତୁ ଆମେ ମନେରଖିବା ଅତୀନ୍ଦ୍ରିୟ ଜଗତର ଅଭିଜ୍ଞତା ଅର୍ଜନ ପାଇଁ ଜଣକୁ ଆଧ୍ୟାତ୍ମିକ ପଥ ବା ଯୋଗମାର୍ଗରେ ଅଗ୍ରସର ହେବାକୁ ପଡ଼େ ନାହିଁ ।

ଏହି ସୀମିତ ଅର୍ଥରେ ଅତୀନ୍ଦ୍ରିୟ ଜଗତ୍ ବା Occult World ନାନାଦି ଅଦୃଶ୍ୟ ଶକ୍ତି, ଅପଶକ୍ତି ଏବଂ କଦାଚିତ ଶୁଭଙ୍କର ଶକ୍ତିମାନଙ୍କର ସାମ୍ରାଜ୍ୟ । ସେ ଜଗତର ବିଧାନ ଆମ ସ୍ଥୂଳ ଜଗତର ନୀତି ନିୟମ, ବିଧାନ ବ୍ୟବସ୍ଥାଠାରୁ ଭିନ୍ନ । ସେଠି ଆମର ହେତୁବାଦ, କାର୍ଯ୍ୟକାରଣ ବା ଯୌକ୍ତିକତାର ସ୍ଥାନ ନାହିଁ ।

ସେହି ଜଗତର ଏକ ଏକ ଶକ୍ତି ବା ସତ୍ତାକୁ କୌଣସି ସୂତ୍ରରେ ଆୟତ୍ତ କରି ଜଣେ ସାଧାରଣ, ଅଣ-ଆଧ୍ୟାତ୍ମିକ ଲୋକ ନାନାଦି 'ଚମତ୍କାର' ବା Miracle ପ୍ରଦର୍ଶନ କରିପାରେ; କେବେ କେବେ ସଫଳ ଭବିଷ୍ୟତ୍ ବାଣୀ କରିପାରେ, ଲୋକଟି ଆପଣଙ୍କ ମନକଥା କହିଦେଇପାରେ । ଆପଣ ମନେକରିବେ ଲୋକଟି ଜଣେ ଯୋଗୀ ବା ତ୍ରିକାଳଦର୍ଶୀ ବା ସିଦ୍ଧ ପୁରୁଷ ! ମୋଟେ ନୁହେଁ । ସେ ଜଣେ ମାମୁଲି ପର୍ଯ୍ୟାୟର ମଣିଷ ହୋଇପାରେ; ଏପରିକି ଅପେକ୍ଷାକୃତ ତଳସ୍ତରର ମଧ୍ୟ ହୋଇପାରେ ।

ପ୍ରଥମ ଜିଜ୍ଞାସୁ : ଆପଣଙ୍କ ଏକ ଲେଖାରେ ଆପଣ ଗୋଟାଏ ଦୃଷ୍ଟାନ୍ତ ଦେଇଛନ୍ତି – ଯାହା ସ୍ୱାମୀ ବିବେକାନନ୍ଦଙ୍କ ଅଭିଜ୍ଞତା !

ଦ୍ୱିତୀୟ ଜିଜ୍ଞାସୁ : ସତେ ? ମୁଁ ପଢ଼ି ନାହିଁ ।

**ଉତ୍ତର :** ସଂକ୍ଷେପରେ ସ୍ୱାମିଜିଙ୍କ ଅଭିଜ୍ଞତା ଏହିପରି : ସେ ମାନ୍ଦ୍ରାଜ (ଆଜିର ଚେନ୍ନାଇ)ରେ ଥା'ନ୍ତି । ଶୁଣିଲେ କୁମ୍ଭକୋନମ୍‌ଠାରେ ଜଣେ ଏଭଳି ବିଭୂତିବନ୍ତ ବ୍ୟକ୍ତି ଅଛନ୍ତି, ଯିଏ କି ତୁମ ମନରେ ଥିବା ପ୍ରଶ୍ନର – ଅର୍ଥାତ୍ ଅନୁଚ୍ଚାରିତ ପ୍ରଶ୍ନର ଉତ୍ତର ଦେଇପାରନ୍ତି ! ଜଣେ ସହଚର ସମଭିବ୍ୟାହାରେ ସ୍ୱାମିଜି ସେ ଭଦ୍ରଲୋକଙ୍କ ଦ୍ୱାରସ୍ଥ ହେଲେ ଏବଂ ତାଙ୍କ ବିଦ୍ୟା ଦେଖି ଚମତ୍କୃତ ହେଲେ । ସ୍ୱାମିଜିଙ୍କ ମନରେ ଥିବା ପ୍ରତ୍ୟେକ ପ୍ରଶ୍ନର ନିର୍ଭୁଲ ଉତ୍ତର ସେ ଦେଲେ । ଏପରିକି ସ୍ୱାମିଜି ଏକ ଦୁର୍ଲ୍ଲଭ ତିବ୍‌ବତୀୟ ମନ୍ତ୍ରର ଦ୍ୱିତୀୟ ଧାଡ଼ିଟି କ'ଣ ଜାଣିବାକୁ ଚାହିଁଥିଲେ । ଭଦ୍ରଲୋକ ତାହା ମଧ୍ୟ କହିଦେଲେ ।

ଏମନ୍ତ କରିତ୍‌କର୍ମା କିନ୍ତୁ ପରେ ପରେ ସ୍ୱାମିଜିଙ୍କ ଆଶୀର୍ବାଦ ଭିକ୍ଷା କଲେ – ତାଙ୍କ ପାଇଁ ଓ ପରିବାର ପାଇଁ । ସେ ସ୍ୱୀକାର କଲେ, ତାଙ୍କ 'ଚମତ୍କାର' ସାମାନ୍ୟ ସିଦ୍ଧି ମାତ୍ର; ସ୍ୱାମିଜି ଅଧ୍ୟାତ୍ମ ପୁରୁଷ, ଯୋଗୀ !

ତୃତୀୟ ଜିଜ୍ଞାସୁ : କିନ୍ତୁ ସେ ବିଭୂତିବନ୍ତ ପୁରୁଷ ଏଡ଼େ ଜ୍ଞାନୀ ହୋଇ ମଧ୍ୟ ...

**ଉତ୍ତର :** ନା, ପ୍ରକୃତ ଜ୍ଞାନ ଲାଭକରିଥିବା ଅର୍ଥରେ ସେ ଜ୍ଞାନୀ ନୁହନ୍ତି । କୌଣସି ଏକ ଶକ୍ତି ବା ସତ୍ତାକୁ ସେ ଆୟତ୍ତ କରିଛନ୍ତି, ଯିଏ ଆଗନ୍ତୁକର ମନରେ ଥିବା ପ୍ରଶ୍ନଟି ପଢ଼ିନେଇପାରେ ଏବଂ ତା'ର ଉତ୍ତର ମଧ୍ୟ ତା'ର ଆୟତ୍ତକାରୀ ପ୍ରଭୁକୁ କହିଦେଇପାରେ । ସେ ଶକ୍ତି ବା ସତ୍ତାକୁ ମଧ୍ୟ ଆପଣ ଜ୍ଞାନୀ ବୋଲି ଠଉରାଇବେ ନାହିଁ । ସେମାନେ ଯାନ୍ତ୍ରିକ ଭାବରେ ନିଜ କାମ ତୁଲାଇଥାନ୍ତି ।

ପ୍ରଥମ ଜିଜ୍ଞାସୁ : ସେମାନଙ୍କ ସେଭଳି ଆଚରଣର ହେତୁ ?

**ଉତ୍ତର :** ଆପଣ 'ହେତୁ' ଦ୍ୱାରା ଏ ମହାଜଗତର କେତେ କଥାର ବ୍ୟାଖ୍ୟା କରିପାରିବେ ? ମଣିଷ ନିଜର କ୍ରମବିକାଶରେ ବହୁ ଦୂର ଅଗ୍ରସର ହେବା ଅନ୍ତେ ଯାଇ ହେତୁର ବିକାଶ ହେଲା – ତା'ର ମାନସିକ ବିକାଶର ଏକ ଅଗ୍ର ସ୍ତରରେ । ହେତୁ ଦ୍ୱାରା ସେ ନିଜ ଜୀବନକୁ ବହୁ ପରିମାଣରେ ସଜାଡ଼ି ନେଇଛି ସତ; କିନ୍ତୁ ଏ ସୃଷ୍ଟିର ପ୍ରହେଳିକା ଆମର ହେତୁବୋଧ, ଯୁକ୍ତି-ବିଜ୍ଞାନ – ଏସବୁ ସମାହିତ କରିପାରିବେ ନାହିଁ ।

ଆପଣଙ୍କ ପ୍ରଶ୍ନ ମୋତେ ଗୋଟାଏ ମଜା କଥା ମନେ ପକାଇ ଦେଇଛି । ମଜା କଥା ନୁହେଁ, ମଜାର କଥା । ଅର୍ଥାତ୍ ଯେଉଁ ଘଟଣାଟି ବିବୃତ କରିବାକୁ ଯାଉଛି, ତାହା ଆକ୍ଷରିକ ଭାବେ ସତ୍ୟ ।

ଘଟଣାଟିର ସ୍ଥାନ ପଣ୍ଡିଚେରୀ – ଶ୍ରୀଅରବିନ୍ଦଙ୍କର ବାସଗୃହ । ସମୟ ଡିସେମ୍ବର ୧୯୨୧ ମସିହା । ଶ୍ରୀମା ଆସି ସବୁଦିନ ପାଇଁ ରହିଯିବାର ମାତ୍ର ଦେଢ଼ ବର୍ଷ ପ୍ରାୟ ହୋଇଥାଏ । ଆଶ୍ରମ ସଂଗଠିତ ହୋଇ ନାହିଁ । ସେମାନଙ୍କ ସହିତ ରହୁଥିଲେ ଅଳ୍ପ କେତେଜଣ ଅନୁଗତ ।

ହଠାତ୍ ଦିନେ ଘର ଅଗଣାରେ ପଥର ଖଣ୍ଡମାନ ପଡ଼ିଲା । ପରେ ପରେ ଅନୁଗତମାନେ ରହୁଥିବା ସ୍ଥାନରେ । ଜଣେ ମହିଳା ଆହତ ହେଲେ । ସମସ୍ତ କବାଟ ଝରକା ବନ୍ଦ କରିବା ସତ୍ତ୍ୱେ ପଥର ବୃଷ୍ଟି ଦ୍ରୁତରୁ ଦ୍ରୁତତର ହେଲା ।

ଅବଶେଷରେ ଅନୁଗତମାନେ ତାହା ଶ୍ରୀମା'ଙ୍କ ଗୋଚରକୁ ଆଣିଲେ । ଶ୍ରୀମା' ତାଙ୍କ ଅନ୍ତର୍ଦୃଷ୍ଟିରେ ଦେଖିଲେ, ତିନୋଟି କୁନି କୁନି ଅଶରୀରୀ ସତ୍ତା ସେ ଦୁଷ୍ଟାମି କରୁଛନ୍ତି । ସେ ନିଜର ଅତିଭୌତିକ ଶକ୍ତି ସାମାନ୍ୟ ମାତ୍ରାରେ ପ୍ରୟୋଗ କରି ସେ ତିନିଙ୍କୁ ନିଜ ଆଗକୁ ଆଣିଲେ । ରହସ୍ୟ ହେଲା, ସେ ଆସ୍ଥାନର ବାସିନ୍ଦା ଦତ୍ତା ନାମକ ଜଣେ ମହିଳା ସେଠି କାମ କରୁଥିବା ପୂଝାରୀର କୌଣସି ବିଶୃଙ୍ଖଳା କାର୍ଯ୍ୟ ସକାଶେ ତାକୁ ଗାଳିଦେଇଥିଲେ । ପୂଝାରୀର ଜଣେ ଛୋଟିଆ ମୋଟିଆ ତାନ୍ତ୍ରିକ ସଖା ଥିଲା । ସଖା ସାହାଯ୍ୟରେ ପୂଝାରୀ ସେ ବିଭ୍ରାଟ ଉପୁଜାଉଥିଲା । ସେ ତିନି ସତ୍ତା ଶ୍ରୀମା'ଙ୍କ ଆଗରେ ଭୟାର୍ତ୍ତ ଭାବରେ ଠିଆହୋଇଥା'ନ୍ତି । କିନ୍ତୁ ଯେତେବେଳେ ସେମାନେ ଅନୁଭବ କଲେ ଯେ ଶ୍ରୀମା ସେମାନଙ୍କୁ ଦଣ୍ଡ ଦେବାର ଆଶଙ୍କା ନାହିଁ, ସେମାନେ ମିନତି କଲେ – ଶ୍ରୀମାହିଁ ସେମାନଙ୍କୁ ତାଙ୍କ ସେବା ନିମନ୍ତେ ରଖନ୍ତୁ ! କିନ୍ତୁ କି ସେବା ସେମାନେ କରିପାରିବେ ? ଫୁଲଟିଏ ଆଣିଦେଇପାରିବେ ? ନା । ସେମାନଙ୍କୁ କେବଳ ଗୋଟାଏ ମାତ୍ର କାମ ଆସେ : ଟେକା ଫୋପାଡ଼ିବା । ଆପଣ ଏଠି 'ହେତୁ' ଖୋଜିଲେ କେମିତି ହେବ ?

ପଥରଖଣ୍ଡମାନ ବନ୍ଦ ସ୍ଥାନରେ ଯାଇ କିପରି ପଡୁଥିଲା ? ସେ ସତ୍ତାମାନଙ୍କର ଏତିକି କରାମତି ଥିଲା, ସେମାନେ ପଥରଖଣ୍ଡମାନଙ୍କୁ ନିର୍ବସ୍ତୁ (Dematerialise) କରି କାନ୍ଥ ଭେଦକରାଇ ପୁଣି ସେପଟେ ସେଗୁଡ଼ିକୁ ମୂର୍ତ୍ତ (Materialise) କରି ପାରୁଥିଲେ ।

ଆମ ମାନବ-ସୁଲଭ ଯୌକ୍ତିକତା ଦ୍ୱାରା ଆମେ କିପରି ବୁଝିବା ସେମାନଙ୍କ କାର୍ଯ୍ୟକଳାପ – ଯାହା କେବଳ ମାତ୍ର ଟେକା ଫୋପାଡ଼ିବାରେ ସୀମିତ ?

ତେଣୁ ଅତୀନ୍ଦ୍ରିୟ ଜଗତର କାରବାରକୁ ହେତୁ ଦ୍ୱାରା ଅନୁଶୀଳନ କରିବାର ଆଶା ତ୍ୟାଗକରନ୍ତୁ ।

ଶ୍ରୀମା'ଙ୍କର ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ସମ୍ପର୍କରେ ଆମେ ଊଣା-ଅଧିକେ ଜାଣୁ । କିନ୍ତୁ ସେ ତାଙ୍କ ଆଦ୍ୟ ଜୀବନରେ Occultism ବା ଅତିଲୌକିକତା ବିଦ୍ୟାକୁ ମଧ୍ୟ ପରିପୂର୍ଣ୍ଣ ଆୟତ୍ତ କରିଥିଲେ । ପ୍ରସଙ୍ଗକ୍ରମେ ସେ ବିଚିତ୍ର ଜଗତର ବହୁ ରହସ୍ୟ ବିବୃତ କରିଛନ୍ତି ।

ପ୍ରଥମ ଜିଜ୍ଞାସୁ : ଆମେ ଚେଷ୍ଟା କଲେ ସେ ଜଗତ୍ ଭିତରକୁ ପଶିପାରିବା ନାହିଁ ?

**ଉତ୍ତର** : କାହିଁକି ନୁହେଁ ? ଲୋକେ ନହେଲେ କେମିତି ସେସବୁ ଅତିଲୌକିକ ବା ଅତିଭୌତିକ ଶକ୍ତି ଆୟତ୍ତ କରନ୍ତି ? ଅବଶ୍ୟ ସେମିତି ଶକ୍ତିର ଅଧିକାରୀ ବୋଲି ଦାବି କରୁଥିବା ଲୋକଙ୍କ ଭିତରୁ ଅଧିକାଂଶ ପ୍ରତାରକ ବୋଲି ମୋର ଧାରଣା । ସେମାନେ ଯାଦୁ କୌଶଳ ବା ମ୍ୟାଜିକ୍ ଯୋଗେ ସେ ଭ୍ରମ ସୃଷ୍ଟି କରନ୍ତି । ତେବେ ସେ ଜଗତ୍ ଆମ ସ୍ଥୂଳ ଜଗତକୁ ବେଷ୍ଟନ କରି ତଥା ଆମ ସ୍ଥୂଳ ଜଗତ୍ ଭିତରେ ଓତପ୍ରୋତ ଜଡ଼ିତହୋଇ ରହିଛି । ଶ୍ରୀମା ବୁଝାଇଛନ୍ତି, ନିଜ ନିଜ ଅଜାଣତରେ ଆମେ ଅନେକ ସମୟରେ ଅତୀନ୍ଦ୍ରିୟତାର ବ୍ୟବହାର କରିଥାଉ । କୌଣସି ପରିସ୍ଥିତିରେ ଜଣେ ଅସୁସ୍ଥ ବା ବିପଦାପନ୍ନ ବନ୍ଧୁ ଉଦ୍ଦେଶ୍ୟରେ ଯଦି ଆମ ଭିତରେ ଆନ୍ତରିକ ଶୁଭ କାମନା ବଳବତ୍ତର ହୁଏ, ତେବେ ଅଦୃଶ୍ୟ ବାତାବରଣରେ ତାହା ଏକ ମାଙ୍ଗଳିକ ଶକ୍ତିରେ ପରିଣତ ହୁଏ ଏବଂ ବନ୍ଧୁକୁ ସାହାଯ୍ୟ କରେ । ଅଶୁଭକାମନା ମଧ୍ୟ ଏକ ଅଦୃଶ୍ୟ ଅସ୍ତ୍ରରେ ପରିଣତ ହୋଇ ଜଣକର ଅନିଷ୍ଟ କରିପାରେ – କିନ୍ତୁ ସବୁ ନିର୍ଭରକରେ ଆପଣଙ୍କ ଇଚ୍ଛାଶକ୍ତିର ବଳବତ୍ତା ଉପରେ । ବାତାବରଣରେ କାର୍ଯ୍ୟକାରୀ ହେବାଭଳି ଯଥେଷ୍ଟ ଇଚ୍ଛାଶକ୍ତି କମ୍ ଲୋକଙ୍କର ଥାଏ । ତେବେ ଅନିଷ୍ଟକାରୀ ବିଦ୍ୟା ପ୍ରୟୋଗକାରୀର ବିପଦ କମ୍ ନୁହେଁ । ଯେଉଁ ଲୋକଟି ଶ୍ରୀଅରବିନ୍ଦଙ୍କ ନିବାସ ଉପରେ ସେ ଟେକାମାଡ଼ର ବ୍ୟବସ୍ଥା କରିଥିଲା – ଅବଶ୍ୟ ଶ୍ରୀଅରବିନ୍ଦ ଏବଂ ଶ୍ରୀମା'ଙ୍କ ସମୀପକୁ ସେ ଶକ୍ତି ଯାଇପାରୁନଥିଲା – ପରଦିନ ସେ ପ୍ରାୟ ମୃତପ୍ରାୟ ଅବସ୍ଥାରେ ଉପନୀତ ହେଲା । ତା' ଝିଅ ଆସି ବିକଳ ଭାବରେ ସେକଥା ଜଣାଇଲା ଏବଂ ଶ୍ରୀଅରବିନ୍ଦ ଏମିତି କିଛି କହିଲେ : ''ସାମାନ୍ୟ ଟେକା କେତୋଟି ବାବଦରେ ଲୋକଟି ମରିବା ଦରକାର ନାହିଁ ।'' ସେ ସୁସ୍ଥ ହୋଇଗଲା ।

ଚତୁର୍ଥ ଜିଜ୍ଞାସୁ : ଆମେ ଚମତ୍କୃତ ହେଲୁ ।

ପ୍ରଥମ ଜିଜ୍ଞାସୁ : ଆଚ୍ଛା ମୁଁ ଜଣେ ଗ୍ରାମୀଣ ପଣ୍ଡିତଙ୍କୁ ଜାଣିଥିଲି ଯିଏକି କେବେ କେମିତି କାହା କାହାକୁ ଆଗତ ଭବିଷ୍ୟତ୍ କହିଦେଉଥିଲେ । କୁହାଯାଏ, ସେ କୁଆଡ଼େ କର୍ଣ୍ଣ-ପିଶାଚ-ସିଦ୍ଧି ଲାଭ କରିଥିଲେ । ସତ ?

**ଉତ୍ତର** : ଆପଣଙ୍କ ପଣ୍ଡିତଙ୍କର ସେମିତି ସିଦ୍ଧି ସତ କି ନୁହେଁ ମୋ ପକ୍ଷରେ କହିବା ସମ୍ଭବ ନୁହେଁ । ତେବେ ନୀତିଗତ ଭାବରେ ଏହା ସମ୍ଭବ । ଗୋଟାଏ ସତ୍ତା ସିଦ୍ଧଙ୍କ କାନରେ କିଛି କିଛି ଆଗତପ୍ରାୟ ଘଟଣା ଜଣାଇ ଦିଏ । କଥା ହେଲା ଅତୀତ ଭିତରେ ଯେମିତି ବର୍ତ୍ତମାନ ପ୍ରଚ୍ଛନ୍ନ ଥିଲା, ଗତକାଲି ଭିତରେ ଆଜିର ଖସଡ଼ା ପ୍ରସ୍ତୁତ ହୋଇ ରହିଗଲା, ସେମିତି ବର୍ତ୍ତମାନ ଭିତରେ ଭବିଷ୍ୟତ୍ ପ୍ରଚ୍ଛନ୍ନ ରହିଛି । କିଛି କିଛି ଅତିଭୌତିକ ସତ୍ତା ଅଦୂର ଭବିଷ୍ୟତ୍ ଦେଖିପାରନ୍ତି ଓ ସେମାନଙ୍କୁ ବଶ କରିଥିବା ବ୍ୟକ୍ତି କାନରେ କହିଦିଅନ୍ତି ।

ଦ୍ୱିତୀୟ ଜିଜ୍ଞାସୁ : ଭବିଷ୍ୟତ୍ ଦେଖିପାରିବା ସମ୍ଭବ ?

**ଉତ୍ତର** : ଅବଶ୍ୟ ସମ୍ଭବ । ଆପଣମାନେ ଆଜି ମୋ ସହ ସାକ୍ଷାତ୍ କରିବାକୁ ଆସିବେ – ଏକଥା କେବେ ସିଦ୍ଧାନ୍ତ କଲେ ?

ଏକାଧିକ ଜିଜ୍ଞାସୁ : ପଣ୍ଡିଚେରୀ ଆସିବାକୁ ସ୍ଥିର ହେବା ସଙ୍ଗେସଙ୍ଗେ । ଦେଢ଼ ମାସ ତଳେ ।

**ଉତ୍ତର** : ଅର୍ଥାତ୍ ଆଜି ଯାହା ସ୍ଥୂଳ ସ୍ତରରେ ଘଟିଲା, ଆପଣମାନଙ୍କ ଚିନ୍ତା ସ୍ତରରେ – ଅର୍ଥାତ୍ ସୂକ୍ଷ୍ମ ସ୍ତରରେ – ତାହା ଦେଢ଼ ମାସ ତଳେ ରେଖାୟିତ ହୋଇଥିଲା । ସୂକ୍ଷ୍ମ ସ୍ତରର ସତ୍ତାଟିଏ ସୂକ୍ଷ୍ମ ସ୍ତରରେ ରେଖାୟିତ ସେ ସିଦ୍ଧାନ୍ତକୁ ପଢ଼ିନେବାର ବା ବୁଝିନେବାର ଶକ୍ତି ରଖିଥାଏ । ସଂପୃକ୍ତ ମଣିଷଟି କାନରେ ସେ ସେତକ କହିଦିଏ ।

ଜଣେ ଜିଜ୍ଞାସୁ : ସେ ସତ୍ତାମାନେ କିଛି କିଛି ଦୈବୀ ଶକ୍ତିର ଅଧିକାରୀ ହୋଇଥିବେ ତ ?

**ଉତ୍ତର** : ଆପଣ ଦୈବୀଶକ୍ତି ବୋଇଲେ ଯଦି ଦିବ୍ୟଶକ୍ତିକୁ ବୁଝାଉଥିବେ, ତେବେ ମୋଟେ ନୁହେଁ । ଆମେ ସ୍ଥୂଳ ବା natural ଜଗତର ପ୍ରାଣୀମାନେ ଇନ୍ଦ୍ରିୟ ମାଧ୍ୟମରେ ଯାହା ସବୁ ଦେଖୁ, ଅନୁଭବ କରୁ, ସେ ସବୁ ଯେମିତି ଆମ ପାଇଁ ମାମୁଲି ଅଭିଜ୍ଞତା, ସେମାନେ ଅତିଲୌକିକ ବା

ଅତିଭୌତିକ ବା supernatural ଜଗତର ସତ୍ତାଭାବରେ ଯାହା ଦେଖନ୍ତି ବା ଜାଣନ୍ତି, ସେସବୁ ସେମାନଙ୍କ ପାଇଁ ମାମୁଲି ଅଭିଜ୍ଞତା । ସେସବୁ କୁନି ସତ୍ତାମାନଙ୍କର ମଣିଷ ସହ ଆଦାନ ପ୍ରଦାନ ନିମନ୍ତେ ଖୁବ୍ ଆଗ୍ରହ ଥାଏ । କିନ୍ତୁ ସେମାନଙ୍କ ଭିତରୁ ଅଧିକାଂଶ ସତ୍ତାଙ୍କୁ ଆମେ ଆମ ମନର ଭଲ ମନ୍ଦର ମାପକାଠିରେ ବିଚାର କରିପାରିବା ନାହିଁ । ଅତିଭୌତିକ ବାତାବରଣର ନାନାବିଧ ସଂଘଟନ, ନାନା ପ୍ରକାର ଶକ୍ତି-ତରଙ୍ଗର ଘାତ-ପ୍ରତିଘାତ ଭିତରୁ ସେମାନେ ସୃଷ୍ଟ ହୁଅନ୍ତି, ପୁଣି ବିଲୀନ ହୋଇଯାଆନ୍ତି । ସେମାନଙ୍କର ମଣିଷଙ୍କ ଭଳି ପୁନର୍ଜନ୍ମ ନାହିଁ, ପ୍ରଗତିର ଭବିତବ୍ୟ ନାହିଁ । ସେମାନେ ହେତୁବୋଧର ବାହାରେ । ଟିକିଏ ଆଗରୁ ଆପଣଙ୍କ ବନ୍ଧୁ ଯେଉଁ ଗ୍ରାମୀଣ ପଣ୍ଡିତଙ୍କ ଦୃଷ୍ଟାନ୍ତ ଦେଲେ, ତାଙ୍କୁ ଆଗତ ଭବିଷ୍ୟତ୍ କହିଦେଉଥିବା ସତ୍ତାଟିକୁ ସେ ବୋଧହୁଏ କର୍ଣ୍ଣ-ପିଶାଚ ବୋଲି ଉଲ୍ଲେଖ କଲେ । ଠିକ୍ ତ ?

ପ୍ରଥମ ଜିଜ୍ଞାସୁ : ହଁ ଆଜ୍ଞା । ତାଙ୍କର କର୍ଣ୍ଣ-ପିଶାଚ ସିଦ୍ଧି ଥିଲା ବୋଲି ଲୋକଙ୍କର ବିଶ୍ୱାସ ।

**ଉତ୍ତର** : ଲୋକକଥା ସେ ସତ୍ତାକୁ 'ପିଶାଚ' ବୋଲି ଆଖ୍ୟା ଦେଉଛି । ତେଣୁ ତା' ଭିତରେ କୌଣସି ଦିବ୍ୟଶକ୍ତି ଥିବାର ସୂଚନା ଅନ୍ତତଃ ସେଭଳି ଆଖ୍ୟାରେ ନାହିଁ । ହୁଏତ ଏ କ୍ଷେତ୍ରରେ 'ପିଶାଚ' ଶବ୍ଦଟି ତା'ର ସଚରାଚର ପ୍ରଚଳିତ ଜଘନ୍ୟ ଅର୍ଥରେ ବ୍ୟବହୃତ ହେଉ ନାହିଁ; ତୁଚ୍ଛା ଗୋଟାଏ ଅଶରୀରୀ ସତ୍ତାକୁ ବୁଝାଉଛି । କିନ୍ତୁ ଗୋଟାଏ କଥା ଏ ପରିପ୍ରେକ୍ଷୀରେ ଉଲ୍ଲେଖଯୋଗ୍ୟ । ଏସବୁ ସତ୍ତାମାନଙ୍କ ଭିତରୁ ଅନେକେ ମଣିଷଙ୍କୁ ବିପଦ ଭିତରକୁ ଠେଲିଦେଇ ମଜା ଦେଖନ୍ତି ।

ଏକାଧିକ ଜିଜ୍ଞାସୁ : ବଡ଼ ଭୟଙ୍କର କଥା ତ !

**ଉତ୍ତର** : ଅବଶ୍ୟ । ସେଥିପାଇଁ ମହାନ୍ ଅଧ୍ୟାତ୍ମ ବ୍ୟକ୍ତିମାନେ ସେସବୁ ଶକ୍ତି ସହ ସମ୍ପର୍କ ସ୍ଥାପନ ନିଷେଧ କରିଛନ୍ତି । ମୁଁ ବ୍ୟକ୍ତିଗତ ଭାବରେ ଏଭଳି ଜଣେ ଯୁବକଙ୍କୁ ଜାଣିଥିଲି, ଯିଏ କି ଅସାଧାରଣ ପର୍ଯ୍ୟାୟର ବୁଦ୍ଧିମାନ୍ ତଥା ଚତୁର । କିନ୍ତୁ ପ୍ରେତ-ଚକ୍ରରେ ତାଙ୍କର ବିପୁଳ ଆଗ୍ରହ । କେତେଜଣ ବନ୍ଧୁ କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରି ଅନ୍ଧକାର କୋଠରି ଭିତରେ ମହମବତିଟିଏ ମାତ୍ର ଜାଳିରଖି କୌଣସି ପରଲୋକଗତ ଆତ୍ମୀୟ ବା ବିଖ୍ୟାତ ଲୋକଙ୍କର ''ଆତ୍ମା''କୁ ଆବାହନ କରିବେ । ସେମାନଙ୍କ ଭିତରୁ ଜଣେ ମିଡ଼ିଅମ୍ ବା ମାଧ୍ୟମ ଭୂମିକାରେ ରହିବେ । ତାଙ୍କ ଜରିଆରେ ଆବାହିତ ''ଆତ୍ମା'' କୌତୂହଳୀମାନଙ୍କ ବିବିଧ ପ୍ରଶ୍ନର ଉତ୍ତର ଦେବେ – ସଙ୍କେତ ଯୋଗେ । ଭିନ୍ନ ଭିନ୍ନ ପ୍ରକାର ସଙ୍କେତ ଥାଏ । ସେ ଯାହାହେଉ କହିବା ବାହୁଲ୍ୟ, କୌଣସି ''ଆତ୍ମା'' ସେଭଳି ଅନୁଷ୍ଠାନକୁ ସମ୍ମାନ ଦେଇ ଆସିବାର ପ୍ରଶ୍ନ ନଥାଏ । ଯିଏ ଆସେ, ସିଏ କୌଣସି ଗୋଟାଏ ଚପଳ ଅଦୃଶ୍ୟ ସତ୍ତା । କେହି କେହି କ୍ରମେ ତା' ଉପରେ ନିର୍ଭରଶୀଳ ହୋଇପଡ଼ନ୍ତି ଏବଂ ନିଜ ପାଇଁ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରନ୍ତି । ଯେଉଁ ଯୁବକଙ୍କ କଥା କହିଲି, ସେ ପାଗଳ ହୋଇଗଲେ ଏବଂ ଅକାଳରେ ହେଲା ତାଙ୍କର ଜୀବନାବସାନ ।

ପ୍ରଥମ ଜିଜ୍ଞାସୁ : ସେଭଳି ପରିସ୍ଥିତିରୁ ଉତୁରିବାର ଉପାୟ ?

**ଉତ୍ତର** : ସେଭଳି ପରିସ୍ଥିତି ଭିତରକୁ ନ ଯିବା ! ଆମର ସମସ୍ତ କୌତୂହଳ ଭଗବାନଙ୍କ ଉଦ୍ଦେଶ୍ୟରେହିଁ ଉଦ୍ଦିଷ୍ଟ ହେଉ – ଏହା ହିଁ ଆମ ପ୍ରତି ପ୍ରଜ୍ଞାବାନ୍‌ମାନଙ୍କର ପରାମର୍ଶ । ✤

ଚିରନ୍ତନରେ ବାସ କରିବାର ଅର୍ଥ ହେଉଛି ଆମ ଭିତରେ ରହିଥିବା ଚିରନ୍ତନଙ୍କ ସଙ୍ଗରେ ମଧ୍ୟ ବାସ କରିବା । ଯେ କେହି ସଚେତ ଭାବରେ ନିଜ ସତ୍ତାରେ ବାସ କରେ, ତହିଁରେ ତା'ର ସଚେତ ଉପସ୍ଥିତିହିଁ ବାସ କରିଥାଏ । ଭଗବାନ୍ ଆମ ଭିତରେ ବାସ କରନ୍ତି, ଚଳପ୍ରଚଳ ହୁଅନ୍ତି ଓ କ୍ରିୟା କରନ୍ତି ଯେତେବେଳେ ଆମେ ତାଙ୍କ ଭିତରେ ବାସ କରୁ, ଚଳପ୍ରଚଳ ହେଉ ଓ କ୍ରିୟା କରୁ ।

– ଶ୍ରୀଅରବିନ୍ଦ

# ବିରୋଧିଶକ୍ତି ଚତୁଷ୍ଟୟ

## ମମତା ଦାଶ

ବର୍ତ୍ତମାନ ଆମେ ଯେଉଁ ପୃଥିବୀରେ ବାସ କରୁଛେ ତାହା ଆମ ପାଇଁ ସନ୍ତୋଷଜନକ ହେଉ ନାହିଁ । ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ମଣିଷ ହିସାବରେ ଆମକୁ ଯେଉଁ ସଂବେଦନଶୀଳତା, ମାନବିକତାବୋଧ, ନୈତିକତାର ଅବବୋଧ ଦିଆଯାଇଛି, ସେଥିରେ ଭୟାବହ ଆଘାତ ଲାଗୁଛି । ଆମେ ଯାହାକୁ ସତ୍, ସୁନ୍ଦର ଓ ଆଲୋକିତ ଗୁଣାବଳୀ ବୋଲି ମନେକରୁ, ଦୈନନ୍ଦିନ ଜୀବନର ପ୍ରତି ପଦରେ ସେଗୁଡ଼ିକ ହେଉଛନ୍ତି ଆକ୍ରମଣର ଶିକାର, କେବେକେବେ ଆମେ ଜୟଲାଭ କରୁ ସତ କିନ୍ତୁ ଅଧିକାଂଶ ସମୟରେ ଆମେ ଅନ୍ୟାୟ, କୁତ୍ସିତତା, ସଂକୀର୍ଣ୍ଣତା, ଅନ୍ଧକାର ଓ ମୃତ୍ୟୁ ଦ୍ୱାରା ପରାଜିତ ହୋଇଥାଉ । ବେଳେବେଳେ ଆମେ ବିଦ୍ରୋହୀ ହୋଇଉଠୁ, ଈଶ୍ୱରଙ୍କର ସଚ୍ଚିଦାନନ୍ଦ ସ୍ୱରୂପରେ ସନ୍ଦେହ ଆସେ, ବିଶ୍ୱାସ ଦୋହଲିଯାଏ ପ୍ରଶ୍ନ କରୁ କାହିଁକି ଏପରି ହୋଇଛି ଏହି ସଂସାର ? ପରମ-ଚେତନାଙ୍କଠାରୁ ଅଭିବ୍ୟକ୍ତ ଏହି ଜୀବନ ଓ ପୃଥିବୀ କାହିଁକି ଏପରି ବିକୃତ ହୋଇଯାଇଛି ? ଏହାର ଉଦ୍ଦେଶ୍ୟ କ'ଣ, ଲକ୍ଷ୍ୟ କ'ଣ ?

ପଶୁ, ପକ୍ଷୀଙ୍କର ଜୀବନ ପ୍ରବୃତ୍ତିଚାଳିତ । ତେଣୁ ସେମାନଙ୍କର କିଛି ସଂଘର୍ଷ ନାହିଁ । କିନ୍ତୁ ଯୁଗଯୁଗ ଧରି ଏହି ଜିଜ୍ଞାସା ମଣିଷକୁ ଆକୁଳ କରିଛି ଓ ଏହି ଜିଜ୍ଞାସାର ପ୍ରତ୍ୟୁତ୍ତର ସ୍ୱରୂପ ଅନେକ ଦର୍ଶନ ତତ୍ତ୍ୱ, ଆଧ୍ୟାତ୍ମିକ ପରମ୍ପରା ଉଦ୍ଭାବିତ ହୋଇଛି । କୌଣସି କୌଣସି ଧାର୍ମିକ ପରମ୍ପରାରେ ଏହି ଜୀବନକୁ ''ପାପ'' ବୋଲି କୁହାଯାଏ । ଯାହାକିଛିକୁ ଆମେ ମନ୍ଦ, ଅସତ୍ ବୋଲି ମନେକରୁ, ତାହା ସଇତାନ ଦ୍ୱାରା ପ୍ରବର୍ତ୍ତିତ ହୋଇଛି ଏବଂ ଯାହାକିଛି ମଙ୍ଗଳମୟ ଓ ସୁନ୍ଦର, ତାହା ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ବୋଲି ବିଶ୍ୱାସ କରାଯାଏ । ଏହି ଜଗତକୁ 'ମାୟା' ଓ 'ଅସାର' ତଥା ଅଳୀକ ବୋଲି କହି ଅବହେଳା କରାଯାଏ – କେବେ ନିର୍ବାଣ, କେବେ ମୋକ୍ଷ ଭିତରେ ପଳାୟନ କରିବାକୁ ଶିକ୍ଷା ଦିଆଯାଏ । କେତେକ ସାଧନ-ପରମ୍ପରାରେ ଧ୍ୟାନସ୍ଥ ଓ ସମାଧିସ୍ଥ ହୋଇ ଏକ ଆନନ୍ଦମୟ ଚେତନାରେ ଲୀନ ହୋଇଯିବାକୁହିଁ ଏକମାତ୍ର ସମାଧାନ ବୋଲି ମନେ କରାଯାଏ ।

କିନ୍ତୁ, ପ୍ରକୃତରେ ଏହି ବିଶ୍ୱଜଗତ୍ ଏଭଳି ସତ୍ ଓ ଅସତ୍, ଦୁଇଭାଗରେ ପରିଣତ ହୋଇଯିବାର କାରଣ କ'ଣ, ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶ୍ରୀମା' ଗୋଟିଏ କାହାଣୀ କହିଥିଲେ ପିଲାମାନଙ୍କୁ । କାହାଣୀଟି ଏକ ପ୍ରାଚୀନତମ ପରମ୍ପରାରୁ ଆସିଛି ।

ପ୍ରଥମେ ପରମଚେତନା ନିଷ୍କ୍ରିୟ ଓ ଏକାକୀ ହୋଇ ସ୍ଥାନ, କାଳ ଓ କାରଣ ବହିର୍ଭୂତ ହୋଇ ରହିଥିଲେ । ଦିନେ ସେ ନିଜକୁ ନିଜେ ଦେଖିବାକୁ ଚାହିଁଲେ, ନିଜର ସକଳ ସମ୍ଭାବନାକୁ ଉନ୍ମୋଚିତ କରି, ନିଜକୁ ନିଜେ ଅଭିବ୍ୟକ୍ତ କରିବାକୁ ଚାହିଁଲେ, ନିଜକୁ ଟିକିନିଖି ଭାବରେ ଜାଣିବାକୁ ଚାହିଁଲେ । ସେ ନିଜ ଭିତରୁ ଏକ ସୃଜନଶୀଳ ଶକ୍ତିକୁ ଉତ୍ସାରିତ କରି ଏହି ବିଶ୍ୱଜଗତକୁ ସର୍ଜନା କରିବାକୁ ନିର୍ଦ୍ଦେଶ ଦେଲେ । ସେହି ପରମାଶକ୍ତି ନିଜ ଭିତରୁ ପ୍ରଥମେ ଚାରିଜଣ ଶକ୍ତିଶାଳୀ ଉଚ୍ଚତମ ସତ୍ତାଙ୍କୁ ସୃଷ୍ଟିକଲେ । ପ୍ରଥମ ସତ୍ତା ହେଉଛନ୍ତି ଚେତନାର, ଦ୍ୱିତୀୟ ପ୍ରେମ ବା ଆନନ୍ଦର ସତ୍ତା, ତୃତୀୟ ହେଉଛନ୍ତି ଜୀବନର ସତ୍ତା ଏବଂ ଚତୁର୍ଥ ହେଉଛନ୍ତି ସତ୍ୟର ସତ୍ତା । ଏମାନେ ଏହି ସୃଷ୍ଟିର ପ୍ରଥମ ଚାରିଟି ବିଭୂତି । ଏହି ସତ୍ତାମାନେ ନିଜ ନିଜର ଶକ୍ତି, ସମ୍ଭାବନା ଓ କ୍ଷମତା ସମ୍ବନ୍ଧରେ ସଚେତନ ଥିଲେ । କିନ୍ତୁ ଅଭିବ୍ୟକ୍ତ ହେବା ମାତ୍ରେ ସେମାନେ ହଠାତ୍ ଭୁଲିଗଲେ ଯେ ସେମାନେ ହେଉଛନ୍ତି ପରମଚେତନାଙ୍କର ବିଭୂତିମାତ୍ର । ସେମାନଙ୍କର ଏହି ବିସ୍ମରଣ ହେତୁ, ସ୍ୱାତନ୍ତ୍ର୍ୟର ଏହି ଅବବୋଧ ହେତୁ ଗୋଟିଏ ଦୁର୍ଘଟଣା ଘଟିଗଲା । ''ଚେତନା ବା ଆଲୋକ'' ପରମାଶକ୍ତିଙ୍କଠାରୁ ବିଚ୍ଛିନ୍ନ ହୋଇଗଲା, ସେ ମନେକଲା ସେହିଁ ଏକମାତ୍ର ଦିବ୍ୟସତ୍ତା ଏବଂ ଫଳରେ ତାହା କ୍ରମଶଃ ନିଶ୍ଚେତନା ବା ଅନ୍ଧକାରରେ ପରିଣତ ହେଲା । ''ଜୀବନ'' ଯେତେବେଳେ ନିଜକୁ ଏକମାତ୍ର ଓ ସ୍ୱତନ୍ତ୍ର ମନେ କଲା, ତାହା ମୃତ୍ୟୁରେ ପରିଣତ ହେଲା । ଠିକ୍ ସେହିପରି, ''ସତ୍ୟ'' ମିଥ୍ୟାରେ ଓ ''ପ୍ରେମ ବା ଆନନ୍ଦ'' ଯନ୍ତ୍ରଣାରେ ପରିଣତ ହେଲା । ପରମାଜନନୀ ଏହି ଦୁର୍ଘଟଣାରେ ବ୍ୟଥିତ ହୋଇ ପରମେଶ୍ୱରଙ୍କୁ ପ୍ରଶ୍ନ କଲେ, ''ଏବେ କ'ଣ କରାଯିବ ?'' ପରମେଶ୍ୱର ଉତ୍ତର ଦେଲେ, ''ପୁଣି ଥରେ ସୃଷ୍ଟି କର, କିନ୍ତୁ ଏଭଳି ସତ୍ତାମାନଙ୍କୁ

ସୃଷ୍ଟି କର, ଯେଉଁମାନେ ନିଜକୁ ଦିବ୍ୟପ୍ରଭୁଙ୍କଠାରୁ ସ୍ୱତନ୍ତ୍ର ବା ସର୍ବେସର୍ବା ବୋଲି ମନେ କରିବେ ନାହିଁ।'' ପରମାଶକ୍ତି ତା'ପରେ ଦେବତାମାନଙ୍କୁ ସୃଷ୍ଟି କଲେ । ଦେବତାମାନେ ଅହଂକାରୀ ନୁହନ୍ତି, ସେମାନେ ଅଧିମାନସ ଜଗତରେ ପ୍ରତିଷ୍ଠିତ ହେଲେ । କିନ୍ତୁ, ପ୍ରଥମେ ଯେଉଁ ଚାରିଟି ବିଭୂତି ଆସିଥିଲେ ଓ ବିକୃତ ହୋଇଯାଇଥିଲେ, ସେମାନେ ଦେବତାମାନଙ୍କୁ ବିରୋଧ କରିଚାଲିଲେ । ସେମାନେ ଦେବତାମାନଙ୍କୁ ସେମାନଙ୍କର ଅସ୍ତିବାଚକ ସ୍ଥିତିରେ ରହିବାକୁ ଦେଲେ ନାହିଁ । ତେଣୁ ସଦାବେଳେ ସଂଘର୍ଷ ଲାଗିରହିଲା । ଈଶ୍ୱରଙ୍କର ଆନନ୍ଦ ପାଇଁ ଯେଉଁ ବିଶ୍ୱ ସୃଷ୍ଟି ହୋଇଥିଲା, ତାହା ଏହିଭଳି ଭାବରେ ଅସତ୍ ଓ ଅନ୍ଧକାରର ସତ୍ତାମାନଙ୍କ ଦ୍ୱାରା କବଳିତ ହୋଇଗଲା । ଏହି କାହାଣୀଟି ୧୯୫୩ ମସିହାରେ, ''ଶ୍ରୀମା'ଙ୍କ ସହିତ କଥାବାର୍ତ୍ତା''ର ୩୭୧ ପୃଷ୍ଠାରେ ସଂକଳିତ ହୋଇଛି ।

ଏହି କାହାଣୀଟି କହିବା ପରେ ଶ୍ରୀମା ପୁଣି କହିଥିଲେ ଯେ କାହାଣୀଟି ପିଲାଳିଆ ଶୁଭୁଥିଲେ ମଧ୍ୟ ଏହା ପଛରେ ଏକ ଗୂଢ଼ ରହସ୍ୟ ଲୁଚି ରହିଛି । ତାହା ହେଉଛି ଏହି ସୃଷ୍ଟିପ୍ରକ୍ରିୟାର ବିପର୍ଯ୍ୟୟର କାରଣ ଏବଂ ତା'ର ନିରାକରଣ । ଏ ବିପର୍ଯ୍ୟୟ ଈଶ୍ୱରଙ୍କ ଇଚ୍ଛା ବିରୋଧରେ ଘଟି ନାହିଁ । କାରଣ ଏ ସମଗ୍ର ସୃଷ୍ଟିହିଁ ହେଉଛି ''ଈଶ୍ୱର'' । କିନ୍ତୁ ଦିବ୍ୟଜନନୀ ଏହି ସର୍ଜନାକୁ ପୂର୍ଣ୍ଣ ସ୍ୱାଧୀନତା ମଧ୍ୟରେ ସୃଜନ କରିଥିଲେ । ସମଗ୍ର ସୃଷ୍ଟି ନିଜର ସ୍ୱାଧୀନ ମନୋନୟନ ସହିତ ସ୍ୱତଃସ୍ଫୂର୍ତ୍ତ ଭାବରେ ମୂଳ ଉତ୍ସ ସହିତ ସଂଯୁକ୍ତ ହୋଇ ରହିବେ ଏବଂ ଅଗ୍ରଗତି କରିବେ । ମାତ୍ର ଏଥିରେ କିଛି ବାଧ୍ୟବାଧକତା ରହିବ ନାହିଁ – ସୃଷ୍ଟିକୁ ମୁକ୍ତ ଏବଂ ସ୍ୱତଃସ୍ଫୂର୍ତ୍ତ ହେବାକୁ ପଡ଼ିବ । ସୃଷ୍ଟିର ପ୍ରତ୍ୟେକ ସତ୍ତା ସ୍ୱାଧୀନ ଭାବରେ ମନୋନୟନ କରିପାରିବେ ଯେ ସେମାନେ ସ୍ୱତନ୍ତ୍ର ରହିବାକୁ ଚାହାନ୍ତି ନା ମୂଳଉତ୍ସ ସହିତ ସଂଯୁକ୍ତ ହୋଇ ରହିବାକୁ ଚାହାନ୍ତି । ମନୋନୟନର ପରିଣାମ ମଧ୍ୟ ସେମାନଙ୍କୁ ଭୋଗ କରିବାକୁ ପଡ଼ିବ ।

''ତେବେ କ'ଣ ଏହି ଦୁର୍ଘଟଣା ଅବଶ୍ୟମ୍ଭାବୀ ଥିଲା, ନା ଏହାହିଁ ଥିଲା ଈଶ୍ୱରଙ୍କର ଇଚ୍ଛା ?'' – ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶ୍ରୀମା' କହିଥିଲେ ଯେ ଏହି ବିଶ୍ୱ ଇଚ୍ଛା କରିଥିଲେ ଅନ୍ୟ ପ୍ରକାରର ହୋଇପାରିଥା'ନ୍ତା । ଏହି ବିଶ୍ୱର ସବୁକିଛି ଈଶ୍ୱରହିଁ – ପରମେଶ୍ୱରହିଁ ଏଠାରେ ନିଜକୁ ଅଭିବ୍ୟକ୍ତ କରିଛନ୍ତି ଏବଂ ତାଙ୍କ ଭିତରେ ଅନନ୍ତ ସମ୍ଭାବନା ନିହିତ ଅଛି । ଅସଂଖ୍ୟ ସମ୍ଭାବନା ଭିତରୁ, ଆମର ଏହି ବିଶ୍ୱ ଗୋଟିଏ ସମ୍ଭାବନା ମାତ୍ର । ଏକଥା ମଧ୍ୟ ନିଶ୍ଚିତ ନୁହେଁ ଯେ ପରମେଶ୍ୱରଙ୍କର ଏତଦ୍‌ଭିନ୍ନ ସମ୍ଭାବନା ଭିତରୁ ଉତ୍ସାରିତ ଆଉ ଏକପ୍ରକାର ସୃଷ୍ଟି ଅନ୍ୟ କେଉଁଠାରେ ରହି ନାହିଁ । ତା'ପରେ ମା' କହିଥିଲେ, ଆମକୁ ଏହି ଜଗତ୍ ଯେତେ କଦର୍ଯ୍ୟ ମନେ ହେଉଛି, ତାହା ତା'ର ମୂଳ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଦୃଷ୍ଟିରୁ ସେତେ କୁତ୍ସିତ ହେବ, ସେପରି କିଛି କଥା ନାହିଁ ।

କିନ୍ତୁ ଆମର ଏହି ବିଶ୍ୱଜଗତ୍ ସୃଷ୍ଟିର ପ୍ରଥମ ବିଭୂତି ଚାରିଜଣଙ୍କର କ'ଣ ମୋକ୍ଷ ନାହିଁ, ମୃତ୍ୟୁ ନାହିଁ କି ପରିବର୍ତ୍ତିତ ହେବାର ସମ୍ଭାବନା ନାହିଁ ? ଶ୍ରୀମା'ଙ୍କର ଅଭିଜ୍ଞତା ହେଉଛି, ଏମାନଙ୍କର ସ୍ୱତନ୍ତ୍ର ମନୋନୟନ କରିବାର ସ୍ୱାଧୀନତା ରହିଛି । କିନ୍ତୁ ଏମାନଙ୍କ ଭିତରୁ କେବଳ ଚେତନା ଓ ଆଲୋକର ସତ୍ତା, (ଯେ କି ଅନ୍ଧକାର ଓ ନିଶ୍ଚେତନାରେ ପରିଣତ ହୋଇଯାଇଥିଲା) ପରିବର୍ତ୍ତିତ ହେବାକୁ ଚାହିଁଥିଲା, ସିଏ ବର୍ତ୍ତମାନ ଈଶ୍ୱରଙ୍କ ଲକ୍ଷ୍ୟସିଦ୍ଧି ଉଦ୍ଦେଶ୍ୟରେ ସହଯୋଗ କରୁଛି । କିନ୍ତୁ ଅନ୍ୟମାନେ ପରିବର୍ତ୍ତିତ ହେବାକୁ ଅସ୍ୱୀକାର କରୁଛନ୍ତି । ଏମାନଙ୍କ ଭିତରେ ସବୁଠାରୁ ଭୟାନକ ହେଉଛି ''ମିଥ୍ୟାର ପ୍ରଭୁ –'' ଯେ' କି ସତ୍ୟର ବିରୋଧୀ ଭାବରେ ଏଯାଏ ସକ୍ରିୟ ରହିଛି । ସେ ନିଜକୁ ''ରାଷ୍ଟ୍ରମାନଙ୍କର ପ୍ରଭୁ'' ବୋଲି କହିଥାଏ । ହିଟ୍‌ଲର୍ ଏହି ଭୟାନକ ଶକ୍ତିର ଏକ ବିଭୂତି ଥିଲା ବୋଲି ମା' କହୁଥିଲେ । ଏହି ସତ୍ତାଟି କେବେ ବି ରୂପାନ୍ତରିତ ହେବ ନାହିଁ ବୋଲି ଘୋଷଣା କରିଛି । ଏହା ଜାଣେ ଯେ, ସେ ଦିନେ ନା ଦିନେ ଧ୍ୱଂସ ହୋଇଯିବ । ଏହି ବିବର୍ତ୍ତନଶୀଳ ପୃଥିବୀରୁ ତାହାର ଅସ୍ତିତ୍ୱ ଦିନେ ନା ଦିନେ ଲୋପ ପାଇଯିବ । କିନ୍ତୁ ତାହା ପୂର୍ବରୁ ସେ ଯେତେ ଇଚ୍ଛା ସେତେ ଧ୍ୱଂସ କରିଚାଲିବ, ବିଭିନ୍ନ ବ୍ୟକ୍ତିଙ୍କୁ ଯନ୍ତ୍ର ଓ ମାଧ୍ୟମ ଭାବରେ ବ୍ୟବହାର କରିବ ।

ସେଥିପାଇଁ ଦିନକୁ ଦିନ ଆମର ଏ ଜଗତ୍ ମିଥ୍ୟାର ଶକ୍ତି ଦ୍ୱାରା କବଳିତ ହେବା ପରି ପ୍ରତୀତ ହେଉଛି । କିନ୍ତୁ, ଏହି ମିଥ୍ୟା ଶକ୍ତି ଭିତରେ ମଧ୍ୟ ପରମେଶ୍ୱରଙ୍କର ବୀଜ ନିହିତ ରହିଛି । ସେମାନଙ୍କର ଭୟାନକ ଅହଂକାରହିଁ ସେମାନଙ୍କୁ ମୂଳ ଆନନ୍ଦ, ସତ୍ୟ ଓ ଜ୍ଞାନର ଉତ୍ସଠାରୁ ବିଚ୍ଛିନ୍ନ କରିଛି । ଯଦି ସେମାନେ ସେମାନଙ୍କର ଅହଂକାରରୁ ମୁକ୍ତ ହେବେ, ତେବେ ପୁନର୍ବାର ପରମେଶ୍ୱରଙ୍କ ଭିତରେ ଲୀନ ହୋଇଯିବେ ।

ସୃଷ୍ଟିର ପ୍ରାରମ୍ଭରେ ଅଭିବ୍ୟକ୍ତ ହୋଇଥିବା ଏହି ଶକ୍ତି ଚାରିଜଣ, ନିଜ ଭିତରୁ ଅସଂଖ୍ୟ ବିଭୂତି ସୃଷ୍ଟି କରିଦେଇଛନ୍ତି ଓ ସେମାନେ ସବୁ ଏଠାରେ କ୍ରିୟା କରୁଛନ୍ତି । ଦୁଃଖର କଥା ଯେ

ମଣିଷ ଏମାନଙ୍କର ମାଧ୍ୟମ ବା ଯନ୍ତ୍ର ଭାବରେ ବ୍ୟବହୃତ ହେଉଛି । କାରଣ ମଣିଷ ଏମାନଙ୍କୁ ପ୍ରତ୍ୟୁତ୍ତର ଦେଉଛି ଅର୍ଥାତ୍ ଏମାନଙ୍କ ଦ୍ୱାରା ଚାଳିତ ହେଉଛି – କେତେବେଳେ ସତ୍ତାର କୌଣସି କ୍ଷୁଦ୍ର ଅଂଶରେ, କେତେବେଳେ ବା ବୃହତ୍ତର ଅଂଶରେ, କେତେବେଳେ ଅଚେତନ ଭାବରେ ଆମେମାନେ ଏସବୁ ଶକ୍ତିଙ୍କୁ ପ୍ରତ୍ୟୁତ୍ତର ଦେଉଛୁ । ତେଣୁ ଏହି ଶକ୍ତିସକଳ ଅଦ୍ୟାବଧି ରହିଛନ୍ତି । ସେଥିପାଇଁ ମା' କହିଛନ୍ତି, ଯେତେବେଳେ ଆମେ ଏହି ବିରୋଧୀ ଶକ୍ତିଙ୍କର ସମ୍ମୁଖୀନ ହେଉ ସେତେବେଳେ ''If one wants to react, refuses to become the instrument of these forces, one must fight hard, be very strong, very straight, very pure, very sincere and above all, not egoistic.''.....

''That is, the world is in such a state that in order never to be moved by the adverse forces – the forces of darkness, destruction, wickedness, hatred – one must be a hero, a true hero, who is not afraid of blows, and fears nothing,....''

''ଯଦି ଜଣେ ପ୍ରତିକ୍ରିୟାଶୀଳ ହେବାକୁ ଚାହେଁ, ଏସବୁ ଶକ୍ତିର ଯନ୍ତ୍ର ହେବାକୁ ଅସମ୍ମତ ହୁଏ, ତେବେ ତାକୁ ଦୃଢ଼ଭାବେ ଲଢ଼େଇ କରିବାକୁ ହେବ, ଖୁବ୍ ଶକ୍ତ, ଅତିମାତ୍ରାରେ ଋଜୁ, ଅତି ଶୁଦ୍ଧ ଓ ଅତ୍ୟନ୍ତ ଆନ୍ତରିକ ହେବାକୁ ପଡ଼ିବ, ସର୍ବୋପରି ସେ ଆଦୌ ଅହଂସର୍ବସ୍ୱ ହେବ ନାହିଁ ।...''

''କଥା ହେଉଛି, ଏ ଜଗତ୍ ଏମିତି ଏକ ଅବସ୍ଥାକୁ ଆସିଯାଇଛି ଯେ ଏସବୁ ବିରୋଧିଶକ୍ତି ଯଥା – ଅନ୍ଧକାର, ଧ୍ୱଂସ, ଦୁଷ୍ଟବୁଦ୍ଧି ଓ ଘୃଣା ଆଦି ଶକ୍ତି ହାତରେ ପରିଚାଳିତ ନ ହେବା ସକାଶେ ବ୍ୟକ୍ତିକୁ ନିଶ୍ଚିତ ଭାବରେ ହେବାକୁ ପଡ଼ିବ ବୀର, ଜଣେ ଯଥାର୍ଥ ବୀର ଯିଏ ଆଘାତ ଦ୍ୱାରା ପ୍ରତିହତ ହେବାକୁ ଡରିବ ନାହିଁ, ଏବଂ ସର୍ବାବସ୍ଥାରେ ନିର୍ଭୀକ ରହିବ ।...''

(୧୯ ଅଗଷ୍ଟ, ୧୯୫୩ ଶ୍ରୀମା'ଙ୍କ ସହିତ କଥାବାର୍ତ୍ତା)

ତେଣୁ, ଆମେମାନେ ଯେତେବେଳେ ଏହି ବିଶ୍ୱଜଗତର ବିଭିନ୍ନ ପ୍ରକାର ବିକୃତିକୁ ସାମନା କରୁଛେ, ଯେତେବେଳେ ଦେଖୁଛେ ଯେ ମଣିଷ ଆଉ ମଣିଷ ହୋଇ ରହୁ ନାହିଁ, ତା'ର ମଣିଷପଣିଆ ସମ୍ପୂର୍ଣ୍ଣ ଭାବରେ ବିରୋଧିଶକ୍ତିର କବଳରେ ଧ୍ୱଂସ-ପ୍ରାୟ ସେତେବେଳେ ଆମେ ହତାଶ ନ ହୋଇ ବରଂ ସଚେତନ ହେବା ଯେ ଏହି ବିଶ୍ୱ ଏହିପରି ହୋଇଯାଇଛି, ପରମେଶ୍ୱର ନିଜକୁ ନିଜେ ଏହି ବିଶ୍ୱରେ ପ୍ରକ୍ଷିପ୍ତ କରିଛନ୍ତି ଏବଂ ନିଜକୁ ନିଜେ ଉପଲବ୍ଧି କରୁଛନ୍ତି । ଆମ ଭିତରେ ରହିଥିବା ଶ୍ରେଷ୍ଠତମ ଅଭୀପ୍ସା ଦ୍ୱାରା ଯେତେବେଳେ ଆମେ ନିଜକୁ ସମ୍ପୂର୍ଣ୍ଣ ରୂପେ ଶୁଦ୍ଧ କରିବା, ବିରୋଧିଶକ୍ତିଙ୍କର ବୀଭତ୍ସ ଲୀଳାଖେଳାର ପ୍ରତ୍ୟୁତ୍ତର ଦେବା ନାହିଁ, ଅଭୀପ୍ସାର ଅଗ୍ନି, ପ୍ରାର୍ଥନାର ଆକୁଳତା ଦ୍ୱାରା ଆମେ ଏହି ବିଶ୍ୱ ବିବର୍ତ୍ତିତ ଓ ରୂପାନ୍ତରିତ ହେବ ବୋଲି ନିଶ୍ଚିତ ହୋଇଯିବା, ତେବେ ଏହି ବିରୋଧିଶକ୍ତି ତିନିଜଣଙ୍କର ମୂଳଉତ୍ସ ଶୁଷ୍କ ହୋଇଯିବ, ସେମାନେ ମଣିଷକୁ ରକ୍ଷା କରୁଥିବା ଭଗବତ୍ କରୁଣାକୁ ଆଉ ପ୍ରତିରୋଧ କରିପାରିବେ ନାହିଁ, ଫଳରେ ପ୍ରତ୍ୟାହୃତ ହୋଇଯିବେ । ❖

ଯେତେବେଳେ ଘଟଣାସକଳ ବାହାରେ ଗୋଳମାଳିଆ ହୋଇଥାଏ, ସେତେବେଳେ ବାହାର ଘଟଣାକୁ ଦେଖି କିଛି ବିଚାର ନ କରିବାର ନିୟମ ନିଜ ମନ ଉପରେ ଆରୋପ କରିବାକୁ ହେବ ଏବଂ ସମସ୍ତ ଗୋଳମାଳ ଯେ ସଜାଡ଼ି ହୋଇଯିବ ଏଇ ଭରସା ସହ ସବୁକିଛିକୁ ଅନ୍ତରରେ ମା'ଙ୍କ ଆଲୋକ ନିକଟରେ ସମର୍ପଣ କରିବାକୁ ହେବ ।

– ଶ୍ରୀଅରବିନ୍ଦ

# ମାନବସମାଜର ବିଭିନ୍ନ ଧର୍ମ
## (୧)
### ଶ୍ରୀପତି ଦାସ

### ଧର୍ମ କ'ଣ ?

ଯାହା ସବୁକିଛିକୁ ଧାରଣ କରେ, ତାହାହିଁ ଧର୍ମ । ପରମେଶ୍ୱରହିଁ ସମଗ୍ର ବିଶ୍ୱକୁ ଧାରଣ କରିଛନ୍ତି । ତେଣୁ କେତେକେ ପରମେଶ୍ୱରଙ୍କୁହିଁ ଧର୍ମ ବୋଲି ମନେକରନ୍ତି । ପ୍ରାଚୀନତମ ଭାରତୀୟ ଦାର୍ଶନିକ ଓ ସମାଜ-ସଂସ୍କାରକ ମନୁଙ୍କ ବ୍ୟାଖ୍ୟାନୁସାରେ ଧର୍ମର ଦଶଟି ବିଭାବ ରହିଛି । (୧) 'ଧ୍ରି' ଅର୍ଥାତ୍ ବାଧା ଓ ବିପଦ ସମୟରେ ଧୈର୍ଯ୍ୟ ଧାରଣ । (୨) 'କ୍ଷମା' – ଅନ୍ୟର ଦୋଷ ଓ ଦୁର୍ବଳତାକୁ ଉଦାର ଗୁଣରେ ସହ୍ୟ କରିବା । (୩) 'ଦାମ' ଅର୍ଥାତ୍ ଆତ୍ମସଂଯମ । (୪) 'ଆସ୍ତେୟ' – ଚୋରି ନକରିବା । (୫) 'ଶୌଚ' – ପବିତ୍ରତା । (୬) 'ଇନ୍ଦ୍ରିୟ ନିଗ୍ରହ' – ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରିବା । (୭) 'ଧି' ଅର୍ଥାତ୍ ସୂକ୍ଷ୍ମଦୃଷ୍ଟିସମ୍ପନ୍ନ ହେବା । (୮) 'ବିଦ୍ୟା' – ସକଳ ପ୍ରକାର ଜ୍ଞାନ । (୯) 'ସତ୍ୟ' ଅର୍ଥାତ୍ ଯାହା ଚିରସ୍ଥାୟୀ । (୧୦) 'ଅକ୍ରୋଧ' – ଆଦୌ ନ ରାଗିବା ।

### ନୈତିକତା, ଧର୍ମ ଓ ଆଧ୍ୟାତ୍ମିକତା :

ନୈତିକତା ହେଉଛି କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ ବା ରାଜ୍ୟ ବା ଦେଶର ମନଗଢ଼ା କେତେକ ନିୟମ । ଏହି ନିୟମଗୁଡ଼ିକ ଅନ୍ତଶ୍ଚେତନା ବା ଚୈତ୍ୟସତ୍ତାର ନିୟମ ନୁହେଁ । କାରଣ ଚୈତ୍ୟସତ୍ତା ଚାହେଁ କେବଳ ସେଇ କଥା ଯାହା ପରମେଶ୍ୱରଙ୍କ ସଂକଳ୍ପ । କିନ୍ତୁ ମନ ନିଜର ଖାମଖିଆଲି କାରବାରକୁ ନେଇ ଖୁସି ରହେ ।

ଧର୍ମ ହେଉଛି ପୃଥିବୀର କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ, ରାଜ୍ୟ ଓ ଦେଶର କୌଣସି ମହାପୁରୁଷଙ୍କର, ଜୀବନ, ଜଗତ୍ ଓ ଈଶ୍ୱରଙ୍କ ସମ୍ବନ୍ଧେ ତାଙ୍କର ଯେଉଁ ଧାରଣା ବା ଜ୍ଞାନ ରହିଛି, ତାହାକୁ ପ୍ରଚାର କରିବା । ସେହି ପ୍ରଚାରକୁ ଯେଉଁ ମାନବଗୋଷ୍ଠୀ ଗ୍ରହଣ କରନ୍ତି, ସେମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ଧର୍ମର ଅନ୍ତର୍ଭୁକ୍ତ ବୋଲି କୁହାଯାଏ । ତେଣୁ ଧର୍ମ ହେଉଛି ଏକ ସୀମିତ ଚେତନାର ପରିପ୍ରକାଶ । କାରଣ ପୃଥିବୀରେ ଗୋଟିଏ ନୁହେଁ, ଅନେକ ଧର୍ମର ସୃଷ୍ଟି ହୋଇଛି ।

ଆଧ୍ୟାତ୍ମିକତା ହେଉଛି ଅଧ୍ୟାତ୍ମ ବା ପରମାତ୍ମା ବା ପରମେଶ୍ୱରଙ୍କ ସଂକଳ୍ପର ଅନୁସରଣ । ଏହାକୁ ପ୍ରତ୍ୟେକ ବ୍ୟକ୍ତି ତାଙ୍କର ଚୈତ୍ୟସତ୍ତାର ସ୍ୱାଧୀନତା ଅନୁସାରେ ଅନୁସରଣ କରିପାରିବେ । କିନ୍ତୁ ଏହା ବିଭିନ୍ନ ବ୍ୟକ୍ତିଙ୍କ ସକାଶେ ଭିନ୍ନ ଭିନ୍ନ ହେଲେ ମଧ୍ୟ ଯେହେତୁ ତାହା ଏକହିଁ ପରମେଶ୍ୱରଙ୍କ ସଂକଳ୍ପର ଅନୁସରଣ, ତେଣୁ ଏହି ଆଧ୍ୟାତ୍ମିକତା ମଧ୍ୟରେ ନୈତିକତା ଓ ଧର୍ମ ସଦୃଶ କଳହ ବା ଶତ୍ରୁତା-ଆଚରଣର ଅବକାଶ ନାହିଁ ।

### ଧର୍ମର ଐତିହାସିକ ବିକାଶ :

#### ଦ୍ରାବିଡ଼ମାନଙ୍କ ଧର୍ମ :

ଭାରତରେ ଦ୍ରାବିଡ଼ମାନଙ୍କ ପ୍ରାଧାନ୍ୟ ୩୦୦୦ରୁ ୨୦୦୦ ଖ୍ରୀ.ପୂ. ମଧ୍ୟରେ ବ୍ୟାପ୍ତ ହୋଇଥିଲା । ମହେଞ୍ଜୋଦାରୋ ଓ ହରପ୍ପାଠାରେ ଦ୍ରାବିଡ଼ମାନଙ୍କ ସଭ୍ୟତାର ପ୍ରମାଣ ମିଳେ । ଜଣାଯାଏ ଯେ ସେମାନେ ମାତୃଶକ୍ତିକୁ ସକଳ ଶକ୍ତିର ଉତ୍ସଭାବେ ଗ୍ରହଣ କରୁଥିଲେ । ସିନ୍ଧୁ ଉପତ୍ୟକାର ସଭ୍ୟତାରେ ସେମାନେ ଦେବୀଙ୍କୁ ଫଳ, ପୁଷ୍ପ, ଜଳ ଆଦି ଅର୍ପଣ କରି ପୂଜା କରୁଥିଲେ । ସେତେବେଳେ ଦେବୀଙ୍କ ପ୍ରତୀକଭାବେ ସିଂହ, ଷଣ୍ଢ, ବୃକ୍ଷ ଓ ପର୍ବତ ଆଦିକୁ ସେମାନେ ଗ୍ରହଣ କରୁଥିଲେ । ପୁନଶ୍ଚ ଜଣାଯାଏ ଯେ ସେମାନେ ରାକ୍ଷସ ଓ ରାକ୍ଷସୀମାନଙ୍କୁ ମଧ୍ୟ ପୂଜା କରୁଥିଲେ । ମାତୃଶକ୍ତି ଓ ଶିବଲିଙ୍ଗର ପୂଜା ମଧ୍ୟ ଦ୍ରାବିଡ଼ମାନଙ୍କ ସଭ୍ୟତାରୁ ଜଣାଯାଏ । ପରବର୍ତ୍ତୀ କାଳରେ ହିନ୍ଦୁମାନଙ୍କ ଉପରେ ମଧ୍ୟ ଏସବୁର ପ୍ରଭାବ ଦୃଷ୍ଟିଗୋଚର ହୋଇଥିଲା ।

#### ବୈଦିକ ଧର୍ମ :

ଭାରତର ଆର୍ଯ୍ୟ-ସଂସ୍କୃତି ଅତି ପ୍ରାଚୀନ । ଏହି ସଂସ୍କୃତିର ପ୍ରଥମ ଏକ ହଜାର ବର୍ଷ ମଧ୍ୟରେ ବେଦର ପ୍ରଣୟନ

ହୋଇଥିଲା । ଏହି ବେଦ ହେଉଛି କେତେଗୁଡ଼ିଏ ଶାସ୍ତ୍ରର ସଂକଳନ । ଏଥିରେ ଜ୍ଞାନ ପରିପୂର୍ଣ୍ଣ ହୋଇରହିଛି । ବେଦ ହେଉଛି ଶାଶ୍ୱତ, ଅନାଦି ଓ ଅନନ୍ତ ।

ବେଦକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଏ । ପ୍ରଥମ ଭାଗ ହେଉଛି ମନ୍ତ୍ର ବା ସଂହିତା ଏବଂ ଦ୍ୱିତୀୟ ଭାଗ ହେଉଛି ବ୍ରହ୍ମଣ । ଏହି ବ୍ରହ୍ମଣ ହେଉଛି ପବିତ୍ର ଭାଷାର ଏକ ସଂକଳନ ଯାହାକୁ ବାରଂବାର ଆବୃତ୍ତି କରାଯାଏ । ସଂହିତା ହେଉଛି ଯାହା ସଂଯୁକ୍ତ ହୋଇଥାଏ । ବ୍ରହ୍ମଣରେ ଗୁରୁତ୍ୱ ଦିଆଯାଇଥାଏ ପ୍ରାର୍ଥନା ଓ ଯାଗ-ଯଜ୍ଞର ଅନୁଷ୍ଠାନ ଉପରେ । ଏହାର ତିନୋଟି ବିଭାବ ରହିଛି – (୧) ବ୍ରାହ୍ମଣ, (୨) ଆରଣ୍ୟକ ଓ (୩) ପରିଷଦ ।

ପୁନଶ୍ଚ ବେଦର ରହିଛି ଚାରୋଟି ଅଙ୍ଗ – ରଗ୍‌ବେଦ, ସାମବେଦ, ଯଜୁର୍ବେଦ ଓ ଅଥର୍ବବେଦ । ରଗ୍‌ବେଦ ହେଉଛି ସବୁଠାରୁ ପ୍ରାଚୀନ ଏବଂ ତହିଁରେ ଦର୍ଶାଯାଇଛି ଯେ କିପରି ଦାର୍ଶନିକ ଚିନ୍ତାଧାରା, ଧର୍ମ ଓ ନାନାପ୍ରକାର ଆବେଗ-ଅନୁଭୂତି ମନୁଷ୍ୟର ମନ ମଧ୍ୟରେ ଜାଗ୍ରତ୍ ହୋଇଥିଲା । ସାମବେଦ ହେଉଛି ନାନା ଶ୍ଳୋକରେ ଭରପୂର ଏକ ଗ୍ରନ୍ଥ । ଏଥିରେ ରଗ୍‌ବେଦର କିୟଦଂଶ ଅନ୍ତର୍ଭୁକ୍ତ କରାଯାଇଛି । ଯଜ୍ଞ ସମୟରେ ଉଚ୍ଚାରଣ କରାଯାଉଥିବା ବିଭିନ୍ନ ଶ୍ଳୋକକୁ ନେଇ ଯଜୁର୍ବେଦ ସଂକଳିତ ହୋଇଛି । ଏହି ବେଦର ଦୁଇଟି ଭାଗ ରହିଛି – (୧) ଶୁକ୍ଳ ଯଜୁର୍ବେଦ ଓ (୨) କୃଷ୍ଣ ଯଜୁର୍ବେଦ । ଚତୁର୍ଥ ବେଦଟି ହେଉଛି ଅଥର୍ବ ବେଦ । ଏଥିରେ ରହିଛି ମାନବଜୀବନର କେତେକ ଏକାନ୍ତ ଆବଶ୍ୟକ ଘଟଣାବଳି । ଏଥିରେ ଥିବା ଗଦ୍ୟାଂଶ ଓ ପଦ୍ୟାଂଶରେ ଭଗବାନଙ୍କୁ ସମ୍ବୋଧନ କରାଯାଇଛି । ଏଥିମଧ୍ୟରୁ କେତେକାଂଶ ଦାର୍ଶନିକ ଚିନ୍ତାଧାରାରେ ଭରପୂର ହୋଇରହିଛି ।

ବେଦରେ ବହୁ ଦେବତାଙ୍କ ସମ୍ବନ୍ଧରେ ବର୍ଣ୍ଣିତ ହୋଇଛି । କିନ୍ତୁ କୌଣସି ଦେବତାଙ୍କୁ ଅନ୍ୟ ଦେବତାଙ୍କଠାରୁ ଉତ୍କୃଷ୍ଟତର-ଭାବେ ଗ୍ରହଣ କରାଯାଇ ନାହିଁ । ଏକହି ସଙ୍ଗେ ପ୍ରତ୍ୟେକ ଦେବତାଙ୍କୁ ପରମେଶ୍ୱରଭାବେ ବର୍ଣ୍ଣନା କରାଯାଇଛି । ଭଗବାନଙ୍କୁ ପୂଜା କରାଯାଇଛି ବିଭିନ୍ନ ନାମ, ଗୁଣ, ଶକ୍ତି ଓ କ୍ରିୟାକଳାପର ଅଧିକାରୀ ଭାବରେ ।

ବୈଦିକ ଯୁଗର କେତେକ ବିଶିଷ୍ଟ ଦେବ-ଦେବୀ ହେଉଛନ୍ତି : ଇନ୍ଦ୍ର, ଅଗ୍ନି, ସୂର୍ଯ୍ୟ, ମିତ୍ର, ବରୁଣ, ମରୁତ୍, ରୁଦ୍ର, ଅଶ୍ୱିନୀ, ଉଷା ଓ ସରସ୍ୱତୀ । ଏତଦ୍‌ବ୍ୟତୀତ ବିଷ୍ଣୁ, ଶିବ, କାଳୀ, ଲକ୍ଷ୍ମୀ, ଗଣେଶ ଇତ୍ୟାଦି ଦେବ-ଦେବୀଙ୍କୁ ମଧ୍ୟ ବୈଦିକ ଯୁଗରେ ପୂଜା କରାଯାଉଥିଲା ।

ଭଗବତ୍ ଆଶୀର୍ବାଦ ଦ୍ୱାରା ମନୁଷ୍ୟ ଏହି ଜଗତରେ ଦୀର୍ଘଜୀବୀ ଓ ସୁଖୀ ହୋଇପାରେ । ଏଥିପାଇଁ ଆବଶ୍ୟକ ମନୁଷ୍ୟର ଭଗବାନଙ୍କୁ ପ୍ରାର୍ଥନା ଓ ପୂଜା ଯାହାଫଳରେ ସେ ସକଳ ଜାଗତିକ ସୁଖ-ସମ୍ପଦ ଲାଭ କରିପାରେ । ମୃତ୍ୟୁପରେ ମନୁଷ୍ୟକୁ ପିତୃଲୋକକୁ ଯାତ୍ରା କରିବାକୁ ହୋଇଥାଏ । ସେଠାରେ ସେ ଉଚ୍ଚତର ଶାନ୍ତି ଓ ଆନନ୍ଦ ଲାଭକରିବା ସମ୍ଭବ ହୋଇଥାଏ । ସେଠାରେ ପିତୃଗଣ ବାସ କରିଥା'ନ୍ତି । ବୈଦିକ ଆର୍ଯ୍ୟଗଣ ଆତ୍ମାର ଜନ୍ମ-ଜନ୍ମାନ୍ତର ଉପରେ ବିଶ୍ୱାସ କରୁଥିଲେ ।

ଶରୀର ଓ ଆତ୍ମା – ଏହି ଉଭୟ ସତ୍ତାକୁ ନେଇ ମାନବଜୀବନ ଗଠିତ । ବୈଦିକ ଆର୍ଯ୍ୟମାନେ 'ନରକ'କୁ ବିଶ୍ୱାସ କରୁ ନଥିଲେ । ଆତ୍ମା ଶରୀରକୁ ତ୍ୟାଗ କରିବା ପରେ ଦୁଇଟି ପଥରେ ଯାତ୍ରା କରିପାରେ – ଗୋଟିଏ ହେଉଛି 'ଦେବାୟଣ' ଓ ଅନ୍ୟଟି ହେଉଛି 'ପିତ୍ରାୟଣ' । ମନୁଷ୍ୟର କର୍ମ ଅନୁସାରେ ଏହା ନିର୍ଦ୍ଧାରିତ ହୋଇଥାଏ ।

**କର୍ମ ଓ ଜ୍ଞାନ :**

ମନୋଯୋଗ ଦେଇ ରଗ୍‌ବେଦ ପାଠକଲେ ଜଣାଯାଏ ଯେ ପ୍ରାଚୀନ କାଳରେ ମାନବର ଆଧାତ୍ମିକ ପ୍ରଗତିରେ କର୍ମ ଓ ଜ୍ଞାନକୁ ଦୁଇଟି ଭିନ୍ନ ଭିନ୍ନ ଅଙ୍ଗ ବୋଲି ମନେ କରାଯାଉଥିଲା । ଏହି ଜଗତରେହିଁ କର୍ମର ଏକାନ୍ତ ଆବଶ୍ୟକତା ରହିଛି । କର୍ମ ପରେ ଆସିଥାଏ ଜ୍ଞାନ ଯାହା ପରବର୍ତ୍ତୀ ଜୀବନ ସକାଶେ ଏକାନ୍ତଭାବେ ଆବଶ୍ୟକ ହୋଇଥାଏ । ଜ୍ଞାନ ମଧ୍ୟଦେଇହିଁ ଆତ୍ମା ଚିରସ୍ଥାୟୀ ଶାନ୍ତି ଲାଭ କରିପାରେ ।

**ଉପନିଷଦ୍ :**

ବିଭିନ୍ନ ଯୁଗରେ ବିଭିନ୍ନ ମହାପୁରୁଷଙ୍କ ଦ୍ୱାରା ଧ୍ୟାନାବସ୍ଥାରେ ଯେଉଁ ଜ୍ଞାନ ଉପଲବ୍ଧ ହୋଇଥାଏ, ତାହାହିଁ ହେଉଛି ଉପନିଷଦ୍ । ଜଗତ୍, ମନୁଷ୍ୟ ଓ ଈଶ୍ୱରଙ୍କ ସମ୍ବନ୍ଧେ ପରମ ସତ୍ୟଲାଭ କରିବା ହେଉଛି ଉପନିଷଦର ଉଦ୍ଦେଶ୍ୟ । ଭାରତୀୟ ଚିନ୍ତାଧାରା ଓ ଦର୍ଶନକୁ ଉପନିଷଦ୍ ବିଶେଷଭାବେ ପ୍ରଭାବିତ କରେ । ଏହି ଉପନିଷଦରୁହିଁ ଭାରତର ସକଳ

ଦାର୍ଶନିକ ଚିନ୍ତାଧାରା ଓ ଧର୍ମର ଉତ୍ପତ୍ତି ହୋଇଛି । ଭାରତୀୟ ଷଡ଼୍‌ଦର୍ଶନ – ନ୍ୟାୟ, ବୈଶେଷିକ, ସାଂଖ୍ୟ, ଯୋଗ, ମୀମାଂସା ଓ ବେଦାନ୍ତ – ଏହି ଉପନିଷଦରୁହିଁ ଉଦ୍ଭୁତ ହୋଇଛି ।

## ପୁରାଣ :

ପୃଥିବୀର ସାହିତ୍ୟ, ଧର୍ମ ଓ ଦାର୍ଶନିକ ଇତିହାସରେ ଅତୁଳନୀୟ ସାକ୍ଷ୍ୟ ହେଉଛି – ରାମାୟଣ, ମହାଭାରତ ଓ ଭଗବଦ୍‌ଗୀତା । ଏସବୁକୁ ପୁରାତନ ସାହିତ୍ୟ ବା ପୁରାଣ କୁହାଯାଇପାରେ । ସାଂଖ୍ୟ, ଯୋଗ, ବେଦାନ୍ତ, ଶୈବ, ଶାକ୍ତ ଦର୍ଶନ ଇତ୍ୟାଦି ଏହି ପୁରାଣଗୁଡ଼ିକ ମଧ୍ୟରେ ବର୍ଣ୍ଣିତ ହୋଇଛି ।

**ରାମାୟଣ :** ଏହା ହେଉଛି ଶ୍ରୀରାମଙ୍କ ଜୀବନ-ଇତିହାସ । ଏହା ଦ୍ୱାରା ଆମର ସଂସ୍କୃତି ଓ ଜୀବନୀଶକ୍ତି ଉଜ୍ଜୀବିତ ହୁଏ । ଯାହାକିଛି ମଙ୍ଗଳମୟ ଏବଂ ମହାନ୍, ସେସବୁ ରାମାୟଣରେ ଲିଖିତ ହୋଇଛି । ରାମାୟଣର ବିଷୟବସ୍ତୁ ମଧ୍ୟରେ ରହିଛି ଶୃଙ୍ଗାର, ବୀର ଓ କରୁଣାର ଭରପୂର ଘଟଣାବଳି । ଏଥି ସହିତ ରହିଛି ରାଜନୀତି, ଶାସନ, ନାନା ସାମାଜିକ ଘଟଣା, ଧର୍ମ, ଦର୍ଶନ, ଇତିହାସ, ସମାଜ-ଦର୍ଶନ, ଅର୍ଥନୀତି ଓ ସଦାଚାର । ରାମାୟଣରେ ବର୍ଣ୍ଣିତ ତ୍ରିଗୁଣର – ସତ୍ତ୍ୱ, ରଜସ୍ ଓ ତମସ୍‌ର ଉଦାହରଣ ଦେଖାଦେଇଛି ବିଭୀଷଣଙ୍କ ଚରିତ୍ରରେ ସତ୍ତ୍ୱ ଭାବରେ, ରାବଣଙ୍କ ଚରିତ୍ରରେ ରଜସ୍ ଓ କୁମ୍ଭକର୍ଣ୍ଣ ଚରିତ୍ରରେ ତମସ୍ ଭାବରେ । ଆର୍ଯ୍ୟ ଜୀବନର ଉଚ୍ଚାଦର୍ଶ ଭାବରେ ଶ୍ରୀରାମଙ୍କ ଜୀବନରେ ଦେଖିବାକୁ ମିଳେ କର୍ତ୍ତବ୍ୟପରାୟଣ ପୁତ୍ରର, ସ୍ନେହପୂର୍ଣ୍ଣ ଭ୍ରାତୃତ୍ୱର, ପ୍ରେମମୟ ସ୍ୱାମୀର, ନିର୍ଭୀକ ବୀରର ଏବଂ ଏକ ଆଦର୍ଶ ରାଜାର ଚରିତ୍ର । ଲକ୍ଷ୍ମଣ ଓ ଭରତଙ୍କ ଚରିତ୍ରରେ ଦେଖାଯାଏ ଆଦର୍ଶ ଭ୍ରାତୃତ୍ୱର, ସୀତାଙ୍କ ଚରିତ୍ରରେ ଦେଖାଯାଏ କର୍ତ୍ତବ୍ୟପରାୟଣା ନାରୀର, ଦଶରଥଙ୍କ ଚରିତ୍ରରେ ଦେଖାଯାଏ ଏକ ଦୁର୍ବଳ ରାଜାର ଯଦ୍ୱାରା କେବଳ ତାଙ୍କ ନିଜ ଜୀବନରେ ନୁହେଁ କିନ୍ତୁ ସମଗ୍ର ରାଜ୍ୟରେ ଦେଖା ଦେଇଥିଲା ଦୁର୍ଦ୍ଦଶା ।

**ମହାଭାରତ :** ଯାହା ହେଉଛି ସର୍ବଜ୍ଞାନର ଆଧାର, ତହିଁରେ ରହିଛି ସକଳ ଧର୍ମ, ଦର୍ଶନ ଓ ଇତିହାସ । ପୌରାଣିକ ଦୃଷ୍ଟିକୋଣରୁ ମହାଭାରତର ଜନ୍ମକାଳ ହେଉଛି ବୈଦିକ ଓ ପୌରାଣିକ ଯୁଗର ମଧ୍ୟବର୍ତ୍ତୀ କାଳ । ମହାଭାରତ ବିଶ୍ୱସୃଷ୍ଟିର ବିଭିନ୍ନ ତତ୍ତ୍ୱକୁ ବିଚାର କରେ ।

**ଭଗବଦ୍‌ଗୀତା :** ମୁଖ୍ୟତଃ ଭଗବଦ୍‌ଗୀତାରେ ଦେଖାଯାଏ କର୍ମ, ଭକ୍ତି ଓ ଜ୍ଞାନର ଶୃଙ୍ଖଳା; ନିରାସକ୍ତ ଭାବରେ କିପରି କର୍ମ କରିବାକୁ ହୁଏ । ଭକ୍ତିଯୋଗ ହେଉଛି ପ୍ରେମ ଓ ଭକ୍ତିର ପଥ; ଜ୍ଞାନଯୋଗ ହେଉଛି ଜ୍ଞାନର ପଥ ଏବଂ କର୍ମଯୋଗ ହେଉଛି ନିରାସକ୍ତ କର୍ମର ପଥ । ଗୀତାରୁ ଏହି ଶିକ୍ଷା ମିଳେ ଯେ ଆତ୍ମା ହେଉଛି ଅବ୍ୟୟ, ସର୍ବଗତ, ଅଚଳ, ସନାତନ, ଅବ୍ୟକ୍ତ, ଅଚିନ୍ତ୍ୟ ଓ ଅବିକାର । କେବଳ ଶରୀରହିଁ ମୃତ୍ୟୁପ୍ରାପ୍ତ ହୁଏ, କିନ୍ତୁ ଆତ୍ମା ହେଉଛି ଅମର; ଏହା ଜନ୍ମ-ମୃତ୍ୟୁର ଅତୀତ ।

ଗୀତା ଶିକ୍ଷା ଦିଏ ଯେ ପୁରୁଷ ହେଉଛନ୍ତି ପରାପ୍ରକୃତିର ଓ ପ୍ରକୃତି ହେଉଛି ଅପରା-ପ୍ରକୃତିର ପ୍ରତୀକ ଅଥଚ ଉଭୟ ହେଉଛି ସେହି ପରମେଶ୍ୱରଙ୍କ ଅଭିବ୍ୟକ୍ତି । ପରମେଶ୍ୱରଙ୍କ ସତ୍ତ୍ୱଗୁଣ ହେଉଛି ସମତାର, ରଜସ୍ ଗୁଣ ହେଉଛି କ୍ରିୟାଶୀଳତାର ଏବଂ ତମସ୍ ଗୁଣ ହେଉଛି ନିଷ୍କ୍ରିୟତାର ପରିଚାୟକ ।

## ଧର୍ମର ବିଭିନ୍ନ ସମ୍ପ୍ରଦାୟ :

**ଶୈବବାଦ :**

ଏହାର ଭିତ୍ତି ହେଉଛି ମହାପ୍ରଭୁ ଶିବଙ୍କର ପୂଜାରାଧନା । ରୁଦ୍ର, ଶମ୍ଭୁ, ଶଙ୍କର, ମହାଦେବ ଆଦି ନାମରେ ଶିବଙ୍କୁ ପୂଜା କରାଯାଏ । ଶିବ ହେଉଛନ୍ତି ଧ୍ୱଂସକର୍ତ୍ତା, ସୃଷ୍ଟିକର୍ତ୍ତା ଓ ରକ୍ଷାକର୍ତ୍ତା ।

ଏହି ଶୈବ ସିଦ୍ଧାନ୍ତ ସମ୍ପ୍ରଦାୟ ଦକ୍ଷିଣ ଭାରତରେ ପ୍ରତିଷ୍ଠିତ ହୋଇଥିଲା । ଏହି ସମ୍ପ୍ରଦାୟ ଅନୁସାରେ ଶିବଙ୍କର କ୍ରିୟାଶୀଳ ବିଭାବ ହେଉଛନ୍ତି ଶକ୍ତି । ଶିବଙ୍କ ସହିତ ସମ୍ପୂର୍ଣ୍ଣ ଏକୀଭୂତ ହେବା ହେଉଛି ତାଙ୍କର ଲକ୍ଷ୍ୟ । ଏହା କେବଳ ଜ୍ଞାନ ଦ୍ୱାରା ଉପଲବ୍ଧ ହୋଇଥାଏ । ମାୟା ମଧ୍ୟରୁ ପୂର୍ଣ୍ଣତଃ ମୁକ୍ତ ହେବା ହେଉଛି ମୋକ୍ଷ । ଏହା ହେଉଛି ଦ୍ୱୈତ ମଧ୍ୟରେ ଏକତ୍ୱର ଉପଲବ୍ଧି । ଶିବ ଓ ଶକ୍ତି ହେଉଛନ୍ତି, ବାହ୍ୟତଃ ଦୁଇ ହେଲେ ମଧ୍ୟ ବାସ୍ତବତଃ ଏକ । ଶୈବ ସିଦ୍ଧାନ୍ତର ଏହା ହେଉଛି ଅଦ୍ୱୈତ ଦର୍ଶନ ।

**ଶକ୍ତିବାଦ :**

ଶୈବବାଦ ଅନୁସାରେ ଆତ୍ମା ବା ପୁରୁଷ (ଯାହା ଶିବଙ୍କ ସହିତ ଏକୀଭୂତ) ହେଉଛନ୍ତି ନିଷ୍କ୍ରିୟ ଯେତେବେଳେ ପ୍ରକୃତି (ଯାହା ଶକ୍ତି ସହିତ ଏକୀଭୂତ) ହେଉଛନ୍ତି ସୃଜନଶୀଳ ଏବଂ ଭୌତିକ କାରଣ । ତେଣୁ ଏହି ଦୃଷ୍ଟିକୋଣରୁ ଶକ୍ତି ହେଉଛନ୍ତି ଶିବଙ୍କଠାରୁ ଉଚ୍ଚତର । ଶକ୍ତି ଓ ଶିବଙ୍କ ମଧ୍ୟରେ ପ୍ରଭେଦୀକରଣ

*(ଅବଶିଷ୍ଟାଂଶ ପୃଷ୍ଠା ୪୩ରେ ଦେଖନ୍ତୁ)*

ମହାକାଳର ପଞ୍ଜିକାରେ ଏକ ଯୁଗାନ୍ତକାରୀ ତାରିଖ :

# ଏପ୍ରିଲ ଚବିଶ


## ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ


ଜାପାନରେ ପ୍ରାୟ ଚାରିବର୍ଷ (୧୯୧୬ ରୁ ୧୯୨୦) ବିତାଇ ଶ୍ରୀମା ସ୍ଥାୟୀ ଭାବେ ରହିବା ପାଇଁ ଭାରତ ଅଭିମୁଖେ ଯାତ୍ରା କଲେ । ତାଙ୍କର ଜାପାନରେ ଚାରିବର୍ଷର ଅବସ୍ଥାନ ମଧ୍ୟରେ ସେ ଜାପାନୀ ପୋଷାକ 'କିମୋନୋ'କୁ ଯେପରି ନିଜର କରିନେଇଥିଲେ, ସେହିପରି ଗ୍ରହଣ କରି ନେଇଥିଲେ ଜାପାନୀ ଜୀବନଧାରାର ନିତ୍ୟନୈମିତ୍ତିକତା – ଆତ୍ମୋତ୍ସର୍ଗ, ପ୍ରତ୍ୟାହାର ଓ ନୀତି-ମାନ୍ୟତା । ସେଇଠି ସେ ଉଦ୍ଭିଦଜଗତ୍ ସହିତ ଜାଗ୍ରତ୍ ସଂଯୋଗ ସ୍ଥାପନ କରିଥିଲେ ଏବଂ ପୁଷ୍ପ-ଉତ୍ସବରେ ବିଶେଷ ଧରଣର ପୁଷ୍ପସଜ୍ଜାର କୌଶଳ ଶିକ୍ଷା କରିଥିଲେ ।

ବାହାରର ଏହିସବୁ ଆଚାର ଆଚରଣରେ ବିନିମୟ ଓ ସମତା ରକ୍ଷା କରୁଥିଲା ବେଳେ ଶ୍ରୀମା'ଙ୍କର ଆନ୍ତରଜୀବନରେ ମଧ୍ୟ ତାଙ୍କୁ ବହୁ ଉପଯୋଗିତାର ମୁଖାମୁଖୀ ହୋଇ ବିଜୟ ହାସଲ କରିବାକୁ ପଡ଼ିଥିଲା । ସେ ସମୟରେ 'ଧ୍ୟାନ ଓ ପ୍ରାର୍ଥନା'ରେ ସେହି ଆନ୍ତରଜୀବନର ଇଙ୍ଗିତଧର୍ମୀ ପ୍ରତିଚ୍ଛବି ସୁସ୍ପଷ୍ଟ ।

ଶ୍ରୀମା ପଣ୍ଡିଚେରୀରେ ଆସି ପଦାର୍ପଣ କଲେ ୧୯୨୦ ମସିହା ଏପ୍ରିଲ ୨୪ ତାରିଖରେ । ଛଅବର୍ଷ ତଳେ ୧୯୧୪ ମସିହା ମାର୍ଚ୍ଚ ୨୯ ତାରିଖରେ ସେ ଶ୍ରୀଅରବିନ୍ଦଙ୍କୁ ଯେଉଁ ଭବନରେ, ଯେଉଁ ସ୍ଥାନରେ, ଯେଉଁ ଭାବରେ ଭେଟିଥିଲେ, ତାଙ୍କର ଶେଷ ପ୍ରତ୍ୟାବର୍ତ୍ତନ ଦିବସରେ ତାହାର ପୁନରାବୃତ୍ତି ଘଟିଲା : 'ଗେଷ୍ଟ୍ ହାଉସ୍' ନାମରେ ପରିଚିତ ସେହି ଭବନର ସୋପାନ ଶ୍ରେଣୀର ଶୀର୍ଷରେ, ଶ୍ରୀଅରବିନ୍ଦ ତାଙ୍କର ପ୍ରଥମ ସାକ୍ଷାତ୍ ଭଳି, ଛିଡ଼ା ହୋଇଥିଲେ ପିନ୍ଧା ଧୋତିର ଗୋଟିଏ କାନି ବାମକାନ୍ଧ ବାଟ ଦେଇ ଘୋଡ଼େଇ ହୋଇ । ଆଉ ବିଶେଷ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବାର ଦଶବର୍ଷ ପୂର୍ବରୁ ସେ ଧ୍ୟାନ ଚକ୍ଷୁରେ ଯେଉଁ ରୂପ ସନ୍ଦର୍ଶନ କରିଥିଲେ, ଏହି ଦୁଇଥର ପ୍ରତ୍ୟକ୍ଷରେ ତାହାହିଁ ସେ ଦର୍ଶନ କଲେ । କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ ତାଙ୍କର ସୂକ୍ଷ୍ମଦର୍ଶନ ଯେଉଁ ଭବିଷ୍ୟତର ଇଙ୍ଗିତ ବହନ କରିଥିଲା, ଏହି ଦିବସରେ ତାହା ପୂର୍ଣ୍ଣାଙ୍ଗ ହେଲା : ଶ୍ରୀମା ଶ୍ରୀଅରବିନ୍ଦଙ୍କର 'ଦୁଇଟି ଶରୀରରେ ଗୋଟିଏ ଚେତନା'ର ଦୁଃସାହସିକ ଅଭିଯାନ ଆରମ୍ଭ ହେଲା । ଶ୍ରୀମାଙ୍କ ଉକ୍ତିରେହିଁ ଏହା ପ୍ରମାଣିତ ।

ଏହାର ୧୭ ବର୍ଷ ପରେ, ୧୯୩୭ ଏପ୍ରିଲ ୨୪ ତାରିଖରେ ଏହି ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଶ୍ରୀମା କହିଛନ୍ତି : ''ମୋର ପଣ୍ଡିଚେରୀ ପ୍ରତ୍ୟାବର୍ତ୍ତନର ବାର୍ଷିକୀ, ଏହା ହେଉଛି ବିରୋଧିଶକ୍ତିମାନଙ୍କ ଉପରେ ନିଶ୍ଚିତ ବିଜୟର ପ୍ରତ୍ୟକ୍ଷ ସନ୍ତକ ।''

[Champaklal Treasures, P. 86]

ଶ୍ରୀମା'ଙ୍କର ଆଗମନର ମାତ୍ର କିଛିଦିନ ଅନ୍ତେ ଶ୍ରୀଅରବିନ୍ଦଙ୍କର ମୋତିଲାଲ ରାୟଙ୍କୁ ଲିଖିତ ପତ୍ରରୁ ମଧ୍ୟ ଜଣାପଡ଼େ '' 'ଆର୍ଯ୍ୟ' ପତ୍ରିକାର କାର୍ଯ୍ୟ ବାକି ପଡ଼ିରହିଛି ଆଉ ମୁଁ ସେକାମ ସାରିବାଲାଗି ମୋ ଶକ୍ତିର ବେଶୀଭାଗ ନିୟୋଗ କରୁଛି, ଅବଶିଷ୍ଟ ସମୟର ସନ୍ଧ୍ୟାବେଳଟି କଟୁଛି ରିସାର ଦମ୍ପତିଙ୍କ ଗହଣରେ ପ୍ରତିଦିନ ।... ବହୁ ଦିଗରୁ ଏବେ ଚାପ ପଡ଼ିବା ଆରମ୍ଭ ହୋଇଛି ଭାବୀ 'କର୍ମ' ପ୍ରତି ମୋର ଦୃଷ୍ଟି ଆକର୍ଷଣ କରି; ତା'ର ଅର୍ଥ, ଶକ୍ତିର ବହିଃସ୍ଫୁରଣ ଅଧିକ ମାତ୍ରାରେ ପ୍ରୟୋଜନ ହେଉଛି । ପୂର୍ବେ ଏପରି ନଥିଲା, ସେତେବେଳେ କେବଳ କେନ୍ଦ୍ରୀଭୂତ ଶକ୍ତି-କୁଣ୍ଡଳୀକୁ ଧାରଣ କରି ରହିବା ବ୍ୟତୀତ ଅନ୍ୟକିଛି କରିବାର ନଥିଲା ।''

[Autobiographical Notes, Vol. 36, P. 245]

ସାନ୍ଧ୍ୟ ବୈଠକରେ ଶ୍ରୀଅରବିନ୍ଦ ତାଙ୍କର ଶିଷ୍ୟମାନଙ୍କୁ କହିଥିଲେ (ପୁରାଣୀଙ୍କ ଲେଖାରୁ ସଂଗୃହୀତ) ''ଆମର ଯୋଗ ଅରଣ୍ୟ ମଧ୍ୟରେ ନୂତନ ବାଟଟିଏ ଫିଟାଇଲା ଭଳି ଏବଂ ସେ ଅଞ୍ଚଳରେ ପୂର୍ବରୁ କୌଣସି ପଥ ତିଆରି ହୋଇ ନାହିଁ । ମୋର ନିଜର ଗୁରୁତର ଅସୁବିଧାସବୁ ଥିଲା; ଏ କାର୍ଯ୍ୟ ଯେ ସମ୍ଭବ ନୁହେଁ, ଏ ପ୍ରକାର ଯୁକ୍ତି ତ ସବୁବେଳେ ରହିଥିଲା । ମାଆ ଯେଉଁ ସୂକ୍ଷ୍ମ ଦର୍ଶନଟି କରିଥିଲେ, ତାହାହିଁ ମୋତେ ବଳ ଦେଇଛି : ସୂକ୍ଷ୍ମ ଦର୍ଶନଟି ଥିଲା ଗୋଟିଏ ଗାଡ଼ି ତିଖ ପାହାଡ଼ ଉପରେ ସର୍ବୋଚ୍ଚ ଶୃଙ୍ଗ ଆଡ଼କୁ ଉଠିଯାଉଛି । ସେହି ତୁଙ୍ଗତମ ଶିଖରଟି ହେଲା ଉଚ୍ଚତର ଚେତନାରେ ସିଦ୍ଧ ହୋଇ ପ୍ରକୃତିର ରୂପାନ୍ତର ସାଧନ ।''

ବରେଣ୍ୟ ସାଧକ ନଳିନୀକାନ୍ତ ଗୁପ୍ତ (ନଳିନୀ ଦା)ଙ୍କର 'ସ୍ମୃତିର ପାତା'ରୁ ଶ୍ରୀମା ଶ୍ରୀଅରବିନ୍ଦଙ୍କର ଏହି

ସମୟର ସାଧନା-ବିବରଣୀ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ସେ ଲେଖିଛନ୍ତି :

''ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଥିଲେ ଚାଳିଶ ବର୍ଷ । ପ୍ରଥମ କେତୋଟି ବର୍ଷ (୧୯୧୦-୧୯୧୪) ତାଙ୍କର ବିତିଛି ଆସନ ସ୍ଥିର କରିବାରେ – ସ୍ଥାନ ବାଛି ନେବାରେ ଏବଂ ସ୍ଥିର-ହୋଇ ସ୍ଥାୟୀହୋଇ ସେଠାରେ ବସିବାରେ ।... ଚଞ୍ଚଳ ବାଲୁକାରାଶି ସର୍ବତ୍ର – ଜଗତର ପ୍ରତୀକ... ସେସବୁକୁ ହଟେଇ କଠିନ ମାଟିରେ ପହଞ୍ଚିବାକୁ ହେବ, ଅଗସ୍ତ୍ୟଙ୍କ ପରି ଖନିତ୍ରରେ ମାଟି ଖୋଳିବାରେ ତାଙ୍କୁ ବହୁବର୍ଷ ଅତିବାହିତ କରିବାକୁ ହୋଇଥିଲା । ବିରାଟ ସୌଧ ତିଆରି କରିବାକୁ ହେବ ତାଙ୍କୁ, ଭଗବାନଙ୍କ ପାଇଁ ମନ୍ଦିର ।... ପୌର ମନ୍ଦିର (Temple City) । ସେଥିପାଇଁ ପ୍ରୟୋଜନ ସ୍ଥାୟୀ ଅଚଳ ଅଟଳ ପ୍ରତିଷ୍ଠା । ଖୋଳିବାକୁ ପଡ଼ିଲା ଯେତେଦୂର ସମ୍ଭବ ଅତଳ ପର୍ଯ୍ୟନ୍ତ – କହିପାରୁ ପଞ୍ଚସ୍ତମ୍ଭ ପୋତିବା ସକାଶେ । ଏହି କାର୍ଯ୍ୟ ସେ ଏକାଏକା କଲେ ଚାରିବର୍ଷ ଧରି । ୧୯୧୦ରୁ ୧୯୧୪ ପର୍ଯ୍ୟନ୍ତ । ତା'ପରେ ଶ୍ରୀମା ଆସିଲେ, ଅବଶ୍ୟ ଅଳ୍ପକିଛି ଦିନ ପାଇଁ । ସେତିକିବେଳେ ଭବିଷ୍ୟତର ପରିକଳ୍ପନା ପରିସ୍ଫୁଟ ହୋଇଉଠିଲା – କେଉଁ ବସ୍ତୁ କେଉଁ ଆକାର ଗ୍ରହଣ କରିବ ତାଙ୍କର ନବସୃଷ୍ଟିରେ । ୧୯୨୪ ଅବଧି ଏହି ମୂଳଦୁଆ ଗଠନ କାର୍ଯ୍ୟ ତାଙ୍କର ଚାଲିଥିଲା ଏବଂ ଶ୍ରୀମାଙ୍କ ସହିତ ୧୯୨୪ରୁ ୧୯୨୬ ଯାଏଁ, ଦୁହେଁ ମୂଳଦୁଆକୁ ମଜଭୁତ କରି ତୋଳିଥିଲେ, ପରୀକ୍ଷା କରି ଦେଖିଥିଲେ, ଭବିଷ୍ୟତର ଭାରବହନ ପାଇଁ ଉପଯୁକ୍ତ ଓ ସମର୍ଥ କରି ଦେଇଥିଲେ । ୧୯୨୬ରୁ ଆରମ୍ଭ ହେଲା ଉପରର ଗଠନ ଓ ତା' ସହିତ ଚାଲିଲା ମନ୍ଦିରର ଅଧିଷ୍ଠାତ୍ରୀ ସ୍ଥାପନା । ପ୍ରଥମ ବାରବର୍ଷ ସେହି ସ୍ଥାପନାର ପ୍ରବର୍ତ୍ତନା ଏବଂ ପରବର୍ତ୍ତୀ ବାରବର୍ଷ ତାକୁ ସ୍ଥାୟୀ କରିବା । ଏକାର୍ଯ୍ୟ ତାଙ୍କର ଯେତେବେଳେ ଶେଷ ହେଲା, ସେ ଦୂରେଇ ଗଲେ ଅନ୍ୟତର, ନବତର କର୍ମ ଓ କର୍ମଧାରା ପାଇଁ ।

''ଶ୍ରୀଅରବିନ୍ଦଙ୍କର ଏହି ଶରୀରର ସମସ୍ତ କାର୍ଯ୍ୟ ଥିଲା ଭାଗବତୀ ଜନନୀଙ୍କୁ ପାର୍ଥିବ ଦେହରେ ସ୍ଥାୟୀ କରି ପ୍ରତିଷ୍ଠା କରିବା ତାଙ୍କର ନବପ୍ରକାଶ ପାଇଁ । ତାଙ୍କରି ସ୍ଥୂଳ ସାନ୍ନିଧ୍ୟର ତପୋବଳରେ ଏହି ମନ୍ଦିର – ଯାହାକୁ ଆମେ କହୁ ଆଶ୍ରମ – ଗଢ଼ିଉଠିଛି; ପ୍ରତିଷ୍ଠିତା ହୋଇଛନ୍ତି ଦେବୀ ଭଗବତୀ ବିଶ୍ୱଜନନୀ । ସ୍ୱର୍ଣ୍ଣ ମନ୍ଦିରରେ ଜୀବନ୍ତ ସିଦ୍ଧିଦେବୀ ଆବିର୍ଭୂତା ।''

ଲୋକଚକ୍ଷୁର ଅନ୍ତରାଳରେ ମନ୍ଦିର ଓ ଅଧିଷ୍ଠାତ୍ରୀ ଦେବୀଙ୍କର ପ୍ରତିଷ୍ଠା କାର୍ଯ୍ୟ ଚାଲୁଥିଲାବେଳେ ଶ୍ରୀମାଙ୍କର ସ୍ଥାୟୀ ଆଗମନ ଏକ ଯଥାର୍ଥ ଗୁରୁକୁଳ ପ୍ରତିଷ୍ଠା କଲା, ଯାହାର ପୁଷ୍କଳ ବିକାଶ ଆଜିର ବିଶ୍ୱତୋମୁଖୀ ଆଶ୍ରମ ।

ଶ୍ରୀମା ୧୯୨୦ରେ ଆସି 'ବାୟୁଦ୍ ହାଉସ୍'ରେ ରହିଲେ । ଶ୍ରୀଅରବିନ୍ଦ ରହୁଥିଲେ 'ଗେଷ୍ଟ ହାଉସ୍'ରେ । ପ୍ରତି ରବିବାର ସାନ୍ଧ୍ୟ ଭୋଜନ ପାଇଁ ଶ୍ରୀଅରବିନ୍ଦ ଶ୍ରୀମାଙ୍କର ବାସ-ଭବନକୁ ଯାଉଥିଲେ ଏବଂ ଶ୍ରୀମାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖାଦ୍ୟ ପ୍ରସ୍ତୁତ ହେଉଥିଲା; ଶ୍ରୀମା ନିଜେ ମଧ୍ୟ କିଛି କିଛି ସାମଗ୍ରୀ ରାନ୍ଧୁଥିଲେ । ଶ୍ରୀଅରବିନ୍ଦଙ୍କର ସହବାସୀମାନେ (କାରଣ ତେବେ ସୁଦ୍ଧା ସେମାନେ ଗୁରୁ-ଶିଷ୍ୟ ସମ୍ବନ୍ଧର ପର୍ଯ୍ୟାୟକୁ ଆସି ନଥିଲେ) ସେହି ପ୍ରସାଦରୁ ଅଂଶ ପାଉଥିଲେ । ନଳିନୀଦା ଅତି ଚମତ୍କାର ଭାବରେ କୃତଜ୍ଞତା ସ୍ୱୀକାର କରି କହିଛନ୍ତି, ''ସେତେବେଳେ ଅବଶ୍ୟ ବାହ୍ୟ ଆସ୍ୱାଦନଟାହିଁ ଉପଭୋଗ କରିଥିଲି – ତା'ର ପଶ୍ଚାତରେ କି ବସ୍ତୁ ଥିଲା ତାହା ଆଜି ହୃଦୟଙ୍ଗମ କରୁଛି ।''

କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗର ଅଧିଷ୍ଠାତ୍ରୀ ରୂପେ ଯାହାଙ୍କର ଭୂମିକା ତାଙ୍କୁ ତ ଦୂରରେ, ବାହାରେ ରଖିଲେ ଚଳିବ ନାହିଁ । ସେହି ୧୯୨୦ ମସିହା ନଭେମ୍ବର ମାସ, ବାହ୍ୟ ଦୃଷ୍ଟିରେ ଏକ କରାଳ ଝଡ଼ ରାତ୍ରିର ଦୁର୍ଯୋଗ, ମାତ୍ର ଆନ୍ତର ଦୃଷ୍ଟିରେ ଏକ ଶୁଭଙ୍କର ସୁଯୋଗ ମଧ୍ୟଦେଇ ଶ୍ରୀଅରବିନ୍ଦଙ୍କର ଆବାହନକ୍ରମେ ଶ୍ରୀମା ଆସି ଗେଷ୍ଟ ହାଉସ୍‌ରେ ରହିଲେ; ''ରହିଗଲେ ଚିରକାଳର ମାଆ ହୋଇ'' ନଳିନୀଦାଙ୍କ ଭାଷାରେ : ''ତେବେ ସଙ୍ଗେ ସଙ୍ଗେ ସେ 'ମା' ନାମ ଗ୍ରହଣ କରି ନଥିଲେ'', କହନ୍ତି ନଳିନୀ ଦା, ''ଆମ ପାଖରେ ସେ ନାମ ଅଭିଷିକ୍ତ ହେବାକୁ ଆହୁରି ଛଅବର୍ଷ (୧୯୨୬ ଅବଧି) ଲାଗିଥିଲା ।''

ମାଆ ନିଜେ ସିନା ଦେଖା ଦେଇ ମଧ୍ୟ ଲୁଚି ରହିଲେ ଛଅବର୍ଷ; କିନ୍ତୁ ଶ୍ରୀଅରବିନ୍ଦଙ୍କୁ ସମସ୍ତଙ୍କ ଦୃଷ୍ଟିରେ ଆବିର୍ଭୂତ କରାଇବାରେ ସେ ମୁହୂର୍ତ୍ତେ ମଧ୍ୟ ବିଳମ୍ବ କରି ନଥିଲେ । ତାଙ୍କର ଆଗମନ ସଙ୍ଗେ ସଙ୍ଗେ ସମଗ୍ର ପରିବେଶରେ ସଞ୍ଚରିଗଲା ଗୁଣାତ୍ମକ ରୂପାନ୍ତର । ସେହି କଥା କହୁଛନ୍ତି ନଳିନୀ ଦା :

''ଆମର ଜୀବନଧାରାର ମଙ୍ଗ ଘୂରିଗଲା ମା' ଆସିବା ପରେ । କିପରି, କ'ଣ ତା'ର ମୂଳକଥା ? ତା'ହେଲା ଏହି – ମା' ଆସି ଶ୍ରୀଅରବିନ୍ଦଙ୍କୁ ଶ୍ରୀଗୁରୁଙ୍କ ଆସନରେ ପ୍ରତିଷ୍ଠିତ କରାଇଲେ ଯୋଗେଶ୍ୱର ରୂପେ ।... ଶ୍ରୀମା ଆସି ତାଙ୍କର କଥାରେ, ବ୍ୟବହାରରେ ଶିଖାଇଲେ, କାର୍ଯ୍ୟତଃ ଦେଖାଇଲେ

ଶିଷ୍ୟ ଭକ୍ତ କାହାକୁ କୁହାଯାଏ – ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ବା ସାଥିରେ ଚେୟାରରେ ନବସି, ଚଟାଣରେ ବସି ସେ ଦେଖାଇଲେ ଗୁରୁଙ୍କୁ କିଭଳି ସମ୍ଭ୍ରମ କରିବାକୁ ହୁଏ – ଆଦର୍ଶ ଶାଳୀନତାଟି କ'ଣ ! ଶ୍ରୀଅରବିନ୍ଦ ଟିକିଏ ଅନୁଯୋଗ କଲାଭଳି ଆମକୁ କହିଥିଲେ – ''ମୁଁ ନିଜକୁ ଯେତେ ଛୋଟ କରି ଧରିପାରେ ଧରିଛି, ତଥାପି ତୁମେମାନେ ମୋର ପଡ଼ା ପାଉ ନାହଁ !''

ମାଆହିଁ ଆଦ୍ୟଗୁରୁ; କାରଣ ସେହିଁ ଚିହ୍ନାଇ ଦିଅନ୍ତି ପିତାଙ୍କୁ, ପରମ ପିତାଙ୍କୁ, ଗୁରୁଙ୍କୁ, ଯୋଗେଶ୍ୱରଙ୍କୁ । ଚବିଶ ଏପ୍ରିଲ ସେହି ମାତୃ-ଅଧିଷ୍ଠାନର ଜୟସ୍ତମ୍ଭ । ✜

---

*(ପୃଷ୍ଠା ୪୦ର ଅବଶିଷ୍ଟାଂଶ)*

କରାଯାଇପାରିବ କେବଳ ତାତ୍ତ୍ୱିକ ଓ ପରମ୍ପରାଗତ ଦୃଷ୍ଟିରୁ । କିନ୍ତୁ ଉପଲବ୍ଧି ଦୃଷ୍ଟିରୁ ଶିବ ଓ ଶକ୍ତି ହେଉଛନ୍ତି ସମପର୍ଯ୍ୟାୟର । ତେଣୁ ଯଦି ଶିବ ହେଉଛନ୍ତି ସତ୍, ତେବେ ଶକ୍ତି ହେଉଛନ୍ତି ସତୀ; ଯଦି ଶିବ ହେଉଛନ୍ତି ଚିତ୍ (ପବିତ୍ର ଓ ପୂର୍ଣ୍ଣ ଚେତନଶୀଳ) ତେବେ ଶକ୍ତି ହେଉଛନ୍ତି ଚିତି (ଶକ୍ତିରୂପେ ଚେତନା) ।

ଶକ୍ତିବାଦ ଶବ୍ଦର ଅନ୍ତର୍ନିହିତ ଶକ୍ତି ଉପରେ, ଷଟ୍‌ଚକ୍ର, ଯନ୍ତ୍ର ଓ ମୁଦ୍ରା ଉପରେ ଗୁରୁତ୍ୱ ପ୍ରଦାନ କରେ । ଶକ୍ତିଙ୍କର ତାନ୍ତ୍ରିକ ପୂଜା ପଞ୍ଚମକାର ଦ୍ୱାରା, ପଞ୍ଚମହାଭୂତ ଦ୍ୱାରା ସାଧିତ ହୋଇଥାଏ । ଶକ୍ତିପୂଜାରେ ନାନା ଯାଗଯଜ୍ଞ ଓ ସାଧନା କରାଯାଏ ।

**ବୈଷ୍ଣବବାଦ :**

ବୈଷ୍ଣବବାଦ ହେଉଛି ଭଗବାନ୍ ବିଷ୍ଣୁଙ୍କୁ ପରମ ଆରାଧ୍ୟ ଦେବତା ବୋଲି ସ୍ୱୀକାର କରିବାର ଧର୍ମ । ଋଗ୍‌ବେଦୀୟ ଯୁଗରେ ଯାହାଙ୍କୁ ବିଷ୍ଣୁ ବୋଲି କୁହାଯାଉଥିଲା ସମୟକ୍ରମେ ତାଙ୍କୁ ବାସୁଦେବ କୃଷ୍ଣ ବୋଲି କୁହାଗଲା ଏବଂ ଏହି କୃଷ୍ଣପୂଜା କ୍ରମେ ଭଗବତ୍ ଧର୍ମ ବା ବୈଷ୍ଣବଧର୍ମ ରୂପେ ସ୍ୱୀକୃତ ହେଲା । ଏହାପରେ ବିଷ୍ଣୁ ଓ କୃଷ୍ଣଙ୍କୁ ନାରାୟଣ ନାମରେ ମଧ୍ୟ ସମ୍ବୋଧନ କରାଗଲା । ଶବର (ଆଦିବାସୀ) ରାଜା ବିଶ୍ୱାବସୁ ଯେଉଁ ଭଗବାନଙ୍କୁ ପୂଜା କରୁଥିଲେ, ସେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପୂଜିତ ହୋଇ ଜଗନ୍ନାଥ (ଜଗତର ନାଥ) ନାମ ଧାରଣକଲେ ଏବଂ ପୁରୀଧାମରେ ବିଶ୍ୱବିଖ୍ୟାତ ହୋଇଉଠିଲେ ଏବଂ ସମଗ୍ର ଭାରତରେ ତଥା ବିଦେଶରେ କେତେକ ରାଜ୍ୟରେ ପୂଜିତ ହେଲେ । ଜଗନ୍ନାଥଙ୍କୁ ଯେଉଁମାନେ ପୂଜାକଲେ, ସେମାନେ ତାଙ୍କୁ କୃଷ୍ଣଙ୍କର ଅନ୍ୟ ଏକ ନାମ ବୋଲି ମଧ୍ୟ ସ୍ୱୀକାର କଲେ । କୃଷ୍ଣ ହେଉଛନ୍ତି ଆନନ୍ଦ, ପ୍ରେମ ଓ ଅସୀମ ଶକ୍ତିର ଆଧାର । କୃଷ୍ଣଭକ୍ତମାନେ କୃଷ୍ଣଙ୍କୁ ପାଞ୍ଚଟି 'ରସ'ର – ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର – ଆଧାର ବୋଲି ସ୍ୱୀକାର କରନ୍ତି ।

ବୈଷ୍ଣବବାଦର ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ଯେ ଏହାର ପରିଣାମରୂପେ ପଞ୍ଚଶତ ସଂହିତା, ଭଗବଦ୍‌ଗୀତା ଓ ନାନା ପୁରାଣର ସୃଷ୍ଟି ହୋଇଛି । ଏହିସବୁ ଗ୍ରନ୍ଥ ବୈଷ୍ଣବମାନଙ୍କର ଭଗବତ୍ ଶ୍ରଦ୍ଧା, ବିଶ୍ୱାସ ସୃଷ୍ଟି କରିବାରେ ଓ ପୂଜା ଆରାଧନାରେ ସହାୟକ ହୋଇଥାଏ । ଓଡ଼ିଶାର ପଞ୍ଚସଖା, ଚୈତନ୍ୟ ଦେବ, ଜୟଦେବ, ନାଥମୁନି ଓ ରାମାନୁଜଙ୍କ ଦ୍ୱାରା ବୈଷ୍ଣବଧର୍ମର ବିକାଶ ଘଟି ଭାରତର ବିଭିନ୍ନ ରାଜ୍ୟରେ ଓ ଭାରତ ବାହାରେ କେତେକ ଦେଶରେ ପ୍ରଚାରିତ ହୋଇଚାଲିଛି ।

(କ୍ରମଶଃ) ✜

# ଗତକାଲି, ଆଜି ଏବଂ ଆସନ୍ତା କାଲି

## ଶ୍ରୀ ବିମଳ ପ୍ରସନ୍ନ ଦାସ

ଗତକାଲି, ଆଜି ଏବଂ ଆସନ୍ତାକାଲି ଭିତରେ ମଣିଷର ଜୀବନଧାରା ପ୍ରବାହିତ । ଅର୍ଥାତ୍ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ଭିତରେହିଁ ମଣିଷ ସମ୍ପୃକ୍ତ ଓ ଆତଯାତ ହୁଏ । ଅତୀତ ଏକ ବିଗତ ମୁହୂର୍ତ୍ତ । ଆସନ୍ତା କାଲି ଅନାଗତ ଏବଂ ଅନିଶ୍ଚିତ, ଏକ ଅନ୍ଧାରି ମୁଲକ, ଅପହଞ୍ଚ ଇଲାକା । କାହିଁ କେଉଁ ଅନନ୍ତ କାଳରୁ ସମୟର ପ୍ରବାହକୁ ଏପରି ତିନି ପର୍ଯ୍ୟାୟରେ ମଣିଷ ବିଭକ୍ତ କରି ଗୋଟିକୁ ଅନ୍ୟର ପରିପୂରକ କରିଛି । ଅବିଚ୍ଛେଦ୍ୟ ଏ ତିନି ପର୍ଯ୍ୟାୟର ସମ୍ପର୍କ ।

ଏ ସମ୍ପର୍କରେ ଭବିଷ୍ୟ ଦ୍ରଷ୍ଟା, ନୂତନ ଜଗତ୍ ଓ ଜୀବନର ରୂପକାର ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଉକ୍ତି ହେଉଛି : –

"Think of work only when it is being done, not before and not after.

Do not let your mind go back on a work that is finished. It belongs to the past and all re-handling of it is a waste of power.

Do not let your mind labour in anticipation on a work that has to be done. The Power that acts in you will see finish at its own time."

''ଅର୍ଥାତ୍ ଯେଉଁ କାମ ଯେତେବେଳେ କରାହେଉଛି, କେବଳ ସେତେବେଳେହିଁ ତା' ବିଷୟରେ ଚିନ୍ତାକର, ପୂର୍ବରୁ ବା ପରେ ନୁହେଁ ।

ଯେଉଁ କାର୍ଯ୍ୟ ଶେଷ ହୋଇସାରିଛି ସେ ସମ୍ପର୍କରେ ଚିନ୍ତା କର ନାହିଁ । ଏହା ଅତୀତର ଓ ତା' ଉପରେ ରୋମନ୍ଥନ କେବଳ ଶକ୍ତିର ଅପଚୟ ।

ଯେଉଁ କାର୍ଯ୍ୟ କରିବାକୁ ଅଛି ତା' ସମ୍ପର୍କରେ ଆଗରୁ ଆଶଙ୍କା କରିବାରେ ମନକୁ ଶ୍ରମ କରିବାକୁ ଦିଅ ନାହିଁ । ତୁମ ଭିତରେ କାର୍ଯ୍ୟରତ ଥିବା ଶକ୍ତି ଠିକ୍ ସମୟରେ ତାହାକୁ ସମ୍ପାଦିତ କରିବ ।''

ଅନୁରୂପ ଭାବରେ ଶ୍ରୀମା କହିଛନ୍ତି : –

"The first condition is to talk as little as possible. The second is to think just of what you are doing at the moment and not of what you have to do or of what you have done before.

Never regret what is past or imagine what will be. Check pessimism in your thoughts as much as you can and become a voluntary optimist." (CWM, Vol. 12, p. 141)

ଅର୍ଥାତ୍, ''ଏ ଦିଗରେ ପ୍ରଥମ ସର୍ତ୍ତ ହେଉଛି ଯେତେ ସମ୍ଭବ ଅଳ୍ପ କଥା କହିବା । ଦ୍ୱିତୀୟ ସର୍ତ୍ତ ହେଉଛି ଉପସ୍ଥିତ କର୍ତ୍ତବ୍ୟ ସମ୍ପର୍କରେ କେବଳ ଚିନ୍ତା କରିବା, କ'ଣ କରିବାକୁ ପଡ଼ିବ ବା ପୂର୍ବରୁ କରାହୋଇ ସାରିଛି, ତା' ନୁହେଁ । ଅତୀତକୁ ନେଇ ଅନୁଶୋଚନା ନ କରି କିଂବା ଭବିଷ୍ୟତ୍ କ'ଣ ହେବ ସେ କଳ୍ପନା ନ କରି ଯେତେ ସମ୍ଭବ ନକାରାତ୍ମକ ଚିନ୍ତା ପରିହାର ପୂର୍ବକ ସ୍ୱେଚ୍ଛାକୃତ ଭାବରେ ସକାରାତ୍ମକ ହୋଇଯାଅ ।''

ମାତ୍ର ଏତେ ସତ୍ତ୍ୱେ ଆମେ ଅଯଥାରେ ଅତୀତ ଭିତରେ ବାନ୍ଧି ହୋଇ ରୁନ୍ଧି ହେଉଥାଉ । ଫଳରେ ବହୁ ମୂଲ୍ୟବାନ୍ ବର୍ତ୍ତମାନ ଅବହେଳିତ ହୋଇଯାଏ । ଅତୀତ ଯେ ହଜିଲା ଦିନର କଥା, ତା' ଆମେ ବୁଝି ମଧ ଅବୁଝା ହେଉ । ଆମେ ଅତୀତ ପାଖରେ ଅଟକି ରହିଲେ ସମୟ ଆମକୁ ଅପେକ୍ଷା କରେନା କିଂବା ଅଟକି ଯାଏନା, ସମୟ ଚାଲିଯାଏ । ବେଳ ସରି ସରି ଆସେ, ଶେଷରେ ଖାଲି ରହେ, ଅନୁଶୋଚନା ଓ ଦୀର୍ଘଶ୍ୱାସ ।

ଏ ପ୍ରସଙ୍ଗରେ ନେପୋଲିଅନଙ୍କ ଉକ୍ତି ତାତ୍ପର୍ଯ୍ୟପୂର୍ଣ୍ଣ । ସେ କହିଛନ୍ତି, ''ଅତୀତର ଗାଥା ଇତିହାସ ହେଲେ ବି ଇତିହାସ ସତ୍ୟର ମଶାଲ'' । ବର୍ତ୍ତମାନକୁ ଗଢ଼ିବାରେ ଅତୀତର ଅବଦାନକୁ ଅସ୍ୱୀକାର କରି ହେବ ନାହିଁ । କିନ୍ତୁ ସେଥିରୁ ଯାହା ପ୍ରେରଣାର ଉତ୍ସ ତାହାହିଁ ଅନସ୍ୱୀକାର୍ଯ୍ୟ, ଅନୁଶୋଚନା ନୁହେଁ । ସେଥିପାଇଁ ଐତିହାସିକ ହେରୋଡଟ୍ସ କହିଥିଲେ ''ମୁଁ ଇତିହାସ ଲେଖିବାକୁ ଯାଉଛି ଯାହାକି ସର୍ବଯୁଗ ପାଇଁ ସମ୍ପଦ ହୋଇ ରହିବ ।'' କିଂବଦନ୍ତୀ ଇତିହାସ ନହେଲେ ମଧ ସେଥିରେ ଐତିହାସିକ ତଥ୍ୟ ଅନ୍ତର୍ନିହିତ । ଯେତିକି ବର୍ତ୍ତମାନ ପାଇଁ ଉପାଦେୟ ତାହାହିଁ ଗ୍ରହଣୀୟ । ସେ ହେତୁ କୁହାଯାଇଛି ''ଗତସ୍ୟ ଶୋଚନା ନାସ୍ତି'' । ପ୍ରକୃତି କବି ଗଙ୍ଗାଧର ତାକୁ କାବ୍ୟିକ ଛନ୍ଦରେ ଇନ୍ଦୁମତୀ କାବ୍ୟରେ କହିଛନ୍ତି : –

''ଗଲା କଥା ଗଲା ସ୍ମୃତିପଟୁ ତାକୁ
ପୋଛି ଦିଅ ମହାମନା,
ଗତ କଥା ସ୍ମରି ଶୋଚନା କରିବା
ନୀତି ଶାସ୍ତ୍ରେ ଅଛି ମନା ।''

ଏବେ ଆସନ୍ତା କାଲି ବା ଭବିଷ୍ୟତ୍ ପ୍ରସଙ୍ଗ ବିଚାର୍ଯ୍ୟ । ଭବିଷ୍ୟତକୁ ନେଇ ଆଧୁନିକ ସଭ୍ୟ ଶିକ୍ଷିତ ମଣିଷ ସ୍ୱପ୍ନବିଭୋର । ଅସୁମାରି ସ୍ୱପ୍ନ ଅସଂଖ୍ୟ ଅବାସ୍ତବ କଳ୍ପନା ମଣିଷକୁ ବାସ୍ତବତାଠାରୁ ଅନେକ ଦୂରକୁ ଭସାଇ ନିଏ । ଭବିଷ୍ୟତ୍ ଅନାଗତ ଓ ଅନିଶ୍ଚିତ ହେଲେହେଁ ଭବିଷ୍ୟତ୍ ବିଜ୍ଞାନୀମାନେ କହନ୍ତି ଚେତନାର ବିକାଶ ସ୍ତରରୁହିଁ ମଣିଷ ଭବିଷ୍ୟତ୍ ସମ୍ପର୍କରେ ଅଦମନୀୟ କୌତୂହଳ ପୋଷଣ କରିଆସିଛି । ସମୟର ସେ ଅପହଞ୍ଚ ଓ ରହସ୍ୟମୟ ଦିଗନ୍ତ ଭିତରକୁ ଦୃଷ୍ଟିପାତ ନିମନ୍ତେ ସେ ମୁଖ୍ୟତଃ ତିନୋଟି ଉପାୟର ଆଶ୍ରୟ ନେଇଛି :—

(୧) ଅତିଭୌତିକ ଉପାୟ : କୌଣସି ଦୈବୀ ଅଥବା ପ୍ରେତ ପୁରୁଷର ସତ୍ତା ନିଜ ଭିତରକୁ ଆଣି ତା'ଠାରୁ ଭବିଷ୍ୟତ୍ ସମ୍ପର୍କରେ କିଛି ଜାଣିବା ।

(୨) ଜ୍ୟୋତିଷ ଶାସ୍ତ୍ର : ଜୀବନ ସହ ଗ୍ରହ ନକ୍ଷତ୍ର ଅଧ୍ୟୁଷିତ ସମୟର ଯୋଗାଯୋଗ ନିରୂପଣ ମାଧ୍ୟମରେ ଭବିଷ୍ୟତ୍ ସମ୍ପର୍କରେ କିଛି ଜାଣିବା ।

(୩) ବୁଦ୍ଧି ଓ ବିଜ୍ଞାନ : ଘଟଣା ପ୍ରବାହର ଅନୁଶୀଳନ କରି ଉଦ୍‌ବୃତ୍ତ ଯୁକ୍ତି ଦ୍ୱାରା ଏବଂ ଯାନ୍ତ୍ରିକ ଉଦ୍‌ଭାବନର ସହାୟତା ଦ୍ୱାରା ଭବିଷ୍ୟତକୁ ଜାଣିବା ।

କିନ୍ତୁ ଆଧ୍ୟାତ୍ମିକତା ଦୃଷ୍ଟିରୁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ ମହାକାଳର ଯେଉଁ ସ୍ତରରେ ଅଭିନ୍ନ, ସେ ସ୍ତର ସହ ଏକାତ୍ମ ହେବା ଦ୍ୱାରା ଭବିଷ୍ୟତର ଆଭାସ ପାଇପାରିବା ।

କିନ୍ତୁ ସମସ୍ୟା ହେଲା ଆଜିର ମଣିଷ ଭବିଷ୍ୟତକୁ କେବଳ ଜାଣି ପାରିଲେ ଯେ ସନ୍ତୁଷ୍ଟ ହେବ ତାହା ନୁହେଁ, ସେ ତାକୁ ନିଜେ ନିର୍ଣ୍ଣୟ ବା ଆୟତ୍ତ କରିବାକୁ ଉତ୍ସୁକ । ଏ ଉତ୍ସୁକତା ସର୍ବଦା ସଦିଚ୍ଛା ଓ ସଦ୍‌ଜ୍ଞାନ ସମ୍ଭୂତ ନୁହେଁ । ପ୍ରାୟ ଅନ୍ଧକାରର ଅନ୍ଧ ଲୋଭ ଦ୍ୱାରା ପ୍ରେରିତ । ଉଦାହରଣ ସ୍ୱରୂପ, ମଣିଷ ମୃତ୍ୟୁ ଉପରେ ବିଜୟର କଳ୍ପନା କରେ ଓ ବସ୍ତୁତଃ ସେଥିପାଇଁ ସର୍ବଦା ଉତ୍‌କଣ୍ଠିତ ।

ଶ୍ରୀଅରବିନ୍ଦଙ୍କ ଉକ୍ତି ହେଲା ଦିନ ଆସିବ ଯେତେବେଳେ ବିଜ୍ଞାନ ମୃତ୍ୟୁ ଉପରେ ବିଜୟଲାଭର ଉପାୟ ଉପସ୍ଥାପନ କରିବ, କିନ୍ତୁ ସେ ଉପାୟ ଫଳବତୀ ହେବ ନାହିଁ । କାରଣ ମୃତ୍ୟୁର କାରଣ ସ୍ଥୂଳ ନୁହେଁ । ଯେପର୍ଯ୍ୟନ୍ତ କ୍ରମାଗତ ଆନ୍ତର ବିକାଶ ନିମନ୍ତେ ପ୍ରୟୋଜନ ହେଉଥିବ, ସେପର୍ଯ୍ୟନ୍ତ କୌଣସି ନା କୌଣସି ଆକାରରେ ଆତ୍ମା ଗୋଟାଏ କଳେବର ତ୍ୟାଗ କରି ଅନ୍ୟ ଗୋଟାଏ କଳେବର ଗ୍ରହଣ କରିବହିଁ କରିବ ।

ବିଜ୍ଞାନ, ସମାଜତତ୍ତ୍ୱ, ମନସ୍ତତ୍ତ୍ୱ ମଣିଷର ଏହି ଅନ୍ତର୍ବିକାଶ ବା ଆତ୍ମାର ଆବଶ୍ୟକତା ବିଷୟରେ ଧ୍ୟାନ ଦେଇ ନାହାନ୍ତି । ସେମାନଙ୍କ ଦୃଷ୍ଟିରେ ମଣିଷ ଗୋଟାଏ ଦେହ, ପ୍ରାଣ, ମନର ସମଷ୍ଟି ମାତ୍ର । କିନ୍ତୁ ଏହା କଦାଚ ମଣିଷର ପୂର୍ଣ୍ଣାଙ୍ଗ ବା ସନ୍ତୋଷଜନକ ପରିଚୟ ନୁହେଁ । ବର୍ଟ୍ରାଣ୍ଡ ରସେଲଙ୍କ ପରି ହେତୁବାଦୀ ଦାର୍ଶନିକ ମଧ୍ୟ କହିଛନ୍ତି ଏହି ମଣିଷ ଭଳି ଭଙ୍ଗୁର ଜୀବ ଯଦି ସୃଷ୍ଟିର ସର୍ବଶେଷ ପର୍ଯ୍ୟାୟ ହୁଏ, ତେବେ ବିଧାତା (ଯାହାଙ୍କୁ ସେ Omnipotence ବୋଲି କହିଛନ୍ତି) ଏତେ ବ୍ୟାପକ ପଟ୍ଟଭୂମି କରିବାର ପ୍ରୟୋଜନ ନଥିଲା । ଏ ସିଦ୍ଧାନ୍ତ ଶ୍ରୀଅରବିନ୍ଦଙ୍କ ଆଲୋକ ଦୃଷ୍ଟିରୁ ଠିକ୍ ବୋଲି କୁହାଯାଇ ପାରେ । ଆଜିର ମଣିଷ ବିଧାତାର ଚୂଡ଼ାନ୍ତ ଅବଦାନ ନୁହେଁ । ଏ ମଣିଷ ଭିତରେ ପ୍ରଚ୍ଛନ୍ନ ରହିଛି ଏକ ମହତ୍ତର ବିକାଶର ସମ୍ଭାବନା । କାରଣ ମଣିଷ ଏକ କ୍ରମାଗତ ବିକାଶର ଇତିହାସ । ସେ ବିକାଶ ପଥ ଯଦି ଆଜି ସଙ୍କଟାପନ୍ନ, ତାହାହିଁ ବିବର୍ତ୍ତନର ସଙ୍କଟ, ଏହା ମଧ୍ୟରୁ ଏକ ନୂତନ ସତ୍ୟ ପ୍ରକଟିତ ହେବ, ତାହାହିଁ ଭବିଷ୍ୟତ୍ ।

ମଣିଷକୁ ଅଜ୍ଞାନତା କେତେ ଦୟନୀୟ କରିଛି ଶ୍ରୀଅରବିନ୍ଦ ତାହା ମହାକାବ୍ୟ ସାବିତ୍ରୀରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ''Here where one knows not even the step in front''.(Savitri p.5) ଅର୍ଥାତ୍ ତା' ନିଜର ଅଗ୍ରପଦପାତ କେଉଁଠି ମଣିଷ ଜାଣେନା । ସୁତରାଂ ଭବିଷ୍ୟତ୍ କେତେ ଅପହଞ୍ଚ, ତାହା ଅନୁମେୟ । ଯଥାର୍ଥରେ 'ପ୍ରଣୟ ବଲ୍ଲରୀ' କାବ୍ୟରେ ପ୍ରକୃତି କବି ଗଙ୍ଗାଧର ଲେଖିଛନ୍ତି :

''ବୃଥା କିମ୍ପା ଏତେ ଭାବନା ଭାମିନୀ
ଭବିତବ୍ୟ ଅଛି ଆନ,
ଭବିଷ୍ୟତ ପୁର ପ୍ରବେଶ କ୍ଷମତା
ଲଭି ନାହିଁ ନରଜ୍ଞାନ ।''

ଉପରୋକ୍ତ କେତୋଟି ଘଟଣା ପ୍ରମାଣିତ କରେ ଯେ କେବଳ ବର୍ତ୍ତମାନହିଁ ଆମର । ସୁତରାଂ ବର୍ତ୍ତମାନକୁ ସରସ, ସୁନ୍ଦର ଓ ପୂର୍ଣ୍ଣତର କରି ଗଢ଼ିବା ଆମର କର୍ତ୍ତବ୍ୟ ।

ଅତଏବ ଏକ ପରିପୂର୍ଣ୍ଣ ଆଲୋକମୟ ଆସନ୍ତା କାଲିର ଯୋଗ୍ୟ ହେବା ଲାଗି ବର୍ତ୍ତମାନକୁ ଗଢ଼ିବାହିଁ ହେଉ ଆମର କର୍ତ୍ତବ୍ୟ । ❖

# ରାଗାନୁଗାଭକ୍ତି ଓ ଶ୍ରୀଚୈତନ୍ୟ

## (୧୨)

ରାୟ ରାମାନନ୍ଦଙ୍କ ଅନୁରୋଧରେ ଶ୍ରୀଚୈତନ୍ୟ ବିଦ୍ୟାନଗରରେ କିଛିଦିନ ଅଟକି ଗଲେ । ପ୍ରତିଦିନ ରାଜକର୍ମାଦି ଶେଷ କରି ସେ ଶ୍ରୀଚୈତନ୍ୟଙ୍କ ସମୀପରେ ଉପସ୍ଥିତ ହେଉଥିଲେ । ପ୍ରେମଭକ୍ତି ସମ୍ପର୍କରେ ଆଲୋଚନା, ପ୍ରଶ୍ନୋତ୍ତରରେ କାଳବ୍ୟତୀତ ହେଉଥିଲା । ଶ୍ରୀଚୈତନ୍ୟ ଶ୍ରେଷ୍ଠ ଭକ୍ତି ଓ ତା'ର ସାଧନ-ଉପାୟ ଆଦିରେ ଅନଭିଜ୍ଞ ଥିଲେ ଓ ରାମାନନ୍ଦଙ୍କ ପାଖରୁ ଶିକ୍ଷା-ଗ୍ରହଣ କରୁଥିଲେ – ଏକଥା ଭାବିବା ଏକାନ୍ତ ଅସଙ୍ଗତ, କାହିଁକି ନା କବିରାଜ କୃଷ୍ଣଦାସ କହୁଛନ୍ତି ଶ୍ରୀଚୈତନ୍ୟ ଓ ରାୟଙ୍କ ମୁଖଦେଇ; ତାହା ଏଇପରି :

ସାଧବସ୍ତୁ ସାଧନ ବିନୁ କେହୁ ନାହି ପାୟ ।<br>
କୃପା କରି କହ ଇହା ପାବାର ଉପାୟ ॥<br>
ରାୟ କହେ ଯେଇ କହାଓ ସେଇ କହି ବାଣୀ ।<br>
କି କହିୟେ ଭଲ-ମନ୍ଦ କିଛୁଇ ନା ଜାନି ॥ (ଚୈ.ଚ)

ଏଥିରୁ ବୁଝାଯାଏ ଗୌରାଙ୍ଗ ପ୍ରଭୁ ଯାହା ଶୁଣିବାକୁ ଚାହୁଁଥିଲେ କେଉଁ ଏକ ଅଦ୍ଭୁତ କାରଣରୁ ରାୟରାମାନନ୍ଦ ସେଇ ପ୍ରସଙ୍ଗ ଉତ୍ଥାପନ କରି ସମାଧାନଟି ଉତ୍ତରାକାରେ ଥୋଇ ଦେଉଥିଲେ । ଏ ସଂଯୋଗର ରହସ୍ୟ ସାଧାରଣ ମଣିଷ ମନ-ଦେଇ ବୁଝିପାରିବ ନାହିଁ । କିଛି ପ୍ରଶ୍ନୋତ୍ତର ଏଠାରେ ଦିଆଯାଉଛି ଦୃଷ୍ଟାନ୍ତ ସ୍ୱରୂପ :

ପ୍ରଶ୍ନ : କେଉଁ ବିଦ୍ୟା ସର୍ବବିଦ୍ୟାର ସାର ?<br>
ଉତ୍ତର : କୃଷ୍ଣଭକ୍ତି ବିନା ବିଦ୍ୟା ଆଉ ନାହିଁ ।<br>
ପ୍ରଶ୍ନ : ସମ୍ପତ୍ତି ମଧ୍ୟରେ କେଉଁ ସମ୍ପତ୍ତି ଶ୍ରେଷ୍ଠ ଗଣାଯିବ ?<br>
ଉତ୍ତର : ରାଧାକୃଷ୍ଣେ ପ୍ରେମ ଯାର ସେଇ ବଡ଼ ଧନୀ ।<br>
ପ୍ରଶ୍ନ : ଦୁଃଖ ମଧ୍ୟେ କେଉଁ ଦୁଃଖ ଅସହ୍ୟ ଗୁରୁତର ?<br>
ଉତ୍ତର : କୃଷ୍ଣ ଭକ୍ତି – ବିରହ ବିନୁ ଦୁଃଖ ନାହିଁ ଆର ।<br>
ପ୍ରଶ୍ନ : ଶ୍ରେୟଃ ମଧ୍ୟେ କେଉଁ ଶ୍ରେୟଃ ମାନବଜୀବ ଲାଗି ଶ୍ରେଷ୍ଠ ?<br>
ଉତ୍ତର : କୃଷ୍ଣ-ଭକ୍ତ ସଙ୍ଗ ବିନା ଶ୍ରେୟଃ କିଛୁ ନାହିଁ ।

ଏହିପରି ମାନବଜୀବନର ଅନେକ ତାତ୍ତ୍ୱିକ ଓ ଶ୍ରେୟଃବୋଧ ସୂଚକ ଯେଉଁ ବାର୍ତ୍ତାଳାପ ଚାଲିଥିଲା ଏଇ ବାର୍ତ୍ତାଳାପକୁ କବିରାଜ ମହାଶୟ ଏକ ଉପମା ଦେଇ ଶେଷ କରିଛନ୍ତି :

ଅରସଜ୍ଞ କାକ ଚଷେ ଜ୍ଞାନ ନିମ୍ବଫଳେ ।<br>
ରସଜ୍ଞ କୋକିଳ ଖାୟ ପ୍ରେମାମ୍ରମୁକୁଳେ ॥

ଏଇ ସମସ୍ତ ଜିଜ୍ଞାସାରୁ ବୁଝାଯାଏ ରାମାନନ୍ଦଙ୍କ ସଙ୍ଗ ଶ୍ରୀଚୈତନ୍ୟଙ୍କ ପାଇଁ ବହୁ ସୁଖକର ଥିଲା, ଦୁହେଁଯାକ ବୁଝି ନେଇଥିଲେ ଯେ ଯିଏ ସର୍ବଭୂତରେ ଆତ୍ମାକୁ ଦର୍ଶନ କରନ୍ତି ଭଗବାନ୍ ରୂପେ ଏବଂ ଆତ୍ମସ୍ୱରୂପ ଭଗବାନଙ୍କଠାରେ ସର୍ବଭୂତକୁ ଦର୍ଶନ କରନ୍ତି – ସିଏ ଭକ୍ତ ପ୍ରଧାନ, ଭାଗବତ ଶ୍ରେଷ୍ଠ । ବିଦାୟ ନେବା ପୂର୍ବରୁ ଚୈତନ୍ୟଦେବଙ୍କୁ ଅବତାର ସ୍ୱରୂପ ପରମ ଭାଗବତ ରୂପେ ରାମାନନ୍ଦ ଚିହ୍ନି ପାରିଥିଲେ । ତେଣୁ ଅନୁଯୋଗ କଲେ : ''ମୋ ସଙ୍ଗେ ଏପରି କପଟ କରୁଛନ୍ତି କାହିଁକି ନିଜ ଆଡୁ ମୋର ଜାଗତିକ ବନ୍ଧନସବୁକୁ ଛେଦନ କରିବାକୁ ଆସି ?'' ସୁତରାଂ, ''ଯେଉଁ ତତ୍ତ୍ୱର ଅଭେଦ ମିଳନର କଥାଶୁଣି ଶ୍ରୋତା ଓ ବକ୍ତା ଉଭୟେ ବିମୁଗ୍ଧ, ବିଦଗ୍ଧ ହୋଇ ସାରିଛେ – ସେଇ ତତ୍ତ୍ୱକୁ ମାନବରୂପ ମଧ୍ୟରେ ଦେଖିବାର ଲାଳସାକୁ ଚରିତାର୍ଥ କରନ୍ତୁ ଆପଣ ।''

ତବେ ହାସି ତା'ରେ ପ୍ରଭୁ ଦେଖାଇଲ ସ୍ୱରୂପ ।<br>
ରସରାଜ ମହାଭାବ ଦୁଇ ଏକ ରୂପ ॥ (ଚୈ. ଚ)

ଏହି ରୂପ ଦେଖି ରାମାନନ୍ଦ ଏତେ ହର୍ଷୋତ୍‌ଫୁଲ୍ଲ ହେଲେ ଯେ ସଂଜ୍ଞା ହରାଇଲେ । ଶ୍ରୀଚୈତନ୍ୟ ତାଙ୍କୁ ହାତଧରି ଉଠାଇ ସାଷ୍ଟାମ କଲେ ଓ କହିଲେ ଏ ବିଷୟଟିକୁ ପ୍ରଚାର ନକରିବାକୁ । ତତ୍ ସହିତ ଏହା ସରସ ଭାବରେ କହିଲେ :

ଆମି ଏକ ବାତୁଲ ତୁମି ଦ୍ୱିତୀୟ ବାତୁଲ ।<br>
ଅତଏବ ତୋମାୟ ଆମାୟ ହଇ ସମତୁଲ ॥

ସତରେହିଁ ଦୁହେଁ ଦୁହିଙ୍କ ମଧ୍ୟରେ ଏକ ସଦାଚାରିତା ଅନୁଭବ କରୁଥିଲେ । ସେଇ ବିଦ୍ୟା ନଗରୀରେ ଦଶରାତ୍ର ଯାପନ କରି ଚୈତନ୍ୟଦେବ ଦକ୍ଷିଣକୁ ଯାତ୍ରା କଲେ । ସନାତନ ଧର୍ମରେ ବୈଷ୍ଣବ ଶୈବ-ଦର୍ଶନ ଛଡ଼ା ସୌର, ଶାକ୍ତ ତଥା ସ୍କନ୍ଦ, ଗଣେଶ, ନୃସିଂହ ଆଦି ଦେବ ଉପାସନାର ପ୍ରଚଳନ ଥିଲା, କେତେ ଶାଖା ଓ ପ୍ରଶାଖା ମଧ୍ୟ ଥିଲା; କୌଣସି ବିଦ୍ୱେଷ

ନଥିଲା ସେତେବେଳେ । ମାତ୍ର ପରବର୍ତ୍ତୀ କାଳରେ ମଣିଷର ସଂକୀର୍ଣ୍ଣ ଦୃଷ୍ଟିକୋଣ ହେତୁ ବିଶ୍ୱାସ ମଧ୍ୟ ସାମ୍ପ୍ରଦାୟିକ ହୋଇଗଲା । ତା' ସତ୍ତ୍ୱେ ବି ମହାପୁରୁଷଗଣ ଯଦିଓ ଗୋଟିଏ ଦର୍ଶନ ପ୍ରତି ଆନୁଗତ୍ୟ ରଖୁଥିଲେ ତଥାପି ଅନ୍ୟସବୁ ବିଗ୍ରହ, ସବୁ ତୀର୍ଥପ୍ରତି ଅବିଚଳ ଶ୍ରଦ୍ଧା ପ୍ରଦର୍ଶନ କରିବାର ଦୃଷ୍ଟାନ୍ତ ସାଧାରଣଙ୍କ ଆଗରେ ରଖୁଥିଲେ । 'ଅଦ୍ୱୟଜ୍ଞାନତତ୍ତ୍ୱବସ୍ତୁ ବ୍ରଜେ ବ୍ରଜେନ୍ଦ୍ରନନ୍ଦନ'ହିଁ ନାନା ଦେବାଳୟ, ନାନା ତୀର୍ଥ, ନାନା ବିଗ୍ରହ ମଧ୍ୟରେ ବିରାଜମାନ ହୋଇ ଭକ୍ତର ମନୋବାଞ୍ଛିତ ଭାବ ଅନୁରୂପ ପ୍ରକଟ ହୁଅନ୍ତି ବୋଲି ବିଶ୍ୱାସ କରୁଥିଲେ ଶ୍ରୀଚୈତନ୍ୟ । ସେଥିପାଇଁ ସର୍ବ ତୀର୍ଥରେ ଅନୁଭବୀ ଭକ୍ତଭାବରେ ଭାବ-ବିହ୍ୱଳ ହୋଇଯାଉଥିଲେ, ନାନା ଭେଦ ଭିତରେ ସେ ଉକ୍ତ ଅଭେଦ ଏକକ ତତ୍ତ୍ୱକୁ ମୂର୍ତ୍ତିମନ୍ତ ବ୍ରଜେନ୍ଦ୍ରନନ୍ଦନ ରୂପେହିଁ ପ୍ରତ୍ୟକ୍ଷ କରୁଥିଲେ । ଦକ୍ଷିଣାପଥରୁ ପଶ୍ଚିମ ଦିଗକୁ ଯାଇ ତିରୁପତିରେ ପହଞ୍ଚି ବାଲାଜି ଭେଙ୍କଟେଶ୍ୱରଙ୍କୁ ଦର୍ଶନ କରିଥିଲେ, ସେଠାରୁ ଦକ୍ଷିଣକୁ ଶିବକାଞ୍ଚି ଓ ବିଷ୍ଣୁକାଞ୍ଚି ଯାଇ ସେ ସ୍ଥାନର ତୀର୍ଥ ସକଳରେ ନିଜର ପ୍ରଣତି ଜଣାଇଥିଲେ । ମାନ୍ଦ୍ରାଜ ପ୍ରାନ୍ତର ନାନା ତୀର୍ଥ ପ୍ରଦକ୍ଷିଣ କରି ସେ ତିରୁଚିରେ ପହଞ୍ଚିଲେ ଯେଉଁଠାରେ ବିଶିଷ୍ଟଦ୍ୱୈତବାଦର ପ୍ରତିଷ୍ଠା ହୋଇଥିଲା ଶ୍ରୀରାମାନୁଜାଚାର୍ଯ୍ୟଙ୍କ ଦ୍ୱାରା । ସେ ସମୟଟି ଥିଲା ବର୍ଷା ଆଗମନର କାଳ, ତେଣୁ ତିରୁଚିର ଶ୍ରୀରଙ୍ଗମ୍ କ୍ଷେତ୍ରରେ ଚାତୁର୍ମାସ୍ୟ ବ୍ରତ ଉଦ୍‌ଯାପନ ପାଇଁ ସ୍ଥିର କଲେ; ସମ୍ଭବତଃ ବିଷ୍ଣୁକାଞ୍ଚିରେ ଶ୍ରୀବରଦରାଜ ବିଗ୍ରହ ଦର୍ଶନ କରିବା ପରେ ତାଙ୍କ ହୃଦୟ ଆକାଙ୍କ୍ଷିତ ହୋଇଥିବ ଦୀର୍ଘସମୟ ରଙ୍ଗନାଥସ୍ୱାମୀଙ୍କ ସମୀପରେ ବିତାଇବା ପାଇଁ । ଯା'ହେଉ ତଥାକାର ଭେଙ୍କଟ ଭଟ୍ଟ ନାମକ ଜଣେ ବ୍ରାହ୍ମଣ ଭକ୍ତ ତାଙ୍କୁ ନିଜ ଗୃହରେ ବ୍ରତ-ଉଦ୍‌ଯାପନ ଶେଷଯାଏଁ ରହିବା ପାଇଁ ଅନୁରୋଧ କଲେ । ସେଠାରେ ଅବସ୍ଥାନ କାଳରେ ସେ ପ୍ରତିପାଦନ କଲେ ଯେ କୃଷ୍ଣ ଓ ବିଷ୍ଣୁ ଏକହିଁ ତତ୍ତ୍ୱ, କାରଣ ରକ୍ଷଣଶୀଳ ଦକ୍ଷିଣ ଭାରତରେ 'ଗୋପୀନାଥ କୃଷ୍ଣ'ଙ୍କର ଉପାସନା ବିଶେଷ ପ୍ରଚଳିତ ନଥିଲା, 'ନାରଦ ପଞ୍ଚରାତ୍ର'ରୁ ଉଦ୍ଧୃତ କରି ବୁଝାଇଲେ ସେ ଏକହିଁ ମଣିକୁ ବିଭାଜନ କଲେ ଯେପରି ନାନାରଙ୍ଗ ପ୍ରକଟିତ ହୁଏ ସେଇ ଅଂଶଗୁଡ଼ିକରୁ ସେଇପରି ଏକହିଁ ଈଶ୍ୱର ଭକ୍ତର ରୁଚିଭେଦରେ ନାନାରୂପ ଓ ନାନାଗୁଣ ସମନ୍ୱିତ ହୁଅନ୍ତି ।* ସୁତରାଂ କୃଷ୍ଣ-ରାମ ଆଦି ସେଇ ଅଖଣ୍ଡ ବ୍ରହ୍ମତତ୍ତ୍ୱ – ଏଇ ଜ୍ଞାନରେ କିଛି ଅନ୍ୟଥା ନାହିଁ । ଅନନ୍ତରୂପ-ନାମ-ଗୁଣ ବିଶିଷ୍ଟ ହେଲେ ମଧ୍ୟ ଈଶ୍ୱରତତ୍ତ୍ୱ ଅଚ୍ୟୁତ । ସେଇ ଶ୍ରୀରଙ୍ଗମ୍ ତୀର୍ଥରେ ବହୁଶାସ୍ତ୍ରୀୟ ପଣ୍ଡିତ ଓ ଭକ୍ତ ଶ୍ରୀଚୈତନ୍ୟଙ୍କର ଭକ୍ତି-ବିନୟଯୁକ୍ତ ଆଚରଣ ଓ ଦେହରେ ଅଷ୍ଟସାତ୍ତ୍ୱିକ ବିକାର ଏବଂ ଭାବାବେଶରେ ନୃତ୍ୟକୀର୍ତ୍ତନ ପ୍ରଭୃତି ଦେଖି ବିରଳ ଏଇ ବ୍ୟକ୍ତିତ୍ୱ ପ୍ରତି ଆକୃଷ୍ଟ ହୋଇପଡ଼ିଲେ ଓ ଭଟ୍ଟଙ୍କ ଗୃହକୁ ଆସି ତାଙ୍କୁ ନିଜ ନିଜ ଗୃହରେ ଦିନେ ଦିନେ ଭିକ୍ଷା ଗ୍ରହଣ କରିବାକୁ ଅନୁରୋଧ କଲେ । ତେଣୁ ପ୍ରତିଦିନ ସେ ଏକ ଏକ ଗୃହସ୍ଥଙ୍କ ଗୃହକୁ ଯାଉଥିଲେ ଏବଂ ତା' ଫଳରେ ପ୍ରୀତିଯୁକ୍ତ ସମ୍ଭାଷଣ ଭିତରଦେଇ ସେ ସ୍ୱୀୟ ମତ ଓ ଅନୁଭବ ପ୍ରକାଶ କରୁଥିଲେ ଓ ସେମାନେ ମଧ୍ୟ ସେସବୁ ଦ୍ୱାରା ପ୍ରଭାବିତ ହେଲେ, କ୍ରମଶଃ ଶ୍ରୀକୃଷ୍ଣଙ୍କ ପ୍ରତି ଅନୁରାଗ ବଢ଼ିଲା ଏବଂ ସେ ଅଞ୍ଚଳରେ କୃଷ୍ଣଭକ୍ତିର ପ୍ରସାର ହେଲା ।

ଉକ୍ତ ଭଟ୍ଟଙ୍କର ପୁତ୍ର ଗୋପାଳ ଶ୍ରୀଚୈତନ୍ୟଙ୍କର ଅତିଶୟ ଅନୁଗତ ହୋଇଯାଇଥିଲେ । ସବୁ ପ୍ରବଚନ କାଳରେ ସେ ଉପସ୍ଥିତ ରହୁଥିଲେ, ଚାରିମାସ ଶେଷ ହେବାକୁ ବସିଲା ଯେତେବେଳେ ତରୁଣ ଗୋପାଳ ମଧ୍ୟ ତାଙ୍କ ସହିତ ଯିବାକୁ ବାହାରିଲେ । ସେତେବେଳେ ଶ୍ରୀଚୈତନ୍ୟ ଗୋପାଳଙ୍କୁ ତତ୍‌କ୍ଷଣାତ୍ ପ୍ରାଣର ଆବେଗରେ ଗୃହତ୍ୟାଗ କରିବା ପାଇଁ ବାରଣ କଲେ । ପରାମର୍ଶ ଦେଲେ ଗୃହର ଛାୟାରେ ରହି କର୍ତ୍ତବ୍ୟ ସମ୍ପାଦନ କରୁ କରୁ ଯେତେବେଳେ ବୈରାଗ୍ୟ ବଳବତ୍ତର ହେବ ଅଥବା ମାତାପିତାଙ୍କ ଦେହାବସାନ ପରେ ସେ ଗୃହ ଛାଡ଼ନ୍ତୁ । ବୈରାଗ୍ୟର ବେଳା କେବେ ଉପସ୍ଥିତ ହୋଇଛି ବୋଲି ଜାଣିବ ? ଭକ୍ତିର ଆବେଶରେ ସ୍ତବସ୍ତୁତି କରି ମଧ୍ୟ, ଦେହକୁ ନମ୍ର କରି ପ୍ରଣତି ଜଣାଇ ମଧ୍ୟ, ମଝିରେ ମଝିରେ ଭଗବାନଙ୍କ ଉଦ୍ଦେଶ୍ୟରେ ଅଶ୍ରୁପାତର ବେଗକୁ ସମ୍ଭାଳି ନପାରିବା ଭଳି ଅବସ୍ଥା ହେଲେ ମଧ୍ୟ ବୈରାଗ୍ୟ ପାଇଁ ସେସବୁ ଯଥେଷ୍ଟ ନୁହେଁ । ଜୀବନ ବ୍ୟର୍ଥ ହେଉଛି, ଭଗବାନଙ୍କ ବ୍ୟତୀତ ଜୀବନଧାରଣ ଅସମ୍ଭବ, ସେ ଦୁଃଖ ଓ କ୍ଷୋଭ ସକଳ ଦୁଃଖକୁ ବଳିକରି ବୋଲି ବୋଧହେଲେ

* ମଣିର୍ଯଥା ବିଭାଗେନ ନୀଳପୀତାଦିଭିର୍ଯୁତଃ ।
ରୂପଭେଦମବାପ୍ନୋତି ଧ୍ୟାନାଭେଦାତ୍ତ ଆଚ୍ୟୁତ ॥
— ନାରଦ ପଞ୍ଚରାତ୍ର

ଜାଣିବ ବୈରାଗ୍ୟର ଉଦୟ ହୋଇଛି – ସେ ଅବସ୍ଥା ସବୁ ଥାଇ ମଧ୍ୟ କିଛିହିଁ ନଥିଲା ଭଳି । ବୈଷ୍ଣବ କବିରାଜ କହୁଛନ୍ତି :

ଏଇ ନବ ପ୍ରୀତ୍ୟଙ୍କୁର ଯା'ର ଚିତ୍ତେ ହୟ ।
ପ୍ରାକୃତ କ୍ଷୋଭେ ତା'ର କ୍ଷୋଭ ନାହିଁ ହୟ ॥

ଏଇ ଅନୁଭବ ସଂସାର-ବୈରାଗ୍ୟ ସାଙ୍ଗରେ ଚିତ୍ତରେ ଅସ୍ତିବାଚକ ଆଶାର ଉଦୟକୁ ବୁଝାଏ ।

ଗୋପାଳ ଭଟ୍ଟ ଶ୍ରୀଚୈତନ୍ୟଙ୍କୁ ଗୁରୁ ପରି ମାନ୍ୟ କରୁଥିଲେ । ସେଥିପାଇଁ ତାଙ୍କୁ ବିଦାୟ ଦେବାକାଳରେ ବ୍ୟାକୁଳ ବ୍ୟଥା ଅନୁଭବ କଲେ ବି ତାଙ୍କ କଥା ମାନି ଗୃହରେହିଁ ରହିଲେ ଓ ନୀରବରେ ସାଧନା କଲେ । ମାତାପିତାଙ୍କ ଅନ୍ତେ ସେ ସିଧା ବୃନ୍ଦାବନ ଯାଇ ଗୋସ୍ୱାମିଗଣଙ୍କ ସଙ୍ଗଲାଭ କଲେ ଓ କିଛି ମାସ ପରେ କାଶୀରେ ପୁନରାୟ ଶ୍ରୀଚୈତନ୍ୟଙ୍କ ଦ୍ୱାରା ଦୀକ୍ଷିତ ହେଲେ । ନିଷ୍ଠାପରଭାବେ ବୈଷ୍ଣବମାର୍ଗର ସାଧନା ଅନୁସରଣ କଲେ । ପରବର୍ତ୍ତୀ ସମୟରେ ସେ ସାଧନାର ଉଚ୍ଚାବସ୍ଥା ଲାଭ କରିଥିଲେ ଓ ପ୍ରଧାନ ଷଡ୍‌ଗୋସ୍ୱାମୀଙ୍କ ମଧ୍ୟରୁ ଅନ୍ୟତମ ରୂପେ ସମ୍ମାନିତ ହୋଇଥିଲେ । ଭକ୍ତିମାର୍ଗର ପ୍ରଧାନ ଆଚାର୍ଯ୍ୟମାନଙ୍କ ମଧ୍ୟରେ ତାଙ୍କ ସ୍ଥାନକୁ ଶ୍ରୀଚୈତନ୍ୟ ବିଶେଷ ମର୍ଯ୍ୟାଦା ଦେଉଥିଲେ ଓ 'ଭକ୍ତି ଦକ୍ଷିଣ ଦେଶରୁ ଆସିଛି' – ଏକଥା କହୁଥିଲେ ।

ଶ୍ରୀରଙ୍ଗମ୍ କ୍ଷେତ୍ରରେ ଆଉ ଗୋଟିଏ ଉଲ୍ଲେଖଯୋଗ୍ୟ ଘଟଣା ଘଟିଥିଲା । ଉକ୍ତ ମନ୍ଦିର ଚତ୍ୱରରେ ଅନେକ ବିଦ୍ୱାନ୍, ଶାସ୍ତ୍ରୀୟ ବ୍ରାହ୍ମଣ ନିଜ ନିଜ ପ୍ରିୟ ଗ୍ରନ୍ଥ ପ୍ରତ୍ୟହ ପଠନ କରୁଥିଲେ, କେହି ଧୀରେ କେହି ଉଚ୍ଚ ସ୍ୱରରେ । ସେମାନଙ୍କ ମଧ୍ୟରେ ଜଣେ ସ୍ୱଳ୍ପବିତ୍ ଯୁବକ ଥିଲେ ଯିଏ ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ଦ୍ଦିଷ୍ଟ ସମୟରେ ବସି ଗୀତାପାଠ କରୁଥିଲେ, ତାଙ୍କର ଉଚ୍ଚାରଣରେ ଥିବା ବହୁ ଅଶୁଦ୍ଧି ସ୍ପଷ୍ଟ ବାରି ହୋଇ ଯାଉଥିଲା । ଅନ୍ୟ ପାଠକ ଓ ପୁରଶ୍ଚରଣ କରୁଥିବା ଲୋକେ ତାଙ୍କୁ ବହୁ ଉପହାସ ଓ ତାଚ୍ଛଲ୍ୟଭାବ ଦେଖାନ୍ତି, କିନ୍ତୁ ସେ ଯୁବକ ସେସବୁ ପ୍ରତି ଭ୍ରୂକ୍ଷେପ ନକରି ପାଠ କରିଯାଉଥିଲେ ଅତି ବିହ୍ୱଳିତ ଭାବେ, ତାଙ୍କ ଚକ୍ଷୁରୁ ଅନବରତ ଲୋତକ ବୋହି ଯାଉଥିଲା, ଶରୀର ପୁଲକିତ, କଣ୍ଠସ୍ୱର ଜଡ଼ିତ – ଏତେ ଭାବପ୍ରବଣ ଯେ ବାରଂବାର ସମ୍ମୁଖକୁ ଚାହୁଁଥିଲେ ଓ ଅଶ୍ରୁ ପୋଛୁଥିଲେ । ସେଇ ପାଠରୁ କ'ଣ ଏପରି ଅର୍ଥ ବୁଝୁଛନ୍ତି ଯେ ଏତେ ବିଗଳିତ ! ଶ୍ରୀଚୈତନ୍ୟ ପ୍ରତିଦିନ ଏହା ଦେଖି ଦିନେ ପଚାରିଲେ, ''ମହାଶୟ ଆପଣ ଯାହା ପାଠ କରୁଛନ୍ତି, ସେଥିରୁ କ'ଣ ବୁଝୁଛନ୍ତି ବୋଲି ଏତେ ଉଲ୍ଲାସ ? ସେ ବିପ୍ରଯୁବା ଉତ୍ତର ଦେଲେ, ''ଗୁରୁଆଜ୍ଞାକୁ ମାନ୍ୟକରି ମୁଁ ପାଠ କରୁଛି । ଅଳ୍ପବିଦ୍ୟା ମୋର, ପ୍ରାୟ ମୂର୍ଖ । ଶବ୍ଦାର୍ଥ ବୁଝୁ ନାହିଁ, କେବଳ ରଥୋପରି ଉପବିଷ୍ଟ କୃଷ୍ଣାର୍ଜୁନଙ୍କୁ ପ୍ରତ୍ୟକ୍ଷ କରୁଛି, ଦେଖୁଛି ଯଦୁବୀର ପଛକୁ ଅର୍ଜୁନଙ୍କୁ ଚାହିଁ ଉପଦେଶ ଦେଉଛନ୍ତି । ସେଇଥିରେହିଁ ମୋର ଲୋମମୂଳ କଣ୍ଟକିତ ଓ କଣ୍ଠସ୍ୱର ବିଜଡ଼ିତ ।'' ଏକଥା ଶ୍ରବଣ କରି ଶ୍ରୀଚୈତନ୍ୟ ବିମୁଗ୍ଧ ହେଲେ ଓ କହିଲେ, ''ହେ ଯୁବା ! ତୁମେ କେବଳ ବିପ୍ର ନୁହଁ, ତୁମେ ବିପ୍ରବର, ଗୁରୁଆଜ୍ଞା ପାଳନ କରି ତୁମେ ଉଚିତ କରିଛ, ଗୀତା ପଠନରେ ତୁମର ଅଧିକାର ସର୍ବାଗ୍ରେ । ଭାବଗ୍ରାହୀ ଅର୍ଜୁନସଖା ସରଳ ଅନ୍ତଃକରଣର ଆକୁତିହିଁ ବୁଝନ୍ତି, ସେଥିପାଇଁ ସେ ନିଜେ ତୁମକୁ ଏଠାକୁ ଅଣାଇଛନ୍ତି ଓ ସେହିଁ କ୍ରମଶଃ ଗୀତାର ଉପଦେଶ ତୁମକୁ ବୁଝାଇ ଦେବେ ।''*

ଯେତେଦିନ ଶ୍ରୀଚୈତନ୍ୟ ସେଇ ତୀର୍ଥଧାମରେ ରହିଲେ, ଗୀତାର ଶୁଦ୍ଧ ଉଚ୍ଚାରଣର ପାଠ ତାଙ୍କୁ ଶିଖାଇଲେ, ଉତ୍ସାହିତ କଲେ । ବିପ୍ରଯୁବକ ଏପରି ସହୃଦୟ ସନ୍ନ୍ୟାସୀଙ୍କ ସଙ୍ଗଲାଭ କରି ନିଜକୁ ଧନ୍ୟ ମନେ କଲେ । ଗୋଟାଏ ଦିଗରେ ରାୟ ରାମାନନ୍ଦଙ୍କ ଭଳି ମର୍ମଜ୍ଞ ରାଜପୁରୁଷଙ୍କ ସଙ୍ଗ ଯେପରି ସୁହାଉଥିଲା ତାଙ୍କୁ ସେଇପରି ଏଇ ସ୍ୱଳ୍ପପାଠୀ ଯୁବକ ଭକ୍ତଙ୍କର ସଙ୍ଗ ବି ଲାଭ କରିଥିଲେ ସିଏ ଓ ଆଧାର ଅନୁରୂପ ଅନୁଗ୍ରହ ବି କରିଥିଲେ । ଅସଙ୍ଗ ସନ୍ନ୍ୟାସୀ ପ୍ରୟୋଜନ ବୋଧ କଲେ ଶ୍ରେଷ୍ଠ ସୁହୃଦ୍ ହୋଇ ପାରନ୍ତି । ଶ୍ରୀଚୈତନ୍ୟ ପଣ୍ଡିତମନ୍ୟ ବ୍ୟକ୍ତିଙ୍କ ଭଳି କାହାକୁ ହେୟ ମନେ କରୁ ନଥିଲେ । ଅନ୍ୟକୁ ସର୍ବାଗ୍ରେ ମର୍ଯ୍ୟାଦା ଦେଉଥିଲେ ଅନପେକ୍ଷ ଭାବେ ଓ ଅନ୍ୟର ଅଗ୍ରଗତିରେ ପରମ ସନ୍ତୋଷ ଲାଭ କରୁଥିଲେ ।

* ଶ୍ରୀରାମକୃଷ୍ଣ ମଧ୍ୟ କହୁଥିଲେ କଥା କହିବାକୁ ଆରମ୍ଭ କରୁଥିବା ଶିଶୁ ଯେପରି ମାତାପିତାଙ୍କୁ ଓ ଅନ୍ୟମାନଙ୍କୁ ଠିକ୍ ଡାକିପାରେ ନାହିଁ ଓ ତା' କଥାରେ ଓ ଉଚ୍ଚାରଣରେ ନାନା ଭୁଲ ରହିଥିଲେ ବି ବଡ଼ମାନେ ସେସବୁକୁ ଧରି ବସନ୍ତି ନାହିଁ । ସେଇପରି ପରମ ମାତାପିତା ମଧ୍ୟ ଅବୋଧ ଭକ୍ତର ଅନ୍ତରର ଭାବହିଁ ବୁଝନ୍ତି, ସେଇ ଭୁଲ୍ ଉଚ୍ଚାରଣରେ ବରଂ ଆମୋଦ ଅନୁଭବ କରନ୍ତି ପ୍ରାକୃତ ମାତାପିତାଙ୍କ ଭଳି । ଅସଲ ବିଷୟ ହେଲା ଭକ୍ତର ଭାବ ଆନ୍ତରିକ ଓ ପ୍ରୟାସ ଅକପଟ ହେବା ଦରକାର ।

ଯା'ହେଉ ସେ ଶ୍ରୀରଙ୍ଗମ କ୍ଷେତ୍ର ଛାଡ଼ିଲେ; ଭକ୍ତ ପରିବାରଙ୍କୁ ନିଜର ଶୁଭେଚ୍ଛା ଜଣାଇ ବିଦାୟ ନେଲେ ଅନ୍ୟସବୁ ତୀର୍ଥରେ ନିଜର ପ୍ରଣତି ଜଣାଇବାକୁ । କେତେ ତୀର୍ଥ ପରେ ସେ ଦକ୍ଷିଣ ମଥୁରାପୁରୀ (ମଦୁରାଇ)ରେ ପହଞ୍ଚି ଦେବୀ ମୀନାକ୍ଷୀଙ୍କୁ ଦର୍ଶନ କଲେ, ସୁନ୍ଦରେଶ (ଶିବ) ବିଷ୍ଣୁ ଆଦି ବିଗ୍ରହଙ୍କୁ ପ୍ରଦକ୍ଷିଣ କଲେ । ସେଠାରେ ଦୁଇ, ଚାରିଦିନ ରହି ଜଣେ ବ୍ରାହ୍ମଣଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ଭିକ୍ଷା ପାଇଁ ତାଙ୍କ ଗୃହକୁ ଗଲେ । ସେ ବ୍ରାହ୍ମଣ ରାମଭକ୍ତ, ସର୍ବଦା ରାମାୟଣର କାହାଣୀମାନ ଆବୃତ୍ତି କରୁଥିଲେ । ମାତ୍ର ବନବାସ କାଳରେ ରାବଣ ଯେ ସୀତାଙ୍କୁ ହରଣ କରିନେଲା କାହାଣୀର ସେଇଠାରେ ପହଞ୍ଚି ସେ ଆଉ ଆଗକୁ ଯାଇପାରନ୍ତି ନାହିଁ । ସୀତା ଠାକୁରାଣୀ ଶ୍ରୀରାମଙ୍କ ବିରହରେ ଯେଉଁ ବେଦନା ପାଉଥିବେ, ତାହା ତାଙ୍କୁ ଅସହ୍ୟ ବୋଧ ହେଉଥିଲା । ସେଇକଥା ବାରଂବାର ଉଚ୍ଚାରଣ କରି ସେ ଅଶ୍ରୁ ବିସର୍ଜନ କରୁଥିଲେ । ଯା' ହେଉ ତାଙ୍କ କୁଟୀର ଗୃହରେ ରନ୍ଧନର କିଛି ବ୍ୟବସ୍ଥା ନଥିଲା । ଦ୍ୱିପ୍ରହର ବେଳ ଗଡ଼ିଗଲାଣି, ଶ୍ରୀଚୈତନ୍ୟ ଏକଥା ପଚାରିବାରୁ ସେ ଉତ୍ତର ଦେଲେ, ''ପ୍ରଭୁ ! ମୁଁ ତ ବନସ୍ତରେ ରହେ, ଏଠି ରନ୍ଧନର ସାମଗ୍ରୀ ମିଳିବା ସେତେ ସୁବିଧାଜନକ ନୁହେଁ । ଭାଇ ଲକ୍ଷ୍ମଣ ବନ୍ୟ ଫଳମୂଳ ଓ ଶାକ ତଣ୍ଡୁଳ ଆଦି ନେଇ ଆସିଲେ ସିନା ମାତା ସୀତା ପାକ କରିବେ ! ସେଥିପାଇଁ ବିଳମ୍ବ ହେଉଛି ।'' ଯା'ହେଉ ବିଳମ୍ବିତ ପ୍ରହରରେ କିଛି ସହଜ ଅନ୍ନ-ଶାକ ସେ ଆଗନ୍ତୁକ ଅତିଥିଙ୍କ ପାଇଁ ପରଷି ଦେଲେ । ମାତ୍ର ସ୍ୱୟଂ କିଛି ଆହାର କଲେ ନାହିଁ । ପ୍ରଭୁ ଗୌରାଙ୍ଗ ଯେତେ ବୁଝାଇଲେ ମଧ୍ୟ ଅବୁଝା ବାଳକ ପରି ସେ ବିଷାଦରୁ ବାହାରିପାରୁ ନଥିଲେ । ସେତେବେଳେ ଶ୍ରୀଚୈତନ୍ୟ ଦୃଢ଼ତାର ସହ ତାଙ୍କୁ ରାମାୟଣ ଗ୍ରନ୍ଥ ଓ ଉଲ୍ଲିଖିତ କାହାଣୀର ତତ୍ତ୍ୱ ଓ ଅନ୍ତର୍ନିହିତ ଅର୍ଥ ବୁଝାଇଲେ : ''ଅବତାର ପୁରୁଷ ରାକ୍ଷସରାଜ ରାବଣବଧ ପାଇଁ ସୀତାଙ୍କୁ ଅଗ୍ନିଙ୍କ ହାତରେ ସଁପି ଦେଇଥିଲେ । ବିଧିନିର୍ଦ୍ଦିଷ୍ଟ କାର୍ଯ୍ୟ ସମାପନାନ୍ତେ ଲଙ୍କାପୁରୀରେ ଅଗ୍ନିଦେବହିଁ ଜାନକୀଙ୍କୁ ଆଣି ଶ୍ରୀରାମଙ୍କ ହସ୍ତରେ ପ୍ରତ୍ୟର୍ପଣ କଲେ । ନିକଟ ଅତୀତରେ ସଂଘଟିତ ହୋଇଥିବା ପରି ବୋଧ ହେଉଥିଲେ ବି ଭଗବାନ୍ ସୀତା-ରାମ ଶାଶ୍ୱତ କାଳରୁ ଅଛନ୍ତି ଓ ରହିବେ, ସେମାନଙ୍କ ବିଚ୍ଛେଦ ଘଟି ନପାରେ ଯଦିବା ସେପରି ପ୍ରତୀୟମାନ ହୋଇଥାଏ । ବୃଥାରେ ଆମରଣ ଅନଶନ କରିବାର କୌଣସି ବି ଫଳ ନାହିଁ କି କାରଣ ନାହିଁ...'' ଇତ୍ୟାଦି କହି ଭଗବତୀ ସୀତାଙ୍କର ସ୍ୱରୂପ ବଖାଣିଲେ :

''ଈଶ୍ୱର-ପ୍ରେୟସୀ ସୀତା ଚିଦାନନ୍ଦମୂର୍ତ୍ତି ।  
ପ୍ରାକୃତ ଇନ୍ଦ୍ରିୟେ ତାଁରେ ଦେଖିତେ ନାହିଁ ଶକ୍ତି ॥  
ସ୍ପର୍ଶିବାର କାର୍ଯ୍ୟ ଆଛୁକ୍ ନା ପାୟ ଦର୍ଶନ ।  
ସୀତାର ଆକୃତି ମାୟା କରିଲ ହରଣ ॥

ଦେବ-ମାୟାଙ୍କ ସହାୟତା ନେଇ ଅବତାର ତାଙ୍କ କାର୍ଯ୍ୟ କରିଗଲେ ।''

କାହାଣୀର ପଛରେ ଯେଉଁ ତତ୍ତ୍ୱ ପ୍ରଚ୍ଛନ୍ନ ତାହା ଜାଣିବା ପରେ ଭାବପ୍ରବଣ ବ୍ରାହ୍ମଣ ଆଶ୍ୱସ୍ତ ହେଲେ ଓ ସ୍ୱାଭାବିକ ବୋଧ କଲେ । ସୀତା-ରାମଙ୍କ ପ୍ରତି ଶ୍ରଦ୍ଧା ଅବ୍ୟାହତ ରହିଲା ।

ମହାମାନବଙ୍କ ଜୀବନରେ ହୁଏତ ବଡ଼-ବଡ଼ କାମ ଘଟିପାରେ, କିନ୍ତୁ ଦୈନନ୍ଦିନ ଜୀବନରେ ଏଇଭଳି କ୍ଷୁଦ୍ର କ୍ଷୁଦ୍ର ସଂଘଟଣହିଁ ତାଙ୍କର ଅନୁକମ୍ପା, ଦୟାର୍ଦ୍ରଚିତ୍ତତା ତଥା ହୃଦୟବତ୍ତା ପ୍ରକଟ କରେ ଯାହାକୁ ସାଧାରଣ ମାନବ ଚିର-ବାସ୍ତବ ମନେ କରି ହୃଦୟରେ ସାଇତି ରଖେ ଓ ତାଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରେ । ଅନୁଭବୀ ମହତ୍‌ପ୍ରାଣହିଁ ତାଙ୍କୁ ସମଦରଦୀ କରିଥାଏ । ସେ ହୋଇଥା'ନ୍ତି ଏକ ଦିଗରେ ଅସୂୟାରହିତ ଓ ଅନ୍ୟ ଦିଗରେ ଉଦାର ଚରିତ୍ର ।

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : କୃଷ୍ଣାଦେବୀ

ନିରବଚ୍ଛିନ୍ନ ଓ ଆନ୍ତରିକ ଅଭୀପ୍ସା ଏବଂ ଏକମାତ୍ର ଭଗବାନଙ୍କ ଅଭିମୁଖୀ ହେବାର ସଂକଳ୍ପ ଚୈତ୍ୟପୁରୁଷଙ୍କୁ ସାମନାକୁ ଆଣିବା ଲାଗି ସର୍ବଶ୍ରେଷ୍ଠ ଉପାୟ ।

(SABCL - Vol. 22, P. 288) – ଶ୍ରୀଅରବିନ୍ଦ

অন্তরাল জগত্

# ଭବିଷ୍ୟତ୍ ବିପଦର ପୂର୍ବ ସୂଚନା

## ଶ୍ରୀମା

ମୋର ଏହିପରି ଅନୁଭୂତି ଅନେକ ଥର ହୋଇଛି । ଉଦାହରଣ ସ୍ୱରୂପ, ଥରେ ମୁଁ ଯେତେବେଳେ ପର୍ବତମାଳାରେ ବୁଲୁଥିଲି, ମୁଁ ଏପରି ଗୋଟିଏ ରାସ୍ତାରେ ଯାଉଥିଲି ଯେଉଁଠାରେ କି କେବଳ ଜଣକ ପାଇଁ ରାସ୍ତା ଥିଲା – ରାସ୍ତାର ଗୋଟିଏ ପାଖରେ ଥିଲା ସିଧାସଳଖ ଅତଳ ଗହ୍ୱର ଏବଂ ଅନ୍ୟ ପାଖରେ ଥିଲା କାନ୍ଥି ପାହାଡ଼ । ମୋ ପଛରେ ଆସୁଥିଲେ ତିନୋଟି ପିଲା ଓ ଚତୁର୍ଥ ସ୍ଥାନରେ ଥିଲେ ଆଉ ଜଣେ ଲୋକ । ମୁଁ ଆଗେ ଆଗେ ଯାଇ ବାଟ କଢ଼ାଉଥିଲି । ସେ ରାସ୍ତାଟି ପାହାଡ଼ର ଧାରେ ଧାରେ ଯାଇଥିଲା ଓ ଆମେ କୁଆଡ଼େ ଯାଉଥିଲୁ ତାହା ଦେଖି ପାରୁ ନ ଥିଲୁ । ତାହାଛଡ଼ା ଏହି ସ୍ଥାନଟି ଖୁବ୍ ବିପତ୍‌ପୂର୍ଣ୍ଣ ଥିଲା । ଯଦି କାହାର ଗୋଡ଼ ଖସିଥାଆନ୍ତା ସେ ପାହାଡ଼ର ଶିଖର ଦେଶରୁ ଆସି ତଳେ ପଡ଼ିଥା'ନ୍ତା । ମୁଁ ସମସ୍ତଙ୍କ ଆଗରେ ଯାଉଥିବାରୁ ସମସ୍ତଙ୍କ ଅପେକ୍ଷା ଏକ ଭିନ୍ନ ଦୃଷ୍ଟିରେ ସବୁ ଦେଖି ମୋର ପାଦକୁ ସତର୍କତାର ସହ ପକାଉଥିଲି । ହଠାତ୍ ଗୋଟାଏ ସାପ ଅନ୍ୟପଟରେ ପଥର ଉପରେ ରହିଥିବାର ମୁଁ ପୂର୍ବରୁ ସୂଚନା ପାଇଥିଲି । ତା'ପରେ ମୁଁ ଗୋଟିଏ ପାଦ ଧୀରେ ଧୀରେ ଉଠାଇଥିଲି । ଅବଶ୍ୟ ସାପଟି ପ୍ରକୃତରେ ରାସ୍ତାର ଆରପଟେ ଥିଲା । ମୁଁ ତାକୁ ଦେଖିଥିଲି ଏବଂ ସାବଧାନତା ସହ ଆଗକୁ ଯାଇଥିଲି । ତେଣୁ ତାହା ମୋତେ ବିଶେଷ ଆଶ୍ଚର୍ଯ୍ୟ ହେବା ଭଳି ଧକ୍କା ଦେଇ ନ ଥିଲା । ପିଲାମାନଙ୍କୁ ଆଦୌ ଭୟଭୀତ ନ କରି ମୁଁ ତାଙ୍କୁ କହିପାରିଥିଲି, ''ଚାଲିବା ବନ୍ଦ କର, ନୀରବ ରୁହ, ହଲଚଲ ହୁଅ ନାହିଁ ।'' ଯଦି ସେମାନେ ଶଙ୍କାନ୍ୱିତ ହୋଇଥା'ନ୍ତେ, ତେବେ କିଛି ଅଘଟଣ ହୁଏତ ଘଟି ଥାଆନ୍ତା । ସାପଟି କିଛି ଶବ୍ଦ ଶୁଣିପାରିଥିଲା ଓ କୁଣ୍ଡଳୀ ପରି ଗୁଡ଼େଇ ହୋଇ ନିଜକୁ ରକ୍ଷା କରିବା ପାଇଁ ତା' ଗାତ ଆଗରେ ଫଣା ହଲାଉ ଥିଲା – ଏହା ଥିଲା ଏକ ବିଷଧର ସର୍ପ । ଏହି ଘଟଣା ଘଟିଥିଲା ଫ୍ରାନ୍ସରେ । ସେଠାରେ ଯଦି କିଛି ଗୋଳମାଳ ବା ବିଶୃଙ୍ଖଳା ଦେଖା ଦେଇଥାଆନ୍ତା, ତେବେ ଅନେକ କିଛି ଅସୁବିଧା ହୋଇଥା'ନ୍ତା ।

ମୋ କ୍ଷେତ୍ରରେ ଏହି ପ୍ରକାର ଘଟଣା ବହୁତ ଥର ଘଟିଥିଲା – ସାପମାନଙ୍କୁ ନେଇ ଏହିପରି ଚାରିଥର ଘଟିଥିଲା । ଥରେ ଏହିଠାରେ ମତ୍ସ୍ୟଜୀବୀମାନଙ୍କର ଗାଁ 'ଆରିୟାନ୍‌କୁପମ୍' ନିକଟରେ ଘଟିଥିଲା । ଖୁବ୍ ଅନ୍ଧକାର ହୋଇଯାଇଥାଏ । ସେଠାରେ ଥିବା ଗୋଟିଏ ନଦୀ ସେହି ଗାଁ ପାଖରେ ସମୁଦ୍ରରେ ପଡ଼ିଛି । ସେତେବେଳେ ଖୁବ୍ ଶୀଘ୍ର ରାତି ଆସି ଅନ୍ଧକାର ହୋଇଗଲା । ଆମ୍ଭେମାନେ ରାସ୍ତାରେ ଚାଲୁଥିବା ସମୟରେ ଯେତେବେଳେ ଗୋଟିଏ ପାଦ ପକାଇବା ପାଇଁ ମୁଁ ପ୍ରାୟ ମୋ ପାଦକୁ ଉଠାଇ ସାରିଥିଲି ଏବଂ ତାହା ତଳକୁ ପକାଇବାକୁ ଯାଉଥିଲି, ଠିକ୍ ସେତିକିବେଳେ ମୋ କାନ ପାଖରେ କାହାର କଣ୍ଠସ୍ୱର ସ୍ପଷ୍ଟ ଭାବରେ ଶୁଣିବାକୁ ପାଇଲି ''ସାବଧାନ !'' କିନ୍ତୁ ପ୍ରକୃତରେ କେହି ଏକଥା କହି ନ ଥିଲେ । ତେଣୁ ମୁଁ ପୁଣି ଚାହିଁଲି ଏବଂ ଦେଖିବାକୁ ପାଇଲି ମୋର ପାଦ ଭୂମିରେ ଠିକ୍ ପଡ଼ିବାକୁ ଯିବା ସମୟରେ ଏକ ପ୍ରକାଣ୍ଡ କଳାରଙ୍ଗର ବିଷଧର ଗୋଖର ସାପ ସେଠାରେ ଥିଲା, ଯାହା ଉପରେ ମୋର ପାଦ ପଡ଼ି ଯାଇଥାଆନ୍ତା, ଯାହାକି ସେମାନେ ଜମା ଚାହାନ୍ତି ନାହିଁ । ସେ ସାପଟି ଖୁବ୍ ଶୀଘ୍ର ସେଠାରୁ ପଳାଇ ଯାଇ ପାଣି ଭିତରେ ପଶିଗଲା – ଆହାଃ ! କି ସୁନ୍ଦର ! ତା'ର ଫଣାଟି ଉପରକୁ ଟେକି ସେ ପାଣି ଉପରେ ରାଜା ପରି ଚାଲୁଥିଲା । ସ୍ପଷ୍ଟ ଭାବରେ କହିବାକୁ ଗଲେ ମୋର ଏହି ଧୃଷ୍ଟତା ପାଇଁ ମୁଁ ନିଶ୍ଚିତ ଭାବରେ ଦଣ୍ଡିତ ହୋଇଥା'ନ୍ତି । ଏହିଭଳି ଶହଶହ ଅନୁଭୂତି ମୋର ହୋଇଛି । ଠିକ୍ ଶେଷ ମୁହୂର୍ତ୍ତରେ – ଯାହାକି ଏକ ସେକେଣ୍ଡ ପୂର୍ବରୁ ମଧ୍ୟ ନୁହେଁ – ଭିନ୍ନ ଭିନ୍ନ ପରିସ୍ଥିତି ମଧ୍ୟରେ ସବୁକିଛି ମୋତେ ଆଗରୁ ଜଣା ପଡୁଥିଲା । ଥରେ ପ୍ୟାରିସ୍‌ରେ ମୁଁ 'ବୁଲ୍‌ବାର୍ଡ ସେଣ୍ଟ ମାଇକେଲ୍' ପାରି ହେଉଥିଲି । ଏହା ପ୍ରାୟ ଶେଷ ସପ୍ତାହମାନଙ୍କରେ ଘଟୁଥିଲା; ମୁଁ ସ୍ଥିର କରିଥିଲି ଯେ କେତେକ ନିର୍ଦ୍ଦିଷ୍ଟ ମାସ ମଧ୍ୟରେ ମୁଁ ଚୈତ୍ୟସତ୍ତାର ଉପସ୍ଥିତି ସହିତ ମିଳିତ ହେବି, ଯାହା ହେଉଛି ମୋ 'ଅନ୍ତରର ଦିବ୍ୟ ସତ୍ତା' । ମୋର ଅନ୍ୟ କୌଣସି ଚିନ୍ତା ବା ଉଦ୍‌ବେଗ ନଥିଲା । ମୁଁ 'ଲକ୍ସମ୍‌ବର୍ଗ' ବଗିଚା ନିକଟରେ ରହୁଥିଲି ଏବଂ ପ୍ରତ୍ୟହ ସନ୍ଧ୍ୟାରେ ସେଠାକୁ ବୁଲିବାକୁ ଯାଉଥିଲି – କିନ୍ତୁ ସର୍ବଦା ନିଜ ଅନ୍ତର ଭିତରେ ମୋତେ ନିମଗ୍ନ ରହିବାକୁ ପଡୁଥିଲା । ସେଠାରେ ଏକପ୍ରକାର ଛକଜାଗା ଥିଲା ଏବଂ ବ୍ୟକ୍ତି ଗଭୀର ଭାବରେ

ନିଜ ଭିତରେ ନିମଗ୍ନ ଥିବାବେଳେ ସେହି ରାସ୍ତା ପାରି ହେବା ଉଚିତ ନୁହେଁ । କିନ୍ତୁ ମୁଁ ଦିନେ ସେହିପରି ନିଜ ଭିତରେ ନିମଗ୍ନ ଥିବା ଅବସ୍ଥାରେ ସେଠାରେ ବୁଲୁଥିଲି । ଏହା ବିଜ୍ଞତାର କାର୍ଯ୍ୟ ନ ଥିଲା । ସେଠାରେ ହଠାତ୍ ମୁଁ ଏକ ପ୍ରବଳ ଧକ୍କା ଅନୁଭବ କଲି, ଯେପରିକି ମୋତେ ଜଣେ କିଏ ଧକ୍କା ଦେଲା; ଯେପରିକି କିଏ ଜଣେ ମୋତେ ଆଘାତ କଲା । ଏବଂ ମୁଁ ତତ୍କ୍ଷଣାତ୍ ସ୍ୱତଃପ୍ରବୃତ୍ତ ଭାବରେ ପଛକୁ ଡେଇଁ ପଡ଼ିଲି । ଠିକ୍ ସେହି ସମୟରେ ଏକ ଟ୍ରାମ୍ ଗାଡ଼ି ମୋ ପାଖ ଦେଇ ଚାଲିଗଲା । ଏହି ଟ୍ରାମ୍‌ଟି ମୋଠାରୁ ହାତେରୁ ସାମାନ୍ୟ ଅଧିକ ଛାଡ଼ି ଚାଲିଯିବାର ମୁଁ ଅନୁଭବ କରିଥିଲି । ଏହା ମୋ ଚତୁଃପାର୍ଶ୍ୱରେ ଥିବା ସୂକ୍ଷ୍ମଜ୍ୟୋତିଃବଳୟକୁ ଛୁଇଁଥିଲା, ଯାହାକି ଥିଲା ମୋର ରକ୍ଷାକବଚ – ସେ ସମୟରେ ତାହା ଖୁବ୍ ଶକ୍ତିଶାଳୀ ଥିଲା, ମୁଁ ସେତେବେଳେ ଗୁହ୍ୟବିଦ୍ୟାରେ ଗଭୀର ଭାବରେ ନିମଗ୍ନ ରହିଥିଲି ଏବଂ ତାହାକୁ କିପରି ରକ୍ଷା କରିବାକୁ ହେବ ତାହା ମୁଁ ଜାଣିଥିଲି । ମୋ ଚାରିପଟେ ରକ୍ଷା କରୁଥିବା ସେହି ସୂକ୍ଷ୍ମ ଜ୍ୟୋତିଃବଳୟ ଆଘାତପ୍ରାପ୍ତ ହୋଇଥିଲା ଏବଂ ତାହା ମୋତେ ଏପରି ଭାବରେ ପଛକୁ ଠେଲି ଦେଇଥିଲା ଯଦ୍ୱାରା ମୁଁ ଏକ ପ୍ରବଳ ଶାରୀରିକ ଧକ୍କା ପାଇଥିଲି । ସେହି କାରଣରୁ ଟ୍ରାମ୍ ଡ୍ରାଇଭର ଦ୍ୱାରା ମଧ୍ୟ ଅପମାନିତ ହୋଇଥିଲି । ଅବଶ୍ୟ ମୁଁ ଠିକ୍ ସମୟରେ ପଛକୁ ଡେଇଁ ପଡ଼ିଥିଲି ଏବଂ ଟ୍ରାମ୍‌ଟି ଚାଲି ଯାଇଥିଲା !

ମୋର ଯଦି କେବେ ମନେ ପଡ଼ିବ, ତେବେ ମୁଁ ତୁମମାନଙ୍କୁ ଏପରି ଅନେକ ଅନେକ ଗଳ୍ପ କହିପାରିବି ।

ବହୁ ବିଭିନ୍ନ ଦିଗରୁ ସୁରକ୍ଷା ବ୍ୟବସ୍ଥା ଆସିପାରେ । ଅନେକ ସମୟରେ ଜଣେ କେହି ମୋତେ ହୁଏତ ଜଣାଉଥିଲେ । ତାହା ଥିଲା – ଏକ କ୍ଷୁଦ୍ର ଅସ୍ତିତ୍ୱ ଥିବା ବସ୍ତୁ କିଂବା ଏକପ୍ରକାର ସତ୍ତା; ସମୟ ସମୟରେ ମୋ ଚାରିପଟେ ଥିବା ସୂକ୍ଷ୍ମ ଜ୍ୟୋତିଃ ମୋତେ ରକ୍ଷା କରୁଥିଲା ଏବଂ ଏହା ଥିଲା ସବୁପ୍ରକାର ବିଷୟମାନଙ୍କ ସଂପର୍କରେ । ଅର୍ଥାତ୍ ଜୀବନ ଖୁବ୍ କ୍ୱଚିତ୍ ଜଡ଼ ଶରୀର ମଧ୍ୟରେ ସୀମିତ ରହୁଥିଲା – ଏହା ସୁବିଧାଜନକ ଏବଂ ଏହା ଉତ୍ତମ । ଏହା ମଧ୍ୟ ଆବଶ୍ୟକ ଏବଂ ଏହା ତୁମର ଶକ୍ତି ସାମର୍ଥ୍ୟ ବର୍ଦ୍ଧିତ କରେ । ମୋତେ ଗୁହ୍ୟବିଦ୍ୟା ଶିକ୍ଷା ଦେଉଥିବା ବ୍ୟକ୍ତି ସିଧାସଳଖ ଏହି କଥା କହିଥିଲେ, ''ତୁମେ ଇନ୍ଦ୍ରିୟାନୁଭୂତିଠାରୁ ନିଜକୁ ବଞ୍ଚିତ କରୁଛ ଯାହା *ଏପରିକି ଖୁବ୍ ସାଧାରଣ ଜୀବନ ପାଇଁ* ମଧ୍ୟ ବିଶେଷ ହିତକର ।'' ଏହା ସତ୍ୟ, ଏହା ନିରାଟ ସତ୍ୟ । କେବଳ ଆମର ନିଜର ଇନ୍ଦ୍ରିୟକୁ ବ୍ୟବହାର କରି ଆମ୍ଭେମାନେ ସାଧାରଣତଃ ଯାହା ଜାଣୁଥାଇଁ ଏପରି କଲେ ତା'ଠାରୁ ଅନେକ କିଛି ଅଧିକ ଜାଣିପାରିବା । କେବଳ ମାନସିକ ଦୃଷ୍ଟିକୋଣରୁ ନୁହେଁ, ଏପରିକି ପ୍ରାଣିକ ଏବଂ ଶାରୀରିକ ଦୃଷ୍ଟିକୋଣରୁ ମଧ୍ୟ ଏହା ସତ୍ୟ ।

*କିନ୍ତୁ ଏହାର ପ୍ରଣାଳୀ କ'ଣ ?*

ଓଃ ! ଏହାର ପ୍ରଣାଳୀ ବଡ଼ ସହଜ । ଏହାର ଅନେକଗୁଡ଼ିଏ ଶୃଙ୍ଖଳା ରହିଛି । ତୁମେ କ'ଣ କରିବାକୁ ଚାହୁଁଛ ତା' ଉପରେ ଏହା ନିର୍ଭର କରିଥାଏ ।

ଏହାର ଅନେକ କାରଣ ରହିଛି । ପ୍ରତ୍ୟେକ ଜିନିଷ ପାଇଁ ଏକ ପଦ୍ଧତି ରହିଛି ଏବଂ ପ୍ରଥମ ପଦ୍ଧତି ହେଲା – ଆରମ୍ଭ କରିବା ସମୟରେ ତାହା ଚାହିଁବାକୁ ହେବ; ଅର୍ଥାତ୍ ସେ ବିଷୟରେ ଏକ ନିଷ୍ପତ୍ତି ନେବାକୁ ପଡ଼ିବ । ତା'ପରେ ଏହିସବୁ ଇନ୍ଦ୍ରିୟମାନଙ୍କର ବର୍ଣ୍ଣନା ଏବଂ ସେମାନେ କିପରି କାର୍ଯ୍ୟ କରନ୍ତି ସେ ବିଷୟରେ ତୁମକୁ କୁହାଯିବ – ତାହା କିଛି ସମୟ ନେବ । ତୁମେ ପ୍ରଥମେ ଗୋଟିଏ କିଂବା ଅନେକଗୁଡ଼ିଏ ଇନ୍ଦ୍ରିୟ କଥା ବିଚାରକୁ ନେବ କିଂବା ଆରମ୍ଭ କରିବାବେଳେ ତୁମକୁ ଯାହା ସହଜ ବୋଧ ହେବ ତାହା ତୁମେ ସ୍ଥିର କରିପାର । ତା'ପରେ ତୁମକୁ ଶୃଙ୍ଖଳା ମାନିବାକୁ ପଡ଼ିବ । ମାଂସପେଶୀଗୁଡ଼ିକୁ ବିକଶିତ କରିବା ପରି ଏହାର ମଧ୍ୟ ସେହିପରି କେତେକ ବ୍ୟାୟାମ ରହିଛି । ତୁମେ ନିଜ ଭିତରେ ଏକ ଇଚ୍ଛାଶକ୍ତି ସୃଷ୍ଟି କରିବାରେ ମଧ୍ୟ କୃତକାର୍ଯ୍ୟ ହୋଇପାରିବ ।

କିନ୍ତୁ ଅପେକ୍ଷାକୃତ ସୂକ୍ଷ୍ମ ଜିନିଷ ବିଷୟ ବିଚାର କଲାବେଳେ ତୁମେ କ'ଣ ଚାହୁଁଛ ତା'ର ଏକ ଅବିକଳ ପ୍ରତିରୂପ ସ୍ଥିର କରିବାକୁ ପଡ଼ିବ । ଅନୁରୂପ ସ୍ପନ୍ଦନ ସହିତ ସଂପର୍କ ରଖିବାକୁ ପଡ଼ିବ । ତା'ପରେ ଏକାଗ୍ରତା ସହ ବ୍ୟାୟାମ କରିବାକୁ ପଡ଼ିବ, ଅର୍ଥାତ୍ ଏକ ବସ୍ତୁ ମଧ୍ୟଦେଇ ଦେଖିବା ପାଇଁ, ଏକ ଶବ୍ଦ ମଧ୍ୟଦେଇ ଶୁଣିବା ପାଇଁ ଏବଂ ବହୁ ଦୂରସ୍ଥ ଜିନିଷକୁ ଜାଣିବା ପାଇଁ ଅଭ୍ୟାସ କରିବାକୁ ପଡ଼ିବ । ଉଦାହରଣ ସ୍ୱରୂପ ମୁଁ ଥରେ ବହୁଦିନ ପର୍ଯ୍ୟନ୍ତ, ଅନେକ ମାସ ପର୍ଯ୍ୟନ୍ତ ଶଯ୍ୟାଶାୟୀ ହୋଇଥିଲି । ମୋତେ ତାହା ବିରକ୍ତିକର ବୋଧ ହେଉଥିଲା । ମୁଁ ବାହାର ଆଡ଼କୁ ଦେଖିବାକୁ ଚାହୁଁଥିଲି । ମୁଁ ଗୋଟିଏ ବଖରାରେ ରହୁଥିଲି ଏବଂ ତା'ର ଶେଷ ଆଡ଼କୁ ଅନ୍ୟ ଏକ ଛୋଟ ବଖରା

ଥିଲା । ସେହି ଛୋଟ ବଖରାର ଶେଷରେ ଏକ ପ୍ରକାର ସେତୁ ରହିଥିଲା; ବଗିଚା ମଧ୍ୟକୁ ଲମ୍ବି ସେତୁଟି ଶିଡ଼ିରେ ପରିଣତ ହୋଇ ଏକ ବିଶାଳ ଓ ସୁନ୍ଦର ଷ୍ଟୁଡିଓ ଭିତରକୁ ବାଟ କଢ଼େଇ ନେଉଥିଲା, ଯାହାକି ବଗିଚାର ଠିକ୍ ମଧ୍ୟ ଭାଗରେ ରହିଥିଲା । ମୁଁ ସେଠାକୁ ଯାଇ ସେ ଷ୍ଟୁଡିଓରେ କ'ଣ ହେଉଛି ତାହା ଦେଖିବାକୁ ଇଚ୍ଛା କରୁଥିଲି, କାରଣ ମୋ ବଖରାରେ ରହି ରହି ମୁଁ ବିରକ୍ତି ଅନୁଭବ କରୁଥିଲି । ତେଣୁ ମୁଁ ନୀରବ ରହି, ଆଖି ବୁଜି ମୋ ଚେତନାକୁ ଅଳ୍ପ ଅଳ୍ପ କରି, ଅଳ୍ପ ଅଳ୍ପ କରି ସେଠାକୁ ନେଉଥିଲି । ଦିନ ପରେ ଦିନ ମୁଁ ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରି ନିୟମିତ ଭାବରେ ଏହି ବ୍ୟାୟାମ କରୁଥିଲି । ପ୍ରଥମେ ପ୍ରଥମେ ତୁମକୁ କଳ୍ପନାଶକ୍ତି ବ୍ୟବହାର କରିବାକୁ ହେବ ଏବଂ ତା'ପରେ ତାହା ବାସ୍ତବ ରୂପ ନେବ । କିଛି ସମୟ ପରେ ମୋର ବାସ୍ତବିକ ଶାରୀରିକ ଅନୁଭୂତି ହେଲା ଯେ ମୋର ଦୃଷ୍ଟିକୋଣ ଅଗ୍ରସର ହେଉଛି । ମୁଁ ତାହାର ଅନୁଧାବନ କଲି ଏବଂ ତଳ ମହଲାରେ ଯାହା ଦେଖିବାକୁ ପାଇଲି ତାହା ଆଗରୁ କେବେ ଜାଣି ନ ଥିଲି । ମୁଁ ପରେ ସେସବୁ ଅନୁଧ୍ୟାନ କରିଥିଲି । ସନ୍ଧ୍ୟା ସମୟରେ ମୁଁ ପ୍ରଶ୍ନ କରୁଥିଲି, ''ଏହା କ'ଣ ସେହିପରି ? ଏବଂ ତାହା କ'ଣ ଏହିପରି ଥିଲା ?''

କିନ୍ତୁ ଏପରି କରିବାକୁ ହେଲେ ତୁମକୁ ମାସମାସ ଧରି ଧୈର୍ଯ୍ୟର ସହିତ ଏକପ୍ରକାର ଜିଦ୍‌ଖୋର ମନୋବୃତ୍ତି ନେଇ ଏହାକୁ ଅଭ୍ୟାସ କରିବାକୁ ହେବ । ତୁମେ ତୁମର ଇନ୍ଦ୍ରିୟମାନଙ୍କୁ ଗୋଟିକ ପରେ ଗୋଟିଏ ନେବ । ଯଥା : ଶ୍ରବଣ, ଦର୍ଶନ, ଆସ୍ୱାଦନ, ଆଘ୍ରାଣ ଓ ସ୍ପର୍ଶ ପ୍ରଭୃତି କେତେକ ସୂକ୍ଷ୍ମ ଇନ୍ଦ୍ରିୟମାନଙ୍କ ବାସ୍ତବତା ମଧ୍ୟରେ ଯାଇ ତୁମେ ଉପନୀତ ହେବ ।

(*Glimpses of the Mother's Life*, p. 63 - 66)

Every day, at each moment, we shall aspire to do the right thing in the right way, always.

– The Mother

*With best compliments from :*

**SRI HANUMAN FLOUR MILL**

**MAITAPUR, BALASORE (ODISHA)**

# ସଂପାଦକୀୟ ....

‘‘...the realisation (of the Divine) is the first need and it is that round which all the rest moves, for apart from it all the rest would have no meaning.’’

– Sri Aurobindo

‘‘ଭଗବତ୍ ଉପଲବ୍ଧିହିଁ ପ୍ରଥମ ପ୍ରୟୋଜନ, ବାକୀ ସବୁକିଛି ଏହାକୁହିଁ କେନ୍ଦ୍ର କରି, କାରଣ ଏହାଠାରୁ ପୃଥକ୍ ଅନ୍ୟ ସବୁର କୌଣସି ଅର୍ଥ ନାହିଁ ।’’

– ଶ୍ରୀଅରବିନ୍ଦ

ଯେଉଁମାନେ ଯୋଗର ପଥ ଗ୍ରହଣ କରିଛନ୍ତି ଭଗବାନଙ୍କୁ ପାଇବାହିଁ ସେମାନଙ୍କର ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ, ବରଂ କୁହାଯାଇପାରେ ଏକମାତ୍ର ଲକ୍ଷ୍ୟ । ସେମାନଙ୍କର ସମସ୍ତ ଚିନ୍ତା, ସମସ୍ତ କର୍ମ, ସମସ୍ତ ଭାବ, ସମଗ୍ର ଜୀବନ ଏହି ଲକ୍ଷ୍ୟ ପଛରେହିଁ ଉତ୍ସର୍ଗୀକୃତ । ଯେଉଁମାନେ ଏହି ପଥରେ ଚାଲିବାର ଆହ୍ୱାନ ପାଇଥା’ନ୍ତି, ସେମାନଙ୍କ ଭିତରେ ଏପରି ଏକ ଲକ୍ଷ୍ୟରେ ପହଞ୍ଚିବାର ଆକୁତି ଥାଏ ଯେ ସେଠାରେ ନପହଞ୍ଚିବା ପର୍ଯ୍ୟନ୍ତ ଅନ୍ୟ କୌଣସି କିଛି ସେମାନଙ୍କୁ ଯଥାର୍ଥ ତୃପ୍ତି ଦେଇପାରିବ ନାହିଁ – ଏହି ଧରଣର ଏକ ସୂକ୍ଷ୍ମ ଅନୁଭବ ସେମାନଙ୍କ ଭିତରେ ବରାବର ରହିଥାଏ, ସେହି ଅନୁଭବର ପ୍ରେରଣା ଏବଂ ପ୍ରବେଗ ଫଳରେହିଁ ସମସ୍ତ ପଥଶ୍ରମ, ପଥର ସମସ୍ତ ବାଧାବିଘ୍ନ ବା କାଳବିଳମ୍ବ ଓ ଅନିଶ୍ଚିତତା ଆଦିକୁ ଭ୍ରୂକ୍ଷେପ ନକରି ସାଧକ ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଥାଏ, କେତେବେଳେ ହୁଏତ ମନ୍ଥର ବା କେତେବେଳେ ଦ୍ରୁତ ପଦକ୍ଷେପ ନେଇ । ସେହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ସେହି ପଥର ଆହ୍ୱାନ ଯେ ଠିକ୍ କେମିତି, କିପରି ଭାବରେ ବା କେଉଁ ସମୟରେ ପାଇଲା ସେ ସମ୍ପର୍କରେ ତା’ର ସ୍ମୃତି ହୁଏତ ଝାପ୍‌ସା, ସେହି ମହାନ୍ ଲକ୍ଷ୍ୟର ସ୍ୱରୂପ ସମ୍ପର୍କରେ ତା’ର ଧାରଣା ହୁଏତ ଅସ୍ପଷ୍ଟ, କିନ୍ତୁ ନିଜ ଭିତରେ କେଉଁଠି ସେ ନିଶ୍ଚୟ ଜାଣେ ଓ ଅନୁଭବ କରେ ଯେ କେବଳ ସେଇଠି ପହଞ୍ଚିଲେହିଁ ସେ ପାଇବ ତା’ର ସମସ୍ତ ପ୍ରଶ୍ନର ଉତ୍ତର, ତା’ର ସମସ୍ତ ସମସ୍ୟାର ସମାଧାନ, ଜୀବନର ଚରମ ସାର୍ଥକତା, ସତ୍ୟ, ଶାନ୍ତି, ଆନନ୍ଦର ପରମ ଦିବ୍ୟ ଉପଲବ୍ଧି ।

ତା’ ସତ୍ତ୍ୱେ ଏପରି କାହିଁକି ହୁଏ ଯେ ଏଡ଼େ ବଡ଼ ମହାନ୍ ଲକ୍ଷ୍ୟ ଆମର ସ୍ମରଣରେ ବରାବର ଜାଗ୍ରତ୍ ହୋଇ ରହେ ନାହିଁ । ଯୋଗର ପଥ ଓ ସାଧନାର ଜୀବନ ଗ୍ରହଣ କରିଥିଲେ ମଧ୍ୟ ଦେଖାଯାଏ ଅନେକ ସମୟରେ ଆମର ସଚେତ ମନରେ ଏହି ଲକ୍ଷ୍ୟ ସେପରି ଜୀବନ୍ତ ବା ପ୍ରତ୍ୟକ୍ଷ ହୋଇ ରହି ନାହିଁ ଏବଂ ଆମେ ଜୀବନ ଓ ଚେତନାର ଏପରି ନାନା ଛୋଟ ବଡ଼ ଗତିବୃତ୍ତିରେ ଲିପ୍ତ ଓ ଜଡ଼ିତ ରହିଯାଉଛୁ ଯାହାର କି ଏ ଲକ୍ଷ୍ୟ ସହ ଆଦୌ କୌଣସି ସମ୍ପର୍କ ନାହିଁ । ନିଜର ଭୁଲ୍ ତ୍ରୁଟି ଉପରେ ନାନା ରଙ୍ଗ ଦେଇ, ସେଗୁଡ଼ିକର ସମର୍ଥନରେ ଆମର ବୁଦ୍ଧିମାନ୍ ମନ ହୁଏତ ନାନା ଯୁକ୍ତି ଓ ବିଚାର ଯୋଗାଇଦିଏ, ଲକ୍ଷ୍ୟର ସେହି ବିସ୍ମରଣ ସମ୍ପର୍କରେ ନାନା ବ୍ୟାଖ୍ୟା ଉପସ୍ଥାପିତ କରେ, କିନ୍ତୁ ଆମେ ଯଦି ସରଳ ଓ ନିଷ୍କପଟଭାବରେ ନିଜ ଚେତନା ଭିତରକୁ ଦୃଷ୍ଟି ଦେଉ ତେବେ ସେତେବେଳେ ଅସଲ ସତ୍ୟଟି ନିଶ୍ଚୟ ଧରା ପଡ଼ିବ ଯେ ଆମେ କିଛି କାଳ ପାଇଁ ଆମର ଲକ୍ଷ୍ୟଟି ଭୁଲି ଯାଇଥିଲୁ । ଲକ୍ଷ୍ୟ ସମ୍ପର୍କରେ ମୁଖ୍ୟତଃ ଏହି ବିସ୍ମରଣ ଯୋଗୁହିଁ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଆମର ଏତେ କାଳବିଳମ୍ବ ହୁଏ । ଏହି ବିଷୟଟି ସମ୍ପର୍କରେ ଚେତାଇ ଦେଇ ଶ୍ରୀଅରବିନ୍ଦ କହିଛନ୍ତି :

“Turn your eyes more to the coming light and less to any immediate darkness.

Stride swiftly, for the goal is far; rest not unduly, for thy Master is waiting for thee at the end of journey.”

‘‘ବର୍ତ୍ତମାନର କୌଣସି ଅନ୍ଧକାର ଅପେକ୍ଷା ଆସନ୍ନ ଆଲୋକ ଦିଗରେ ଅଧିକ ଦୃଷ୍ଟି ଫେରାଅ ।

ତ୍ୱରିତ ପଦକ୍ଷେପ ନେଇ ଦ୍ରୁତ ଆଗେଇ ଯାଅ, କାରଣ ଲକ୍ଷ୍ୟ ଦୂରସ୍ଥ, ଅକାରଣ ବିଶ୍ରାମ ନିଅ ନାହିଁ, ଯାତ୍ରା ଶେଷରେ ତୁମ ପାଇଁ ତୁମର ପ୍ରଭୁ ଅପେକ୍ଷା କରି ରହିଛନ୍ତି ।’’

ତେଣୁ ଆମ ଭିତରେ ଯେଉଁ ବିଷୟଟି ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ ତା’ହେଲା ‘ଭଗବାନହିଁ ଆମର ସର୍ବପ୍ରଥମ ଓ ସର୍ବପ୍ରଧାନ ଲକ୍ଷ୍ୟ’ ଏହା ଆମ ସ୍ମରଣରେ ନିରନ୍ତର ଜାଗ୍ରତ୍ ରଖିବା । ବିଶେଷ କରି ପୂର୍ଣ୍ଣଯୋଗର ସାଧକମାନଙ୍କ ପାଇଁ ଏହାର ତାତ୍ପର୍ଯ୍ୟ ଖୁବ୍ ବେଶୀ କାରଣ ଅନ୍ୟାନ୍ୟ କେତେକ ସାଧନା ପରି ଆମକୁ ଭଗବାନଙ୍କୁ ପାଇବା ପାଇଁ ଜୀବନ ଓ ସଂସାର ତ୍ୟାଗ କରି ବଣ ଜଙ୍ଗଲକୁ ଚାଲିଯିବାକୁ ହେଉ ନାହିଁ, କେଉଁ ନିର୍ଜନ ଗୁହାରେ ବସି କଠୋର କୃଚ୍ଛ୍ରସାଧନା କରିବାକୁ ପଡୁ ନାହିଁ । ହୁଏତ ସେସବୁର କ୍ଷେତ୍ରରେ ଚେତନା

ଆଗରେ ଜୀବନ ଓ ସଂସାରର ଅନ୍ୟାନ୍ୟ ବିଷୟସବୁକୁ ଆଦୌ ରଖାଯାଉ ନଥିବାରୁ ଭଗବତ୍ ଲକ୍ଷ୍ୟ କଥାହିଁ ସ୍ମରଣରେ ଆସୁଥିବ ଯେପରି ଏକ ବାଧ୍ୟବାଧକତାର ରୂପ ନେଇ । ଅବଶ୍ୟ ସେ କ୍ଷେତ୍ରରେ ମଧ୍ୟ ମଣିଷର ଅହଂମୟ ଚେତନା ମୂଳ ଲକ୍ଷ୍ୟ ଭଗବାନଙ୍କୁ ଭୁଲି ନିଜର ସନ୍ନ୍ୟାସ ଓ କଠୋର କୃଚ୍ଛ୍ରସାଧନାକୁ ନେଇ ଲିପ୍ତ ହୋଇଯିବାର ଓ ସେଥିରେ ସନ୍ତୁଷ୍ଟ ହୋଇ ରହିଯିବାର ବିପଦ ଥାଏ । କିନ୍ତୁ ପୂର୍ଣ୍ଣଯୋଗରେ ଯେଉଁଠି ସମଗ୍ର ଜୀବନ ଓ ସଂସାରକୁ ଭଗବତ୍ ଅଭିବ୍ୟକ୍ତିର କ୍ଷେତ୍ର ରୂପେ ଗ୍ରହଣ କରାଯାଇଛି, ଭଗବତ୍ ଉପଲବ୍ଧିର ଲକ୍ଷ୍ୟ ଭିତରେ ସେଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି, ଜୀବନ ଓ ସଂସାରର ନାନା ଛୋଟ ବଡ଼ କାମ ଭିତରେ ଅଂଶଗ୍ରହଣ କରିବାକୁ ପଡୁଛି, ନାନାପ୍ରକାର ଲୋକଙ୍କର ନାନା ଧରଣର ଚେତନା ସହ ସଂପର୍କ ରଖିବାକୁ ପଡୁଛି, ସେକ୍ଷେତ୍ରରେ ଲକ୍ଷ୍ୟ ସ୍ମରଣରେ ସାମାନ୍ୟତମ ଶିଥିଳତା ଆମକୁ ଲକ୍ଷ୍ୟଠାରୁ ବହୁ ଦୂରକୁ ନେଇଯିବାର ବିପଦ ଅନେକ ବେଶୀ ।

ଯଦି ଆମେ ଆମର ପ୍ରତିଟି କାମକୁ ଏକ ନିଷ୍କପଟ ଆନ୍ତରିକତାର ଭାବ ନେଇ ବିଚାର ନ କରୁ, ସେଗୁଡ଼ିକ ଆମକୁ ଆମ ଲକ୍ଷ୍ୟ ଦିଗରେ ଆଗେଇ ନେବା ପାଇଁ ସାହାଯ୍ୟ କରୁଛି ନା ବାଧା ଦେଉଛି, ଭଗବାନଙ୍କୁ ପାଇବା ଦିଗରେ ଆମ ଚେତନାକୁ ଏହା ଆହୁରି ଅଧିକ ଖୋଲି ଦେଉଛି ନା ତା' ଉପରେ ନୂଆ ନୂଆ ଆବରଣ ପକାଇ ଢାଙ୍କି ଦେଉଛି; ଆମ କର୍ମ ଓ ଆଚରଣର ପ୍ରତିଟି କ୍ଷେତ୍ରରେ ଲକ୍ଷ୍ୟ ସଂପର୍କରେ ଏହିପରି ସଚେତ ନ ହେଲେ, ହୁଏତ ଦିନେ ଆମେ ହଠାତ୍ ନିଜକୁ ଆବିଷ୍କାର କରିବୁ ଈପ୍‌ସିତ ଲକ୍ଷ୍ୟଠାରୁ ଆମେ କେତେ ଦୂରରେ, କେତେ ପଛରେ ପଡ଼ିଗଲୁଣି । ଏପରିକି ଭଗବତ୍ ସେବାର ନାମ ନେଇ, ଭଗବାନଙ୍କ ପାଇଁ କାମ କରିବାର ନାମ ନେଇ ଏପରି ସବୁ କାମରେ ଜଡ଼ିତ ହୋଇ ପଡ଼ିଲୁଣି ଯେଉଁଗୁଡ଼ିକ କି ପ୍ରକୃତରେ ନିଜର ପ୍ରତିଷ୍ଠା ପ୍ରତିପତ୍ତି ପାଇଁ, ନିଜ ଅହଂର ସେବା ବା ପରିବାର, ଗୋଷ୍ଠୀ, ଜାତି, ଦେଶ, ମାନବ-ସମାଜ ଆଦିକୁ ଆଶ୍ରୟ କରି ଯେଉଁ ସମଷ୍ଟିଗତ ଅହଂ ରହିଥାଏ ତା'ର ସେବା ବା ଅତି ବେଶୀରେ ନାନା ଛୋଟ ଛୋଟ ଆଦର୍ଶର ସେବା ପାଇଁ । ଶ୍ରୀଅରବିନ୍ଦ ଯେଉଁ ବିଷୟରେ ସତର୍କ କରାଇ ଦେଇଛନ୍ତି :

"Family, society, country are a larger Ego, they are not the Divine. One can work for them and say that one is working for the Divine only if one is conscious of the Divine Adesh to act for that purpose or of the Divine Force working within one. Otherwise it is only an idea of the mind identifying country etc. with the Divine."

''ପରିବାର, ସମାଜ, ଦେଶ ହେଉଛି ଅହଂର ଏକ ବୃହତ୍ତର ରୂପ, ସେଗୁଡ଼ିକ ଭଗବାନ୍ ନୁହନ୍ତି । ଜଣେ ସେସବୁ ପାଇଁ କାମ କରିପାରେ ଓ ଭଗବାନଙ୍କ ପାଇଁ କାମ କରୁଛି ବୋଲି କହିପାରେ କେବଳ ସେତିକିବେଳେ, ଯେତେବେଳେ ସେ ଏସବୁ ପାଇଁ କାମ କରିବାକୁ ଭଗବାନଙ୍କ ଆଦେଶ ପାଇଛି ବୋଲି କିଂବା ନିଜ ଭିତରେ ଏଥିପାଇଁ ଭଗବତ୍ ଶକ୍ତି କ୍ରିୟା କରୁଛି ବୋଲି ସଚେତ ହୁଏ । ତା' ନହେଲେ ଏହା କେବଳ ମନର ଏକ ଧାରଣା ଯାହା ଦେଶ ଇତ୍ୟାଦିକୁ ଭଗବାନଙ୍କ ସଙ୍ଗେ ଏକ ବୋଲି ଧରି ନେଇଥାଏ ।''

ପ୍ରକୃତରେ ଏହିପରି କେବଳ ମନର ଧାରଣା ନେଇ ଆମେ ଦେଶସେବା, ସମାଜସେବା, ନାନା ଅନୁଷ୍ଠାନ, ପ୍ରତିଷ୍ଠାନ ଗଠନ, ଏପରି କି ନାନା ତଥାକଥିତ ଆଧ୍ୟାତ୍ମିକ ନାମ ଦେଇ ବିଭିନ୍ନ ସଂସ୍ଥା ଓ ସମ୍ମିଳନୀ ଆଦିର ଆୟୋଜନକୁ କହୁ ଭଗବାନଙ୍କ କାମ ବୋଲି । କିନ୍ତୁ ପ୍ରକୃତରେ ଆମ ସ୍ୱଭାବ ଅନୁଯାୟୀ ସେହି କାମଗୁଡ଼ିକ ଆମ ଭାଗବତ ଲକ୍ଷ୍ୟର ଅନୁକୂଳ କି ପ୍ରତିକୂଳ ତାହା ଦେଖୁନା । ଲକ୍ଷ୍ୟପଥରେ ଆଗେଇବାଟା ପ୍ରକୃତରେ କାମ ଉପରେ ନିର୍ଭର କରେ ନାହିଁ, କରେ କେଉଁ ଭାବ ଓ ଉଦ୍ଦେଶ୍ୟ ନେଇ ତାହା କରାଯାଉଛି, ତା' ଉପରେ ।

ତେଣୁ ମା' ଏ ବିଷୟରେ ଆମକୁ ବାରଂବାର କହିଛନ୍ତି ଭଗବତ୍ ଲକ୍ଷ୍ୟଟି ଉପରେ ସମସ୍ତ ପ୍ରାଧାନ୍ୟ ଓ ଗୁରୁତ୍ୱ ଦେବାକୁ । ସେଇଟି ଉପରେ ଆମର ଚେତନାର ଏକାଗ୍ରତା ଥିଲେ ତେଣିକି କେଉଁ ଧରଣର କାମ କରାଯାଉଛି, ତହିଁରେ କେତେଦୂର ସାଫଲ୍ୟ ମିଳିଲା କି ନମିଳିଲା ସେସବୁ ବିଚାରର ବିଶେଷ ଗୁରୁତ୍ୱ ନାହିଁ । ମା'ଙ୍କ କହିବାନୁସାରେ :

"...it is the Divine who is the first consideration – that all other considerations which are not the Divine are secondary, without importance.... First the Divine. And consecration to the Divine must come first,

everything else comes afterwards. If it comes, it comes; if it doesn't, it does not matter. What matters is the seeking for the Divine, this is the first thing, the thing that comes before everything, the most important thing...."

''ଆମର ନାନା ବିଚାର ଓ ପ୍ରଣିଧାନ ଭିତରେ ସର୍ବାଗ୍ରେ ଭଗବାନଙ୍କୁହିଁ ସ୍ଥାନ ଦେବାକୁ ହେବ; ଅନ୍ୟ ସମସ୍ତ ବିଚାର ଯାହାର ଭଗବାନଙ୍କ ସଙ୍ଗେ ସମ୍ପର୍କ ନାହିଁ, ସେସବୁ ଅତ୍ୟନ୍ତ ଗୌଣ, ସେଗୁଡ଼ିକର କୌଣସି ଗୁରୁତ୍ୱ ନାହିଁ । ଭଗବାନହିଁ ପ୍ରଥମ, ଭଗବାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ଓ ନିବେଦନହିଁ ପ୍ରଥମ କଥା, ବାକୀ ସବୁକିଛି ଏହା ପରେ; ଅନ୍ୟ କିଛି ଯଦି ଆସିଲା ଆସୁ, ଯଦି ନଆସିଲା ସେଥିରେ କିଛି ଯାଏ ଆସେ ନାହିଁ, ଭଗବାନଙ୍କୁ ଖୋଜିବାହିଁ ଅସଲ କଥା, ଏହାହିଁ ପ୍ରଥମ କଥା, ସର୍ବାଗ୍ରେ ଏହାହିଁ ପ୍ରଣିଧାନର ବିଷୟ, ଏହାହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ।''

ଆମକୁ ଏହା ମଧ୍ୟ ମନେ ରଖିବାକୁ ହେବ ଯେ ଆମର ଏହି ଲକ୍ଷ୍ୟ ଆମଠାରୁ ଅଲଗା ହୋଇ ଦୂରରେ କେଉଁଠି ରହି ନାହାନ୍ତି । ଆମ ନିଜ ଭିତରେହିଁ ଆମର ସେହି ଲକ୍ଷ୍ୟକୁ, ଭଗବାନଙ୍କୁ ଆମେ ନିରନ୍ତର ବହନ କରିଚାଲିଛୁ । ଆମ ଅନ୍ତରର ନିଭୃତ କନ୍ଦରରେ, ଗୋପନରେ ସେ ନିତ୍ୟ ବିରାଜମାନ । ମା'ଙ୍କ କହିବାନୁସାରେ ସେ ଆମଠାରୁ ନିଜକୁ ଗୋପନ କରି ରଖିଛନ୍ତି ଆମେ ତାଙ୍କୁ ଆବିଷ୍କାର କରିବା ପାଇଁ ସେତିକି ତତ୍ପର ହୋଇ ନାହୁଁ ବୋଲି ।

''ଆମ ନିଜ ଭିତରେ ଗୋପନ ରହିଥିବା ଭଗବାନଙ୍କୁ ପାଇବୁ କିପରି ?'' – ଏହି ପ୍ରଶ୍ନର ଉତ୍ତରରେ ମା' କହିଥିଲେ, ''... ପ୍ରଥମ କଥା ହେଲା ତାଙ୍କୁ ପାଇବାକୁ ଚାହିଁବା, ଏବଂ ନିର୍ଦ୍ଦିଷ୍ଟ ଭାବରେ ଜାଣିବା ଯେ ଅନ୍ୟ ସବୁକିଛି ଅପେକ୍ଷା ଏହାହିଁ ପ୍ରଥମ ବିଷୟ, ସବୁ ଭିତରେ ଏହାହିଁ ପ୍ରଧାନ ଗୁରୁତ୍ୱପୂର୍ଣ୍ଣ, ଏହାହିଁ ପ୍ରଥମ ସର୍ତ୍ତ, ଅନ୍ୟ ସବୁର କଥା ପରେ ଉଠିପାରେ – ଏହାହିଁ ମୂଳ ସର୍ତ୍ତ । ଯଦି ଆମେ କେବଳ ଅକାଳେ ସକାଳେ, ଯେତେବେଳେ ଆମେ କର୍ମବ୍ୟସ୍ତ ନଥାଉ, ସବୁକିଛି ଠିକ୍ ଚାଲିଥାଏ, ହାତରେ ଆଉ କୌଣସି କାମ ନଥାଏ, ହଠାତ୍ ଯଦି ଆମେ ନିଜକୁ କହୁ, 'ଭଗବାନଙ୍କୁ ପାଇଲେ କେତେ ଭଲ ହୁଅନ୍ତା ।' ଏହିପରି ମନୋଭାବ ନେଇ ଚାଲିଲେ ଲକ୍ଷ୍ୟରେ ପହଞ୍ଚିବାକୁ ହୁଏତ ଲକ୍ଷ ଲକ୍ଷ ବର୍ଷ ଲାଗିଯିବ ।

''କିନ୍ତୁ ଏହାହିଁ ଯଦି ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହୁଏ, ଯଦି ଆମ ପାଖରେ ଏହାହିଁ ଏକମାତ୍ର ମୂଲ୍ୟବାନ୍ ବସ୍ତୁ ହୁଏ ଓ ଅନ୍ୟ ସବୁକିଛିର ସ୍ଥାନ ହୁଏ ଏହା ପରେ, ଏହା ଛଡ଼ା ଯଦି ଆମେ ଆଉ କିଛି ନଚାହୁଁ – ଏହାହିଁ ପ୍ରଥମ ସର୍ତ୍ତ, ଏହି ଅବସ୍ଥାଟିକୁହିଁ ପ୍ରଥମେ ନିଜ ଭିତରେ ପ୍ରତିଷ୍ଠିତ କରିବାକୁ ହେବ, ଏହା ପରେ କ'ଣ ଘଟିବ, ତା'ର ଆଲୋଚନା ପରେ । ପ୍ରଥମେ ଏହାହିଁ, ଅନ୍ୟ କିଛିର କୌଣସି ମୂଲ୍ୟ ନାହିଁ, ଆମ ପାଖରେ ଯାହାର ଏକମାତ୍ର ମୂଲ୍ୟ ଅଛି ତାହା ଏହାହିଁ, ଏହା ପାଇବା ପାଇଁ ଆମେ ସବୁକିଛି ଛାଡ଼ି ଦେବାକୁ, ସବୁକିଛି ତ୍ୟାଗ କରିବାକୁ ପ୍ରସ୍ତୁତ, ଜୀବନରେ ଏକମାତ୍ର ଏହାହିଁ ଗୁରୁତ୍ୱପୂର୍ଣ୍ଣ । ଏହି ମନୋଭାବ ରଖି ପାରିଲେହିଁ ଆମେ ସେହି ଅବସ୍ଥାରେ ପହଞ୍ଚି ପାରିବା ଯେତେବେଳେ ଆଉ ଏକ ପାଦ ଆଗେଇ ଯାଇପାରିବା ପାଇଁ ସକ୍ଷମ ହେବା ।'' – ଶ୍ରୀମା

ଏଠାରେ ଆମ ଆଲୋଚନାଟିରେ ପଥହୁଡ଼ିବା ଲୋକମାନଙ୍କ କଥା କୁହାଯାଉ ନାହିଁ, ଯେଉଁମାନେ ଏକଦା ଯୋଗର ପଥ ଗ୍ରହଣ କରିଥିଲେ କିନ୍ତୁ ଯୋଗ ଓ ସାଧନାର ପଥ ଛାଡ଼ିଦେଇ ପୁଣି ସେଇ ପୁରୁଣା ଘଷରା କାମନା-ବାସନା ପୂରଣର ପଥ ବାଛି ନେଇଛନ୍ତି, ସେମାନଙ୍କ ବିଷୟରେ କୁହାଯାଉ ନାହିଁ । ଏଠାରେ କୁହାଯାଉଛି ସେହିମାନଙ୍କ ବିଷୟରେ ଯେଉଁମାନେ ଭଗବାନଙ୍କୁ ଜୀବନର ଏକମାତ୍ର ଲକ୍ଷ୍ୟ ରୂପେ ଗ୍ରହଣ କରି ଯୋଗ ଓ ସାଧନାର ପଥରେ ଚାଲିବାକୁ ସଂକଳ୍ପ କରିଛନ୍ତି ଅଥଚ ଲକ୍ଷ୍ୟ ବିଷୟରେ ନିୟତ ସଚେତ ରହିବାର ଗୁରୁତ୍ୱ ଉପଲବ୍ଧି କରନ୍ତି ନାହିଁ, ସେ ସମ୍ପର୍କରେ ନାନା ଶିଥିଳତାକୁ ପ୍ରଶ୍ରୟ ଦିଅନ୍ତି । ଲକ୍ଷ୍ୟ ଗ୍ରହଣ ସମୟରେ ଯେଉଁ ଅଭୀପ୍ସାର ତୀବ୍ରତା ଥାଏ, କୌଣସି ବାଧାବିଘ୍ନକୁ ଭ୍ରୁକ୍ଷେପ ନକରି ଯୋଗପଥର ଦୁଃସାହସିକ ଅଭିଯାନ ପାଇଁ ଯେଉଁ ବୀରତ୍ୱ ବ୍ୟଞ୍ଜକ ଉତ୍ସାହ ଉଦ୍ଦୀପନା ଥାଏ, ତାହା କିପରି ଲକ୍ଷ୍ୟ ବିସ୍ମରଣ ହେତୁ କ୍ରମଶଃ ଶିଥିଳ ଓ ମ୍ଳାନ ହୋଇଆସେ, ସେହିମାନଙ୍କ ବିଷୟରେହିଁ କୁହାଯାଉଛି । ଆମ ସମସ୍ତଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ।

ବିପଦଟା ସେଇଠି ଆସେ, ଯେତେବେଳେ ଏହି ଲକ୍ଷ୍ୟ ବିସ୍ମରଣର ସୁଯୋଗ ନେଇ, ଲକ୍ଷ୍ୟ ସମ୍ପର୍କରେ ସଚେତନତାର ଅଭାବକୁ ଆଶ୍ରୟ କରି ବିରୋଧୀ ଶକ୍ତିଠାରୁ ଓ ଆମ ଅବଚେତନାରେ ସକ୍ରିୟ ନିମ୍ନପ୍ରକୃତିଠାରୁ ନାନା ପ୍ରରୋଚନା ଆସେ । ବ୍ୟର୍ଥତା ଓ ବିଫଳତାର ଭୟ ଆସେ, ଲକ୍ଷ୍ୟ ଲାଭ

ଦିଗରେ ବାଧାବିଘ୍ନ ଓ ଅନିଶ୍ଚିତତାର ଅତିରଞ୍ଜିତ ଚିତ୍ରସବୁ ଆସେ ଏବଂ ଏହି ପଥରେ ଚାଲି ନଥିଲେ ଅନ୍ୟାନ୍ୟ ଯେଉଁସବୁ ସାଂସାରିକ ସାଫଲ୍ୟ ଓ କୃତିତ୍ୱ ମିଳିଥାଆନ୍ତା ତାହାର ଏକ ମନ ଭୁଲାଣିଆ ସୁନ୍ଦର ଛବି ଆସି ପୁଣି ସେଇ ପୁରୁଣା ଜୀବନକୁ ଫେରିଯିବାର ନାନା ମୋହ ଓ ପ୍ରଲୋଭନ ଆସେ । ଏହି ପଥରେ ଚାଲିବା ଏକ ନିର୍ବୋଧତା, ଏକ ପାଗଳାମି କେବଳ ମରୀଚିକାର ପଛରେ ଧାଇଁ, ସାଂସାରିକ ଭାବରେ ସମସ୍ତ ସାଫଲ୍ୟ ଅର୍ଜନର କ୍ଷମତା ଥାଇ ମଧ୍ୟ ବାସ୍ତବ ଜୀବନର ସମସ୍ତ ସୌଭାଗ୍ୟ ଓ ସୁଖଭୋଗରୁ ସାଧକ କିପରି ବଞ୍ଚିତ ହେଉଛି, ସେ ସମ୍ପର୍କରେ ନାନା ଯୁକ୍ତି ଓ ବିଚାର ରଖାଯାଏ । ବିରୋଧୀ ଶକ୍ତି ଓ ନିମ୍ନପ୍ରକୃତିରୁ ଆସୁଥିବା ଏହିସବୁ ପ୍ରରୋଚନା ପ୍ରତି ସବୁବେଳେ ସତର୍କ ରହି ଆମକୁ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ ।

ମା' ଏ ସମ୍ପର୍କରେ କହିଛନ୍ତି,

"If one were able not to listen, it would be better; but if you listen, you have only to answer, "I don't care, I don't care"– all the while. "You will become a fool"– "I don't care." "You will spoil all your work"– "I don't care."... To all these perverse arguments you answer: "I don't care."

"If you can have the experience that it is the Divine who is doing everything, then with an unshakable faith you say, "All your arguments have no value; the delight of being with the Divine, conscious of the Divine, surpasses everything – surpasses the creation, surpasses life, surpasses happiness, surpasses success, surpasses everything."

(CWM, Vol 11, p. 310)

''ଯଦି ତୁମେ ଏସବୁ କଥାଗୁଡ଼ିକ ପ୍ରତି କର୍ଣ୍ଣପାତ ନକର ତା'ହେଲେ ଉତ୍ତମ, କିନ୍ତୁ ଯଦିବା କର୍ଣ୍ଣପାତ କର ତେବେ ବରାବର ଉତ୍ତର ଦେଇଯାଅ 'ମୁଁ ଭ୍ରୂକ୍ଷେପ କରେନା, ମୁଁ ଭ୍ରୂକ୍ଷେପ କରେନା ।' ''ତୁମେ ନିର୍ବୋଧ ହୋଇଯାଉଛ'' – 'ମୁଁ ଭ୍ରୂକ୍ଷେପ କରେନା', ''ତୁମେ ତୁମର ସମସ୍ତ କର୍ମକୁ ନଷ୍ଟ କରି ଦେଉଛ'' – 'ମୁଁ ଭ୍ରୂକ୍ଷେପ କରେନା' । ଏହି ସମସ୍ତ ବିକାରଗ୍ରସ୍ତ ଯୁକ୍ତି ପାଇଁ ସବୁବେଳେ ତୁମର ଉତ୍ତର ହେବ, 'ମୁଁ ଭ୍ରୂକ୍ଷେପ କରେନା' ।

''ତୁମର ଯଦି ଏହି ଅନୁଭୂତିଟି ଆସିବ ଯେ ଭଗବାନହିଁ ସବୁକିଛି କରୁଛନ୍ତି, ତା'ହେଲେ ଏକ ଅବିଚଳ ଦୃଢ଼ ବିଶ୍ୱାସ ନେଇ କୁହ, 'ତୁମର ସମସ୍ତ ଯୁକ୍ତିର କିଛି ମୂଲ୍ୟ ନାହିଁ; ଭଗବାନଙ୍କ ସଙ୍ଗେ ମିଳିତ ହୋଇ ରହିବାର ଆନନ୍ଦ, ଭଗବାନଙ୍କ ସମ୍ପର୍କରେ ସଚେତ ହେବାର ଆନନ୍ଦ ସବୁକିଛିକୁ ଅତିକ୍ରମ କରିଯାଏ, ସୃଷ୍ଟିକୁ ଅତିକ୍ରମ କରିଯାଏ, ଜୀବନକୁ ଅତିକ୍ରମ କରିଯାଏ, ସୁଖକୁ ଅତିକ୍ରମ କରିଯାଏ, ସବୁକିଛିକୁ ଅତିକ୍ରମ କରିଯାଏ ।''

From step to step, from truth to truth, we shall climb ceaselessly until we reach the perfect realisation of tomorrow.

– The Mother

ଆଗାମୀ କାଲିର ପୂର୍ଣ୍ଣ ସିଦ୍ଧିରେ ପହଞ୍ଚିବା ପର୍ଯ୍ୟନ୍ତ ଆମେ ବିରାମହୀନ ଭାବରେ ଆରୋହଣ କରିଚାଲିବୁ ସୋପାନରୁ ସୋପାନକୁ, ସତ୍ୟରୁ ସତ୍ୟକୁ ।

– ଶ୍ରୀମା